
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheenews.com



ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

# PRACHEE

ଜାନୁଆରୀ ୨୦୨୧

ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ । ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ-ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡ଼େ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୂର୍ତ୍ତ ଭାବେ ମନଗହନରୁ ଭାସିଆସି ଲୋକମନକୁ ରଞ୍ଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ର ପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ଼ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହା କେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉ ଭଳି ଶତଛନ୍ଦଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇଦିଏ, ସ୍ରଷ୍ଟାର ସୃଷ୍ଟି ସେହିପରି ସୂଚାଇଦିଏ ସମାଜର ତଥା ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳ-ରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ ଦେଇଥାଏ ନୂତନ ସାହିତ୍ୟ । ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବବାଦୀ ହେବାକୁ ଶିକ୍ଷା ଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟି ହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ, ନିଷ୍ପେଷିତର ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟି କରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ-ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପବଦ୍ଧ ।

ଅନନ୍ତ ସମୟର ଉତ୍ଥାନ-ପତନ ସହ ଜଡ଼ିତ ଆମ ପତ୍ରିକା **'ପ୍ରାଚୀ'**ର ଷଷ୍ଠ ବର୍ଷର ଦଶମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା-ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ; ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଚିପୂର୍ଣ୍ଣ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍-ଭୂଷଣରେ ଭୂଷିତ ଏହି ଶବ୍ଦସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭ କରିବ ବୋଲି ଆମର ଆଶା ଓ ବିଶ୍ୱାସ ।

**ସଂପାଦକ**

# ଔ 'ପ୍ରାଚୀ'ର କଲମ ୡ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀଶକ୍ତିକୁ ଯୁଗେଯୁଗେ ସଂଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ; ପୁଣି କରୁଣା, ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତ-ଆହ୍ଲାଦଦାୟୀ ନାମ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଐତିହ୍ୟ ବିମଣ୍ଡିତ ବାଙ୍‌ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀ'ର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀ'ର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀ'ର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାର ଦୂର କରି ସମାଜର କଲ୍ୟାଣ କରିବା ପ୍ରାଚୀ'ର ଧର୍ମ । ତେଣୁ 'ପ୍ରାଚୀ'ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । 'ପ୍ରାଚୀ' ପତ୍ରିକାଟି କଥା କହିପାରୁ ନଥିବା ମାନବ ଓ ମାନବେତରମାନଙ୍କ ପାଇଁ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । କୌଣସି ନା କୌଣସି ବାସ୍ତବ ଚରିତ୍ରର ହୃଦୟାବେଗକୁ ପାଥେୟ କରି, ସମାଜରେ ସଚେତନତା ସୃଷ୍ଟି କରିବା ସଙ୍ଗେସଙ୍ଗେ ସମାଜକୁ ସୁସ୍ଥ-ସବଳ କରିବାର ଲକ୍ଷ୍ୟ ନେଇ 'ପ୍ରାଚୀ' ଆଗେଇ ଚାଲିଛି । 'ପ୍ରାଚୀ'ର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତା'ର ଗର୍ବକୁ ଚରିତାର୍ଥ କରୁଛି । ...
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ । କିନ୍ତୁ ଆଜି ମୁଁ ଅବହେଳିତ; କାରଣ ମତେ ବଞ୍ଚିରହିବା ପାଇଁ ...
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହିଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ । କିନ୍ତୁ ସେ ଜଳକୁ ବିଷାକ୍ତ କରି ...
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ...
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପିଢ଼ି ପରେ ପିଢ଼ି ମଣିଷଙ୍କ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି । କିନ୍ତୁ ଦିନକୁ ଦିନ ବହୁ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା ...
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତିମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ । ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି । କିନ୍ତୁ ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମ କରେ । କିନ୍ତୁ ବୁଝିପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ । କିନ୍ତୁ ଏ ସମାଜ କାହିଁକି କେଜାଣି ମୋ ଉପରେ ଏହି 'ପାଗଳ' ଶବ୍ଦଟି ଲଦିଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି, ମୁଁ ଜାଣେନା ...
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା'ହେଲେ, ମତେ ସମାଜର ଗୋଡ଼ ଥିବା ଲୋକମାନେ କାହିଁକି ନ୍ୟୂନଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇପାରେ ...
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲେ, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ-ବାହାରେ ଖାଲି ଛି ଛି, ଆଉ କେତେଦିନ ...
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ, କଥା ବଡ଼ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫିୟତ୍ ମାଗନ୍ତି । ଟିକେ ଭୁଲ୍ ପାଇଁ ଏତେ କଥା ...
- ❑ ମୁଁ ଦୀନହୀନ ଗୋବିନ୍ଦ । ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟ ଉପାୟ ନାହିଁ । ଘରେ ପୁଣି ରୋଗିଣା ମା' । ଅନ୍ୟ ଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଉଁଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ । ଅପେକ୍ଷାକରେ ସମୟକୁ, ସମୟ ଆସିବ ...

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 6, JANUARY 2021, Issue No. X
RNI No. : ODIODI/2015/64435
P.R. No. : CK(C)/96/2016-2018



**ପ୍ରାଚୀ ପରିବାର :**
ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ବନଲତା ସିଂହ**
**ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**
ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheenews.com ରେ ଲଗ୍‌ଇନ୍ କରନ୍ତୁ ।



**Declaration**
**Edited, Published & Owned by :**
**Dr. Bibhudatta Khandayatray**



Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheenews.com


# ଏଇ ସଂଖ୍ୟାରେ...

## ପ୍ରବନ୍ଧ ବିଭାଗ


▶ ଅନୁଭବରେ ଶୀତ ଋତୁ : କିଛି କଥା କିଛି କବିତା
କୁଞ୍ଜ ବିହାରୀ ସାହୁ ୭

▶ ଅଙ୍କରେ ଅନୁଭୂତି
ସଂଗ୍ରାମ କେଶରୀ ସାମନ୍ତରାୟ ୧୨


## ଗଳ୍ପ ବିଭାଗ


▶ ପୁନର୍ଜନ୍ମ
ଗିରୀଶ ସାହୁ ୧୩

▶ ଅନ୍ତଃସ୍ୱର
ଡକ୍ଟର ଅଭୟ ନାୟକ ୧୬

▶ ମୃତଦେହ
ଅମରେଶ ବିଶ୍ୱାଳ ୨୦

▶ ମୃଗୟାର ଦୁଇପାର୍ଶ୍ୱ
ଅଶୋକ ସିଂ ୨୫

▶ ଘରବାହୁଡ଼ା
ଲିପିକା ମହାପାତ୍ର ୨୮

▶ ଅମଣିଷ
ଶଶିକାନ୍ତ ମିଶ୍ର ୩୩

▶ ଶୁଭ ଜନ୍ମଦିନ ବାପା !
ପବିତ୍ର କୁମାର ଗୌଡ଼ ୩୭

▶ ସୁନାନାକୀ ସୁନାଦେଇ
ଦ୍ୱିତୀ ଚନ୍ଦ୍ର ସାହୁ ୪୩

▶ ମାଂସକଟା ଚାଳି
କୈଳାସ ବେହେରା ୪୬


## ରମ୍ୟରଚନା ବିଭାଗ


▶ ବା' ବା'ରେ ବାବା !
ରାଜେଶ କୁମାର ଜୈନ୍ ୪୮

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011


# ‘ପ୍ରାଚୀ’ର ନିୟମାବଳୀ

- **‘ପ୍ରାଚୀ’** ଏକ ମାସିକ ସାହିତ୍ୟ ପତ୍ରିକା । ଏହି ପତ୍ରିକାରେ କେବଳ ପ୍ରବନ୍ଧ ଓ ଗଳ୍ପ ପ୍ରକାଶ କରାଯାଇଥାଏ । ସମାଜର ଦଳିତ, ପୀଡ଼ିତ, ନିଷ୍ପେଷିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା ଏହି ପତ୍ରିକାର ଲକ୍ଷ୍ୟ ।
- ‘ପ୍ରାଚୀ’ ନୂତନ ଲେଖକ-ଲେଖିକାମାନଙ୍କୁ ଅଗ୍ରାଧିକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତା ଥାଏ, ତାହା ଏଥିରେ ପ୍ରକାଶ ପାଇବ । ଲେଖକ-ଲେଖିକାମାନେ ‘ପ୍ରାଚୀ’ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ ପାଇବା ସମ୍ପାଦନା ମଣ୍ଡଳୀର ନିଷ୍ପତ୍ତି ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶିତ ହେବା ପରେ ଲେଖକ-ଲେଖିକାଙ୍କୁ ଡାକ ଯୋଗେ ଜଣାଇଦିଆଯିବ ।
- ‘ପ୍ରାଚୀ’କୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ-ଲେଖିକାମାନେ ନିଜ ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ-ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କ କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ‘ପ୍ରାଚୀ’ ପାଇଁ ପଠାଉଥିବା ଲେଖାଗୁଡ଼ିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ ‘ପ୍ରାଚୀ’, ନୀଳାଦ୍ରି ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକ-ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।

**ଆପଣ ‘ପ୍ରାଚୀ’ ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ...........................................................................................

ଠିକଣା ........................................................ ପିନ୍‌କୋଡ୍ .................................

ମୋବାଇଲ୍ ନମ୍ବର ..................................... ଇ-ମେଲ୍ .........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର................................................... ତାରିଖ...................................

ବ୍ୟାଙ୍କ୍...................................... ସ୍ଥାନ........................................................

ତାରିଖ.................................... ଦସ୍ତଖତ......................................................

**ବାସ୍ତବତାର ପରିପ୍ରକାଶ ‘ପ୍ରାଚୀ’**

ନୀଳାଦ୍ରି ବିହାର, ନୂଆବଜାର, କଟକ-୪, ମୋବାଇଲ୍ / ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

ପ୍ରବନ୍ଧ ବିଭାଗ

# ଅନୁଭବରେ ଶୀତ ଋତୁ : କିଛି କଥା କିଛି କବିତା

କୁଞ୍ଜ ବିହାରୀ ସାହୁ

କଥାରେ ଅଛି - ଇନ୍ଦୁ ପୂନେଇଁ (ଭାଦ୍ରବ ପୂର୍ଣ୍ଣିମା) ଠାରୁ ଶୀତ ଆସି ଘରର ଓଳିତଳେ ଥାଏ, କୁଆଁର ପୂନେଇଁ ପୂଜାଡାଲା ସହିତ ଘରେ ପଶେ ।

ଏମିତି ବି ହୁଏ, କାର୍ତ୍ତିକ ମାସରେ ମେଘ ଢାଙ୍କିଦିଏ ଆକାଶକୁ । ଶୀତ ଲୁଚିଯାଏ କୋଉଠି ନା କୋଉଠି । ପାଗ ବଦଳିଯାଏ । ଶୀତ ଦେହକୁ ବାଧେନି । କିନ୍ତୁ ସୁଲୁସୁଲିଆ ପବନ ଦେହକୁ ଶିହରେଇଦିଏ ।

ପୌଷ-ମାଘ ମାସ ହିଁ ଶୀତ ଋତୁର କଥା କହେ । ବେଳେବେଳେ କବିତା ଶୁଣାଏ । ତାହାରି କଥା ଓ କବିତାରେ କଥାକାର ଓ କବି ମତୁଆଲା ହୁଏ । ନିଜର ବଳିଷ୍ଠ ଅନୁଭବକୁ ପରିପ୍ରକାଶ କରେ ।

ଗ୍ରାମୀଣ ପରିବେଶକୁ ତଲ୍ଲୀନ ଭାବେ ଉପଭୋଗ କରିବାର ବେଳ ଆସେ ଶୀତ ଋତୁରେ । ଅପରୂପ ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ନିଜର ସୃଜନଶୀଳତାକୁ ପରିସ୍ଫୁଟନ କରିଥାଏ ।

ଶୀତକୁ ନେଇ ଅନେକ ବିଦଗ୍ଧ ସାହିତ୍ୟସ୍ରଷ୍ଟା ନିଜନିଜର ସର୍ଜନାରେ ନିମଜ୍ଜିତ ରହି ଶୀତର ଅନୁଭୂତିମୂଳକ କଥା ଓ କବିତା ଭେଟି ଦେଇଛନ୍ତି । ସେହି ସାରସ୍ୱତ ପ୍ରତିଭାଧରଙ୍କ ଲେଖନୀକୁ ପାଛୋଟିନେଇ ମୁଁ ଏ ପ୍ରବନ୍ଧକୁ ଉପସ୍ଥାପନ କରିଛି ।

କବିତାରେ ପଟିଆରା ମେଲେଇ ନିଜର ବହୁମୁଖୀ ପ୍ରତିଭାକୁ ଲୋକଲୋଚନରେ ଛାଇ କରିପାରିଥିବା କବି - ରବି ଶତପଥୀ । ଖୁବ୍ ନିରୋଳାରେ ପ୍ରକୃତିକୁ ଦେଖିଛନ୍ତି ଆଖିରେ । ମନ-ପ୍ରାଣରେ ଉପଭୋଗ କରିଛନ୍ତି ମତୁଆଲା ହୋଇ । କୋରାପୁଟିଆ ହୋଇ ଶୀତକୁ ପାଖରୁ ଅନୁଭବ କରିଛନ୍ତି ସେ । ଲେଖୁଲେଖୁ ଲେଖିଦେଇଛନ୍ତି ନିଜ ହୃଦୟର ଭାଷାକୁ -

"ଜୀବନ ଜୀବିକା ଯାତ୍ରାରେ ଆସି ମୁଁ ଯେଉଁ ପ୍ରକୃତି କୋଳରେ ଅଟକିଗଲି, ସିଏ ହେଲା କୋରାପୁଟ । ଥରେ ତା ପ୍ରେମରେ ପଡ଼ିଲି ବୋଲି ମୁକୁଳିପାରିଲିନି ଏଯାଏଁ । ସୌନ୍ଦର୍ଯ୍ୟର ଅମରାବତୀ କୋରାପୁଟରେ ପ୍ରକୃତି ମୋତେ ବାନ୍ଧିରଖିଛି । କୋରାପୁଟର ଶୀତ ଗୋଟେ ଋତୁ ନୁହେଁ, ବରଂ ଅସରନ୍ତି ଅନୁଭବ । ହଳଦୀଫୁଲର ରଙ୍ଗରେ ମୁଁ ଆନମନା ହୋଇଛି ବହୁବାର । ସତେ ଅବା ପାଗଳ ବାଟୋଇଟେ ପରି । ଅପରାହ୍ଣରେ ତାଆରି ସାଥିରେ ଦୋଳି ଖେଳିଛି । ମହୁମାଛିମାନଙ୍କ ସାଥିରେ ମିଶି ଗୀତ ଗାଇଛି । ଶୁଣିଛି ଆଦିବାସୀ ଭାଇଭଉଣୀମାନଙ୍କର ଅଳସୀ ଏକ ଅର୍ଥକାରୀ ଫସଲ । ଫୁଲକୁ ଦେଖି ସେମାନଙ୍କ ମନ ଯେମିତି ହଲଚଲ ହୋଇଯାଏ ।

ଓଃ କି ଦେହଥରା ଶୀତ କୋରାପୁଟରେ ! ନନ୍ଦପୁର ହେଉ କି ପଟାଙ୍ଗି, ମାଛକୁଣ୍ଡ ହେଉ କି ମାଥିଲି । ଶୀତର ଲହର ଛୁଟେ ବନବାସୀଙ୍କ ଓଠରେ । ଆଦିବାସୀ ଗାଆଁର ମଝିଦାଣ୍ଡରେ ଜଳେ ବିରାଟ ବିରାଟ କାଠଗଣ୍ଡି । ତାକୁ ଘେରିଯାଇ ବସନ୍ତି ଧାଙ୍ଗଡ଼ା-ଧାଙ୍ଗଡ଼ୀ, ଡକରା-ଡକରୀ, ପିଲାଛୁଆ ସଭିଏଁ । ଦେହ-ମନ ଉଷୁମ ହୁଏ । ଆରମ୍ଭ ହୋଇଯାଏ ସେମାନଙ୍କ ପାରମ୍ପରିକ ଲୋକନୃତ୍ୟ ଢେମସା । ହାତରେ ହାତ ଛନ୍ଦି, ପାଦରେ ପାଦ ମିଳେଇ ଢୋଲ, ଢାମ୍ପ, ମହୁରିର ତାଳେତାଳେ ସରିଯାଏ ରାତି; ତଥାପି ବୁଝେନାହିଁ ମନ । ଏ ସୌଭାଗ୍ୟ ଥରେ ନୁହେଁ, ବହୁବାର କଲେଜ ପିଲାମାନଙ୍କୁ ନେଇ ଜାତୀୟ ସେବା ଯୋଜନାର ଶୀତକାଳୀନ ଶିବିର ମାଧ୍ୟମରେ ମୁଁ ସେମାନଙ୍କ ଗହଣରେ ଶୀତକୁ ଭୋଗିଛି । ସାରା ରାତି ମୁଁ ଭାଗୀଦାର ହୋଇଛି ଓ ଭାଗ୍ୟବାନ୍ ମନେ କରିଛି ନିଜକୁ ।

କୋରାପୁଟର ଶୀତ ଅବିଶ୍ୱାସ ହେଲେ ବି ସତ । ବାହାରେ ଥିବା ରାତିର ପାଣି ସକାଳ ବେଳକୁ ହାଲ୍କା ହାଲ୍କା ବରଫ । ଶୁଣାକଥା ହେଉ କି ନହେଉ, ଦୀର୍ଘବର୍ଷର ରହଣିରେ ଏକଥା ଦେଖିଛି । ଅବଶ୍ୟ ଏବେ ଧୀରେଧୀରେ ସରିଯାଉଛି ଜଙ୍ଗଲଜମିର ପରିସୀମା । କମିକମି ଯାଉଛି ଶୀତ ।

କୋରାପୁଟର ଶୀତ-ସଞ୍ଜ ନିଆରା । ରାତି ଛପିଛପି ଆସେ । ପାହାଡ଼ତଳ ଗାଆଁରୁ ଶୀତୁଆ ପବନ ସାଥିରେ ଭାସିଆସେ ଡୁଙ୍ଗଡୁଙ୍ଗାର ଶବ୍ଦ । ସେଠି ଢେମସା ଚାଲେ । ଆଉ ଏଠି ଛାତି ଭିତରେ ବେଳକୁ ବେଳ ଗାଢ଼ ହୁଏ ଶୀତ । ଦେହ ଥରେ । ମନ ଝୁମେ । ଘନ କୁହୁଡ଼ିକୁ ସାଥିରେ ଧରି ପାଦ ଚିପିଚିପି ଆସେ ସ୍ମିତକ୍ଲାନ୍ତ ସକାଳ ।

ସତ କହିଲେ ମୋ ଅନୁଭବରେ କୋରାପୁଟରେ ଶୀତ ଗୋଟେ ପ୍ରେମ । ଆଉ ଡଙ୍ଗର-ଭର୍ତ୍ତି ଅଳସୀଫୁଲର ଆକର୍ଷଣ ପ୍ରେମିକାର ଅଭୁଲା ଛଳଛଳ ଲାଜକୁଳି ହସ ।"

ଯେଉଁମାନଙ୍କର ନିଶା ସାହିତ୍ୟ ସର୍ଜନା କରିବା ଓ ସାହିତ୍ୟକୁ ସମ୍ମାନ ଜଣାଇ ଉଚ୍ଚ ଆସନରେ ରଖିବା, ସେଭଳି ଜଣେ ସାହିତ୍ୟିକ ହେଉଛନ୍ତି ରବୀନ୍ଦ୍ର କୁମାର ମହାପାତ୍ର । ଗାଉଁଲି ଲୋକକଥାକୁ ଆଧାର କରି ସେ ଅନେକ ସର୍ଜନା ଭେଟି ଦେଇଛନ୍ତି । ସର୍ଜନଶୀଳତାରେ ସେ ଜଣେ ନିପୁଣ ବିନ୍ଧାଣି । ତାଙ୍କର ବ୍ୟଙ୍ଗାତ୍ମକ ରଚନା ହେଉ ଅବା ସାମାଜିକ ଚେତନାଧର୍ମୀ ଗପ ହେଉ, ସବୁଥିରେ ଯେମିତି ପ୍ରତିଫଳିତ ହୋଇଛି ସୁନ୍ଦର ଭାବନା । ସେ ଅନୁଭବ କରିଛନ୍ତି କନ୍ଧମାଳର ଶୀତ । ଏଇ ଯେମିତି -

"ପ୍ରଥମାଷ୍ଟମୀର ପୂର୍ବଦିନ । ସୁଯୋଗଟିଏ ହାତେଇ କନ୍ଧମାଳ ଜିଲ୍ଲାକୁ ବୁଲିଯାଇଥିଲି । ମନ ଭିତରେ ଉଙ୍କିମାରୁଥିଲା ଶୀତର ଆକର୍ଷଣକୁ । ସେଠି କୁଆଡ଼େ ଅଧିକ ଶୀତ ଅନୁଭୂତ ହୋଇଥାଏ । ବରଫ ଯେମିତି ଚାରିପଟେ ଘେରିଯାଏ । ଜାବୁଡ଼ି ଧରେ ସମସ୍ତଙ୍କୁ ।

ବଜାରରେ ବୁଲୁବୁଲୁ ଛୋଟ ପିଲାଟିଏ ତା ବାପାଙ୍କ ସାଙ୍ଗରେ ଆସିଥିଲା କମ୍ବଳ କିଣିବା ପାଇଁ । ଜାଣିଲି, ତା ନାଁ ହରି । ତା ବାପା ବ୍ୟବସାୟ କରନ୍ତି । ପିଲାଳିଆ ଢଙ୍ଗରେ କହିଲା – ମୋ ସାଙ୍ଗ ନରି ମୋତେ ପ୍ରଥମାଷ୍ଟମୀରେ ପିଠା ଖାଇବାକୁ ଡାକିଛି । ଜଣାପଡୁଥିଲା ଖୁସି ମିଜାଜର ପିଲାଟିଏ ସେ । ଏଇଠି ଏତେ ଶୀତ ହେଉଛି ଯେ, ସେ ବଡ଼ କଷ୍ଟ ପାଉଥିବ । ପ୍ରଥମାଷ୍ଟମୀକୁ ଡାକିଛି, ତେଣୁ ତାଙ୍କ ଦୁହିଙ୍କ ପାଇଁ ଦୁଇଟି କମ୍ବଳ କିଣିକି ଦେବି ବୋଲି ବଜାରକୁ ଆସିଛି । ମୋ ପାଇଁ ଡ୍ରେସ୍ ନକିଣି ତାଙ୍କୁ କମ୍ବଳ ଦେଲେ ମୁଁ ଖୁସି ହେବି । ସେ ବି ଖୁସି ହେବେ । ତା'ପରେ ସେ କିଣାକିଣି ଘରକୁ ଫେରିଲା । ମୁଁ ବି ବଜାରରୁ ସେଓ କଦଳୀ କିଣି ଘରକୁ ଫେରିଲି ।

ତା'ପରଦିନ ହରି ହାତରେ ଦୁଇଟି କମ୍ବଳ ଧରି ନରି ଘରକୁ ଆସିଲା । ସୌଭାଗ୍ୟବଶତଃ ନରିର ପଡ଼ୋଶୀ ହିଁ ମୋର ଜଣେ ଆତ୍ମୀୟ ବନ୍ଧୁ । ପ୍ରଥମାଷ୍ଟମୀ ଦିନ ନରିର ଘରପାଖରେ ମୁଁ ବୁଲୁଥିଲି । ହରି ମୋତେ ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ହରି ନରିର ଘର ଭିତରକୁ ଗଲା । ହରି ହାତରେ ଦୁଇଟି କମ୍ବଳ ଦେଖି ନରିର ବାପା ପଚାରିଲେ – ଆରେ ହରି, ତୁ ଦିଇଟା କମ୍ବଳ ଧରିଛୁ ! ହରି କହିଲା – ମଉସା, ମୁଁ ବା ତୁମର ପୁଅ । ନରି ମୋର ସାଙ୍ଗ । ଏ ଶୀତରେ ତୁମେ ଦିହେଁ କଷ୍ଟ ପାଉଥିବ ଜାଣି ବାପା ଦିଇଟା କମ୍ବଳ କିଣିଆଣିଛନ୍ତି । ତୁମକୁ ଦେବା ପାଇଁ କହିଛନ୍ତି । ନରି ମୋର ସାଙ୍ଗ । ମୋତେ ସାହଯ୍ୟ କରେ । ଏ ଦିଇଟା ପାଖରେ ରଖିଦିଅ । ନରିର ବାପା ହରିକୁ ଗେଲ କରିଦେଇ କହିଲେ – ହଁ ରେ ପୁଅ, ତୋତେ ପାଇ ମୁଁ ବହୁତ ଖୁସି । ଏ ଶୀତ ଜାଡ଼ରେ ପୋଖରୀର ମାଛ ବି ମରିଯାଉଛି । ଆମେ ତ ଗରିବଗୁରୁବା ଲୋକ । ଦୁଃଖକଷ୍ଟରେ ଚଳୁଛୁ । ତୁ ମୋ ପାଇଁ ଆଉ ସାଙ୍ଗ ପାଇଁ କମ୍ବଳ ଦିଇଟା ଆଣିଛୁ, ଭଲ କରିଛୁ । ହରିର ପାଟି ଶୁଣି ନରି ଘର ଭିତରୁ ଆସିଲା । ନରି ବହୁତ ଖୁସି ହୋଇଗଲା । ତୁମ ଦୁହିଙ୍କୁ ଆଶୀର୍ବାଦ ଦେଉଛି । ତା ବାପା କହିଲେ – ଆ.. ଆ.. ଘର ଭିତରକୁ ଆ । ସତରେ ତୁ ତୋ ସାଙ୍ଗକୁ କେତେ ଭଲ ପାଉଛୁ !

ମୁଁ ଦାଣ୍ଡ ଦୁଆରରେ ଠିଆ ହେଇ ସବୁ ଶୁଣୁଥିଲି । ମନେମନେ ଖୁସି ହେଲି । ଅନୁଭବ କଲି ଏ ଶୀତ ଗରିବ ଲୋକଙ୍କ ପାଇଁ କେତେ କଷ୍ଟଦାୟକ । ତଥାପି ଏ ସମାଜରେ ମଣିଷପଣିଆ ଅଛି । ଭାବିଲି, ବାସ୍ତବରେ ମାନବିକତା, ଆତ୍ମୀୟତା ଜୀବନଦର୍ଶନର ମୂଳତତ୍ତ୍ୱ ହୋଇପାରିଲେ ଏ ସମାଜ ସୁଦୃଢ଼ ହୋଇପାରିବ ।"

ଜଣେ ସ୍କୁଲ ଶିକ୍ଷିକା ହୋଇ ପିଲାମାନଙ୍କୁ ମଣିଷ କରିବାର ସଂକଳ୍ପ ନେଇ ସାହିତ୍ୟର ବିଭିନ୍ନ ଦିଗକୁ ସ୍ପର୍ଶ କରିଛନ୍ତି ସାହିତ୍ୟମନସ୍କ ସୁପ୍ରିୟା ପଣ୍ଡା । ତାଙ୍କର ଅସରନ୍ତି ଗପ ଓ କବିତା ବିଭିନ୍ନ ପତ୍ରିକା ତଥା ସମ୍ବାଦପତ୍ରରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ମିଳିଛି । ମନନଶୀଳ ଲେଖାରେ ଚମତ୍କାରିତା ଭରିଛି ତାଙ୍କର । ଅନୁଭୂତିକୁ ପାଥେୟ କରି ସେ ଯେମିତି ସୁନ୍ଦର ଓ ସାବଲୀଳ ଶୈଳୀରେ ତାଙ୍କର ସୃଷ୍ଟିସମ୍ଭାର ତୋଳିପାରିଛନ୍ତି, ତାହା ଏକାନ୍ତ ଲକ୍ଷଣୀୟ –

"ଡିସେମ୍ବର ମାସର କୌଣସି ଏକ ରବିବାର ଅପରାହ୍ଣରେ ମୁଁ ବସି 'ସମ୍ବାଦ' ଖବରକାଗଜର ରବିବାର ସଂଖ୍ୟାଟି ଦେଖୁଥାଏ । ମୁଁ ଯେଉଁଠି ବସିଥାଏ, ସେଇଠୁ ଝରକା ବାଟଦେଇ ବାହାରକୁ ଦେଖିହୁଏ । ଝରକା ବନ୍ଦ ଥିଲେ ବି କାଚ ଲାଗିଥିବାରୁ ଆରାମରେ ଦେଖିହୁଏ । ମୁଁ ଦେଖିଲି ଜଣେ ଜରିଗୋଟାଳି ଆମ ଘରର ମୁଖ୍ୟ ଫାଟକ ଖୋଲି ପଶିଲା । ଟିକେ ଏପଟସେପଟ ହୋଇ ବାହାରେ ଶୁଖୁଥିବା ଲୁଗା ଭିତରୁ ମୋ ପୁଅର ସୁଇଟରଟା ତରବରରେ ସେ ଧରିଥିବା ବଡ଼ ଜରିବ୍ୟାଗ୍‌ରେ ପୂରାଇ ବାହାରିଗଲା । ହଠାତ୍ ମୁଁ କିଛି ବୁଝିପାରିଲି ନାହିଁ । ବାହାରକୁ ବାହାରିଲି । କିଛି କହିବା ପୂର୍ବରୁ ସେହି ସ୍ତ୍ରୀଲୋକଟି ଟିକେ ଦୂରକୁ ଯାଇସାରିଥିଲା । ତାକୁ ଡାକିବାକୁ ଚାହିଁ ବି ମୁଁ କାହିଁକି ଡାକିପାରିଲି ନାହିଁ । ବାହାରକୁ ଯାଇ ଦେଖିଲି ଅଳ୍ପଦୂରରେ ସେହି ଜରିଗୋଟାଳି ତା ମୁଣିରୁ ମୋ ପୁଅର ସୁଇଟରଟା କାଢ଼ି ଗୋଟେ ଛୁଆକୁ ପିନ୍ଧାଇଦେଉଥିଲା । ଆଉ ଟିକିଏ ପାଖକୁ ଗଲି । ଛୁଆଟି ବେଶ୍ ଖୁସି ଦିଶୁଥିଲା ଆଉ ସେହି ସ୍ତ୍ରୀଲୋକର ମୁହଁରେ ଗୋଟେ ପରିତୃପ୍ତିର ହସ ଥିଲା । ତା ମୁହଁରେ ଚୋରର ସାମାନ୍ୟତମ ନିର୍ଭୀକତା ବି ନଥିଲା । ମୁଁ ବି କିଛି ନକହି ଘରକୁ ଫେରିଆସିଲି । ଦେଖିଲି ଗୁଡ଼ାଏ ଲୁଗା ଶୁଖୁଛି । ଦାମୀ ଶାଢ଼ିଟିଏ ବି । ହେଲେ ସେ କେବଳ ପୁଅର ସୁଇଟରଟା ଚୋରି କରିଥିଲା । ଶୀତଦିନ ଥିଲା । ଆଉ ସେ ଚୋର ଯେ ପ୍ରଥମେ ଗୋଟେ ମା' ଥିଲା ।"

ଶିଶୁ ଉପନ୍ୟାସକୁ ଯିଏ ସାହିତ୍ୟର ଏକ ପ୍ରମୁଖ ଧାରା ବୋଲି ପ୍ରତିପାଦିତ କରିଛନ୍ତି ଏବଂ ବିଭିନ୍ନ ପତ୍ରପତ୍ରିକା ଓ ସମ୍ବାଦପତ୍ରରେ ସାହିତ୍ୟର ସମସ୍ତ ବିଭାଗକୁ ପାଠକୀୟ ଆଦର ଦେଇଛନ୍ତି, ସେ ହେଲେ ପ୍ରଶାନ୍ତ କୁମାର ମଙ୍ଗରାଜ । କୃତୀ ଶିକ୍ଷକ ଓ କୃତୀ ସାହିତ୍ୟିକ ବି । ତାଙ୍କ ଲେଖନୀରେ ଭରିରହିଛି ଚମତ୍କାରିତା । ତାଙ୍କ ଲେଖା କେବଳ ଯେ ପିଲାଙ୍କ ମନକୁ ବ୍ୟାପକ ଭାବେ ଆନ୍ଦୋଳିତ କରିପାରୁଛି ତା ନୁହେଁ, ବେତାର ମାଧ୍ୟମରେ ପ୍ରସାରିତ ଅନେକ କାହାଣୀ ଶ୍ରୋତାମାନଙ୍କୁ ବି ସମ୍ମୋହିତ କରିପାରିଛି । ସେ ଯେମିତି ଶୀତ ଋତୁକୁ ନିକଟରେ ପାଇଛନ୍ତି ଓ ନିଜର ମନୋଭାବକୁ ପ୍ରତିବେଦନ କରିଛନ୍ତି –

"ଶୀତର ଆଦ୍ୟସ୍ପର୍ଶରେ ଦୟାନଦୀ ଧାରରେ ମୁଁ ଠିଆ ହୋଇଥାଏ ଚିଲିକାକୁ ଅବଲୋକନ ମୁଦ୍ରାରେ । ମନରେ କରୋନାର ଭୟ । ସାମାଜିକ ଦୂରତା ରଖିବାକୁ ହେବ । ଶୀତ ବଢ଼ିଲେ କରୋନା ବଢ଼ିବ । ମନରେ ଭୟ ଆଶଙ୍କା ବସାବାନ୍ଧୁଥିଲା – ସତରେ କ'ଣ ଏବର୍ଷ ଚିଲିକା ଜଳରେ, ଆର୍ଦ୍ରଭୂମିରେ ଓ ନୀଳ ଆକାଶରେ ବିହଙ୍ଗମେଳା ବସିବ ? ଗେଣ୍ଡାଳିଆ ପକ୍ଷୀ ମୁଣ୍ଡ ଉପରଦେଇ ଉଡ଼ିଯାଉଥିବା ବେଳେ ମୋର ମନ ହେଉଥିଲା –

ଏବର୍ଷ ଶୀତ ଯେମିତି ଆସିଚି ରାଜକୀୟ ଠାଣିରେ । ତା'ରି ଆଗମନରେ ଚିଲିକାର ଅପରୂପ ଶୋଭାରେ ଆସିଛି ନୂଆ ଚମକ ଓ ଉନ୍ମାଦନା । ହେଲେ ପର୍ଯ୍ୟଟକଙ୍କ କଥା ଭାବିଲା ବେଳକୁ ପୁନଶ୍ଚ ମନ ମଉଳି ଫିକା ପଡ଼ିଯାଉଛି । କେତେବର୍ଷ ପରେ ଶୀତ ଆସିଛି ଶୀତ ଭଳିଆ । ହେଲେ କରୋନା ଯୋଗୁଁ ନା ପର୍ଯ୍ୟଟକ, ନା ଅଛନ୍ତି ପ୍ରକୃତିପ୍ରେମୀ । ମୋ ଅନୁଭୂତିରେ କରୋନା କାଳରେ ଶୀତ ସବାରିର ନିଆରା ଗଣିତଟିଏ ।"

'ଛୋଟ ମୋର ଗାଆଁଟି' କବିତାରେ ('ପଲ୍ଲିଶ୍ରୀ' କବିତା ଗ୍ରନ୍ଥ) ବରେଣ୍ୟ ତଥା ପ୍ରତିଥଯଶା ସାହିତ୍ୟ ସାଧକ ସଚ୍ଚି ରାଉତରାୟ ଶୀତ ଋତୁର ମାର୍ମିକ ଚିତ୍ରକଳ୍ପ ଦେଇଛନ୍ତି । ପଲ୍ଲୀଚିତ୍ରର ଅଳଙ୍କରଣରେ ସିଦ୍ଧହସ୍ତ ତଥା ସୁନିପୁଣ କାରିଗର ସଚ୍ଚି ରାଉତରାୟ । ଆଜି ମଧ୍ୟ ସେହି କବିତା ଘରେଘରେ ପରିଚିତ । କବିଙ୍କ କାବ୍ୟଛଟାର ଏକ ଉଦାହରଣୀୟ ପାରଦର୍ଶିତା । ନିମ୍ନୋକ୍ତ ଗୀତିକବିତାରୁ ତାହା ସହଜରେ ଅନୁମେୟ –

ଝରଣା ତା'ର କଲା ଯେ କବି
ନୟନେ ଦେଲା ରୂପର ଛବି
ବୁହାଇଦେଲା ସପନ ଢେଉ
ପଥର ବୁକେ ନିହାତି
ଛୋଟ ମୋର ଗାଆଁଟି ।
ତାହାରି ଲଟା, ତାହାରି ବଣ
ତା' ଗାଈଗୋଠ ମୁରଲୀ ସ୍ୱନ
ଫସଲକଟା ମଧୁର ତାନ
ସକଳ ମୋର ସାହାଟି
ଛୋଟ ମୋର ଗାଆଁଟି ।

ଓଡ଼ିଶା ସରକାରଙ୍କ ଅଧୀନରେ ଏବେ ଅତିରିକ୍ତ ସଚିବ ପଦରେ ଅଛନ୍ତି କବି ଧନଞ୍ଜୟ ସ୍ୱାଇଁ । ସେ ପ୍ରଶାସନିକ ସ୍ତରରେ ଯେତିକି ସୁନାମ ଅର୍ଜିଛନ୍ତି, ସାହିତ୍ୟ ସର୍ଜନାରେ ବି ସେତିକି ନାଆଁ କରିଛନ୍ତି । କାବ୍ୟିକ ଚେତନାରେ ବୁଡ଼ବୁଡ଼ୁ ହୋଇ ସେ ମିଥ୍ର ପ୍ରୟୋଗ ସହିତ ଗାଉଁଲି ଶବ୍ଦର ଉପଧା ମିଳନରେ ପ୍ରତିଟି କବିତାକୁ ରସାପ୍ଳୁତ କରିପାରିଛନ୍ତି । ପ୍ରତ୍ୟେକ ଋତୁରେ ଭିନ୍ନଭିନ୍ନ ସ୍ୱାଦ ଦେଇଛନ୍ତି କବିତାରେ ଓ ପାଠକୀୟ ଆଦୃତି ଲଭିଛନ୍ତି । ଶୀତର ଅନୁଭୂତିକୁ ନେଇ ତାଙ୍କର ଲାସ୍ୟମୟ କବିତା ନିମ୍ନରେ ସୂଚୀତ କରାଗଲା –

ଶୀତ ଗୋଡ଼ଘଷା ତୁଠ ପଥରରେ
ବଟା ହଳଦୀର ବାସ
ଶୀତ ମହମହ ମନ୍ଦିର ବେଢ଼ାରେ
ଶରତ ରେଣୁର ରାସ ।
ଶୀତ ମୋ ବୋଉର ହବିଷ ହାଣ୍ଡିରେ
ପୁଣ୍ୟର ପ୍ରତିଶ୍ରୁତି
ମାଟି ଚଉରାରେ ସାତ ମୂରୁଜରେ
କଅଁଳ ଖରାର ଝୋଟି ।

ଓଡ଼ିଆ ଶିଶୁସାହିତ୍ୟର ପ୍ରଥିତଯଶା ସାହିତ୍ୟିକ ଡକ୍ଟର ଶୁଭେନ୍ଦ୍ର ମୋହନ ଶ୍ରୀଚନ୍ଦନ ସିଂହ ମଧ୍ୟ କବିତାରେ ଶୀତକୁ ଅନୁଭବ କରିଛନ୍ତି । ନିଜ କର୍ମଭୂମି କଟକ ସହର ପ୍ରତି ଅହେତୁକ ମମତା ରଖିଛନ୍ତି । ହାସ୍ୟରସର ଛିଟା ଦେଇ ଶୀତ ଋତୁର ଏକ ନିଆରା ଅନୁଭବକୁ ଚିତ୍ରିତ କରିଛନ୍ତି ତାଙ୍କ କବିତା 'ଶୀତ ଆସିଥିଲା କଟକ ବୁଲି'ରେ –

ଶୀତ ଆସିଥିଲା କଟକ ବୁଲି
ହାତେ ଝୁଲୁଥିଲା ଗେରୁଆ ଝୁଲି ।
ଗେରୁଆ ଝୁଲିରେ କୁହୁଡ଼ି ବୁଢ଼ୀ
ଲୁଚିଥିଲା ନାଇ କାକର ଚୁଡ଼ି ।
ଗଲା ଏବେ ଶୀତ ଦୋଳମୁଣ୍ଡେଇ
ଜଳୁଥିଲା ତହୁଁ ନିଆଁ ଉହ୍ଲେଇ ।
ଦେଖିଲା ଲୋକଟେ ଭାଜେ ବାଦାମ
ଶହେକୁ ନେଉଛି ଦି'ଟଙ୍କା ଦାମ ।

ଯୁବ କବି ସତ୍ୟରଞ୍ଜନ ଘିଓଲା । ସାହିତ୍ୟ ସାଧନାର ବ୍ରତୀ ରହିଛନ୍ତି । ମହାବିଦ୍ୟାଳୟରେ ପାଠପଢ଼ା ସହ କବିତା ସହ ସୁସମ୍ପର୍କ ବାନ୍ଧିଛନ୍ତି । ବିଭିନ୍ନ ସମୟରେ ଋତୁମାନଙ୍କୁ ଭେଟି ନିଜର ଅଭିଳଷିତ ଇଚ୍ଛାକୁ ବ୍ୟକ୍ତ କରିବାର ନଜିର୍ ରହିଛି ତାଙ୍କର ଅନେକ କବିତାରେ । ଏକ ପ୍ରତିଶ୍ରୁତିବଦ୍ଧ କବି ହେବାର ସ୍ୱପ୍ନ ଦେଖିଛନ୍ତି ଏବଂ କବିତାମନସ୍କ ହୋଇଛନ୍ତି । ଶୀତ ଋତୁକୁ ଆପଣେଇ-ନେବାର ଆକାଂକ୍ଷାକୁ ଜାବୁଡ଼ିଧରି କବିତାଟିଏ ବାଢ଼ିଦେଇଛନ୍ତି । ଲିଖିତ କବିତା 'ଶୀତ'କୁ ନିରେଖି ଦେଖିଲେ ଜଣାପଡ଼େ –

ରାତି ଦେହେ ଶିଶିରର ପଣତ ଘୋଡ଼େଇ
ଜ୍ୟୋସ୍ନା ଝାଡ଼ି ଦେଉଥିଲା ବିମଳ କିରଣ
ଭାସମାନ ହେନା, ଜୁଇ, ଶେଫାଳି ମହକେ
ପ୍ରକୃତି ବି ବାନ୍ଧିଥିଲା ଶୋଭିତ ତୋରଣ ।
ଏକାନ୍ତରେ ଶୁଣୁଥିଲି ମିଠାମିଠା ଗୀତ
ପଉଷର ଆଗମନେ ଭାବୁଥିଲି ବସି
ଦେହସାରା ବୋଳିହେଲା ପୁଲକିତ ଶୀତ ।
ବେଳ ଉଣ୍ଡି ଜୋଛନା ଯେ ହେଉଥିଲା ପାରି
ଛାଡ଼ିଦେଇ କାହିଁ ଦୂରେ ନିବିଡ଼ ଅନ୍ଧାର
ଭ୍ରମ ସୃଷ୍ଟି କରୁଥିଲା ଚାହାଣିରେ ମୋର
ପ୍ରାଚୁର୍ଯ୍ୟ ଓ ପ୍ରାପ୍ତିର ପାହାନ୍ତା ପହର ।

ପତ୍ରପତ୍ରିକା ହେଉ ଅବା ସମ୍ବାଦପତ୍ର, ସବୁଥିରେ ନିଜର ସାହିତ୍ୟିକ ଛାପା ଛାଡ଼ିଦେଇଥିବା ଆଜିର ଯୁବ କବି – ରଶ୍ମିରଞ୍ଜନ ସାହୁ । ନିଜର ସର୍ଜନାରେ ରଶ୍ମି ବିକିରଣ କରି ସାହିତ୍ୟକୁ ସେ ଋଦ୍ଧିମନ୍ତ କରିଛନ୍ତି । ଯୁବ ସାହିତ୍ୟକୁ ଯେତିକି ଆପଣାର କରି ପୁରସ୍କୃତ ହୋଇଛନ୍ତି,

ଶିଶୁସାହିତ୍ୟକୁ କୋଳେଇ ନେଇଛନ୍ତି ଲେଖନୀ ମୁନରେ । ଋତୁକାଳୀନ କବିତା ଲେଖିବାରେ ସେ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିଛନ୍ତି । ଓଡ଼ିଶାମାଟିକୁ ଭଲପାଉଥିବା ସାଇବେରିଆରୁ ଉଡ଼ିଆସୁଥିବା ପକ୍ଷୀମାନଙ୍କର ମନକଥାକୁ ବଖାଣିଛନ୍ତି । 'ସାଇବେରିଆର ପକ୍ଷୀ' କବିତାରେ ନିଜର ଶିଶୁସୁଲଭ ମନୋଭାବକୁ ଜାହିର୍ କରି ଲେଖିଛନ୍ତି –

ବହୁତ ଦୂର ସାଇବେରିଆ ସେଠାରୁ ଉଡ଼ି ରାତିଅଧିଆ
କେତ ଯେ ବାଟ ଡେଇଁ
ରଙ୍ଗବେରଙ୍ଗ ଅତିଥି ହୋଇ ତୁମ ମାଟିର ଉଷୁମ ପାଇଁ
ଆସିଛି ମୁହିଁ ଧାଇଁ ।
ଆମରି ଦେଶେ ପଡ଼ିଛି ଶୀତ ସମ୍ଭାଳି ଜମା ହୁଏନି ମିତ
ସେଇଥିପାଇଁ ପରା
ଆସିଛି ମୁହିଁ ଚିଲିକା ପାଶେ କାଟିବି ଏଠି ମାସେ ଦି'ମାସେ
ଯିବି ଆସିଲେ ଖରା ।
ନଳ ବଣର ନରମ ଘାସ ନରମ ଶେଯ, ନରମ ବାସ
କାଟିବି ତୁମ ମେଳେ
କହିବି ଯାଇ ତୁମରି କଥା ଦୂରବାଟରେ ଭ୍ରମଣ ଗାଥା
ଶୁଣିବେ କୌତୂହଳେ ।

କବି ସୌଭାଗ୍ୟଲକ୍ଷ୍ମୀ ଆଚାର୍ଯ୍ୟ ହିନ୍ଦୀରେ ଯେଉଳି ପ୍ରଗଳଭ, ଓଡ଼ିଆ ସାହିତ୍ୟରେ ବି ସେଭଳି ଧୂରୀଣ । ସୁନ୍ଦର ଶବ୍ଦକୁ ସାଉଁଟି କାବ୍ୟରୂପ ଦେବାରେ ସତେ ଅବା ମାହିର୍ । ଏବେ ବି କବିତାର ତାରୁଣ୍ୟରେ ଜୁଡୁବୁଡୁ । ସମାଜରେ ଘଟିଯାଉଥିବା ସମସ୍ୟା, ପ୍ରସଙ୍ଗକୁ ଉପସ୍ଥାପନ କରି କବିତାକୁ ରସାଣିତ କରିବାରେ ଅଗ୍ରଣି ଭୂମିକା ତୁଲେଇପାରିଛନ୍ତି । ସେ ଭେଟିଛନ୍ତି ସବୁ ଋତୁକୁ । କବିତାରେ ଅନୁଭବର କଥା ହିଁ ବାଢ଼ିଦିଅନ୍ତି । ଶୀତକୁ ନେଇ ଦେଶପ୍ରେମର ଏକ ଦରଦଭରା ଅଭିବ୍ୟକ୍ତି ସମର୍ପିଦେଇଛନ୍ତି ନିଜସ୍ୱ କବିତା 'ହିମ ପରିଭାଷା'ରେ –

ଋତୁର ବି ପରିଭାଷା ପରିବର୍ତ୍ତିତ
ଧରାପୃଷ୍ଠେ ଅବତରି ଆସେ ଶୀତ ।
ଶରୀରରେ ମୋ ଦେଶପ୍ରମର ଉଷ୍ମତା
ମନେ ଖେଳିଯାଏ ତ୍ରିରଙ୍ଗାର ସ୍ରୋତ
ମୁଖୁ ନିଃସୃତ ଜାତୀୟ ସଂଗୀତ
ଋତୁ ଆସେ ଋତୁ ଯାଏ
ଗ୍ରୀଷ୍ମ, ବର୍ଷା, ହେମନ୍ତ, ଶରତ
ଅନବଦ୍ୟ ସୃଷ୍ଟି ସ୍ରଷ୍ଟାଙ୍କର ଏ ବିଚିତ୍ର ଜଗତ ।
ନହୋଇ ବିରତ ସଦା କର୍ମରତ
ବୀର ସଇନିକ ସୀମାନ୍ତେ ଜାଗ୍ରତ
କୃଷକ ଗାଏ ହିମରେ ଶୀତ
ଦେଶ ପାଇଁ ଦୁହେଁ ଶ୍ରେଷ୍ଠ ମହତ ।

ଉତ୍କଳ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ପ୍ରଫେସର ପ୍ରବୋଧ କୁମାର ହୋତା କବିତା ଲିଖନରେ ଏକ ନୂଆ ପରିଚୟ ସୃଷ୍ଟି କରିଛନ୍ତି । ସତେ ଯେମିତି ଏକ ନିରୋଳା ଭାବପଣରେ ସାମ୍ପ୍ରତିକ ପରିବେଶ– ପରିସ୍ଥିତିର ପ୍ରତ୍ୟେକ ମୁହୂର୍ତ୍ତକୁ ଅବଗାହନ କରିପାରିଛନ୍ତି । ପେସା ଶିକ୍ଷକତା, ନିଶା ସାହିତ୍ୟ ସର୍ଜନା । ଗୁଣାତ୍ମକ କବିତା ଲେଖିବାରେ ସତେ ଯେମିତି ବଦ୍ଧପରିକର । ଆତ୍ମୀୟ ଭାବନାରେ ସାହିତ୍ୟକୁ ଯୋଡ଼ିପାରିଛନ୍ତି । ଶୀତକୁ ଅନୁଭବ କରିଛନ୍ତି ଆନ୍ତରିକତାରେ । କବିତାର ଛୁଙ୍କ ଛାଡ଼ିଛନ୍ତି ଯାହାକି 'ଶୀତର ସ୍ମୃତି' କବିତାରେ ପ୍ରତୀୟମାନ ।

ରାଜଧାନୀରେ ଶୀତ ନାହିଁ
ପାଦ ତା'ର ଶିମିଳିପାଳ
ଅବା ଦାରିଙ୍ଗିବାଡ଼ିରେ
ଶୀତ ଏବେ କରୋନାର ନାଗଫାଶେ
ବାନ୍ଧିହୋଇ ଓହଳିଛି ଶବବୁହା ଗାଡ଼ିରେ
ଭୀତତ୍ରସ୍ତ ମନ ମୋର,
ପାରିବି କି ଶୀତକୁ ସାଉଁଟି
ପ୍ରେମିକାର ମୁକୁଳା କେଶରେ !
ତଥାପି ତ ଶୀତ ମୋ ପାଇଁ
ଚିର ବସନ୍ତର ସୁନ୍ଦର ବର୍ଣ୍ଣାଳୀ
ସ୍ମୃତିର କାନଭାସ୍‌ରେ ।

ଶିକ୍ଷକତା ଓ ସାହିତ୍ୟ ସାଧନାକୁ ବ୍ରତ କରିଛନ୍ତି ଡକ୍ଟର ପ୍ରବୀଣା ପରିଡ଼ା । ଲେଖିକାଙ୍କ ଗପରେ ଥାଏ ନିଆରା ଆବେଗ । କବିତାରେ ବି ଥାଏ ଏକ ଖୋଜିବାର ରାହା । ସମାଜକୁ ଦିଗ୍‌ଦର୍ଶନ ଦେଲା ଭଳି ତାଙ୍କର ଗପ ଓ କବିତା ଖୁବ୍ ମନଛୁଆଁ । ସେ ଭେଟିଛନ୍ତି ପ୍ରକୃତି କୋଳରେ ଗେଲ ହେଉଥିବା ସବୁ ଋତୁକୁ । ଅଙ୍ଗେଅଙ୍ଗେ ଅନୁଭବ କରିଛନ୍ତି । ଦିଲ୍ଲୀରେ ଗାଇଡ୍ କ୍ୟାମ୍ପରେ ଯୋଗଦାନ ସମୟରେ ଶୀତୁଆ ସ୍ମୃତି ମନେପକାଇ କବିତାର ଆଲେଖ୍ୟ ବାଢ଼ିଛନ୍ତି –

କାକରଭିଜା ତମ୍ବୁ ଭିତରେ
ଥୁରୁଥୁରୁ ଶୀତରାତି
ମଝି ପ୍ରହରରେ ମନେ ହେଉଥିଲା
ବୋଉ ପଣତର ତାତି ।
ସାଙ୍ଗସାଥୀ ମେଳେ କେତେ ଖୁସିଗପ
ଆଖିରେ ନଥିଲା ନିଦ

ଖୁସି ଭିତରେ ବି ଝୁରିହେଉଥିଲି
ବାପାଙ୍କ ସେନେହ ପଦ ।

ଡକ୍ଟର ବସନ୍ତ କିଶୋର ସାହୁ, ଶିଶୁ ସାହିତ୍ୟରେ ଏକ ଚର୍ଚ୍ଚିତ ନାଆଁ । ଲୋକକଥା ଓ ପ୍ରକୃତିପ୍ରେମରେ ବିଭୋର ହୋଇ ସରଳ ତରଳ ଭାବଯୁକ୍ତ କବିତା ଦାନ କରିଛନ୍ତି ମାନବ ସମାଜକୁ । ସେ ଶୀତକୁ ଅତି ପାଖରୁ ଦେଖିଛନ୍ତି । ଅନୁଭବ କରିଛନ୍ତି ସୋରିଷଫୁଲର ମହକ । 'ସୋରିଷଫୁଲର ହାଟ' କବିତାରେ ସେ ନିଜସ୍ୱ କବିପଣିଆକୁ ଜାହିର୍ କରିଛନ୍ତି -

କେଉଁ ଗାଁରେ ବସିଛି ଦେଖ
ସୋରିଷଫୁଲ ହାଟ
ଧରଣୀ ରାଣୀ ପିନ୍ଧିଛି ସତେ
ହଳଦୀ ରଙ୍ଗ ପାଟ !
ପଥିକ ଆଖି ଯାଇଛି ଲାଖି
ଦେଖିଣ ସେହି ଶୋଭା
କଳପନାରେ ଲାଗିଛି ରଙ୍ଗ
ଆହା କି ମନଲୋଭା !
ସୁନାରଙ୍ଗର ଏପରି ଛବି
ମନକୁ ନିଏ କିଣି
ପିଲାଏ ସବୁ ଖୁସିରେ ଡେଇଁ
ହସ ଦିଅନ୍ତି ବୁଣି ।
ସୋରିଷ ଶାଗ ଖାଇବା ପାଇଁ
ଦେହକୁ ବଡ଼ ହିତ
ରୁଚି ସାଥିରେ ଖାଇଲେ ତାକୁ
ଛାଡ଼ି ପଳାଏ ଶୀତ ।
ଶୀତଦିନର ନିଆରା ରୂପ
ମିଳେନା ଆଉ କାହିଁ
ଆଜିଦିନରେ ଆମ ଗାଆଁରେ
ସୋରିଷ କ୍ଷେତ ନାହିଁ ।
ପିଲାଦିନର ସେସବୁ ସ୍ମୃତି
ବିଭୋର କଲା ମୋତେ
ମନେପଡ଼ିଲା ଯାହା ଯେତିକି
ଲେଖିଦେଲି ମୁଁ ଗୀତେ ।

ଏବଂ ଉପସଂହାରରେ ମୋ ଅନୁଭବର ସ୍ୱରରେ ଲେଖିଯାଏ - ମୁଁ ଶୀତକୁ ଅନେକ ଥର ଭେଟିଛି ପାହାଡ଼ ଜଙ୍ଗଲ ଭିତରେ, ନଦୀ ଓ ଝରଣା ପାଣିରେ । ଠିଆ ହେଇ ତଇଲା ବାଡ଼ିରେ ସୋରିଷଫୁଲକୁ ଦେଖିଛି । ଆଦିବାସୀର ମହୁଆ ଗୀତ-ନାଚରେ ଭାଗନେଇଛି । ପଲ୍ଲି ଗାଆଁ ହେଉ କି ସହର, ସବୁଠି ଶୀତ ଆସେ ସୁଲୁସୁଲିଆ ବାଆ ଧରି । କୋଉଠି ଅମାନିଆ ହୋଇ ପିଠିରେ ଲାଉ ହୁଏ ତ କୋଉଠି ଶୀତ ଗୋଡ଼କୁ ଜାବୁଡ଼ି ଧରେ ସକାଳ ଚାଲିରେ । ପାର୍ବଣର ଋତୁ ପରେପରେ ଏ ଅଝଟିଆ ଶୀତ କେତେବେଳେ ଦରଦୀ ବନ୍ଧୁ ପରି ଲାଗେ ତ ପୁଣି କେତେବେଳେ ହତାଶାର ଦୀର୍ଘଶ୍ୱାସ ଦିଏ ଅଭାଗା ମଣିଷକୁ । ଥୁରୁଥୁରୁ ହୋଇ କିଏ ସାତସିଆଁ କନ୍ଥା ଭିତରେ ଜାକିଜୁକି ରହେ ତ ପୁଣି କିଏ ରେଜେଇ କମ୍ବଳ ଭିତରେ ଅବୁଝା ସ୍ୱପ୍ନ ଦେଖେ । ପୁଣି ଛାତିର ସ୍ପନ୍ଦନ ବଢ଼େଇଦିଏ ଓ ଦେହସାରା କୁତୁକୁତୁ କରେ ।

ହଁ, ଅନୁଭବିଛି ଶୀତକୁ ଏକ ଭିନ୍ନ ଢଙ୍ଗରେ । ଶୀତ ଆସିଲେ ମନରେ ଛନକା ପଶିଯାଏ ଆପେଆପେ । ବୋଉ ମୋର କେମିତି ରହିବ ଏ ଶୀତରେ ? ଗାଆଁରେ ଅଛି ବୋଉ ତା ସାନପୁଅ ପାଖରେ । ହଁ ସେ ଭଲରେ ଅଛି । ପଚାରିଲେ କହେ - ବାବୁରେ ତୁ କେମିତି ଅଛୁ ? ତା ଆଖି ଛଳଛଳ ହୋଇଯାଏ । ସେତେବେଳେ ଭୟରେ ମୁଁ ଥରୁଥାଏ ଗୋଟାପଣେ । ଅନେକବାର ଶୀତକୁ କାଖେଇ କାଖେଇ ସେ ସମ୍ଭାଳିନେଇଛି ନିଜ ଅବସୋସ ଓ ଦୁଃଖକୁ । ହେଲେ ୨୦୧୯ର ପୌଷ ମାସର ହାଡ଼ଭଙ୍ଗା ଶୀତକୁ ଡରିଗଲା ବୋଧେ । ଛାଡ଼ି ଚାଲିଗଲା ଆରପାରିକୁ । ବୟସରେ ଅପରାହ୍ଣ କେତେ ବା କୋଳେଇନବ ଏ ଅମାନିଆ ଶୀତକୁ ! ମୁଁ ଅଙ୍ଗେ ନିଭେଇଛି ଶୀତର କାରୁଣ୍ୟ ଭିତରେ ମୋ ବୋଉ ଆରପାରିକୁ ଚାଲିଯିବାର ଦୃଶ୍ୟକୁ । ରାତିସାରା ଛଟପଟ ହୋଇଛି । ଖନେଇ ଖନେଇ ନିଜ ଛାତିତଳର କଷ୍ଟ କହିଦେଇଛି । ଅନେକ ସମୟରେ ଟିକେ ଶୀତ ଲାଗିଲେ ମୋତେ ଜାବୁଡ଼ି ଧରେ । ଶୀତ ଲାଗୁଛି ବୋଲି ପଚାରିଲେ ବୋଉ ମୁଣ୍ଡ ଟୁଙ୍ଗାରିଦିଏ । ମୁଁ ବୁଝିଯାଏ ବୋଉର କଷ୍ଟକୁ । ସତରେ ଏ ଶୀତ, ବୋଉକୁ କାହିଁକି କଷ୍ଟ ଦେଉଛୁ ? ଶୀତକୁ ପ୍ରଶ୍ନ କରେ । ବୋଉ ଏବେ ତ ଆରପାରିରେ । ବୋଉକୁ ଆଉ ପାଇବି ନାହିଁ । କେବଳ ଶୀତ କଥା ଭାବିଲା ବେଳକୁ ବୋଉର ଛଳଛଳ ମୁହଁ ଦେଖାଯାଉଛି । ଆଉ ମୋ ଆଖିରୁ ପାଣି ହୋଇ ଝରିଯାଉଛି ଲୁହ କେଇଟୋପା ।

'ଶୀତରେ ପୌଷ ମାଘ ମାସ / ଦେହରେ ରଖ ଶୀତ ବାସ' କବିତାକୁ ଗାଇଗାଇ ମୋ ପ୍ରବନ୍ଧର ଇତି କରୁଛି ।

ଏଲ୍.ଆଇ.ଜି-୧୫ ନୟାପଲ୍ଲୀ
ବ୍ରିଟ୍ କଲୋନୀ, ଭୁବନେଶ୍ୱର ୭୫୧୦୧୨
ଫୋନ୍-୭୦୦୮୧୪୨୦୪୦

●●

# ଅକ୍ଷରେ ଅନୁଭୂତି

## ସଂଗ୍ରାମ କେଶରୀ ସାମନ୍ତରାୟ

ବିଶ୍ୱନିୟନ୍ତାଙ୍କ ଶକ୍ତି ଏବଂ ସାମର୍ଥ୍ୟକୁ ନେଇ ଯୁଗଯୁଗର କିମ୍ବଦନ୍ତୀ ଯୋଡ଼ିହୋଇ ରହିଛି । ଅଲୌକିକ ବଳରେ ମୂକ କଥା କହିପାରେ, ପଙ୍ଗୁ ମଧ୍ୟ ଶୃଙ୍ଗକୁ ଆରୋହଣ କରିପାରେ । ଜନ୍ମ ପରେ ଶିଶୁ ଅଳି କରି କାନ୍ଦିଥାଏ । ପରମେଶ୍ୱର ବୁଝନ୍ତି ସନ୍ତାନର ଦୁଃଖକୁ । ସଂସାରର ଛୋଟବଡ଼ ସବୁକଥା ତାଙ୍କର ନିର୍ଦ୍ଦେଶରେ ପରିଚାଳିତ । ଅସାର ସଂସାରରେ 'ପ୍ରଭୁ' ଶବ୍ଦର ଶ୍ରେଷ୍ଠତ୍ୱ ସର୍ବବ୍ୟାପୀ ଉଲ୍ଲିଖିତ ଏବଂ ଆଦୃତ । ଛାୟା, କାୟା ଏବଂ ମାୟା ତାଙ୍କର ସତ୍ତାର ସାମାନ୍ୟତମ ଆଭାସ । ନିର୍ଜନତାକୁ ଭୟ କରିବା ଏବଂ ସଫଳତାର ଆତ୍ମପ୍ରତ୍ୟୟ ମାଧ୍ୟମରେ ଭବବିହ୍ୱଳ ହେବା ତାଙ୍କ ଦ୍ୱାରା ଶ୍ରେଷ୍ଠ କାଳ୍ପନିକ ରଚନା । ଗଭୀର ଭାବରେ ଚିନ୍ତା ନକରି ଅନ୍ୟକୁ ଦୋଷାରୋପ କରିବା କିମ୍ବା ତା ବିପକ୍ଷରେ କୁତ୍ସାରଟନା କରିବା ପ୍ରକ୍ରିୟା କଳିଯୁଗରେ ତାଙ୍କ ଦ୍ୱାରା ନିୟନ୍ତ୍ରିତ । ବାସ୍ତବ ଏବଂ ଅବାସ୍ତବ ଭାବନା ତାଙ୍କର ଶ୍ରେଷ୍ଠ କୃତି । ସ୍ୱଚ୍ଛ ଅନୁଭୂତି ମଧ୍ୟରେ ଆତ୍ମାର ପ୍ରକରଣରେ ସତ୍ତାର ଉପଲବ୍ଧି ଜୀବନର ଶ୍ରେଷ୍ଠତ୍ୱ ବୋଲି ପ୍ରତିପାଦିତ ହୋଇଥାଏ ।

ହେତୁ ପାଇବା ପରେ ଅନେକଥର ପ୍ରଭୁଙ୍କ କୃପାର ବର୍ଣ୍ଣନା ଶାସ୍ତ୍ରରେ ପଠନ କରିଛି । ଭାବୁଥିଲି ପ୍ରଭୁକୃପା ମୋ ଉପରେ ରହିବା ବିଧେୟ । ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ ଆରାଧ୍ୟ ଦେବତା ରୂପେ ମନମନ୍ଦିରରେ ସଂସ୍ଥାପନ କରିଥିଲି । ଉତ୍କଳୀୟ ଭାବାବେଗ ସହିତ ଅନୁବନ୍ଧିତ ଠାକୁରଙ୍କୁ ମୋ ମନରେ ମଧ୍ୟ ଅନୁବନ୍ଧିତ କରିଥିଲି । ପାଠ ପଢ଼ିବା ବେଳେ ପରୀକ୍ଷା ଫଳ ବାହାରିବାର କିଛିକ୍ଷଣ ପୂର୍ବରୁ ଆଖି ବନ୍ଦ କରି ଧ୍ୟାନମୁଦ୍ରାରେ ପ୍ରଭୁକୃପା ପାଇଁ ନିବେଦନର ଅର୍ଘ୍ୟ ଅର୍ପଣ କରିଥିଲି । ସତେ ଯେମିତି ଜୀବନ୍ତ ଭାବରେ ମୋ ପାଖରେ ଛିଡ଼ା ହୋଇ ସବୁ ଶୁଣିଥିଲେ ପ୍ରଭୁ । ମୋ ଆଶାକୁ ଜୀବନ୍ତ ରୂପ ଦେବାକୁ ପ୍ରୟାସରେ ଲାଗିଥିଲେ । ଫଳ ପ୍ରକାଶନରେ ସଠିକ୍ ରୂପାୟନ ହୋଇଥିଲା । ମୋର ଭାବନାକୁ ଆତ୍ମା ଗ୍ରହଣ କରିପାରୁ ନଥିଲା । କୋଟିକୋଟି ଲୋକଙ୍କ ଆବେଗକୁ ପ୍ରଭୁ ଏତେ ଶୀଘ୍ର କେମିତି ବୁଝୁଛନ୍ତି ! ପ୍ରତିଥର ପ୍ରଭୁ ମୋ କଥା ଶୁଣି ମୋ ଭାବକୁ ଅଧିକ ଶାଣିତ କରିଛନ୍ତି । ମୋ ସହିତ ସଫଳତା ଠାରୁ ବିଫଳତାର ଯୁକ୍ତାକ୍ଷର ଅଧିକ ଛନ୍ଦାଛନ୍ଦି ହୋଇ ରହିଛନ୍ତି । ପ୍ରୟାସ କଠିନ ପରିଶ୍ରମ ଆଉ ତା'ପରେ ପ୍ରଭୁଙ୍କ ଉପରେ ବିଶ୍ୱାସ ସଫଳତାର ମାର୍ଗକୁ ପ୍ରଶସ୍ତ କରିଛି । କାର୍ଯ୍ୟ କରିବାର ଉତ୍ସାହ ଏବଂ ଆବେଗ ଅନେକ ମାତ୍ରାରେ ପ୍ରଭୁକୃପା ପାଇଁ ବୃଦ୍ଧିପାଇଛି ।

ପାଠପଢ଼ା ପରେ ସାମାଜିକ ମୂଲ୍ୟବୋଧ ଭିତ୍ତିରେ ସରକାରୀ ଚାକିରି କରିବାର ପର୍ବ ଆରମ୍ଭ ହୁଏ । ଅନେକ ପ୍ରଚେଷ୍ଟା ଚାଲେ । ପରିଶ୍ରମ ଏବଂ କୁଶଳତା ଭିତ୍ତିରେ ପରୀକ୍ଷାର ସମୟ ଉପନୀତ ହୁଏ । ପରୀକ୍ଷାର ଅନେକ ସ୍ତର ଥାଏ । କେତେଗୁଡ଼ିଏ ସ୍ତର ସହଜରେ ଅତିକ୍ରମ ହୁଏ; କିନ୍ତୁ ଶେଷ ସଫଳତା ମିଳିବାକୁ ଅଧିକ ସମୟ ଲାଗେ । ସ୍ୱପ୍ନ ସବୁ ଭାଙ୍ଗି ଚୂରମାର୍ ହେବାକୁ ଥାଏ । ସମୟ ନିଜ ନିୟନ୍ତ୍ରଣ ବାହାରକୁ ଚାଲିଯିବାକୁ ଉଦ୍ୟତ ହେଉଥାଏ । ବୟସ ମଧ୍ୟ ଗଡ଼ିଚାଲିଥାଏ । ଭଗବାନ ତତ୍ତ୍ୱ ବିବେକକୁ ଯେମିତି ପ୍ରଶ୍ନ କରୁଥାଏ ମୋ ଜୀବନ-ସଂହିତାକୁ କାଣିଚାଏ ପ୍ରଭୁକୃପା ମିଳୁ । ଶେଷରେ ନିଷ୍ପତ୍ତିର ପର୍ବରେ ମୁଁ ଏକାକୀ ବାଟୋଇ ଥିଲି । ଭାବାବେଗ ମଧ୍ୟରେ ପୁରୀ ଶ୍ରୀମନ୍ଦିରରେ ପ୍ରତ୍ୟକ୍ଷ ଭାବେ ପ୍ରଭୁଙ୍କୁ ପ୍ରଶ୍ନ କରିବାକୁ ଯାତ୍ରା ଆରମ୍ଭ କଲି । ସମୟରେ ଘରୁ ବାହାରି କଟକର ପୁରୀ ବସ୍‌ଷ୍ଟାଣ୍ଡରୁ ବାହାରି ପୁରୀରେ ପହଞ୍ଚିଲି । ବାଟଖର୍ଚ୍ଚ ଯିବା ଆସିବା ପାଇଁ କେବଳ ପଇସା ଥିଲା । ଖାଇବା ରହିବା ପାଇଁ ବ୍ୟବସ୍ଥା ହୋଇ ନଥିଲା । ପ୍ରଭୁଙ୍କ ଦିବ୍ୟ ଦର୍ଶନ ମିଳିଲା । ସବୁ ଦୁଃଖ ଗୁହାରି କରି ଅଳି କରୁଥିଲି ଆଉ କଳି କରୁଥିଲି । ସତରେ କେତେ ଗାଳି କରୁଥିଲି ! ମୋ ପଛରୁ କିଏ ଜୋର୍‌ରେ ଧକା ମାରି କହିଲା, "କେତେ କହିବୁ ? ମୁଁ ତୋତେ ଜାଣିନି ।" ମୁଁ ଆଗକୁ ଆଗକୁ ଚାଲିଥାଏ ଭକ୍ତଙ୍କ ଗହଳି ଭିତରେ । ତା'ପରେ ବଡ଼ଦାଣ୍ଡରେ ଖାଲିପାଦରେ ଚାଲିଚାଲି ବେଡ଼ା ବୁଲିଲି । ମୁଁ ସନ୍ତୁଷ୍ଟ ନଥିଲି । ଭାବୁଥିଲି, ଆଉ କେତେ କଥା କହିବାର ଥିଲା । ସମୟ ସରିଗଲା, କିଛି ରହିଗଲା ।

ଶେଷରେ ମୋ ପାଖରେ ସମୁଦାୟ ଶହେ ଟଙ୍କା ଥିଲା । ପ୍ରଭୁଙ୍କୁ ସମର୍ପଣପୂର୍ବକ ଦାନବାକ୍ସରେ ପକେଇଦେଲି । ମୋ ପାଖରେ ଖାଇବା, ରହିବା ଏବଂ ଘରକୁ ଆସିବାକୁ ପଇସା ନଥିଲା । ତା'ପରେ ଚାଲିଚାଲି ମହୋଦଧି ନିକଟରେ ପହଞ୍ଚିଲି । ଆଶା ଏବଂ ଆଶ୍ୱାସନାର ବେଳ ଉପନୀତ ହେଲା । ସୂର୍ଯ୍ୟ ଦିଗ୍‌ବଳୟ ଛାଡ଼ିଲେ । ସନ୍ଧ୍ୟା ଧୀରେଧୀରେ ପ୍ରବେଶ କରୁଥିଲା । ରାତ୍ରିର କଳେବର ବଢ଼ିଥିଲା । ଠିକ୍ ଆଠଟା ପାଖାପାଖି କେହିଜଣେ ଧଳା ଧୋତି-ପଞ୍ଜାବୀ ପିନ୍ଧି ମୋତେ ଛୁଇଁବାର ଅନୁଭବ ମିଳିଲା । ସେ ଖଣ୍ଡେ ଭଙ୍ଗା ସାଇକେଲ ମଧ୍ୟ ଧରିଥିଲେ । ମୋତେ କହିଲେ, "କେଉଁଠିକୁ ଯିବ ?" ମୁଁ କିଛି କହିଲିନାହିଁ । ସେ ପୁଣି କହିଲେ, "ଏକା କାହିଁକି ବସିଛ ? କ'ଣ ଘରୁ ରାଗିକି ଚାଲିଆସିଛ ?" ତା'ପରେ ମୋତେ ତାଙ୍କ କଥାରେ ଆତ୍ମୀୟତା ଲାଗିଲା । ମୁଁ ତାଙ୍କ ପ୍ରଶ୍ନର ଉତ୍ତର ଦେଲି । ସେ ମୋତେ ଧର୍ମଶାଳା ନେଇଗଲେ । ରାତ୍ରିଭୋଜନ ଦେଲେ । ଭଲ ପରିପାଟୀ ମଧ୍ୟରେ ରାତ୍ରିର ବିଛଣା ନିଜେ କରିଦେଲେ । ସକାଳ ହେଲାବେଳକୁ ସେ ଘରେ ସେ ନଥିଲେ । ମୁଁ ତଳକୁ ଆସି ପଚାରିଲି, ହୋଟେଲ୍ ମାଲିକ କହିଲେ, "ଆପଣ ସବୁ ପଇସା ଦେଇସାରିଛନ୍ତି, ଏବେ ଯାଇପାରନ୍ତି ।" ମୁଁ ବ୍ୟାଗ୍ ଧରି ବାହାରିଲି । ବସ୍‌ରେ କଟକ ଯିବା ପାଇଁ । ବସ୍ ଭଡ଼ା ମୋ ପାଖରେ ନାହିଁ ବୋଲି କହିବାକୁ ଯାଉଥିଲି । ପ୍ୟାକେଟ୍‌ରେ ସାମାନ୍ୟ ହାତ ମାରି ଜାଣିଲି କାଗଜ ଖଣ୍ଡେ ଭଳି ଲାଗିଲା । ଦେଖିଲି ଗୋଟେ ପଚାଶ ଟଙ୍କା ଅଛି । ମୋର ଜଗନ୍ନାଥଙ୍କ ଲୀଳା ସହିତ ଏହି ସୁଖଦ ଅନୁଭୂତି ରହିଛି । କିଛିମାସ ପରେ ଫଳ ପ୍ରକାଶନ ହେଲା । ମୋତେ ମଧ୍ୟ ଆଶାନୁରୂପ ସଫଳତା ମିଳିଲା । ମୋର ଭାବପ୍ରବଣତା ମଧ୍ୟରେ ଆଜି ମଧ୍ୟ ବଡ଼ଠାକୁର ବିରାଜମାନ । ଜୟ ଜଗନ୍ନାଥ ।

ଓଡ଼ିଶା ଅର୍ଥ ସେବା, ଭୁବନେଶ୍ୱର

●●

## ଗଳ୍ପ ବିଭାଗ

# ପୁନର୍ଜନ୍ମ

ଗିରୀଶ ସାହୁ

ଚକ୍ରଧର ଅନାଥ ପିଲା ପରି ଜ୍ୟୋତିଷଙ୍କ ମୁହଁକୁ ଅନେଇଥିଲା । ତା' କଣ୍ଠରେ ଥିଲା ଆକୁଳ ନିବେଦନ ।

ନାକ ଉପରକୁ ଚଷମାକୁ ଟିକେ ଟେକିଦେଇ ଜ୍ୟୋତିଷ ଚତୁର ନୟନରେ ପ୍ରଥମେ ଚାହିଁଲେ । ଚକ୍ରଧର ଭୟାଲୁ ମୁହଁକୁ ଥରେ ପଢ଼ିନେଲେ । ତା'ପରେ ଶାସ୍ତ୍ର ପୁରାଣର ପୃଷ୍ଠା ଓଲଟାଇବାରେ ମନଧ୍ୟାନ ଦେଲେ ।

ଜ୍ୟୋତିଷଙ୍କୁ ସେ ସମୟରେ ଦେଖିଲେ ମନେହେବ, ଯେମିତି ଆକାଶରେ ଉଡୁଥିବା ମାଛଲୋଭୀ ଚିଲ !

ପୋଖରୀ ପାଣିରେ ଖେଳୁଥିବା ମାଛକୁ, ଆକାଶରେ ଉଡୁଥିବା ଚିଲ କେଉଁ ସତର୍କରେ ଝାମ୍ପିନେଇ ଉଡ଼ିଯିବ, ସେକଥା କେହି ଜାଣିପାରିବେ ନାହିଁ ।

ସେହିପରି ଜ୍ୟୋତିଷ ମହାରାଜ ଚକ୍ରଧର ଠାରୁ ଭଲରକମ ଝଡ଼େଇବା ମତଲବ ଅପେକ୍ଷାରେ ଥିଲେ । ସୁଯୋଗ ଉଣ୍ଡୁଥିଲେ ।

"ବୁଝିଲ ବାପ ଚକରା ! ଏ ବଡ଼ ଗହନ କଥା । ତୋ' ଜାତକ କହୁଛି ।'

"କ'ଣ କହୁଛି ମୋ' ଜାତକ ?" ଉଦ୍‌ବେଗ୍ ଓ ଭୟରେ ଜଡସଡ ହୋଇ ଚକ୍ରଧର ଥିଲା ।

"ତୋର ବର୍ତ୍ତମାନ ରାହୁମହାଦଶା ପଡ଼ିଛି । ତୋତେ ମହାପାପରେ ଖାଲି ହନ୍ତସନ୍ତ କରିବ । ସୁନାକୁ ଛୁଇଁଲେ ପିତଳ ।" ଜ୍ୟୋତିଷ ବଡ଼ ଗମ୍ଭୀର ହୋଇ କହିଥିଲେ ।

ଚକ୍ରଧର କଣ୍ଠସ୍ୱର ଭୟରେ ଥରି ଉଠିଲା । ତା' ସର୍ବାଙ୍ଗରେ ସତେ ଯେମିତି ଗରମ ପବନ ବହି ଚାଲିଥିଲା । କିଛି ବୁଦ୍ଧିବାଟ ଜୁଟିଲା ନାହିଁ । ଚାରିଆଡ଼େ ତାକୁ ଖାଲି ଅନ୍ଧାର ଦିଶିଲା । ସେ କ'ଣ କରିବ, କ'ଣ ନକରିବ ଭାବୁଭାବୁ, ଲମ୍ବ ହୋଇ ଜ୍ୟୋତିଷଙ୍କ ଗୋଡ଼ତଳେ ପଡ଼ିଗଲା ।

"ସାତପ୍ରାଣୀ କୁଟୁମ୍ବ ମୋ ବେକରେ ବନ୍ଧା । ମୋର କିଛି ଅସୁବିଧା ହେଲେ, ମୋ' ପିଲା ବାର ଦୁଆର ଶୁଣ୍ଢିପିଣ୍ଡା ହେବେ । ଭାସିଯିବ ମୋ' ସଂସାର । ମୋତେ ବଞ୍ଚାନ୍ତୁ ପଣ୍ଡିତେ !

ପୁଣି ଛିଣ୍ଡା, ମଇଳା, କୋଚଟ ଓ ଧରୁଧରୁ ଚିରି ଯାଉଥିବା ପୃଷ୍ଠାକୁ ଖୁବ୍ ସତର୍କତାରେ ଓଲଟାଇବାରେ ଲାଗିଥିଲେ ଜ୍ୟୋତିଷେ ।

"ତୋର ମାର୍କଦଶା ଅଛି । ବଡ଼ ସାଂଘାତିକ ବ୍ୟାପାରରେ ପୁଅ । ତୁ କ'ଣ ପାରିବୁ ଏତେ ଅର୍ଥ ଓ କଷ୍ଟ ସହ୍ୟ କରି ?"

"ପାରିବି ମୁଁ ପାରିବି । ମୋତେ କ'ଣ କ'ଣ କରିବାକୁ ହେବ ବତାନ୍ତୁ ପଣ୍ଡିତେ ।" ଚକ୍ରଧର ବ୍ୟସ୍ତ ଓ ବିବ୍ରତ ହୋଇ ପଡୁଥିଲା ।

"ଏ ବଡ଼ ସାଂଘାତିକ୍ କାର୍ଯ୍ୟ ।" ଜ୍ୟୋତିଷ ଶାସ୍ତ୍ରର ବହି ଖେଳେଇସାରି ଯାହା ତର୍ଜମା କରିଥିଲେ, ତା'ର ସାରାଂଶ ହେଲା, "ଆସାମୀ ଗୋଟାଏ ଘରେ ଚାଦର ଘୋଡ଼ାଇ ମୃତ୍ୟୁବତ୍ ପଡ଼ିରହିଥିବ ବିଛଣାରେ । ତା'ର ମୃତ୍ୟୁ ସମ୍ବାଦ ପ୍ରଥମେ ଘରେ ଜଣାଇଦିଆଯିବ । ତା'ର ସାଇପଡ଼ିଶା ଓ ବନ୍ଧୁବାନ୍ଧବଙ୍କୁ ଜଣାଇଦିଆଯିବ ।

ସମସ୍ତଙ୍କ ଭିତରେ ଗୋଟାଏ ଶୋକାକୁଳ ପରିବେଶ ସୃଷ୍ଟି କରି ଦିଆଯିବ। ସମସ୍ତଙ୍କୁ ଡକାଇ ଘରର ସଦସ୍ୟମାନେ ଦିନିକିଆ ଶୁଦ୍ଧି ହେବେ । ଆସାମୀର ସ୍ତ୍ରୀ ସିମନ୍ତରୁ ସିନ୍ଦୂର ପୋଛିଦିଆଯିବ ଏବଂ ହାତର ଶଙ୍ଖା ଭଙ୍ଗାଯିବ । ବିଧବାବେଶରେ ତାକୁ ସଜାଇଦିଆଯିବ । ସେ କୋରିବିଦାରୀ ହୋଇ କନ୍ଦାକଟା କରିବ ।

ସାନଭାଇ ଓ ଜ୍ଞାତିକୁଟୁମ୍ବଙ୍କୁ ଭୋଜିଭାତରେ ଆପ୍ୟାୟିତ କରାଯିବ ।

ଏ ସବୁକଥା ସରିଗଲା ପରେ ଆସାମୀ ପୁନର୍ବାର ଜୀବନ ପାଇଲା ପରି ଅଭିନୟ ଏମିତି କରିବ, ଯେମିତି ତାହା ଅନ୍ୟମାନଙ୍କୁ ସତ୍ୟ ବୋଲି ପ୍ରତ୍ୟୟ ହେବ । ଆସାମୀ ଘରକୁ ଯାଇ ସ୍ତ୍ରୀକୁ ଆଗ ଚମକାଇ ଦେବ । ସ୍ତ୍ରୀକୁ ସଧବା ବେଶ କରିସାରିବା ପରେ, ଦୁହେଁ ଶ୍ରୀକ୍ଷେତ୍ର ଯାଇ ଜଗନ୍ନାଥ ଓ ଲକ୍ଷ୍ମୀଙ୍କ ଦର୍ଶନ କରି ଆସିବେ ।

ଜ୍ୟୋତିଷଙ୍କ କଥା ମନଧ୍ୟାନ ଦେଇ ଶୁଣୁଥିଲା ଚକ୍ରଧର, ଯେମିତି ଶୁକମୁନି ଓ ରାଜା ପରୀକ୍ଷିତ ସମ୍ବାଦ ।

ତା' ଦେହରେ ଜୀବନ ପଶିଲା ପରି ଅନୁଭବ ହେଲା ।

ସକାଳ ପ୍ରହରରୁ ଆସି ସନ୍ଧ୍ୟା ହେଲା, ଏଇ ସବୁକଥା ବୁଝାବୁଝି କରୁକରୁ । ପେଟରେ ଭୋକ, ଦେହରେ ପୀଡ଼ା ମନରେ ଅବସାଦ ଓ ଭୟ ତାକୁ ଛଟପଟ କରୁଥିଲା ଦିନସାରା ।

କି ଯୋଗରେ ଆଜି ରାତି ପାହିଥିଲା କେଜାଣି ?

ମାଲିକ ନିର୍ଦ୍ଦେଶ ଥିଲା, ପ୍ରଥମେ ତିନି ଚାରି ଟ୍ରିପ୍ ରଗଡ଼ା ବାଲି ଧରଣୀ ସାରଙ୍କୁ ଦେବା ପାଇଁ, ତାଙ୍କର ଛାତ ପଡିବ ।

ବନ୍ୟା ଛାଡ଼ିଗଲା ପରେ ନୂଆ ଗୁଳା ତିଆରି ହେଲେ; ସେଇ ଗୁଳାରେ ଟ୍ରାକ୍ଟର ନଦୀ ପାଖରୁ ବାଲି ଆଣେ ।

ଚକ୍ରଧର ବସାରୁ ମନ ଖୁସିରେ ବାହାରୁଥିଲା । କାଲି ରାତିରେ ଘରୁ ଫୋନ୍ ଆସିଥିଲା । ଆଗକୁ ଦୀପାବଳୀ ଆସୁଛି । ସେ ଘରକୁ

ଯିବ । ଘରକୁ ଯିବାପାଇଁ ମନ ତା'ର ଉଚ୍ଛନ୍ନ ହେଉଥିଲା । ବହୁଦିନ ହେବ ଘରକୁ ଯାଇନାହିଁ ସେ । କାହିଁ ନୟାଗଡ଼ କାହିଁ ସାଲେପୁର । ପେଟ ପାଇଁ ନାଟ । ଜୀବିକା ପାଇଁ ଧାଇଁ ଥିଲା ଏତେ ଗୁଡ଼ାଏ ବାଟ ।

ଟ୍ରାକ୍ଟର ଡ୍ରାଇଭର ଭାବରେ ଭାରି ସୁନାମ ଅର୍ଜନ କରିଥିଲା ଚକ୍ରଧର । ଭଲ ଦରମା ଦେଇ ତାକୁ ମାଲିକ ରଖିଥିଲା । ପ୍ରତିମାସର ଦଶ ତାରିଖରେ ଘରକୁ ଟଙ୍କା ପଠାଇଦେଇ ନିଶ୍ଚିନ୍ତ ହୋଇଯାଉଥିଲା ସେ ।

ଖାସ୍ ତା'ର ଭଲ ସ୍ୱଭାବ ପାଇଁ ଟ୍ରାକ୍ଟର ସବୁବେଳେ କାମରେ ଲାଗୁଥିଲା । ଯାହାର ଯାହା ଦରକାର, ଯଥା- ଇଟା, ବାଲି, ଗୋଡ଼ି, ସିମେଣ୍ଟ, ରଡ୍ ଓ ପଥର, ବରାଦ ଦେଲାମାତ୍ରେ ଠିକଣା ସମୟରେ ଜିନିଷ ପହଞ୍ଚାଇ ଦେବା ଦାୟିତ୍ୱ ନିଭାଉଥିଲା ସେ । ଏତେ ଟ୍ରାକ୍ଟର ଥାଉଥାଉ ଚକ୍ରଧର ଡ୍ରାଇଭର ଥିବା ଟ୍ରାକ୍ଟରକୁ ଲୋକେ ଲୋଡ଼ୁଥିଲେ । ଖରାଦିନେ ମୁଗବୁଣା ସମୟରେ ସାରାରାତି ଉଜାଗର ରହି ବିଲରେ ହଳ କାମରେ ଲାଗୁଥିଲା ଟ୍ରାକ୍ଟର୍ । ବର୍ଷାଦିନେ ଧାନ ଚାଷ କାମରେ ତାକୁ ଫୁରସତ୍ ମିଳୁନଥିଲା । ରାତିରେ ଯେମିତି ବିଲରେ ସେ ଖାଉଥିଲା, ଦିନବେଳା ସେମିତି ବିଲରେ ମଧ୍ୟ ଖାଉଥିଲା ।

ମାଲିକ ଯେଉଁ ବାଲି ପାଇଁ ବରାଦ କରିଥିବ ଠିକ୍ ସେହି ବାଲି ହିଁ ଯୋଗେଇଦେବ । ଏପଟ ସେପଟ କଥା ନାହିଁ । ପ୍ଲାଷ୍ଟର ବାଲି, ଯୋଡଉ ବାଲି ଓ ଛାତ ପଡିବା ପାଇଁ ବାଲି ଦରକାର ତ,ଜୁଆର ସମୟରେ ନଇ ଭିତରୁ ଯେମିତି ସେ ବାଲି ଟାଣି ଆଣି ପାରୁଥିଲା । ଟ୍ରାକ୍ଟରରୁ ପାଣି ଥପଥପ୍ ହୋଇ ବହି ଚାଲିଥାଏ, ମାଲିକର ଘର ପର୍ଯ୍ୟନ୍ତ । ମାଲିକକୁ ଚକ୍ରଧର ହାରି ଗୁହାରୀ କରୁଥିଲା, "ଆଜ୍ଞା! ପୁନେଇଁ ଜୁଆର ପାଣି ବାଲିଚରକୁ ମାଡ଼ି ଆସିଲାଣି । ପାଣିରୁ ବେଲ୍‌ଚା ମାରି ବାଲି ଆଣିଲି । ତିନି ଘଣ୍ଟା ଅଧିକ ପରିଶ୍ରମ, ଆଉ ଶହେ ଟଙ୍କା ଅଧିକ ନଦେଲେ ପୋଷେଇବ ନାହିଁ?

ଚକ୍ରଧର ଉପରେ ଟ୍ରାକ୍ଟର୍ ମାଲିକର ଅଗାଧ ବିଶ୍ୱାସ ଥିଲା । ସେ ତାକୁ ଗୋଟାଏ ମୋବାଇଲ୍ ବି କିଣି ଦେଇଥିଲା । ଏଣିକି ଚକ୍ରଧର ସବୁକଥା ନିଜେ ବୁଝାବୁଝି କରୁଥିଲା । ତା'ର ଜବାବ ଟିକେ ଏକଡ ସେକଡ ହେବାର ନାହିଁ । ହଁ ମାନେ ହଁ । ନାହିଁ ମାନେ ନାହିଁ । ଚଗଲ୍ ମଗଲ୍ କଥା ନାହିଁ ।

ଧରଣୀ ସାର୍‌ଙ୍କ ଘର ପାଇଁ ସବୁ ଜିନିଷ ଯୋଗାଇ ଦେଇଥିଲା ଚକ୍ରଧର । ସାର୍, ବିଲରେ ଘର କରୁଥିବାରୁ ବଡ଼ବଡ଼ ଟ୍ରକ୍ ଯିବା କଷ୍ଟକର ହେଉଥିଲା । ତେଣୁ ଟ୍ରାକ୍ଟର ଯୋଗେ ସବୁ ଜିନିଷ ଘର ତୋଳା ହେଉଥିବା ଜାଗାକୁ ଯାଉଥିଲା ।

ଚକ୍ରଧର ବ୍ୟବହାର ଓ ସାଧୁତା ପାଇଁ ମାଲିକ ଆଗତୁରା ହଜାର ହଜାର ଟଙ୍କା ଆଡ୍‌ଭାନ୍‌ସ୍ ଆକାରରେ ତା' ଦରକାର ସମୟରେ ଦେଉଥିଲା । ସେ ତେଣୁ ପୋଷାକୁକୁର ପରି ବନ୍ଧା ହୋଇ ପଡିଥିଲା ମାଲିକ ପାଖରେ ।

ସେଦିନ କଥା ମନେ ପଡିବା କ୍ଷଣି ଭୟରେ ଶିହିରି ଉଠିଲା ସେ । ସକାଳୁ ସକାଳୁ ଟ୍ରାକ୍ଟର ଧରି ବାଲିଗଡ଼ାକୁ ବାହାରିଥିଲା ।

ସକାଳେ ଆକାଶ ଥିଲା ଶାନ୍ତ ଓ ସମାହିତ । ନିର୍ମଳ ପବନ ଧୀରେ ଧୀରେ ବହୁଥିଲା । ନରମ ଖରାକୁ ଥଣ୍ଡାପବନ ଦେହ ଓ ମନକୁ ଆଚ୍ଛନ୍ନ କରି ଦେଉଥିଲା । ଟ୍ରାକ୍ଟରରେ ଚକ୍ରଧର ଗୀତ ବାଜିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରି ଦେଇଥିଲା । ହନୁମାନ ଚାଳିଶା ବାଜିଲା ମାତ୍ରେ ତା' ଦେହ ମନ ଭକ୍ତିରେ ଗଦ୍‌ଗଦ୍ ହୋଇଯାଉଥିଲା ।

ହଠାତ୍ ଗୋଟାଏ ଛୋଟ ବଉଳଗଛକୁ ଆଖି ଚାଲିଗଲା ଚକ୍ରଧରର । ଏ କ'ଣ ସେ ଦେଖୁଛି ?

ଦୁଇଟି କାଉ ସଙ୍ଗମରେ ଲିପ୍ତ ଥିଲେ ଏମିତି ଯେ ପରସ୍ପରକୁ ଝୁଣି ଖାଉଥିଲେ, ଉତ୍ତେଜନାରେ ।

କଥାରେ ଅଛି, "ଯିଏ ଦେଖିବ କାଉ ସଙ୍ଗମ
ନିଶ୍ଚେ ହେବ ତାହାର ମରଣ ।"

ଦପ୍‌ଦପ୍ ହୋଇ ଜଳନ୍ତା ଟର୍ଚ୍ଚ ଲାଇଟ୍ ପରି ଜଳିଉଠିଲା ଚକ୍ରଧରର ଆଖି ।

ସେ ଆଖି ଫେରାଇ ଆଣିସାରିଲା ବେଳକୁ ସବୁ ଦୃଶ୍ୟ ଦେଖି ସାରିଥିଲା ।

ହଠାତ୍ ତା' ହାତ ଗୋଡ ଝିମ୍‌ଝିମ୍ ହେବାକୁ ଲାଗିଥିଲା । ଟ୍ରାକ୍ଟର ଆଉ ଇଞ୍ଚେ ବି ଆଗକୁ ଗଡ଼ିଲା ନାହିଁ । ଷ୍ଟିଅରିଂରେ ତା' ହାତ ଶୀତଳ ହେବାକୁ ଲାଗିଲା ।

ତା' ମୁଣ୍ଡ ଘୂରିଗଲା । ଆଖିରୁ ସତେ ଯେମିତି ଜୁଳୁଜୁଳିଆ ପୋକ ବାହାରି ଚାଲିଗଲା କି!

ଚକ୍ରଧର ଲୋକଙ୍କଠୁଁ ଶୁଣିଥିଲା, କାଉ ସଙ୍ଗମ ଦେଖିଥିବା ଲୋକର ଛଅ ମାସ ମଧ୍ୟରେ ମୃତ୍ୟୁଯୋଗ ସୁନିଶ୍ଚିତ ।

ସେ ଟ୍ରାକ୍ଟର ଥୋଇ ଦେଇ ଗଛମୂଳରେ ଥମ୍ କରି ବସି ପଡ଼ିଲା । ମନକୁ ଟିକେ ହାଲ୍‌କା କରିବା ପାଇଁ ଚାହୁଁଥିଲା । ନା ବେଶି ବେଶି ଓଜନିଆ ହୋଇ ଉଠୁଥିଲା ତା' ମୁଣ୍ଡ । ନା ନା ଅଶୁଭ ଘଟଣା ତା' ଭାବନା ଭିତରକୁ ଆପଣା ଛାଏଁ ପଶି ଆସୁଥିଲା, ଅଦିନ ବର୍ଷା ପବନ ପରି ।

ଅଶୁଭ ବେଳା ନ ପଡ଼ିଲେ ଏଭଳି ଦୃଶ୍ୟ କ'ଣ କା' ଆଖିରେ ପଡ଼େ ?

ସତରେ କ'ଣ ସେ ଛଅମାସ ଭିତରେ ମରିଯିବ! ତା' ହସ ଖୁସିର ସଂସାର ଉଜୁଡ଼ିଯିବ ।

କାହିଁ କେତେଦୂରରେ ଘର ଓ ତା'ର ପରିବାର । କେତେକେତେ କଥା କାଲିରାତିରେ ଭାବିଥିଲା ଆଉ ଆଜି । କାଲି ରାତି ଆଉ ଆଜି ସକାଳ ଭିତରେ କେତେ ଫରକ୍ ତା' ପାଇଁ ।

ଚକ୍ରଧର ଆଗକୁ ନ ଯାଇ ଟ୍ରାକ୍ଟର ନେଇମାଲିକ ଘରେ ପହଞ୍ଚିଗଲା ।

ମାଲିକକୁ ସବୁକଥା କହିଲାବେଳେ ସେ କାନ୍ଦିପକେଇଲା ।

ମାଲିକ  ବି ନିଜେ କେମିତି ଭୟ ପାଇଗଲା, ପିଲାଟାକୁ ସେ କେତେ ଭଲ ପାଇଥିଲା, ଯେ ତା' ଦୁଃଖରେ ସେ ବି ଦୁଃଖୀ ହୋଇଗଲା ।

ଶେଷରେ ସ୍ଥିର ହେଲା ଜ୍ୟୋତିଷଙ୍କ ସହ ପରାମର୍ଶ କରିବା ପାଇଁ । ଜ୍ୟୋତିଷଙ୍କ ପରାମର୍ଶ କ୍ରମେ ଚକ୍ରଧରର ଘରକୁ ଖବର ଗଲା । ଚକ୍ରଧରର ସ୍ତ୍ରୀ ମୁଣ୍ଡ ବାଡ଼େଇ ବାହୁନି ଉଠିଲା ।

"ପେଟ ତା' ଖଣ୍ଡକ ପାଇଁ ଘରଛାଡ଼ି କେଉଁ ରାଇଜରେ ବୁଲୁଥିଲେ ମୋ' ରଜା । ଦଇବ କାହିଁକି ତାଙ୍କୁ ଏମିତି ଦଣ୍ଡ ଦେଲା, ମୋତେ ହୀନିମାନ ବେଶରେ ସଜାଇ ଦେଲା । ମୁଁ କେମିତି ବଞ୍ଚିବି, କାହା ମୁହଁକୁ ଚାହିଁ ବଞ୍ଚିବି, ମୋତେ କିଛି ବୁଦ୍ଧିବାଟ ଦିଶୁନାହିଁ ।"

ଚକ୍ରଧରରର ସ୍ତ୍ରୀର ଛାତିଫଟା କାନ୍ଦଣା ଥିଲା, ବସୁଧାକୁ ଦୋହଲାଇ ଦେବା ପରି । ସାଇପଡ଼ିଶା ଓ ବନ୍ଧୁବାନ୍ଧବ ଏକଥା ଶୁଣି ଆସି ପହଞ୍ଚି ଯାଇଥିଲେ ଚକ୍ରଧରର ଘରେ ।

ଚାଲିଲା କାନ୍ଦବୋବାଳି ଓ ପରସ୍ପର ପ୍ରତି ସମବେଦନା ଟ୍ରାକ୍ଟର ମାଲିକ ସବୁକଥା ନିଜେ ବୁଝାବୁଝି କରୁଥିଲେ ।

ଗାଁରେ ଶୁଦ୍ଧିବାଦି ଓ ଭୋଜିଭାତ ସରିଗଲା ପରେ ସବୁକିଛି ଥଣ୍ଡା ପଡ଼ିଯାଇଥିଲା ।

କିଛିଦିନ ପରେ, ଅଚାନକ ଚକ୍ରଧର ଗାଁରେ ପହଞ୍ଚିଲା । ମୂଳରୁ ଘଟିଥିବା ଘଟଣାକୁ ଶୁଣିନଥିବା ଗାଁ ଲୋକେ ତାଟଙ୍ଗା ହୋଇ ତାକୁ ଅନେଇଥିଲେ । ଗାଁ ସାରା ହାଲ୍ଲା ହୋଇଗଲା ତା' ପହଞ୍ଚିବା ଖବର । ଗାଁ ଲୋକେ ଭିଡ଼ ଜମେଇଲେ ତା ଘରେ ।

ପିଲାମାନେ ତାଙ୍କ ବାପାଙ୍କୁ ପାଇଁ ଖୁସିରେ ଆତ୍ମହରା ହୋଇଗଲେ । ଚକ୍ରଧରର ବାପା ଓ ବୋଉ ପୁଅକୁ ଦେଖି ନୂଆ ଜୀବନ ପାଇଲା ପରି ଅନୁଭବ କଲେ ।

ଥୁଣ୍ଟା ଗଛଟି ପରି ଦେଖାଯାଉଥିବା ସ୍ତ୍ରୀକୁ ସଧବା ବେଶ କରାଇଥିଲା ସେ । ପରସ୍ପରକୁ ଧରି ଢେର ସମୟ କନ୍ଦାକଟା କରିଥିଲେ । ମାତ୍ର ଏ ଲୁହ ଦୁଃଖର ନଥିଲା, ଥିଲା ଆନନ୍ଦାଶ୍ରୁ ।

ଦୁହେଁ ପୁରୀଯାଇ ଜଗନ୍ନାଥଙ୍କ ଦର୍ଶନ କରି ଫେରିଥିଲେ । ଆଠଦିନ ପରେ ଚକ୍ରଧର ସାଲେପୁର ଫେରିଥିଲା । ମାଲିକ ତାକୁ ଦେଖି ଖୁସି ହୋଇଥିଲା ।

ତା'ପରେ ଆରମ୍ଭ ହୋଇଥିଲା ତା'ର ସେ ଚିରାଚରିତ କାର୍ଯ୍ୟ ।

ଟ୍ରାକ୍ଟର ଧରି ସେ ପାଦକୁ ବାହାରିଲା ମାତେ ତା' ପଛରେ ଛନକା ପଶୁଥିଲା । କାଉ କା' କା' ରାବିବାମାତ୍ରେ ଭୟରେ ଚକ୍ରଧର ଆଖି ବୁଜିଦେଉଥିଲା, ତା ପାଟିରୁ ବାହାରିପଡୁଥିଲା, "ହେ ଭଗବାନ !"

ମାଛୁଆତି, ସାଲେପୁର, କଟକ



# ଅନ୍ତଃସ୍ୱର

**ଡକ୍ଟର ଅଭୟ ନାୟକ**

ଅତୁଲ୍ୟ ବାବୁ ସେଦିନ ଫେରୁଫେରୁ ଡେରି ହେଲା । ଏକ ଜରୁରୀ କାମରେ ଯାଇଥିଲେ ତାଙ୍କ ଜନ୍ମମାଟିକୁ । ରାଜଧାନୀରୁ ସତୁରୀ କିଲୋମିଟର ହେବ । ଦୀର୍ଘ ରାସ୍ତା ଅତିକ୍ରମ କରି ସେ ଯେତେବେଳେ ଘରେ ପହଞ୍ଚିଲେ, ସହଧର୍ମିଣୀ ବସିଛନ୍ତି ବାଟ ଚାହିଁ । ବାଟରେ କେଉଁଠି ଅଟକି ନାହାନ୍ତି ଅତୁଲ୍ୟ ବାବୁ ।

ସନ୍ଧ୍ୟା ଛ'ଟାରେ ବାହାରି; ଗନ୍ତବ୍ୟ ସ୍ଥଳରେ ପହଞ୍ଚି ସମସ୍ତ କାର୍ଯ୍ୟ ସାରି; ପୁନଶ୍ଚ ଯେତେବେଳେ ସେ ରାଜଧାନୀକୁ ଫେରିଛନ୍ତି ଶରୀରରେ କ୍ଳାନ୍ତି ଆସିବା ସ୍ୱାଭାବିକ୍ । ସମୟ ହେଲାଣି ରାତି ବାରଟା । ଏହି କ୍ରାନ୍ତିକୁ ଅନୁମାନ କରିଛନ୍ତି ଧର୍ମପତ୍ନୀ ମିତା । ଯେହେତୁ ଅତୁଲ୍ୟ ବାବୁ ସିଆଡୁ ରାତ୍ରିଭୋଜନ ଖାଇକରି ଆସିଥିଲେ ବସ୍ତ୍ର ପାଲଟି ସିଧା ଚାଲିଲେ ଶୟନ କକ୍ଷକୁ ।

ଧର୍ମପତ୍ନୀ ମିତାଙ୍କୁ ଜଣା କେଉଁଥିରେ ଅତୁଲ୍ୟଙ୍କର ଏହି କ୍ଳାନ୍ତି ଲାଘବ ହେବ । ଗରମ ସୋରିଷ ତେଲର ଗୋଳାଟି ଧରି ପହଞ୍ଚିଥିଲେ ଖଟ ଉପରେ । ବର୍ଷା ଦିନର ଶର୍ଦ୍ଦିସାଙ୍ଗକୁ ଦୀର୍ଘ ପଥର ଯାତ୍ରାକୁ ଏହା ଅବ୍ୟର୍ଥ ଔଷଧ । ତାଛଡ଼ା ଧର୍ମପତ୍ନୀ ମିତାଙ୍କର ପାଦସେବା ତାଙ୍କୁ ଆନନ୍ଦ ଦିଏ ଆଉ ଏହି ପରିପ୍ରେକ୍ଷୀରେ ସେ ଭାବ ବିନିମୟର ସୁଯୋଗ ପାଆନ୍ତି ।

ମିତାଙ୍କର ଏହି ସେବା ଯେ କେବଳ ସ୍ୱାମୀଙ୍କ ପାଇଁ ଉଦ୍ଦିଷ୍ଟ ତାହା ଠିକ୍ ନୁହେଁ; ଏହି ସେବା ଦିଅନ୍ତି ଶାଶୂ ଚମ୍ପାଦେବୀଙ୍କୁ । ଚମ୍ପାଦେବୀଙ୍କର ବୟସ ଏବେ ହେଲାଣି ପଞ୍ଚାଅଶୀ ତଥାପି ସୁସ୍ଥ ଅଛନ୍ତି । ନିଜ କାମ ନିଜେ କରନ୍ତି; ଖାଲି ବାର୍ଦ୍ଧକ୍ୟ ହେତୁ ପାଦସେବା ଟିକେ ଲୋଡ଼ିଥାନ୍ତି । ଯାହାକୁ ଦେବାପାଇଁ ମିତା କେବେ କାର୍ପଣ୍ୟ କରିନାହାନ୍ତି ।

ମିତା ଉଚ୍ଚ ଶିକ୍ଷିତା । ଅତୁଲ୍ୟଙ୍କ ହାତ ଧରିଲା ବେଳେ ଅଧ୍ୟାପନା କରୁଥିଲେ ବଜ୍ରରାଜନଗର ମହିଳା ମହାବିଦ୍ୟାଳୟରେ । ଅତୁଲ୍ୟଙ୍କ ରାଜ୍ୟ ବାହାରକୁ ବଦଳି ତାଙ୍କର ଏହି ବୃତ୍ତିରେ ପୂର୍ଣ୍ଣଚ୍ଛେଦ ପଡିଲା । ଅତୁଲ୍ୟଙ୍କର ଗୋଟିଏ କଥା ସେ ଆଜି ପର୍ଯ୍ୟନ୍ତ ମନେ ରଖିଛନ୍ତି, "ଆମ ରେଳ ଗୋଟିଏ ଇଞ୍ଜିନ୍‌ରେ ଚାଲୁ । ଦୁଇଟା ଇଞ୍ଜିନ୍ ହେଲେ ବେଗ ବଢ଼ିଯିବ ସତ କିନ୍ତୁ ଆବେଗ ମରିଯିବ । ତୁମେ ଯେଉଁ ପାଠ ପଢ଼ିଛ ତାଙ୍କୁ ପିଲାଙ୍କ ପାଠ ପଢ଼ାରେ ଲଗାଅ; ଆଉ ପରିବାର ଭିତରେ ଆବେଗ ତା'ର କାୟା ବିସ୍ତାର କରୁ । ତାଛଡ଼ା ବେଗ ବଢ଼ିଲେ ଦୁର୍ଘଟଣାର ବି ସମ୍ଭାବନା ଅଛି... ।"

ଓଡ଼ିଆ ବିଭାଗର ଅଧ୍ୟାପିକା ବୁଝି ଯାଇଥିଲେ ଅତୁଲ୍ୟଙ୍କ ଇଙ୍ଗିତ । ଆଜି ପର୍ଯ୍ୟନ୍ତ କୌଣସି କଥାରେ ପ୍ରତିବାଦ କରିନାହାନ୍ତି ମିତା ତାଙ୍କ ଜୀବନ ଯାତ୍ରାରେ । ବୈବାହିକ ଜୀବନର ବାଇଶଟି ପାହାଚ ସେ ଏଇବର୍ଷ ଅତିକ୍ରମ କଲେ । ବାଇଶି ପାହାଚ ପରେ ଅତୁଲ୍ୟଙ୍କ ସାଙ୍ଗରେ ଯଦି ପରଂବ୍ରହ୍ମଙ୍କ ଦର୍ଶନ ହୋଇ ସାରିଲାଣି ସେଥିରେ ସେ ପ୍ରତି ପାହାଚରେ ଯେଉଁ ଆନନ୍ଦ ପାଇ ଆସିଛନ୍ତି ସେଥିରେ ସେ ଆଜି ବିଭୋର ।

ଶାଶୂଙ୍କୁ ସେବା ଦେବା ସଙ୍ଗେ ସଙ୍ଗେ ସ୍ୱାମୀ, ପିଲା, ସାଇପଡ଼ିଶା, ବନ୍ଧୁବାନ୍ଧବଙ୍କୁ ଆବେଗରେ ବାନ୍ଧି ରଖିଛନ୍ତି ମିତା । ମିତାଙ୍କୁ ଜୀବନର ସାଥି ରୂପେ ପାଇ ଅତୁଲ୍ୟ ମନେ ମନେ ନିଜକୁ ଧନ୍ୟ ମଣୁଥିଲେ ।

ମିତା ପାଦରେ ତେଲ ଲଗେଇ ସେବା ଦେଉଥିଲା ବେଳେ ଅତୁଲ୍ୟ ମପେକଉଥିଲେ ନିକଟରେ ବାହାହୋଇ ଆସିଥିବା ପୁତୁରାବୋହୂ କଥା । ବାହାଘର ପରେ ଚତୁର୍ଥୀ ଦିନ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ଜାଉ ବାଢ଼ିବା ଏକ ବିଧି । କାଳେ ଏ କଥାକୁ କିଏ ଭୁଲିଯିବ କି କ'ଣ ଅତୁଲ୍ୟ ମନେପକେଇ ଦେଇଥିଲେ । ଆଜିକାଲି ଆଧୁନିକ ଯୁଗରେ ବିବାହର ମୂଳ ବିଧିରୁ ଅନେକ ବିଧି ଅପସରି ଗଲାଣି । ଅଳ୍ପ କର୍ପୂର ଆଉ କନା ଯାହା ପଡ଼ିଛି । କେତେବେଳେ ସବୁ କର୍ପୂର ଉଡ଼ିଯାଇଥିବ ଆଉ କନା ଖାଲି ପଡ଼ିଥିବ ତାହା ସମୟ କହିବ ।

ଏଇ ନୂଆ ହୋଇ ଆସିଥିବା ବୋହୂକୁ ଡାକି ଉପଦେଶ ଦେବା ଛଳରେ ଅତୁଲ୍ୟ କହିଥିଲେ, "ମାଆଲୋ ! ତୁମେ ଏବେ ନୂତନ ଜୀବନ ଗଢ଼ିବାକୁ ଯାଉଛ; ବୈବାହିକ ଜୀବନରେ ଆମ ସଂସ୍କୃତି ଓ ପରମ୍ପରାର ପରାକାଷ୍ଠା ବିଶେଷ ଗୁରୁତ୍ୱ ରହିଛି, ସେଇଟା ଯେମିତି ଭୁଲି ନ ଯାଅ ! ଗୁରୁ, ଗୁରୁଜନମାନଙ୍କର ଆଶୀର୍ବାଦ ପାର୍ଥୀ ହୁଅ; ସେବା ମନୋବୃତ୍ତି ରଖ – ଦେଖିବ ତୁମେ ସେଇଥିରେ ପାଇବ ଅପାର ଆନନ୍ଦ ।

କିନ୍ତୁ ହେଲା କ'ଣ ? ବାହାଘରର ଷଷ୍ଠ ଦିନରେ, ସପ୍ତମଙ୍ଗଳା ଯାଇନାହିଁ ବୋହୂ ଚପଲ ପିନ୍ଧି ଦେଇପିଣ୍ଡି ଘରେ ହାଜର ଚା' ତିଆରି କରିବା ପାଇଁ ।

ଦୀର୍ଘ ନିଶ୍ୱାସ ପକଉଥିଲା ବେଳେ ମିତାଙ୍କ ପ୍ରଶ୍ନରେ ଅତୁଲ୍ୟ ହେଲେ ପ୍ରକୃତିସ୍ଥ; ଫେରି ଆସିଲେ ତାଙ୍କ ଭାବନା ରାଜ୍ୟରୁ ।

ମିତାଙ୍କର ପ୍ରଶ୍ନ, "ଆଜି କେଉଁ କାମରେ ଯାଇଥିଲ ଯେ ? ମୁଁ ଜାଣିଛି ତୁମେ ଯାଇଥିବ ମାନେ ତୁମ ସମ୍ମୁଖରେ ଅତିକମ୍‌ରେ ଚାରି/ ପାଞ୍ଚଟା କାମ ଅବଶ୍ୟ ଥିବ । ହେଲେ ସେଥିରୁ ମୁଖ୍ୟ କେଉଁଟା ?"

ଶୁଣିବ ମିତା ! ଆଜିର କଥାଟା ତ ମୁଁ ତୁମକୁ ନିଶ୍ଚୟ କହିଥାନ୍ତି କିନ୍ତୁ ଆଜି ନ କହି ଭାବୁଥିଲି କାଲି ସକାଳେ କହିଥାନ୍ତି । ହଉ ତେବେ କହୁଛି ଶୁଣ । ହେଲେ ତୁମେ ମତେ ଭୁଲ୍ ବୁଝିବନି । ଯେଉଁକଥା କହିବି ତୁମ ଭାବନାରେ ଆଘାତ ଲାଗିପାରେ ।

"ହଉ ! ଏତେ ଗୌର ଚନ୍ଦ୍ରିକା ନ ଦେଖେଇ କୁହ ମ ?" ମିତାଙ୍କର ଜିଦ୍ ।

ଅବଶ୍ୟ ମିତାଙ୍କର ପାଦସେବାରୁ ତାଙ୍କର କ୍ଳାନ୍ତି ଅନେକାଂଶରେ ଦୂର ହୋଇ ସାରିଥିଲା ।

ତକିଆ ଉପରୁ ମୁହଁ ଉଠେଇ ଅତୁଲ୍ୟ ଚାହିଁଲେ ମିତାଙ୍କୁ ଆଉ ଏକ ଉଡ଼ନ୍ତା ଚୁମ୍ବନ ଛାଡ଼ିଦେଇ କହିଲେ, "ମୋର ଆଦ୍ୟ ପ୍ରେମିକାଙ୍କ ପାଖକୁ ଯାଇଥିଲି ମିତା ।"

"ହଁ ! ତମେ ବୁଝିଲ... । ରସିକ ନାଗର ରାତି ଅଧରେ ରୁକ୍ମଣୀଙ୍କୁ ରାଧାଙ୍କ କଥା କହିବା ଆରମ୍ଭ କଲେ ।" -ମିତାଙ୍କର ଆକ୍ଷେପ ।

"ମିତା! ତୁମ ଅନୁମାନ ସତ୍ୟ ମିତା ! ସେ ରାଧା ଆଜି ବି ମୋତେ ଭଲ ପାଉଛି... ଆଉ କହୁଥିଲା ଭଲ ପାଉଥିବ ମଧ୍ୟ ।" - ଅତୁଲ୍ୟଙ୍କ କଣ୍ଠରେ ଭିନ୍ନ ଏକ ଅନ୍ତଃସ୍ୱର ।

"କୁହମ ! କେତେ ଯେ ବର୍ଣ୍ଣନା !"- ମିତାଙ୍କ କଟାକ୍ଷ ।

ଅତୁଲ୍ୟ ଆରମ୍ଭ କଲେ, "ବୁଝିଲ ମିତା ! ଆଜି ମୁଁ ଯାଇଥିଲି ଗୋଟିଏ ସଂସ୍ଥାର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ହୋଇ । ଏକ ସମବାୟ ସଂସ୍ଥା; ଗାଁର ସ୍ତ୍ରୀଲୋକମାନେ ମିଶି କରିଛନ୍ତି ଏହି ସଂସ୍ଥାଟି । ଜୀବନ ଜିଇଁବାର ବିଭିନ୍ନ ଧନ୍ଦାକୁ ଏକତ୍ରିତ କରି ସରକାରଙ୍କଠାରୁ ସାମୟିକ ଋଣ ନେଇ ଏଇ ସଂସ୍ଥାଟି ଗଢ଼ିଉଠିଛି ।

ଜିଲ୍ଲା ସଦର ମହକୁମା ଠାରୁ ଚାରି ପାଞ୍ଚ କିଲୋମିଟର ହେବ ଏଇ ଗାଁ । ନାଁଟା କାଠୁଆ ପାଟଣା । ଗାଁରଲୋକେ ବିଶେଷକରି ନିର୍ଭର କରନ୍ତି ଚାଷ ଆଉ ବ୍ୟବସାୟ ଉପରେ । ବିଲବାଡ଼ିରେ ଫଳୁଥିବା ଫସଲକୁ ନେଇ ନୂଆ ହାଟରେ ବିକି ଗୁଜୁରାଣ ମେଣ୍ଟାନ୍ତି ।

"ଏହି ସଂସ୍ଥାର ସମ୍ପାଦକ ମୋ' ପାଖରେ ପହଞ୍ଚିଥିଲେ ମୋର ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ ଜରିଆରେ । ମନାକରି ପାରିନଥିଲି । ତା'ଛଡ଼ା ଆମ ଜଗନ୍ନାଥ ସଂସ୍ଥାର କାମ ତଦାରଖ କରିବା, ସାହିତ୍ୟ ପରିଷଦର ହାଲଚାଲ ବୁଝିବା ଇତ୍ୟାଦିକୁ ମିଶାଇ ମୁଁ ସେମାନଙ୍କୁ ହଁ ଭରିଥିଲି"- ଅତୁଲ୍ୟ ସଫେଇ ଦେଉଥିଲେ ମିତାଙ୍କୁ ।

ମିତା ଭାବୁଥିଲେ ଭାରତ ସରକାରଙ୍କର ଏତେବଡ଼ ସଂସ୍ଥାର ପଦସ୍ଥ ଅଫିସର ହୋଇ ଅତୁଲ୍ୟ କେମିତି ଏତେ ଛୋଟ ସଂସ୍ଥାକୁ ମୁଖ୍ୟ ଅତିଥି ହୋଇ ଯିବାକୁ ମନ କଲେ ।

ମିତାଙ୍କର ଏହି ସନ୍ଦେହ ମୋଚନ କରିବାକୁ ଯାଇ ଅତୁଲ୍ୟ କହିଲେ, "ବୁଝିଲ ମିତା ! ତୁମେ ଯାହା ଭାବୁଥିବ ଏତେ ଛୋଟ ସଂସ୍ଥା; ମୁଁ ଅଛି ଶିକ୍ଷା ବିଭାଗରେ ଆଉ ସେ ସଂସ୍ଥାଟି ସମବାୟ ସଂସ୍ଥା - ମୁଁ କେମିତି ସେଠାକୁ ଯିବାକୁ ସହମତି ପ୍ରକାଶ କଲି ।"

ଅତୁଲ୍ୟ କହୁଥିଲେ, "ବୁଝିଲ ମିତା ! ଦୁଇଟା କାରଣ ପାଇଁ ମୁଁ ସେଠାକୁ ଯାଇଥିଲି । ପ୍ରଥମଟି ହେଲା- ସଂସ୍ଥାଟି ଆମ ଗାଁ ପାଖର । ଆମ ଗାଁ ଠାରୁ ମାତ୍ର ପାଞ୍ଚ କିଲୋମିଟର ହେବ; ସେଇ ଗାଁର ଅଧିକାଂଶ ଲୋକ ମତେ ଜାଣନ୍ତି । ଦ୍ୱିତୀୟଟି ହେଲା, ଅର୍ଥନୀତିରେ ପିଏଚ୍.ଡି. ପାଇଲା ପରେ ଏକ ମାଇକ୍ରୋ ସଂସ୍ଥା କେମିତି ଆତ୍ମନିର୍ଭରଶୀଳ ହୋଇଛି ତାହା ଦେଖିବା ମୋର ଲକ୍ଷ୍ୟ ଥିଲା ।" ଏହା ଥିଲା ଅତୁଲ୍ୟଙ୍କ ମିତାଙ୍କ ସମ୍ମୁଖରେ ଦେଇଥିବା ସଫେଇ ।

କିଛି ସମୟ ନିରବତା ପରେ ଅତି ଗମ୍ଭୀର ହୋଇ ଅତୁଲ୍ୟ କହିଲେ, "ବୁଝିଲ ମିତା ! ତୃତୀୟ କାରଣଟା ଯେଉଁଟା ସବୁଠୁଁ ବଳିଷ୍ଠ ବୋଲି ମୋର ଏବେ ହୃଦ୍‌ବୋଧ ହେଉଛି ତାହା ମୁଁ ଜାଣିଲି ଆଜି - ଯେତେବେଳେ ମୁଁ ସେଠାରେ ପହଞ୍ଚିଲି ଆଉ ମୋର ତା ସଙ୍ଗେ ଦେଖା ହେଲା ।"

କଥାର ଗଭୀରତାକୁ ମାପିବାକୁ ଯାଇ ମିତାର ପ୍ରଶ୍ନ, "କିଏ ସେ ! କାହା ସଙ୍ଗେ ଦେଖା ହେଲା ?"

"ତୁମରି ପରି ନାରୀଟିଏ ହେଲେ ମହୀୟସୀ ସେ । ନାଁ ତା'ର କଲ୍ୟାଣୀ । ସତେ ଯେମିତି ସମସ୍ତଙ୍କର କଲ୍ୟାଣ କରିବାକୁ ସେ ଜନ୍ମ ନେଇଥିଲା ଆମ ଗାଁ ମାଟିରେ ।" ଦୀର୍ଘ ନିଶ୍ୱାସ ପକାଇ ଅତୁଲ୍ୟ କହିଲେ ।

"ଇଏ ତୁମର ଆଉ ଏକ ପ୍ରେମିକା ବୋଧେ ?" ମିତାର ପ୍ରଶ୍ନ ।

ଅତୁଲ୍ୟ କହୁଥିଲେ, "ବୁଝିଲ ମିତା ! କୃଷ୍ଣ ଯେମିତି ଅଷ୍ଟପାଟବଂଶୀଙ୍କ ସଙ୍ଗରେ ରହି ଭୁଲିଗଲେ ଗୋପାଙ୍ଗନା ମାନଙ୍କୁ, ବାଲ୍ୟ ସାଥୀମାନଙ୍କୁ - ଆଜି ମୋର ଅବସ୍ଥା ଠିକ୍ ସେମିତି । କୃଷ୍ଣ ଦ୍ୱାରକାରେ ପହଞ୍ଚି ଭୁଲି ଯାଇଥିଲେ ଗୋପପୁରକୁ ଗୋପ ଲଳନାଙ୍କୁ; ହେଲେ ସେଇ ଗୋପାଳୁଣୀ କ'ଣ ଭୁଲିଥିଲେ ତାଙ୍କର ପ୍ରିୟତମ ଶ୍ରୀକୃଷ୍ଣଙ୍କୁ ଶେଷ ଜୀବନ ପର୍ଯ୍ୟନ୍ତ । ନାଁ ।"

ସେମିତି କଲ୍ୟାଣୀ ଭୁଲି ନାହିଁ ଅତୁଲ୍ୟକୁ । କଲ୍ୟାଣୀ ଏହି ସଂସ୍ଥାର ସଭାପତି । କଲ୍ୟାଣ କରି ଚାଲିଛି ଗାଁର ତିନି ଶହରୁ ଅଧିକ ଗ୍ରାମର ମହିଳାମାନଙ୍କର । ସମସ୍ତଙ୍କୁ ଏକଜୁଟ୍ କରି ସଂସ୍ଥା ମାଧ୍ୟମରେ ଦେଇଛି ଜୀବିକା । କିଏ ମେଣ୍ଢା ପାଳିଛି ତ କିଏ ଆଚାର ତିଆରି କରୁଛି, କିଏ ଝାଡୁ ତିଆରି କରୁଛି ତ କିଏ ପାଁପୋଛ... ଏମିତି ଅନେକ ଜୀବିକା । ଏକତାର ବଳକୁ ସେମାନେ ପ୍ରମାଣିତ କରିଛନ୍ତି । ଏହାର ମଙ୍ଗ ଧରିଛି ମୋର ସହପାଠିନୀ କଲ୍ୟାଣୀ ।

ପିଲା ଦିନର ସେଇ ଗୁମସୁମ୍ ଝିଅ କଲ୍ୟାଣୀ ଆଜି ପ୍ରଗଳ୍ଭା । ନିଜକୁ ସବୁବେଳେ ପଛରେ ରଖୁଥିବା କଲ୍ୟାଣୀ ଆଜି ସମସ୍ତଙ୍କ ଆଗରେ । ଆଶ୍ଚର୍ଯ୍ୟ ହେଉଥିଲେ ଅତୁଲ୍ୟ ।

ସଂସ୍ଥାର ସମ୍ପାଦିକା ଯିଏ ଆମକୁ ନିମନ୍ତ୍ରଣ ପତ୍ର ଦେବାକୁ ଆସିଥିଲେ ସେ ଆମକୁ ଗେଟ୍ ପାଖରୁ ପାଛୋଟି ନେଲେ ଆଉ ପରିଚୟ କରାଇଲେ ସଭାପତି ଶ୍ରୀମତୀ କଲ୍ୟାଣୀ ଦେବୀଙ୍କ ସଙ୍ଗେ । ପରିଚୟ ଅବସରରେ ଅତୁଲ୍ୟ ଆଶ୍ଚର୍ଯ୍ୟ ହୋଇ ଚାହିଁଥିଲେ କଲ୍ୟାଣୀଙ୍କୁ ଆଉ କଲ୍ୟାଣୀ ବି ଅତୁଲ୍ୟଙ୍କୁ ।

କଲ୍ୟାଣୀ କହୁଥିଲେ, "ମ୍ୟାଡ଼ାମ୍ ! ଆପଣ କାହାର ସଙ୍ଗେ ମୋର ପରିଚୟ କରାଉଛନ୍ତି ! ତାଙ୍କ ସଙ୍ଗେ ତ ମୋର ପରିଚୟ ପିଲା ଦିନରୁ ।"

ଅବାକ୍ ହେଲେ ସମ୍ପାଦିକା । ତାଙ୍କର ପ୍ରଶ୍ନୀଳ ଆଖି ଚାହୁଁଥିଲା କ୍ଷଣେ ଅତୁଲ୍ୟଙ୍କୁ ଆଉ କ୍ଷଣେ କଲ୍ୟାଣୀଙ୍କ ।

ସମ୍ପାଦିକା ପ୍ରଶ୍ନ କଲେ, "ହେଲେ ମ୍ୟାଡ଼ାମ୍ ! ଆପଣ ତ କେବେ କହିନାହାନ୍ତି ଏମିତି ଜଣେ ମହାନ୍ ବ୍ୟକ୍ତିତ୍ୱ ଆପଣଙ୍କର ପରିଚିତ ।"

କଲ୍ୟାଣୀ କହୁଥିଲେ, "ଏଇ ଦିନକୁ ତ ଅପେକ୍ଷା ଥିଲା । ତା ଛଡ଼ା ସିଏ କାହାପାଇଁ ମହାନ୍ ବ୍ୟକ୍ତିତ୍ୱ ହୋଇଥାଉ ପାରନ୍ତି କିନ୍ତୁ ସେ ତ

ଗୋପପୁରର 'କାହ୍ନା' - ଆମ ଗାଁ ପୁଅ କୁନା; ମୋର ସହପାଠୀ । ଗୋପପୁରର କଳାକାହ୍ନୁ ହେଲେ ଦ୍ୱାରକାଧିଶ କିନ୍ତୁ ସେ ଗୋପୀଗଣଙ୍କ ପାଖରେ ଥିଲେ ତାଙ୍କ ଆଦରର କାଳିଆ କାହ୍ନୁ ।

କାଲିପରି ଲାଗୁଛି କଲ୍ୟାଣୀ ଓ ଅତୁଲ୍ୟ ସାଙ୍ଗ ହୋଇ ପଢୁଛନ୍ତି ବଟ ବିହାରୀ ୟୁ.ପି. ସ୍କୁଲରେ; ଡିଗି ହୁଡ଼ା ଉପରେ, ବର ଡାଳରେ କେତେ କେତେ ଖେଳ- ବୋହୂଚୋରି, ରୁମାଲ ଚୋରି, ଚୋର ପୁଲିସ୍ ଇତ୍ୟାଦି ଅନେକ । ପିଲାଦିନେ କଲ୍ୟାଣୀ ଥିଲା ଅତି ସୁନ୍ଦର ଏବଂ ଶାନ୍ତଶୀଳା । ଅତୁଲ୍ୟ ଯେବେ ଦେଖେ କଲ୍ୟାଣୀକୁ ଭାବେ - ଇଏ ଦେବ କନ୍ୟାଟିଏ; ଏତେ ନୀରବ ସତେ ଯେମିତି ସବୁବେଳେ ଧ୍ୟାନ ମୁଦ୍ରାରେ, ଗୋଟିଏ ଚାଉଳରେ ଗଢ଼ା, ଚମ୍ପାଫୁଲ ପରି ଗୋରା, କୁଞ୍ଚ କୁଞ୍ଚିଆ ଗୋଛାଏ ବାଳ । ଅତି ସୁନ୍ଦର ଦିଶୁଥିଲା କଲ୍ୟାଣୀ ।

କ୍ଲାସ୍‌ରେ ପ୍ରଥମ ହେଉଥିଲେ ଅତୁଲ୍ୟ । କିନ୍ତୁ ଭଲ ପଢ଼େନାହିଁ ବୋଲି କଲ୍ୟାଣୀକୁ ବେଳେ ବେଳେ ଦଣ୍ଡ ଭୋଗିବାକୁ ପଡ଼େ । କଲ୍ୟାଣୀ ପ୍ରତି ମନରେ ଅନେକ ଦରଦ ଥିଲା ଅତୁଲ୍ୟଙ୍କର । ବେଳେ ବେଳେ ଅତୁଲ୍ୟ ତାଙ୍କୁ ପାଠ କହିଦିଏ ।  କଲ୍ୟାଣୀ ସବୁ ବୁଝିଲା ପରି ମୁଣ୍ଡ ଟୁଙ୍ଗାରେ କିନ୍ତୁ ସାର୍ ପଚାରିଲା ବେଳକୁ କିଛି କହିପାରେ ନାହିଁ । ସେତେବେଳେ କ'ଣ ଯେ ତା'ର ହୋଇଯାଏ ?

କଲ୍ୟାଣୀ ଉପରେ ବେତ ପାହାର ବସିଲା ବେଳେ ଅତୁଲ୍ୟ ଅନୁଭବ କରନ୍ତି ସତେଯେମିତି ସେ ମାଡ଼ ତାଙ୍କ ଉପରେ ଲାଗୁଛି । କିଛି ସମୟ ପୂର୍ବରୁ ପାଠଟା କହିଥିଲି ଅଥଚ... । ମାଡ଼ଖାଇ ସାରିଲା ପରେ କଲ୍ୟାଣୀ ସିଟ୍‌କୁ ଫେରି ଆସି ଅତୁଲ୍ୟଙ୍କ ଆଡ଼କୁ ବିକଳ ହୋଇ ଅନାଏ । କଲ୍ୟାଣୀର ସେଇ ଲୁହଭିଜା ଆଖି କଥା ମନେ ପଡ଼ିଲେ ଦେହରେ ଶୀହରଣ ଖେଳିଯାଏ ।

ଖେଳଛୁଟି ହେଲେ ଅତୁଲ୍ୟ କଲ୍ୟାଣୀକୁ ଡାକେ ବରଗଛ ତଳେ ବସିବା ପାଇଁ । ଅତୁଲ୍ୟ ତାକୁ ଅନେକ ବୁଝାଏ । ଅତୁଲ୍ୟଙ୍କ କଥାରେ ଥାଏ ଯାଦୁ । କଲ୍ୟାଣୀ ହସେ ଆଉ ଅତୁଲ୍ୟକୁ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ଘରୁ ଆଣିଥିବା ବର କୋଳି, କଷି କାକୁଡ଼ି ଇତ୍ୟାଦି ଦେଇ ଆପ୍ୟାୟିତ କରେ ।

ବୋହୂଚୋରି ଖେଳରେ ଯେତେବେଳେ କଲ୍ୟାଣୀ ବୋହୂ ସାଜୁଥିଲା ମୋତେ ହିଁ ସୁଯୋଗ ମିଳିଥିଲା ଅନେକ ଥର ବୋହୂକୁ ଚୋରି କରିବା ପାଇଁ । ସେହି କଲ୍ୟାଣୀ ଆଜି ସାଜିଛି ଆଉ କାହାର ବୋହୂ; ଏଇ କାଠିଆ ପଡ଼ା ଗାଁର ବୋହୂ; ଧରିଛି ମଙ୍ଗ ଏତେ ବଡ଼ ସଂସ୍ଥାର ।

କଲ୍ୟାଣୀ ତା'ର ମିଠା ମିଠା କଥାରେ ଅତୁଲ୍ୟ ବିଷୟରେ ତା ମୁହଁରୁ ଶୁଣିବାକୁ ଭଲ ପାଉଥିଲା- ଅତୁଲ୍ୟ କେମିତି ଅଛି; କେଉଁଠି ଅଛି, କି ଚାକିରି କରିଛି - ସବୁ ଖବର ରଖିଛି କଲ୍ୟାଣୀ । ହେଲେ କଲ୍ୟାଣୀ ବିଷୟରେ କିଛି ବି ଖବର ରଖି ନ ଥିଲା ଅତୁଲ୍ୟ ।

ସେଦିନ ଶ୍ରୀକୃଷ୍ଣ ଅକ୍ରୁରଙ୍କ ସଙ୍ଗେ ଗଲାବେଳେ କଥା ଦେଲେ 'ଚାରିଦିନେ ଫେରି ଆସିବେ' । କିନ୍ତୁ ଆସିଥିଲେ କି ? ଗୋପୀମାନେ ତାଙ୍କୁ ହୃଦୟର ଶଙ୍ଖାଳି କରିଥିଲେ ହେଲେ ଶ୍ରୀକୃଷ୍ଣ ଗୋପୀଙ୍କ ବିଷୟରେ ଖବର ରଖିଥିଲେ କି ? ନା, ଠିକ୍ ସେମିତି ଆଜି ଅତୁଲ୍ୟ ଓ କଲ୍ୟାଣୀର କଥା ।

କଲ୍ୟାଣୀ ସପ୍ତମ ପାଶ୍ ପରେ ଆଉ ପଢ଼ି ନ ଥିଲା । ବାପା ତାଙ୍କର ପାଲାରେ ପାଳିଆ କାମ କରୁଥିଲେ ଆଉ ଅଳ୍ପ ଯାହା ଚାଷ ଥିଲା । ବାପାଙ୍କ ପାଖରେ ପଇସା ନଥିଲା ଝିଅ ଶିକ୍ଷାକୁ ଆଗକୁ ନେବାକୁ । ତାଛଡ଼ା କଲ୍ୟାଣୀ ବି ଭଲ ପଢୁ ନ ଥିଲା । ବୈରାଗୀ ମଉସା କଲ୍ୟାଣୀର ବିବାହ କରିଦେଲେ ଯେତେବେଳେ ଅତୁଲ୍ୟ କଲେଜରେ ପାଦ ଦେଲେ । ଅତୁଲ୍ୟଙ୍କ ପାଦ ଶିକ୍ଷା କ୍ଷେତ୍ରରେ ଆଗକୁ ମାଡ଼ି ଚାଲୁଥିଲା ବେଳେ କଲ୍ୟାଣୀ ପାଦ ଥାପିଥିଲା ସରୋଜଙ୍କ ସଙ୍ଗେ - ଜୀବନର ସାଥିଟିଏ ହୋଇ । ଅଗ୍ନିକୁ ସାକ୍ଷୀ ରଖି କଲ୍ୟାଣୀ କଥା ଦେଲା ପାଦରେ ପାଦ ମିଶାଇ ଚାଲିବା ପାଇଁ । ଆଜି ସେଇପାଦ ତିନିଶହ ଅଣପଢ଼ ମହିଳାଙ୍କର ସହାୟ ହୋଇଛି । କଲ୍ୟାଣୀର ପାଦରେ ମିଶିଛି ଆଉ ତିନିଶହ ପାଦ - ଆଗକୁ ଚାଲିଛି ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟକ୍ରମ । ଯେଉଁ ସଂସ୍ଥାର ବାର୍ଷିକ ଉତ୍ସବରେ ଅତୁଲ୍ୟ ଆଜି ମୁଖ୍ୟ ଅତିଥି ।

ଅତୁଲ୍ୟକୁ ମୁଖ୍ୟ ଅତିଥି କରି ଡାକିବା ପଛରେ ହାତ ଥିଲା କଲ୍ୟାଣୀର- କିନ୍ତୁ ଏହା ଜଣା ନଥିଲା କାହାକୁ କେବଳ ତାକୁ ଛାଡ଼ି । କାରଣ ସମସ୍ତଙ୍କ ଅଜାଣତରେ ସେ ସହପାଠୀ ରବୀନ୍ଦ୍ରଙ୍କୁ ଅନୁରୋଧ କରିଥିଲା ଅତୁଲ୍ୟ ସାଙ୍ଗେ କଥା ହୋଇ ଦିନ ଠିକ୍ କରିବା ପାଇଁ । ଅତୁଲ୍ୟ ଭାରତ ସରକାରଙ୍କ ଏକ ସୁନାମଧନ୍ୟ ସଂସ୍ଥାର ମୁଖ୍ୟ ପ୍ରଶାସନିକ ଅଧିକାରୀ । ତେଣୁ କଲ୍ୟାଣୀ ଅନୁରୋଧ କରିଥିଲା ରବୀନ୍ଦ୍ରଙ୍କୁ ଯେ, ଯେପରି ଅତୁଲ୍ୟ ନ ଜାଣନ୍ତି ଯେ, ସେ ଆସୁଛନ୍ତି ସେହି ସଂସ୍ଥାକୁ ଯେଉଁଠି କଲ୍ୟାଣୀ ସଭାପତି ।

ସଭାକାର୍ଯ୍ୟ ଚାଲିଥିଲା ସୁରୁଖୁରୁରେ । ଅତୁଲ୍ୟ ଲକ୍ଷ୍ୟ କରୁଥିଲେ ପାଟିରୁ ପଦେ କଥା ବାହାରୁ ନ ଥିବା କଲ୍ୟାଣୀ ଆଜି ପ୍ରଗଲ୍ଭା । ତା ବାଗ୍ମୀତା ପାଖରେ ମୁଣ୍ଡ ନୁଆଁଉ ଥିଲେ ଅତୁଲ୍ୟ ।

ଯଦି ଏମିତି ପାଟି ଖୋଲି ସେଦିନ କଲ୍ୟାଣୀ କହିଥାନ୍ତା - "ଅତୁଲ୍ୟ ମୁଁ ତୁମକୁ ଭଲପାଏ", ତେବେ ହୁଏତ ଅତୁଲ୍ୟଙ୍କ ପାଦ ମହାବିଦ୍ୟାଳୟକୁ ନଯାଇ ସାମିଲ ହୋଇ ଚାଲିଥାନ୍ତା କଲ୍ୟାଣୀ ସାଙ୍ଗରେ । ଏମିତି ସଂସ୍ଥା ସୃଷ୍ଟି ହୋଇଥାନ୍ତା ଅନେକ କଲ୍ୟାଣୀର ଇଚ୍ଛାରେ କାରଣ ତା'ର ସେଇ ଗୋଟିଏ ଲକ୍ଷ୍ୟ - ସେ କରିବ ଅନ୍ୟର କଲ୍ୟାଣ; ଆଉ ଯଥାର୍ଥ କରିବ ତା'ର ନାମକୁ ।

ଯଦି ତା ନାଁ ସାଙ୍ଗରେ ଅତୁଲ୍ୟର ନାମ ଯୋଡ଼ି ହୋଇଥାନ୍ତା ସମ୍ଭବତଃ କଲ୍ୟାଣୀ ହୋଇଥାନ୍ତା ଅତୁଳନୀୟ । ତାହା ସଙ୍ଗେ ତୁଳନା କରିବାକୁ ଆଉ କେହି ନଥାନ୍ତେ । ସେ ହୋଇଥାନ୍ତା ଅତୁଲ୍ୟ କଲ୍ୟାଣୀ ।

କିନ୍ତୁ ବିଧିର ବିଧାନ ତ ବିଚିତ୍ର ନାଁ । ମଣିଷ ସ୍ୱପ୍ନ ଦେଖେ - ସେଥିରୁ କେତେକ ସଫଳ ହୁଏ ଆଉ କେତେକ ସେମିତି ରହିଯାଆନ୍ତି ସ୍ୱପ୍ନରେ ।

କଲ୍ୟାଣୀର ପୁଅ ଏବେ ଇଞ୍ଜିନିୟର । ଅତୁଲ୍ୟଙ୍କ ପିଲାଙ୍କ ଠାରୁ ଢେର ବଡ଼ । ଦଶ ବର୍ଷ ପରେ ହିଁ ଅତୁଲ୍ୟ ବିବାହ କଲେ ଯେତେବେଳକୁ କଲ୍ୟାଣୀର ପିଲାମାନେ ସ୍କୁଲରେ ଚତୁର୍ଥ/ପଞ୍ଚମରେ ପଢୁଥିଲେ । ହେଲେ କଲ୍ୟାଣୀର ପୁଅ ରୋଜଗାର ପ୍ରତି ନାହିଁ ଲୋଭ; ନିର୍ଭରଶୀଳତା । ସେ ଆଜି ସ୍ୱାବଲମ୍ବନଶୀଳା । ତତ୍ ସଙ୍ଗେ ସଙ୍ଗେ ଗାଁର ଅନେକ ମହିଳାଙ୍କୁ ଚଖେଇଛନ୍ତି ସେହି ସ୍ୱାଦ ।

ଧନ୍ୟ ତୁମେ କଲ୍ୟାଣୀ । କଲ୍ୟାଣରେ ତୁମେ ଅତୁଲ୍ୟକୁ ପିଲାଦିନେ କରିଥିଲ ନିଜର; କିନ୍ତୁ ଆଜି ଗାଁର ତିନିଶହ ମହିଳାଙ୍କ ଆଶୀର୍ବାଦରେ ତୁମେ କଲ୍ୟାଣମୟୀ ସାଜିଛ ।

ଅତୁଲ୍ୟ ଯେତେବେଳେ ମଞ୍ଚରେ ଭାଷଣ ଦେବାକୁ ଛିଡ଼ା ହେଲେ କ'ଣ କହିବେ କିଛି ଚିନ୍ତା କରିପାରୁ ନଥିଲେ । ଅର୍ଥନୀତିର ଗବେଷକ, ପ୍ରଶାସନର ମୁଖ୍ୟ କ'ଣ କହିବ – କହିବ ସ୍ୱୟଂ ସହାୟକ ଗୋଷ୍ଠୀର ଅର୍ଥନୀତିରେ ପ୍ରଭାବ ନା ତା'ର ପ୍ରଶାସନିକ ବ୍ୟବସ୍ଥା କଥା । କିନ୍ତୁ ସେଦିନ କେମିତି କେଜାଣି ଅତୁଲ୍ୟ ହୋଇଯାଇଥିଲେ କବିଟିଏ । ସୃଜନଶୀଳତା ଆସିଥିଲା ଅତୁଲ୍ୟଙ୍କ ବକ୍ତବ୍ୟରେ – ସେ ଖାଲି ବର୍ଣ୍ଣନା କରିଚାଲିଥିଲେ ଗୋଟିଏ ବ୍ୟକ୍ତିତ୍ୱକୁ ଯାହା ଦିନେ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ କହିଥିଲେ ଗୋଟିଏ ଚରିତ୍ରର କଥା – ଆହ୍ଲାଦିନ ଶକ୍ତିଙ୍କର କଥା; ରାଧାଙ୍କର କଥା ।

ମଞ୍ଚରୁ ଓହ୍ଲାଇଲା ପରେ କଲ୍ୟାଣୀ ଦିଶୁଥିଲା ଅତ ପ୍ରସନ୍ନ । ଅତୁଲ୍ୟ ବି ଶତଗୁଣରେ ଦୀପ୍ତିମନ୍ତ । ଦୁହେଁ ପରସ୍ପରକୁ ଚାହୁଁଥିଲେ । ଏକ ଅହେତୁକ ଭାବନାରେ । ଅନ୍ତର୍ଯାମୀ ଶ୍ରୀକୃଷ୍ଣ ଯେମିତି ଜାଣିପାରୁଥିଲେ ଆଉ ଭାବୁଥିଲେ କଲ୍ୟାଣୀ ଆଉ କାହାର ହୋଇ ପାରେନା – ସେ କେବଳ ଅତୁଲ୍ୟର । ରାଧା ଚନ୍ଦ୍ରସେଣଙ୍କ ଘରେ ଥିଲେ ବି ସେ ଅନ୍ତରରେ ଥିଲେ କୃଷ୍ଣଙ୍କ ପାଖରେ । ଏ ଦୁନିଆରେ କେଉଁ ଶକ୍ତି ଅଛି ଯେ ରାଧାଙ୍କୁ ଶ୍ରୀକୃଷ୍ଣଙ୍କ ପାଖରୁ ଅଲଗା କରିନେବ ?

ଅତୁଲ୍ୟ ବିଦାୟ ନେଉଥିଲେ କଲ୍ୟାଣୀ ସମେତ ସମସ୍ତ କର୍ମକର୍ତ୍ତାଙ୍କ ଠାରୁ । ଫେରି ଆସିଥିଲେ ରାଜଧାନୀକୁ, କିନ୍ତୁ ଆତ୍ମା ତାଙ୍କର ରହିଯାଇଥିଲା କଲ୍ୟାଣୀ ପାଖରେ ।

କଲ୍ୟାଣୀର ଏହି କାହାଣୀ ଶୁଣୁ ଶୁଣୁ ମିତାଙ୍କ ଆଖିକୁ ଆସି ଯାଇଥିଲା ତନ୍ଦ୍ରା । ରାତି ସେତେବେଳକୁ ଗୋଟାଏରୁ ଅଧିକ ହୋଇ ସାରିଥିଲା । ଆଲୋକ ନିର୍ବାପିତ କରି ମିତା ମୁଣ୍ଡ ଗୁଞ୍ଜିଲେ ଅତୁଲ୍ୟଙ୍କ କୋଳରେ ।

ମିତା ଭାବୁଥିଲେ ଅତୁଲ୍ୟ ଅଛନ୍ତି ମୋ' ମନ ଓ ପ୍ରାଣରେ । କିନ୍ତୁ ଅତୁଲ୍ୟ ଶରୀର ଥିଲା ମିତାଙ୍କ ପାଖରେ ଆଉ ମନ ଥିଲା କଲ୍ୟାଣୀ ପାଖରେ ।

ଛାଇ ନିଦ ଆସିଯାଇଥିଲା ଅତୁଲ୍ୟ ଆଖିରେ । ମିତା ଲକ୍ଷ୍ୟ କରୁଥିଲେ ଅତୁଲ୍ୟଙ୍କୁ ଆଉ ଶୁଣୁଥିଲେ ଅତୁଲ୍ୟଙ୍କ ଅନ୍ତଃସ୍ୱର । ଅତୁଲ୍ୟ ବିଳିବିଳେଇ କହୁଛନ୍ତି, "କଲ୍ୟାଣୀ... କଲ୍ୟାଣୀ... କଲ୍ୟାଣୀ... !"

●●


POWER HOUSE

DISTRIBUTOR

LUMINOUS, EXIDE, AMCO

MADHUPATNA, SAMRAT HALL, CUTTACK
RAM MANDIR ROAD, PHULBANI
MAIN ROAD, NAYAGARH
MOB. : 94371 24943



# ମୃତଦେହ

**ଅମରେଶ ବିଶ୍ୱାଳ**

॥ ୧ ॥

ଖରାଦିନିଆ ଖରାବେଳ ପରି ସାରା ଗାଁରେ ଖାଁ ଖାଁ ପରିବେଶ । ଗହଳ ଚହଳ ଗାଁ ଗୋଠ ନିଶୂନ ଅନ୍ଧାରିଆ ରାତି ପରି ଚୁପ୍‌ଚାପ୍ । ମନ୍ଦିର ପାଖ ପ୍ରାଥମିକ ବିଦ୍ୟାଳୟରେ ପିଲାଏ ବି ବେଶୀ ପାଟିତୁଣ୍ଡ କରୁନାହାନ୍ତି । କ୍ଲାସ୍ ଛାଡ଼ି ରାଜନୀତି କରୁଥିବା ମାଷ୍ଟ୍ରମାନଙ୍କୁ ଦୁଇଦିନ ହେଲା ଚଉପାଢ଼ିରେ ଆଉ ଦେଖିବାକୁ ମିଳୁନାହିଁ । ଠୁକା ଦୋକାନ ବନ୍ଦ । ଗୋଠ ଚାନ୍ଦିନୀ ଉପରେ ସବୁଦିନ ଖରାବେଳେ ଜମୁଥିବା ତାସ୍ ପାଲି ବି ଆଉ ପଡୁନାହିଁ । ଏମିତିକା ପରିବେଶ ସହିତ ଗାଁ ଲୋକେ କେହି ଅଭ୍ୟସ୍ତ ନଥିଲେ ।

ବିନଭାଇ କହିଲା– 'କାହିଁ କେଉଁକାଳୁ ଏମିତି ଅଖାଡୁଆ ଅବାଗିଆ ସମିୟ ଆସିନଥିଲା । ଯୋଉଥର ରଘୁଆ ବୁଢ଼ା ମରିଥିଲା, ସେତିକିବେଳେ ଗାଁରେ ତାଟିକବାଟ ପଡ଼ିଯାଇଥିଲା । ଆମେସବୁ ଛୁଆ ହେଇଥିନୁ... ସଂଜିଆ ହେନେ ବୋଉ ଆମୁକୁ ଘରେ ପୂରେଇ କବାଟ କିଳିଦଉଥିଲା । ସୁବୁନି ନାନୀ ଥରେ ହାତ ଧୋଇବାକୁ ବାଡ଼ିପଟ ମାଠିଆ ପାଖୁକୁ ପଳେଇଥିଲା ଯେ ତାକୁ ଜର ହେଲା । ସମସ୍ତେ କୁହାକୁହି ହେଉଥିଲେ, ବୁଢ଼ାଟାକୁ କିଏ ଗୁଣି କରି ମାରିଦେଇଚି । ସେବେଠୁ ଏ ଗାଁ କେବେ ଏତେ ଚୁପ୍ ରହିନଥିଲା ।'

ରାଉତ ଘର ଖୁଡ଼ି କଥା ଯୋଡ଼ିଲେ– 'କଳିଯୁଗ ସରିଆସିଲାଣି । ଏ ଅଳପେଇସେ ଯେମିତି ଅନିଆୟ ସବୁ କରୁଛନ୍ତି... ଗାଁକୁ କାଳ ପଡ଼ିଗଲା ବୋଲି ଜାଣ... ରଘୁଆ ବୁଢ଼ା କମି ଅନୀତି କରୁଥିଲା ନା କ'ଣ... ଝିଅବୋହୂଙ୍କୁ ବାଟରେ ଚଲେଇଦେଉ ନଥିଲା ପା... ହରିଜନଙ୍କ ଛାଇ ପଇଲେ ବୁଢ଼ା ଗାଧେଇ ଦୋଉଡ଼ିବ... ଛିଆ ଛିଆ... ଶେଷରେ କ'ଣ ହେଲା ଦେଖିଲୁ... କିଏ ବାଣ ପେଷିଦେଲା ଯେ... ଖତମ...'

॥ ୨ ॥

ସମସ୍ତଙ୍କ ଅପେକ୍ଷା ଥିଲା ସୁରଟରୁ ଆସିବାକୁ ଥିବା ଆମ୍ବୁଲାନ୍ସକୁ । ରମେଶ ପଚାରିଲା– 'ସୁରଟଟା କୋଉଠି କିଲୋ ଦାଦି ? ଆମେରିକାରେ ?'

ରମେଶ ଶଙ୍କର୍ଷଣର ସ୍କୁଲ୍ ବେଳ ସାଙ୍ଗ । ପଞ୍ଚମ ଶ୍ରେଣୀରୁ ବେଗ୍ ବସ୍ତାନୀ ବାନ୍ଧି ଛେଳିଚରାରେ ମନ ଦେଲା । କିନ୍ତୁ ଶଙ୍କର୍ଷଣ ସୁରଟ ଯିବା ପର୍ଯ୍ୟନ୍ତ ତା ସାଙ୍ଗରେ ଦୈନିକ ତାସ୍ ଖେଳୁଥିଲା । ସୁରଟ କେଉଁଠି ସେ ଜାଣି ନଥିଲା ।

ଦାଦି କହିଲା– 'ନା ଚନ୍ଦ୍ରପୃଷ୍ଠରେ... ଶଳା ମୂର୍ଖ କାହାଁକା... ଘର ବୁଡ଼ି ପାଣି ଆଣ୍ଠୁଏ ହେଲାଣି... ଇଏ ଶଳା ଆମେରିକା ଦେଖୋଉଚି...'

ଦୁଇଦିନ ହେଲାଣି, କିନ୍ତୁ ଆମ୍ବୁଲାନ୍ସ ଆସୁନଥିଲା । ଅପେକ୍ଷା ବଢୁଥିଲା । ଆମ୍ବୁଲାନ୍ସରେ ଆସିବ ଶଙ୍କର୍ଷଣର ମୃତଦେହ । କିଏ ଛକରେ ତ କିଏ ଦାଣ୍ଡ ଦୁଆରେ ବସି ଆଲୋଚନାରେ ମାତିଥିଲେ । କେତେବେଳେ ଆସିବ ଶଙ୍କର୍ଷଣର ମୃତଦେହ ?

କିନ୍ତୁ ମୃତଦେହ ଆସୁନଥିଲା । ଦିନେ, ଦୁଇଦିନ... ଏମିତି ଗଡ଼ିଚାଲିଥିଲା ସମୟ । ବଢ଼ିଚାଲିଥିଲା ଉତ୍କଣ୍ଠା ।

ଶଙ୍କର୍ଷଣର ବୟସ ହେଇ ହେଇ ବାଇଶି ହବ । ବେଶୀ ନୁହେଁ । ଚାରିବର୍ଷ ତଳେ ସୁରଟ ଉଦ୍ଦେଶ୍ୟରେ ଗୋଡ଼ କାଢ଼ିବା ବେଳକୁ ସେ ପାଠପଢ଼ା ଛାଡ଼ିଦେଇଥିଲା । ବାପ ନବଘନ କାମ କରୁଥିଲା ଗୋଟେ ସିମେଣ୍ଟ ରଡ୍ ଦୋକାନରେ । ବ୍ରହ୍ମ ଅଳସୁଆ । ମାଇକିନା ମୁହଁକୁ ଅନେଇ ଅନେଇ ତା'ର ଯୁବା ସମୟ କଟିଯାଇଥିଲା । ଆଉ ଗୋଡ଼ରୁ ବାହା ଅଳତା ଲିଭିଲା ବେଳକୁ ପଡ଼ିଲା ପେଟଚିନ୍ତା ।

ସେତେବେଳକୁ ଶଙ୍କର୍ଷଣର ଜେଜ ଅର୍ଥାତ୍ ନବଘନର ବାପା ବଞ୍ଚିଥିଲା । ଶଳା ବୁଢ଼ା ନବଘନକୁ ଶୋଧିଲା ଅଗାଣ୍ଡିଆ କରିକି...

'ମାଇକିନା କାନିତଳେ ପଶିକି କେତେଦିନ ରହିବୁରେ ଶଳା ଗୋଖେଇ ସାଉ... ଶଳା ଦିନରାତି ଘରେ ପଇଚୁ, ଖାଇବୁ କ'ଣ ଡ୍ୟାସ୍... ?'

ଶଙ୍କର୍ଷଣ କିନ୍ତୁ ଥିଲା ବେଶ୍ ଚେଙ୍ଗା । ଅଧିକ ପାଠ ପଢ଼ିବାକୁ ତା'ର ଇଚ୍ଛା ଥିଲା । କିନ୍ତୁ ସବୁ ଫସର ଫାଟିଗଲା । ବୋପା ନବଘନ ବାପଠୋଉଁ ଶୋଧନା ଖାଇ ଖାଇ ସବୁ ରାଗ ସୁଝୋଉଥିଲା ପୁଅ ଉପରେ । ଶଙ୍କର୍ଷଣ ମା' ବିଚାରୀ ପୁଅ ପାଇଁ ମୁଣ୍ଡ କୋଡୁଥିଲା । ରାଗିମାଗିକି ଶଙ୍କର୍ଷଣ ଦିନେ ଶାନ୍ତୁଆ ସାଙ୍ଗରେ ଲୁଚିକି ପଳେଇଲା ସୁରଟ । ସେଇ ଯାଇଚି ଯେ ଯାଇଚି... ଆଉ ଗାଁକୁ ଆସିଲା ନାହିଁ... ମଝିରେ ମଝିରେ ଯାହା ଟଙ୍କା କିଛି କିଛି ମନିଅର୍ଡର ହେଇ ଫେରୁଥିଲା ଗାଁକୁ... ସେଇଥିରେ ବାପମାଆ ଖୁସି ।

ମାଆ ଶୋଭନୀ ବାହାରିଥିଲା ପୁଅର ବାହାଘର କରିବାକୁ । ସବୁଠି କହିବୁଲୁଥିଲା– 'ସୁରଟରେ ଫ୍ୟାକ୍ଟ୍ରିରେ ପୁଅ ମୋର ମେନେଜର ହେଇଚି, ପୁଳା ପୁଳା ଟଙ୍କାରେ ଶୋଉଚି...'

'ଯାଃ... ସବୁ ଫୁସୁକିଗଲା...'

ଚୁଗୁଲିଆ ରସାନନ୍ଦ କହିଲା– 'ଅନୀଟା ବାହା ହବା ଆଗରୁ ବିଧବା ହେଇଗଲା... ବିଚାରି କେତେ ଆଶା ବାନ୍ଧି ବସିଥିଲା... ଶଙ୍କର୍ଷଣର କନିଆ ହବାକୁ ଗୋଡ଼କାଢ଼ି ବସିଥିଲା । ଶୋଭନୀ ବୁଢ଼ୀ ଅନୀକୁ ଲୋଭେଇଥିଲା । ତା ବାପାବୋଉଙ୍କୁ କଥା ଦେଇଥିଲା । ଶୁଣିଲୁ ନିତିଆ... ଅନୀ କାଲେ ଶଙ୍କର୍ଷଣ ଘରେ ଯାଇ ରନ୍ଧାବଢ଼ା ଆରମ୍ଭ କରିଦେଇଥିଲା । ଶୋଭନୀ ତାକୁ ବୋହୂ ବୋହୂ ବୋଲି ଡାକୁଥିଲା । ଶଙ୍କରା ମଲା ଖବର ପାଇବା ପରେ ତାଙ୍କ ଘରେ ଆଉ ରୋଷେଇବାସ ନାହିଁ ।'

ଏପଟେ ଅପେକ୍ଷା ବଢ଼ିଚାଲିଥିଲା ।

ଗାଁ ଗୋଠରେ ସାହି ମାମଲତକାର ସବୁ ଚିନ୍ତିତ ଅବସ୍ଥାରେ ବସିଥିଲେ । ବଳଭଦ୍ର ବାବୁ ନବଘନକୁ ବୋଧ ଦେଉଥିଲେ । ନବଘନ ଖବରଟା ଶୁଣି ସିମେଣ୍ଟ ଦୋକାନରୁ ଧୂଳି ସରସର ହେଇ ଧାଇଁଚି ଏକମୁହାଁ । ବଳଭଦ୍ର ବାବୁ ଟେଲିଫୋନ୍ କରି ଖବରଟାର ସତ୍ୟତା ବୁଝିଥିଲେ । ସେ ଉପସ୍ଥିତ ସମଗ୍ର ଜନତାଙ୍କ ଆଡ଼େ ଅନେଇ ଭାଷଣ ଦେବା ଛଳରେ କହିଥିଲେ-

'ଆମ ରାଜ୍ୟରେ ଦାଦନ ସମସ୍ୟା ଧୀରେ ଧୀରେ ଗୁରୁତର ରୂପ ଧାରଣ କରିବାରେ ଲାଗିଛି । ବିଶେଷକରି ଆନ୍ତଃରାଜ୍ୟ ଦାଦନ ଚାଲାଣ । ଇଏ ଏକପ୍ରକାର ସେଇପରି ଏକ ଘଟଣା । ସାଂଘାତିକ ଶ୍ରମିକ ଚାଲାଣ ସମସ୍ୟା । ଇଏ ସରକାରକୁ ହରଡ଼ଘଣାରେ ପକେଇଦେଲା ପରି ଏକ ଅଘଟଣ । ନବଘନକୁ କେତେଥର କହିଚି ପୁଅକୁ ସେଠୁ ଫେରେଇ ଆଣ । କିଏ ଜାଣେ କ'ଣ ହେଲା ? ସମସ୍ତେ କହୁଛନ୍ତି ଲୁଗା ମେସିନ୍‌ରେ ପଶି ଶଙ୍କରାର ଜୀବନ ଚାଲିଗଲା । କିନ୍ତୁ ସତ କଥାଟା କ'ଣ ଆମେ ଜାଣିଚନ୍ତି ?'

ଅନ୍ତ୍ୟେଷ୍ଟିକ୍ରିୟା ପ୍ରସ୍ତୁତି ପାଇଁ ନବଘନ ଉଠି ଚାଲିଗଲା ପରେ ନିତିଆ କହିଲା- 'ସାଆନ୍ତେ, ମୁଁ ଶୁଣିଲି ଶଙ୍କରା କୁଆଡେ ମରିନାଇଁ... ଏଇଟା ମର୍ଡର କେଶ୍ ?'

ବଳଭଦ୍ର ଥୋଡ଼ି ବଙ୍କେଇ ସାମାନ୍ୟ ହସିଲେ । ଯେମିତି ସେ ଅନେକ କିଛି ଜାଣିଛନ୍ତି । ଉପସ୍ଥିତ ଅନ୍ୟ ସମସ୍ତେ ଆଶ୍ଚର୍ଯ୍ୟ ହୋଇ ବଳଭଦ୍ରଙ୍କୁ ଚାହିଁଲେ ।

ବଳଭଦ୍ର ପୁଣି କହିଲେ- 'ମୁଁ ଶୁଣୁଚି ଶଙ୍କର୍ଷଣ କୁଆଡ଼େ ସେ ମିଲ୍ ମାଲିକ ଝିଅକୁ ପାଲରେ ପକେଇ ଫସେଇଦେଇଥିଲା । କେଡ଼େ କଥା ହେଲାରେ ଦଇବ !! ଶଳା ଏଠି ବୋପା ଗାଣ୍ଡିରେ ନେକୁରି ନାଇଁ, ସେଠି ପୁଅ ଦାଦନ ଖଟିବାକୁ ଯାଇ ପ୍ରେମରେ ମାତିଥିଲା !! ସେ ଶଳା ମାରୁଆଡ଼ି ଦେଲା ସାଫ୍ କରି ।'

ସମସ୍ତେ ମୁହଁ ଟେକି ହାଁ କରି ଅନେଇଲେ ।

ନିତିଆ କହିଲା- 'ଆଜ୍ଞା ଏଠି ତା ବୋଉ କନିଆ ଯୋଗାଡ଼ି ବସିଥିଲା ବାହାଘର କରିବାକୁ । ବନଘନଟା ଅକାଳ କୁଷ୍ମାଣ୍ଡଟାଏ । ନିଜ ଖୋଡ଼ିପଣରୁ ଭେଣ୍ଡା ପୁଅଟାକୁ ଯମ ମୁହଁକୁ ଠେଲିଦେଲା ନା...'

॥ ୩ ॥

ନବଘନ ଘରେ ଖାଇବା ପିଇବା ବନ୍ଦ । ଶଙ୍କରା ସୁରଟ ପଳେଇଲା ପରେ ଜେଜବୁଢ଼ା ତାକୁ ଝୁରିଝୁରି କତରା ନାଗି ମରିଗଲା । ଜେଜବୁଢ଼ା ସହ ଶଙ୍କର୍ଷଣର ଭଲ ପଟୁଥିଲା । ବୁଢ଼ାକୁ ଦିଇନି ସନ୍ଧିଆ ବେଳେ ନାଶ ଟିକେ ଯୋଗାଡ଼ କରିକି ଆଣିଦିଏ । ସେଇଥିରେ ବୁଢ଼ା ଖୁସ୍ ।

ଖବରଟା ଶଙ୍କର୍ଷଣ ମାଆ ଶୋଭନୀକୁ କେହି ସିଧାସଳଖ କହିନାହାନ୍ତି । କୋଉ ମାଆ ଭଲା ଭେଣ୍ଡା ପୁଅର ମରିବା ଖବର ପାଇ ଥୟ ହୋଇ ରହିପାରିବ ? ଏଠୁସେଠୁ ପୁଅ ବିଷୟରେ ୟାଡ୍ରୁସ୍ୟାଡ୍ରୁ ଶୁଣି ବାୟାଣୀ ପରି ହେଉଚି ଶୋଭନୀ । ନବଘନ ବୋକା ପାଲଟିଯାଇଚି ଏକବାରେ ।

ଶୋଭନୀ ପଚାରୁଚି ନବଘନକୁ- 'ପୁଅ ଟଙ୍କା ପଠାଇବାକୁ ଆଉ କେତେଦିନ କିହୋ ? ତାକୁ କୁହ ସେଠୁ ପଳେଇ ଆସୁ । ଆମର ଦରକାର ନାହିଁ ଚାକିରି । ଏଇସନ ବାହାଘରଟା ଉଠେଇଦେବା । ଅନୀଟା ସବୁବେଳେ ଆସି ଘରେ ରୋଷେଇବାସ କରିଦେଇ ଯାଉଚି । କିଛି କହିପାରୁନେଇଁ ସିନା, କିନ୍ତୁ ତା ମୁହଁରେ ଅନେକ କଥା ଲୁଚିରହିଚି । ଶଙ୍କରା ଆମର ତା ପାଇଁ ଫିଟ୍ । ସେ କ'ଣ ଆମ୍ଦୁନାନ୍ଦରେ ଆଉଚି... ସେଟା କ'ଣ ଗୋଟେ ଟ୍ରେନ୍ ?'

ନବଘନ ଚୁପ୍ ରହୁଛି । ଭିତରେ ଭିତରେ ସେ ମରିଯାଉଚି । ପୁଅର ରୋଜଗାରରେ ସେ ଅନ୍ଧ ହୋଇଯାଇଥିଲା । ପାଠ ପଢ଼େଇବାକୁ ଟଙ୍କା ଦେବାକୁ ସେ ସିଧା ମନା କରିଦେଇଥିଲା । କହିଥିଲା- 'ପାଠ ଆମର ଦରକାର ନାହିଁ । ତାକୁ କ'ଣ ମୁଣ୍ଡେଇବୁ ? ଜମିବାଡ଼ି ତ ନାହିଁ, ବାହାରେ କାମଦାମ କରି ରୋଜଗାର କଅର । ଘର ଚଳିବ । ତତେ ଆଉ ମୁଁ ବସେଇ ବସେଇ ଗେଫେଇ ପାରିମିନେଇଁ...'

ସେତେବେଳେ ଶଙ୍କର୍ଷଣର ବୟସ ହେଇ ହେଇ କୋଡ଼ିଏ ହବ ବୋଧେ । ତରୁଣ ବୟସରେ ମନ ତା'ର ଖେଳିବୁଲୁଥିଲା । ସେଇ ବୟସରେ ରାଗିମାଗି ଘରୁ ଲୁଚିକି ପଳେଇଲା । କିନ୍ତୁ ସେ ଯେ ସୁରଟ ପଳେଇବ, ସେକଥା ବୋଧେ କେହି ଜାଣିନଥିଲେ । ସେ ନିଜେ ବି ନୁହେଁ । ଏପଟେ ତରୁଣ ବୟସରେ ତା ସାଙ୍ଗରେ ଘଟୁଥିବା ଦାରିଦ୍ର୍ୟ ଜନିତ ଘଟଣା-ଦୁର୍ଘଟଣାକୁ ନେଇ ଧୀରେ ଧୀରେ ଶଙ୍କର୍ଷଣ ଭିତରେ ଗୋଟେ ଦାୟିତ୍ୱବୋଧ ମୁଣ୍ଡଟେକୁଥିଲା । ସେ ବୟସ୍କ ହେଇଯାଉଥିଲା । ତା ଭିତରେ ଗୋଟେ ମୁରବୀପଣିଆ ମୁଣ୍ଡଟେକୁଥିଲା । ସୁରଟରେ କାମ କରି କିଛି ରୋଜଗାର କଲାପରେ ସେ ହିଁ ଘର ଠିକଣାରେ ପଠେଇଥିଲା କିଛି ଟଙ୍କା ।

ଚିଠିରେ ଲେଖିଥିଲା, 'ବୋଉ, ବାପାଙ୍କୁ କହିବୁ ବ୍ୟସ୍ତ ହେବେନାହିଁ, ତାଙ୍କ ପୁଅ ବଡ଼ ହୋଇଯାଇଛି ।'

ଅନୀ ମୁହଁରୁ ଏଇ ଲେଖାତକ ଶୁଣି ସେଦିନ ଶୋଭନୀ କଇଁକଇଁ ହୋଇ କାନ୍ଦିପକାଇଥିଲା । ସେ କ'ଣ ଚାହୁଁଥିଲା ତା ପୁଅ କେବେ ବଡ଼ ନହେଉ ? ନା, ଇଏ ଥିଲା ଆନନ୍ଦର ଅଶ୍ରୁ । ସ୍ୱପ୍ନ ସାକାର ହେବାର ଅଶ୍ରୁ । ଏକ ଅଭାବୀ ଦୁନିଆରେ ଛୋଟ ଗୋଟେ ଯୁଦ୍ଧ ଜିତିଯିବା ପରର ଅଶ୍ରୁ ।... ତା'ପରେ ପୁଅ ଯେତେଯେତେ ବଡ଼ ହେଉଥିଲା, ସେତେସେତେ ଘରକୁ ଟଙ୍କା ଆସୁଥିଲା... ଆଉ ସେତେସେତେ ଶଙ୍କର୍ଷଣର ଜୀବନ କମିକମି ଆସୁଥିଲା...

॥ ୪ ॥

ଚଉପାଢ଼ି କୂଅମୂଳେ ମାଇପେଙ୍କ ଆଲୋଚନା ଜମିଥିଲା ।

କମଳି ଭାଉଜ ପ୍ରଥମେ କହିଲେ- 'ଶଙ୍କରା ବୋଉ ଶୋଭନୀର ଅବସ୍ଥା ଦେଖିହେଉ ନାହିଁ । ବୁଢ଼ୀ ଜାଣିସାରିଲାଣି, ପୁଅ ଆଉ ନାହିଁ । ନବଘନ ଖାଲି ଯାହା ବୋଧ ଦେଇ ରଖିଛି... ମିଛରେ କହିଛି ଶଙ୍କରାକୁ ଡକେଇଛି ବାହାଘର ଯୋଗାଡ଼ିବାକୁ ।'

ରବିବୋଉ ଖୁଡ଼ି କହିଲା, 'ଟୋକାଟା ସେଠି ନଷ୍ଟ ହେଇଗଲା... ତଳମୁହାଁ କାଙ୍କ ଥିଲା ଲୋ... ମାରୁଆଡ଼ି ଟୋକୀ ନୁଙ୍ଗୁରୋଉଥିଲା...

ତାକୁ କ'ଣ ଓଡ଼ିଆ ଗନ୍ଧେଇଲା ? ଅନୀଟା ବିଚାରି ଏପଟେ ମନେମନେ ଗୁଡ଼ ଖାଉଥିଲା...'

'କିନ୍ତୁ ଏଥିରେ ସେ ଟୋକାର କିଛି ଦୋଷ ନାହିଁ । ପିଲାଟାକୁ ଜାଣ ଘଇତା ମାଇପ ଦୁହେଁ ମିଶି ଗଳାଧକ୍କା ଦେଇ ଘରୁ ବାହାର କରିଦେଲେ । ମୁଁ ହେଇଥିଲେ ତ ସେ ବୋପାମାଆଙ୍କୁ ଆଉ ଅନେଇ ନଥାନ୍ତି । ଯୁବା ବୟସ... ଆଉ କ'ଣ ମାଡ଼ିଜାକି ହେଇ ତକିଆ କୁଣ୍ଢେଇଥାଆନ୍ତା... ତା'ପରେ ସେ ମାରୁଆଡ଼ୀ ଟୋକୀଙ୍କର କାଳେ ଆଠୁଟା ନେଖା ଟୋକା ଦରକାର... ଫି ମାସରେ ଗୋଟିଏ ବଦଳ ।'

ଖଇଚେଇ ଖଇଚେଇ ଏତକ କହିଲେ ବୁଦୁନି ମାଉସୀ ।

ଖୁଡ଼ି କହିଲେ, 'କିନ୍ତୁ ପିଲାଟା ଭାରି ସାହାଯ୍ୟକାରୀ ଥିଲା । ରାତି ଅଧକରେ ଡାକିଦେନେ ମୁହଁ ନଧୋଇ ତମ ସାଙ୍ଗରେ ନୁଙ୍ଗି ପିନ୍ଧିକି ପଳେଇବ ଠେଙ୍ଗା ଧରିବାକୁ । ପାଠ ବି ଭଲ ପଢୁଥିଲା, କିନ୍ତୁ ଠିକ୍ ଘରେ ଜନମ ହେଲାନାହିଁ ।'

ମାଇପେଙ୍କ କଥା ଲମ୍ବି ଲମ୍ବି ଚାଲିଥିଲା । ଲମ୍ବିଚାଲିଥିଲା ଶଙ୍କର୍ଷଣ ଜୀବନର ନୂଆ ନୂଆ କାହାଣୀସବୁ । କିଏ ଜଣେ କହିଥିଲେ, 'ଲୋକଟିଏ ମଲାପରେ ଜଣାପଡ଼େ ସେ ଭଲ ନା ଖରାପ, ଏତେଦିନ ଧରି ସେ ମରିଥିଲା ନା ବଞ୍ଚିଥିଲା । ଶଙ୍କର୍ଷଣ ଏବେ ପ୍ରତି ମୁହୂର୍ତ୍ତରେ ମରୁଛି, ପୁଣି ବଞ୍ଚୁଛି ।'

ଏପଟେ ଗାଁରେ ପହଞ୍ଚୁ ନାହିଁ ଶଙ୍କର୍ଷଣର ମୃତଦେହ । ଆମ୍ବୁଲାନ୍ସ ଆସୁନାହିଁ । ଖବରଟି ପାଇବା ପରେ ପ୍ରଥମେ ପ୍ରଥମେ ଲୋକଙ୍କ ମନରେ ସୃଷ୍ଟି ହୋଇଥିବା ଦୁଃଖ ଧୀରେ ଧୀରେ ପରିଣତ ହେଉଥିଲା ଉତ୍କଣ୍ଠାରେ । ଉତ୍କଣ୍ଠା ଧୀରେ ଧୀରେ ପରିଣତ ହେଉଥିଲା କୌତୂହଳରେ । ଗାଁ'ସାରା ଏବେ ଖେଳିବୁଲୁଥିଲା ସେଇ କୌତୂହଳ ।

ଗାଁ ପଞ୍ଚାୟତ ଘରେ ଆସର ମେଲିଥିଲେ ସରପଞ୍ଚ ଦାମୋଦର ବାବୁ । ସେ ଖୋଜୁଥିଲେ ମୂଳ କାହାଣୀକୁ । ଦଳୀୟ କର୍ମୀ ଜଣେ କହିଲେ, 'ସରପଞ୍ଚେ ଆଜ୍ଞା ଜାଣିଲେ... ସେ ରଘୁଆ ଯୋଗୁ ଶଙ୍କର୍ଷଣଟାର ବିଚରା ଜୀବନ ଗଲା...'

– 'କେମିତି ?'

– 'ଆଜ୍ଞା ଆପଣ ଜାଣିନାହାନ୍ତି କି... ସେଇପା ତାକୁ ସୁରଟ ନେଇଥିଲା... ତା ସାଙ୍ଗରେ ଜୁଟିଥିଲା ଶାନ୍ତୁଆ... ଶାନ୍ତୁଆ ସିନା ତାକୁ ସାଙ୍ଗରେ ନେଇଥିଲା, ଅସଲ ନାଟୁଆ ସେ ରଘୁଆ...'

– 'ରଘୁଆ କିଏ ?'

– 'ସେଇ ନୀର ପଧାନ ପୁଅ... ବିରୋଧୀ ପାର୍ଟି ...'

– 'ଆରେ ସେଟା ତ ଶ୍ରମିକ ଚାଲାଣ ଆଇନ୍‌ରେ ପଡ଼ିବ...'

– 'ହଁ ତାକୁ ଗୋଟେ କୋଉଥିରେ ପକେଇକି ଘାଣ୍ଟନ୍ତୁ ଆଜ୍ଞା... ଶଙ୍କରାଟା ଆମ ପାର୍ଟି ପିଲା ଥିଲା... ବୋଲହାକ କରୁଥିଲା... ପୋଷ୍ଟର ମାରୁଥିଲା... ୱାଲିଂ କରୁଥିଲା... ଆଉ ସେ ଶଳା ରଘୁଆ ତାକୁ ଶିକେଇ ତା ବୋପା ନବଘନକୁ ଶିକେଇ ତାକୁ କୋଉ ଫାନ୍ଦରେ ସୁରଟ ପଠେଇଦେଲା କେହି ଜାଣିପାରିଲେ ନାହିଁ ।'

– 'ଆଚ୍ଛା ଶଙ୍କର୍ଷଣର ବୋପା ବିପିଏଲ୍ କାର୍ଡ ପାଇଛି ?'

– 'ସେ ଆଜ୍ଞା କେମିତି ପାଇବ... ମୁଁ ଯାହା ହିସାବ ରଖିଚି ଆମ ପଞ୍ଚାୟତରେ କେହି ଗୋଟେହେଲେ ଗରିବ ଲୋକ ବିପିଏଲ୍ କାର୍ଡ ପାଇନାହାନ୍ତି... ସବୁ ଗାଡ଼ିଚଢ଼ା ଲୋକ... କୋଠାଘର ଥିବା ଲୋକ ପାଇଛନ୍ତି... ସବୁ ଆମ ପାର୍ଟି ଲୋକ...'

– 'ତମେ ଗୋଟେ କାମ କର... ଏଇନା ପଞ୍ଚାୟତ ସେକ୍ରେଟାରିକୁ ଡାକି ଶଙ୍କରାର ବୋପା ନବଘନର ନାଁରେ ଗୋଟେ ବିପିଏଲ୍ କାର୍ଡ ବାହାର କର... ଚାଉଳ କିରାସିନି ମୁଁ ଯୋଗାଡ଼ କରୁଛି... ଏଇଟା ଠିକ୍ ମୌକା...'

– 'ଆଜ୍ଞା ଇଲେକ୍ସନ୍ ତ ଆହୁରି ବର୍ଷେ...'

– 'କିନ୍ତୁ ପ୍ରଚାରଟା ଏବେଠାରୁ ହିଁ ହୁଏ... ହାଃ ହାଃ ହାଃ ।'

॥ ୫ ॥

ଖବରଟା ନିଆଁ ଚରିଲା ପରି ଚରିଯାଉଥିଲା । ଗାଁ, ଗାଁ ପରେ ସହର, ସହର ପରେ ବଜାର... ସବୁଠି ଖବର ପହଞ୍ଚିଯାଇଥିଲା ଯେ, ସୁଦୂର ସୁରଟରୁ ଆସୁଛି ନିର୍ଯାତିତ ଦାଦନ ଶ୍ରମିକର ମୃତଦେହ...

ତେଣୁ ଗାଁରେ ପହଞ୍ଚିସାରିଥିଲେ ଖବରକାଗଜ ବାଲା ଏବଂ ଟିଭି ବାଲାଏ । ହିନ୍ଦୀମିଶା ଓଡ଼ିଆ ଓ ଇଂଲିଶ୍‌ରେ କଥା କହୁଥିବା ଜଣେ ଜିନ୍‌ପିନ୍ଧା ଫିନ୍‌ଫିନିଆ ଝିଅ ନବଘନକୁ ପଚାରିଲା, 'ଆପଣଙ୍କ ପୁଅ କ'ଣ ଦାଦନ ଯାଇଥିଲା ?'

ନବଘନ ହଠାତ୍ କିଛି ବୁଝିପାରିଲା ନାହିଁ । 'ଦାଦନ' ଶବ୍ଦଟି ତା ପାଇଁ ଥିଲା ପୂରା ନୂଆ । ରାତି ପାହିଲା ବେଳକୁ ସେ ସିମେଣ୍ଟ ଦୋକାନରେ ପଶେ, କିଟିମିଟିଆ ଅନ୍ଧାରରେ ଧୂଳିଧୂସର ହୋଇ ଘରକୁ ଫେରେ । ତେଣୁ ସେ ଦାଦନର ରହସ୍ୟ ବା ବୁଝିବ କେମିତି ?

ସେ ଉତ୍ତର ଦେଲା, 'ମୋ ପୁଅ ନାଁ ଶଙ୍କର୍ଷଣ... ଦାଦନ ନୁହେଁ... ସେ ଲୁଗା ଫ୍ୟାକ୍ଟ୍ରିରେ ମେନେଜର ଥିଲା... ମାସକୁ ସାତଶହ ପଚାଶ ଟଙ୍କା ପଠାଉଥିଲା... ବେଳେବେଳେ ଆଠଶହ ପଚାଶ...'

ନବଘନର କଥା ଶୁଣି ସାମ୍ବାଦିକମାନେ ଚୁପି ଚୁପି ହସିପକାଇଲେ । ଟିଭି ସାମ୍ବାଦିକ ଜଣେ ମାଇକ୍ ଲଗେଇ ପ୍ରଶ୍ନ କଲେ, 'ଆପଣ ପୁଅକୁ କାହିଁକି ଦାଦନ ଖଟିବାକୁ ପଠେଇଥିଲେ... ସେ କ'ଣ ଶ୍ରମିକ ଚାଲାଣ ଦଲାଲଙ୍କ ଶିକାର ହୋଇଥିଲା ?'

ନବଘନ ପୁଣି ଅଡୁଆରେ ପଡ଼ିଲା । ଏ ପ୍ରଶ୍ନରୁ ସେ ଅଧାରୁ ଅଧିକ ବୁଝିପାରୁ ନଥିଲା । ତେଣୁ ସେ ଅସହାୟ ହୋଇ କେବଳ ତା କଡ଼ରେ ଥିବା ଲୋକଙ୍କୁ ଅନେଇଲା । ଆଉ ଠିକ୍ ସେଇ ସମୟରେ ସେଠାରେ ଆବିର୍ଭାବ ହେଲା ମାନନୀୟ ସରପଞ୍ଚ ଦାମୋଦର ବାବୁଙ୍କର ।

ମାଇକ୍‌ଟାକୁ ନିଜ ଆଡ଼କୁ ବୁଲେଇ ନେଇ ଦାମୋଦର ବାବୁ କହିବା ଆରମ୍ଭ କଲେ...

'...ସାମ୍ବାଦିକ ଭାଇ ଭଉଣୀମାନେ ଶୁଣନ୍ତୁ... ଆପଣଙ୍କ ଅନୁମାନ ଠିକ୍... ଆମ ଗାଁ ରଘୁଆ ହିଁ ଶ୍ରମିକ ଦଲାଲ ସାଜି ନବଘନର ପୁଅ ଶଙ୍କର୍ଷଣକୁ ପଠେଇଥିଲା ସୁରଟ...'

ସରପଞ୍ଚଙ୍କ ଭାଷଣରେ ସାମ୍ବାଦିକମାନେ କିଛିଟା ଉଲ୍ଲସିତ ତ ହେଲେ, କିନ୍ତୁ ପୁଣି ଫେରିଲେ ନବଘନ ପାଖକୁ...

'...ଆଚ୍ଛା ନବଘନ ବାବୁ, ଆପଣ କ'ଣ ଦାରିଦ୍ର୍ୟ ସୀମାରେଖା ତଳେ ? ଅର୍ଥାତ୍... ଆପଣ ବିପିଏଲ୍ କାର୍ଡ ପାଇଛନ୍ତି ?'

ବିଚରା ନବଘନ ପୁଣି ଅସୁବିଧାରେ ପଡ଼ିଲା । ବିପିଏଲ୍ ଚିଜଟା କ'ଣ ସେ ଜାଣେନାହିଁ । ପ୍ରଥମଥର ପାଇଁ ସେ ଏଇ ଶବ୍ଦଟି ଶୁଣୁଛି ।

ଏଥର ମଧ୍ୟ ସରପଞ୍ଚ ମହାଶୟ ତାକୁ ସାହାଯ୍ୟ ପାଇଁ ଆଗେଇ ଆସିଲେ । କହିଲେ- 'ଆଜ୍ଞାମାନେ, ଏଥିରେ ବିଚରା ନବଘନର କିଛି ଦୋଷ ନାହିଁ । ଆମ ପୂର୍ବ ସରକାର ଅମଳରେ ଯେଉଁ ବିପିଏଲ୍ ତାଲିକା ହୋଇଥିଲା ସେଥିରେ ଆମ ଗାଁର ସମସ୍ତଙ୍କ ନାଁ ଥିଲା, କେବଳ ନବଘନକୁ ଛାଡ଼ି । କିନ୍ତୁ ଆମେ ଆସିବା ପରେ ସେ ତାଲିକା ଫାଲିକା କିଛି ମାନିଲୁ ନାହିଁ... ମୁଁ ନବଘନର ଦୁଃଖ ସହିପାରିଲି ନାହିଁ... ଏ ସରକାରୀ ଅଫିସରଙ୍କ ସହ ଲଢ଼ି ଲଢ଼ି ଶେଷରେ ଆଜି ନବଘନ ପାଇଁ ଏଇ କାର୍ଡ ନେଇକି ଆସିଛି... ଯାହା ହେଉ ଆପଣମାନଙ୍କ ଆଗରେ... ଅର୍ଥାତ୍ କ୍ୟାମେରା ଆଗରେ ସେଟା ତାକୁ ଦେଇଦେଲେ ପ୍ରମାଣ ରହିଯିବ.. ହେଁ ହେଁ...'

ଏହା କହି ସରପଞ୍ଚ ମହାଶୟ ସେକ୍ରେଟାରିଙ୍କ ହାତରୁ ବିପିଏଲ୍ କାର୍ଡ ଖଣ୍ଡକ ଆଣି ଅସହାୟ ନବଘନ ହାତକୁ ବଢ଼େଇଦେଇ ହସହସ ବଦନରେ କ୍ୟାମେରାକୁ ଚାହିଁରହିଲେ । ଏସବୁ ଘଟଣା ବନଘନର ବୁଝିବା ଏରିଆ ବାହାରେ ଥିଲା । କିନ୍ତୁ ସେ ବୁଝୁ କି ନବୁଝୁ, ସରପଞ୍ଚ କିନ୍ତୁ ଠିକ୍ ବୁଝିପାରିଥିଲେ କେଉଁଠି ରାଜନୀତିଟା କଲେ ଠିକ୍ ଜମିବ । ସେ ପୁଣି ନବଘନ ହାତକୁ ବଢ଼େଇଦେଲେ ଦଶକିଲିଆ ଚାଉଳ ମୁଣିଟା... ପୁଣି ମୁହଁରେ ଝୁଲେଇଦେଲେ ହେଁ ହେଁ ହସ... ପୁଣି ଚିକ୍‌ଚାକ୍ ହୋଇ ଫଟୋ ଉଠିଲା... ପୁଣି...

ସାମ୍ବାଦିକମାନେ ଶଙ୍କର୍ଷଣର ମା' ଶୋଭନୀର ଫଟୋ ଉଠାଇଲେ । ତାକୁ ନାନା କଥା ପଚାରିଲେ । ଏମିତିକି କିଛି ସାମ୍ବାଦିକ 'ଅନୀ'ର ଫଟୋ ବି ଉଠାଇଲେ ଏବଂ ପ୍ରଶ୍ନ କଲେ, 'ତମ ଭାବୀସ୍ୱାମୀ ତ ମୃତ୍ୟୁବରଣ କଲେ, ଏବେ କ'ଣ ତମେ ଜୀବନସାରା ଅବିବାହିତ ରହିବ ?'

ଅନୀ ଏ ପ୍ରଶ୍ନ ଶୁଣି ତାଜୁବ୍ । କିଛିସମୟ ତଳୁ କାନ୍ଦୁଥିବା ଅନୀ ହଠାତ୍ ରୁକ୍ଷ ହୋଇଉଠି ଉତ୍ତର ଦେଲା, 'ଅବିବାହିତ କାହିଁକି ରହିବି ? ଶଙ୍କରା ଭାଇଟା ଭଲ ପିଲାଟିଏ ଥିଲା । ଗାଁରେ ଥିଲାବେଳେ ବହୁତ ଚେଷ୍ଟା କରିଥିଲି ତାକୁ ପାଲରେ ପକେଇବାକୁ । ନଭ୍ ନେଟର୍ ବି ନେଖିଚି କେତେଥର । କିନ୍ତୁ ସେ ପାଠ ପଢ଼ିଥିଲା ବୋଲି ତା ମନରେ ଏତେ ଗରବ ଥିଲା ଯେ, ମୋ ଯୌବନକୁ ଅନେଇଲାନେଇ । ସେଇଥିପାଇଁ ମୁଁ ତା ବୋପାମାଆଙ୍କୁ ପଟେଇଥିନି । ସେ ତ ଗଲା, ମୁଁ କାଇଁକି ବାହା ହେବିନି ବା ? ମୋର ରବିଭାଇ ନାହିଁ କି...'

ଏତକ କହି ଅନୀ ଲାଜେଇଗଲା । ଟିଭିବାଲାଙ୍କର ମୁଣ୍ଡ ଗୁଡୁମ୍ । ଏରିଆ ଛାଡ଼ି ସମସ୍ତେ ପାର୍ । ଗୋଟିଏ ଗାଁରେ ଏବଂ ଗୋଟିଏ ଦିନରେ ପ୍ରେସ୍ ବାଲାଙ୍କୁ ଏକାଥରକେ ତିନିଟିନିଟା ଷ୍ଟୋରି ମିଳିଗଲା । ପ୍ରଥମଟି ଦାଦନ ନିର୍ଯାତନା ଉପରେ, ଦ୍ୱିତୀୟଟି ବିପିଏଲ୍ କାର୍ଡ ଉପରେ ଏବଂ ଶେଷ ଷ୍ଟୋରିର ହେଡିଂ ରହିବ-

... ସୁରଟରେ ଓଡ଼ିଆ ଶ୍ରମିକର ମୃତ୍ୟୁ
ବାହାହେବା ଆଗରୁ ବିଧବା ହେଲା ଅନୀ...

॥ ୬ ॥

ସମସ୍ତେ ଯିଏ ଯୁଆଡ଼େ ପଳେଇଲେ । ପୁଣି ସାରା ଗାଁଟା ଶୁନ୍‌ଶାନ୍ । କିନ୍ତୁ ଏତେସବୁ ଘଟଣା ଘଟିବା ପରେ ବି ଗାଁରେ ପହଞ୍ଚୁ ନଥିଲା ସମସ୍ତଙ୍କ ବହୁ ପ୍ରତୀକ୍ଷିତ ଶଙ୍କର୍ଷଣର ମୃତଦେହ । ଅପେକ୍ଷା ବଢୁଥିଲା, ଉତ୍କଣ୍ଠା ଆକାଶ ଛୁଇଁଥିଲା । କିନ୍ତୁ ଆମ୍ବୁଲାନ୍ସ ଆସୁନଥିଲା କି ମୃତଦେହ ପହଞ୍ଚୁ ନଥିଲା । ଦିନ ଗଡ଼ିଯାଇ ଅପରାହ୍ଣ ହେଲା । ଗତକାଲି ଉଭୟ ଦିନ ଓ ରାତି କଟିଥିଲା ଉତ୍କଣ୍ଠାରେ । ତେଣୁ ଆଜି ସାରା ଗାଁ ଯେମିତି ଅପେକ୍ଷା କରି ବସିଥିଲା ଶଙ୍କର୍ଷଣର ମୃତଦେହକୁ । କିନ୍ତୁ ତାହା ଏପର୍ଯ୍ୟନ୍ତ ପହଞ୍ଚି ନଥିଲା ଗାଁରେ । ପ୍ରକୃତରେ ସୁରଟ କେଉଁଠି ଏବଂ ସେଟା ଗାଁରୁ କେତେଦୂର, ସେ ବିଷୟରେ ପ୍ରାୟ କେହି ଜାଣିନଥିଲେ । ଯେଉଁ କିଛି ପାଠୁଆ ଲୋକ ଏ ସଂପର୍କରେ ଜାଣିଥିଲେ, ସେମାନେ ଏହି ଘଟଣାରେ କୌଣସି ଆଗ୍ରହ ଦେଖାଉନଥିଲେ । ବାକି ଯେଉଁମାନେ ଦେଖାଉଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର କିଛି ନା କିଛି ସ୍ୱାର୍ଥ ରହୁଥିଲା । ସମସ୍ତେ ଚେଷ୍ଟା କରୁଥିଲେ ଗାଁରେ ଥିବା ମୂର୍ଖମାନଙ୍କୁ ସେମାନଙ୍କ ସ୍ୱାର୍ଥ ଅନୁସାରେ ମୋଡ଼ିମାଡ଼ି ଭଡ଼କେଇ ନିଜ ଅନୁସାରେ ସେଟ୍ କରିବାକୁ । ସେଥିରେ ସାମିଲ୍ ଥିଲେ ସାହି ମାମଲତକାର ବଳଭଦ୍ର ବାବୁ, ସରପଞ୍ଚ ଦାମୋଦର ବାବୁ, ରାଜନୈତିକ ଚେଲା, ଦଲାଲ୍ ରଘୁଆ ଏବଂ ଗାଁ ମାଇପେ...

ଗାଁ କ୍ଲବ୍ ପିଲାଙ୍କୁ ବଳଭଦ୍ର ବାବୁ ବୁଝେଇବାକୁ ଚେଷ୍ଟା କରୁଥିଲେ । 'ଏଇ ଘଟଣାଟା ଆମ ଗାଁ ପାଇଁ କିଛି କମ୍ କଥା ନୁହେଁ ।' ଆଜି ସବୁ ଖବରକାଗଜରେ ହେଡ୍‌ଲାଇନ୍ ହୋଇଯାଇଛି ଶଙ୍କର୍ଷଣର ମୃତ୍ୟୁକୁ ନେଇ । ସବୁ ଟିଭିରେ ବାଜୁଛି ଶଙ୍କର୍ଷଣର ମୃତ୍ୟୁ ରହସ୍ୟ । ଖବରକୁ ଖୋଳିତାଡ଼ି ଖିନ୍‌ଭିନ୍ କରିପକାଉଛନ୍ତି ସମସ୍ତେ । କିଏ କହୁଛି- ଉପକୂଳ ଓଡ଼ିଶାରେ ବି ଦାଦନ ଏକ ସମସ୍ୟା ଭାବେ ମୁଣ୍ଡଟେକିଲାଣି । ପୁଣି କିଏ କହୁଛି- ପ୍ରଶାସନର ବିଫଳତା । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ନବଘନର ପରିବାର ବର୍ଷ ବର୍ଷ ଧରି ବିପିଏଲ୍ କାର୍ଡ ଖଣ୍ଡେ ପାଇବାରୁ ବଞ୍ଚିତ ହୋଇଥିଲା, ଫଳରେ ଏପରି ଘଟଣା ଘଟିଲା । ଖବର ପରେ ଖବର, ତର୍ଜମା ପରେ ତର୍ଜମା ।

ବଳଭଦ୍ର ଭଡ଼କେଇବାକୁ ଚେଷ୍ଟା କରୁଥିଲେ କ୍ଲବ୍ ପିଲାଙ୍କୁ । ଜିଲ୍ଲା ପ୍ରଶାସନକୁ ଏଇ ଖବରଟା ଚେତେଇଦେଇଛି ଯେ, ରସିଆପୁର ନାମକ ଗାଁଟିଏ ଏଇଠି କୋଉଠି ଅଛି । ଆଉ ଯେମିତି ସାରା ଭାରତ ଓ ବିଶ୍ୱ ମାନଚିତ୍ରରେ ଓଡ଼ିଶା ଏକ ଦରିଦ୍ର ରାଜ୍ୟର କୁଖ୍ୟାତି ଅର୍ଜନ କରିଛି, ଠିକ୍ ସେମିତି ଆଜି ସାରା ରାଜ୍ୟର ମାନଚିତ୍ରରେ ରସିଆପୁର ସବୁଠୁ ଦରିଦ୍ର ଗାଁର ପରିଚୟ ପାଇଛି । କିନ୍ତୁ ଏହାକୁ ଦୃଢ଼ ବିରୋଧ କରୁଛନ୍ତି ବଳଭଦ୍ର ବାବୁ ଓ ଗାଁର ଆଉ ଆଉ ଧନୀ ଓ ପ୍ରଭାବଶାଳୀ ଲୋକେ ।

କ୍ଲବ୍ ପିଲାଙ୍କ ଭିତରୁ ଜଣେ କିଏ ହିସାବ ଦେଲା– 'ରସିଆପୁର ଗାଁରେ ରହିଛି ଏ ଅଞ୍ଚଳର ସର୍ବାଧିକ ଡିସ୍ ଟିଭି ଆଣ୍ଟିନା, ଏ ଅଞ୍ଚଳର ସର୍ବାଧିକ ଦୁଇଚକିଆ ଗାଡ଼ି, ଏ ଅଞ୍ଚଳର ସର୍ବାଧିକ କୋଠାଘର ଏବଂ...'

ଏତେସବୁ ପରେ କିନ୍ତୁ ଗାଁରେ ପହଞ୍ଚୁ ନଥିଲା ଶଙ୍କର୍ଷଣର ମୃତଦେହ । ଚତୁର ବଳଭଦ୍ର ବାବୁ କୁଆଡୁ ଗୋଟେ ଖବର ଆଣି ଦେଲେ ଯେ, ମୃତଦେହ ପହଞ୍ଚିବାର ଚାନ୍ସ ମଧ୍ୟ ନାହିଁ । ଖବରଟା ଶୁଣି ସମସ୍ତେ ତାଜ୍ଜୁବ୍ ।

– 'ଚାନ୍ସ ନାହିଁ ? କେମିତି ? କୁଆଡ଼େ ଗଲା ମୃତଦେହ ?'

ବଳଭଦ୍ର ବାବୁ ପୁଣି କହିଲେ, 'ମୃତଦେହ ଗାଏବ୍...'

ସମସ୍ତେ ପଚାରିଲେ, 'ଗାଏବ ?'

ବଳଭଦ୍ର ବାବୁ, 'ହଁ, ତାକୁ ଜାଣିଶୁଣି ଗାଏବ୍ କରିଦିଆଯାଇଛି... ମାରୁଓ୍ୱାଡ଼ି ମାଲିକ ପୁଲିସ୍‌କୁ ଟଙ୍କାରେ ପୋତିପକେଇଚି... ସେ କାଳେ ପୂରା ଘଟଣାଟାକୁ ଗାଡ଼ି ଆକ୍ସିଡେଣ୍ଟ୍‌ର ରୂପ ଦେବାକୁ ନିଜେ ମଧ୍ୟ ଥାନାକୁ ଯାଇନଥିଲା... ସେ ମାରୁଓ୍ୱାଡ଼ି ତା'ର ଜଣେ ଅନୁଗତ ଭୃତ୍ୟ ଦ୍ୱାରା ଏତକ କାମ ଅତି ଆରାମରେ କରିଦେଇପାରିଛି...'

ସମସ୍ତେ ପୁଣି ପଚାରିଲେ, 'କିନ୍ତୁ କାହିଁକି ?'

ବଳଭଦ୍ର ବାବୁ କହିଲେ, 'କାରଣଟା ଅତି ସିମ୍ପୁଲ୍ । କୌଣସି ଫ୍ୟାକ୍ଟ୍ରିରେ ଶ୍ରମିକ ମୃତ୍ୟୁବରଣ କରିବା ତା ମାଲିକ ପାଇଁ ଆଦୌ ଏକ ଭଲ ଖବର ନୁହେଁ । ତା'ପରେ କୌଣସି ମାଲିକ ଚାହେଁନାହିଁ ଯେ ତା ଗେହ୍ଲେଇ ଝିଅ ତା'ର କୌଣସି ଦରିଦ୍ର ଭୃତ୍ୟକୁ ପ୍ରେମ କରୁ । ଆଉ ମଧ୍ୟ ମାଲିକ ଶଙ୍କର୍ଷଣର ପରିବାରକୁ ଯେତିକି ଟଙ୍କା କମ୍ପେନ୍‌ସେସନ୍ ଦେବ, ତା'ଠାରୁ କମ୍ ଟଙ୍କା ପୋଲିସ୍‌କୁ ଦେଇ ନିଜ ଘରପାଖରେ ହିଁ କାମଟାକୁ ରଫାଦଫା କରିଦେଲା ।'

ବଳଭଦ୍ର ବାବୁଙ୍କ କଥା ଉପସ୍ଥିତ ସମସ୍ତେ ଶୁଣିଥିଲେ । କିନ୍ତୁ ସାରା ଗାଁ ଶୁଣିନଥିଲା । ନବଘନ ବି ଶୁଣିନଥିଲା । ତେଣୁ ସେ ତା ବାଡ଼ିରୁ ଗମ୍ଭାରି ଓ ୟୁକାଲିପଟାସ୍ ଗଛ କାଟୁଥିଲା । ପୁଅର ମୃତଦେହ ପୋଡ଼ିବାକୁ ସଜବାଜ ହେଉଥିଲା । କାଠକୁ ଜୁଇ ଅନୁଯାୟୀ ସାଇଜ୍ କରୁଥିଲା । ସାଇଭାଇଙ୍କୁ ଡାକିହାକି ମଡ଼ା ଉଠାଇବାକୁ ରେଡ଼ି ହେଉଥିଲା ।

ଠିକ୍ ଏଇ ସମୟରେ ଗାଁରେ ପହଞ୍ଚିଲେ ଜିଲ୍ଲାପାଳ, ସ୍ଥାନୀୟ ବି.ଡି.ଓ., ତହସିଲ୍‌ଦାର୍, ଲେବର୍ ଅଫିସର୍ ଓ ଆଉ ଆଉ ପ୍ରଶାସନିକ ଅଧିକାରୀମାନେ । ଏମାନଙ୍କ ସହିତ ଥିଲେ ସ୍ଥାନୀୟ ଅଞ୍ଚଳର ବିଧାୟକ ଆଉ ତାଙ୍କ ସାଙ୍ଗରେ ସରପଞ୍ଚ ଦାମୋଦର ବାବୁ ।

କାଠଚିରାରେ ବ୍ୟସ୍ତ ଥିବା ନବଘନକୁ ଲେବର୍ ଅଫିସର୍ ପଚାରିଲେ, 'ଆପଣଙ୍କ ପୁଅର ନାଁ କ'ଣ ଥିଲା ?'

ନବଘନ ଘର ଆଗରେ ଏତେ ବଡ଼ ବଡ଼ ଅଫିସର ଓ ଏକାଥରେ ଏତେଗୁଡ଼ାଏ ଗାଡ଼ି କେବେ ଏକାଠି ହୋଇନଥିଲା । ତେଣୁ ସେ ତାଜୁବ୍ । କାଠଚିରା ବନ୍ଦ କରି ସେ ଉତ୍ତର ଦେଲା, 'ଶଙ୍କର୍ଷଣ...'

ଲେବର ଅଫିସର କହିଲେ, 'କିନ୍ତୁ ସେମିତି କୌଣସି ଲେବର୍‌ର ନାଁ ଆମ ଦଲିଲ୍‌ରେ ତ ନାହିଁ ?'

ଜିଲ୍ଲାପାଳ କହିଲେ, 'ବିନା ପଞ୍ଜିକରଣରେ କେହି ଦାଦନ ଗଲେ ଏଇପରି ସମସ୍ୟା ଉପୁଜିବ । କମ୍ପେନ୍‌ସେସନ୍ ଦେବାରେ ସମସ୍ୟା ସୃଷ୍ଟି ହେବ । ଏବେ ଆମେ କ'ଣ ବା କରିପାରିବୁ ?'

କିନ୍ତୁ ବିଧାୟକ ମହାଶୟ ପ୍ରଶାସନର କଥାକୁ ଭ୍ରୂକ୍ଷେପ କଲେନାହିଁ ।

ସେ କହିଲେ, 'ମୁଁ ସେସବୁ ଜାଣେନା... ନବଘନ ଆମ ଲୋକ... ତା ପରିବାରକୁ ନେଇ ଏବେ ସାରା ରାଜ୍ୟରେ ହଇଚଇ... ଆପଣମାନଙ୍କ ସରକାରୀ ଦାଓପେଞ୍ଚ ନବଘନ ପରି ସାଧାରଣ ନାଗରିକ ବୁଝିବା ଜରୁରି ନୁହେଁ... ତାକୁ ପ୍ରଶାସନ ପକ୍ଷରୁ ଯଥେଷ୍ଟ ସାହାଯ୍ୟ ଯୋଗାଇ ଦେବାକୁ ମୁଁ ଦାବି କରୁଛି...'

ତାଳି...

ସରକାରୀ ଖାତାପତ୍ର ପୂରଣ ହେବା ପରେ ଜିଲ୍ଲାପାଳ ଘୋଷଣା କଲେ, 'ରେଡ୍‌କ୍ରସ୍ ପାଣ୍ଠିରୁ ଗରିବ ନବଘନର ପରିବାରକୁ ପ୍ରାଥମିକ ଭାବେ ଦଶହଜାର ଟଙ୍କା ଦିଆଯାଉଛି । ଏଥିରେ ସେ ତା ମୃତ ପୁଅର ଅନ୍ତ୍ୟେଷ୍ଟିକ୍ରିୟା କରିବା ପରେ ବିଧାୟକ ମହୋଦୟ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଆଉ କିଛି ଟଙ୍କା ଯୋଗାଇ ଦେବାକୁ ଉଦ୍ୟମ କରିବେ ।'

॥ ୭ ॥

ଉପସ୍ଥିତ ସାମ୍ବାଦିକମାନଙ୍କୁ ଉଭୟ ବିଧାୟକ ଓ ଜିଲ୍ଲାପାଳ ନବଘନ ପରିବାରକୁ ସେମାନଙ୍କ ସାହାଯ୍ୟର ବିବରଣୀ ଦେଇସାରିବା ପରେ ଯିଏ ଯୁଆଡ଼େ ଚାଲିଗଲେ । କିନ୍ତୁ ଏବେ ପର୍ଯ୍ୟନ୍ତ ବି ଗାଁରେ ଶଙ୍କର୍ଷଣର ମୃତଦେହ ପହଞ୍ଚି ନଥିଲା । ଧୀରେ ଧୀରେ ଲୋକେ ଆଉ ସୁରଟରୁ ଆସୁଥିବା ଆମ୍ବୁଲାନ୍ସକୁ ଅପେକ୍ଷା କରୁନଥିଲେ । ସମସ୍ତେ ଯିଏ ଯାହା କାମରେ ବାହାରିବାରେ ଲାଗିଥିଲେ । ଚଉପାଢ଼ିରେ ସଂଧ୍ୟାବେଳେ ରାମାୟଣ ପଢ଼ା ଚାଲିଥିଲା । ଗୋଠରେ ଗାଁ ଟୋକାଏ ତାସ୍ ବାଡ଼ୋଉଥିଲେ । ଠୁକା ଦୋକାନ ଖୋଲିଥିଲା । ଗାଁ ମାଷ୍ଟ୍ରମାନେ ପାଠପଢ଼ା ଛାଡ଼ି ରାଜନୀତି ଓ ଲାଇଫ୍ ଇନ୍‌ସ୍ୟୁରାନ୍ସ କରିବାରେ ମନ ଦେଇଥିଲେ ।

ଏପଟେ ନବଘନ ଓ ତା ପରିବାର ଲୋକେ ଅପେକ୍ଷାରେ ଥିଲେ, କେତେବେଳେ ଆସିବ ଶଙ୍କର୍ଷଣର ମୃତଦେହ ।

ତା'ପରଦିନ ସବୁ ଖବରକାଗଜରେ ଏଇ ଘଟଣାକୁ ନେଇ ହେଡ୍‌ଲାଇନ୍ ବାହାରିଥିଲା–

ସୁରଟରେ ଓଡ଼ିଆ ଶ୍ରମିକର ମୃତ୍ୟୁ

ମୃତଦେହ ଗାଏବ୍, ଅପେକ୍ଷାରେ ରସିଆପୁରବାସୀ...

ପ୍ଲଟ୍ ନଂ–୫୨୫/୧୨୬୦୩, ସମେଇଗାଡ଼ିଆ,
(କଳିଙ୍ଗ କଲେଜ ପାଖ), ମଞ୍ଚେଶ୍ୱର, ଭୁବନେଶ୍ୱର

●●

# ମୃଗୟାର ଦୁଇପାର୍ଶ୍ୱ

**ଅଶୋକ ସିଂ**

"ବଡ଼ବାପା, ମୁଁ ଭୁବନେଶ୍ୱର ଏୟାର୍‌ପୋର୍ଟରୁ ଟ୍ୟାକ୍ସି ନେଇ ସାମନ୍ତରାପୁର ହାଉସିଂବୋର୍ଡ ଘରେ ଅମ୍ବିକାକୁ ନେଇ ପହଞ୍ଚିପାରିବି। ପାଞ୍ଚବର୍ଷ ତଳେ ବଡ଼ ଜେଜେଙ୍କର ଦଶାହ କାର୍ଯ୍ୟବେଳେ ଯାଇଥିଲି। ମୋର ରାସ୍ତାଘାଟ ଏବେ ବି ମନେଅଛି। ଅମ୍ବିକାର ବାବା ମହାରାଷ୍ଟ୍ର ରାଜ୍ୟରେ ଚାକିରି କରନ୍ତି। ତାଙ୍କ ଘର ରାଇରଙ୍ଗପୁର ଟାଉନ୍‌ଠାରୁ ପାଞ୍ଚମାଇଲ ଦୂରରେ, ସେ କେବେ ସେଠାକୁ ଯାଇନାହାନ୍ତି। ଭୁବନେଶ୍ୱରରେ କିଛିଦିନ ରହି ଆମେ ରାଇରଙ୍ଗପୁର ଓ ସେଠାରୁ କୋଲକାତା ବାଟଦେଇ ଫେରିଆସିବୁ ମୁମ୍ବାଇ।''

ପାଞ୍ଚବର୍ଷ ପରେ ମୋର ସାନଭାଇ ସଞ୍ଜୁର ପୁଅ ଅର୍ପଣର ଫୋନ୍ ପରିବାରର ସମସ୍ତଙ୍କୁ ଖୁସି ଆଣିଦେଇଥିଲା। ବୋଉ ଓ ଖୁଡ଼ି ଦୁଇଜଣଯାକ ଅଚାନକ ତା'ର ବିମୋହିତ ହୋଇଯାଇଥିଲେ। ଖୁଡ଼ିର ଆଖିରେ ଲୁହ ଆସିଯାଇଥିଲା। ମତେ କହିଲା, "ଅଜୁ, ତୋ ଦାଦା ଆଜି ବଞ୍ଚିଥିଲେ ମୋ ନାତି 'ଆପୁ'ର କଥା ଶୁଣି କେତେ ଆନନ୍ଦ ପାଇଥାନ୍ତେ। ସଞ୍ଜୁର ଭୁଲ୍‌ର ପ୍ରାୟଶ୍ଚିତ୍ତ କରିବାକୁ ତା'ର ପୁଅ ଆସୁଛି ଭୁବନେଶ୍ୱର। ସ୍ୱର୍ଗଦ୍ୱାର ଯିବା ପୂର୍ବରୁ ତାକୁ ଦେଖିପାରିବି, ସେ ତ ମୋ ପାଇଁ ବଡ଼କଥା।''

ଖୁଡ଼ି କଥାରେ କିଛି ସତ୍ୟ ଲୁଚିରହିଥିଲା। ବାସ୍ତବ ଜୀବନକୁ ମୋ ଦାଦାପୁଅ ଭାଇ ସଞ୍ଜିତ ଖିଆଲ ରାସ୍ତାରେ ନେଇଯାଇଥିଲା। ସେଥିପାଁ ତାକୁ ବହୁଗୁଣ କ୍ଷତିପୂରଣ ଦେବାକୁ ପଡ଼ିଛି। ଦାଦାଙ୍କର ମୃତ୍ୟୁ କିଛିଦିନ ପରେ ସଞ୍ଜିତ ପୁନେରୁ ସଦ୍ୟ କିଣିଥିବା ମର୍ସିଡ଼ିଜ୍ ଗାଡ଼ିରେ ଆସିବା ସମୟରେ ଘାଟରାସ୍ତାରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁବରଣ କରିଥିଲା। ତା'ର ପତ୍ନୀ ହସ୍ପିଟାଲ୍‌ରେ ତିନିମାସ ମୃତ୍ୟୁ ସହିତ ସଂଘର୍ଷ କରି ବିଜୟ ଲାଭ କରିଥିଲେ। କିନ୍ତୁ ତା' ପରର ଜୀବନ କଟିଥିଲା ହୁଇଲ୍ ଚେୟାର୍‌ରେ। ସେମାନଙ୍କର ଏକମାତ୍ର ପୁଅ ଅର୍ପଣ ନିଜ ମା' ଈଶ୍ୱରୀ ସାଓ୍ୱନ୍ତଙ୍କ କମ୍ପାନୀର ନିର୍ଦ୍ଦେଶକ ପଦବୀରେ ଯୋଗ ନଦେଇ ଟାଟା ସମାଜବିଜ୍ଞାନ ଅନୁଷ୍ଠାନରେ ଅଧ୍ୟାପକ ଭାବେ କାର୍ଯ୍ୟ କରିବାକୁ ପସନ୍ଦ କଲା। ସେଠାରେ ତା'ର ସାକ୍ଷାତ ହେଲା ରାଇରଙ୍ଗପୁର ଜନ୍ମିତ ଦିବାକର ମଲ୍ଲିକଙ୍କର କନ୍ୟା ଅମ୍ବିକାଙ୍କ ସହିତ।

ଘର କାନ୍ଥରେ ଥିବା ପରିବାର ଫଟୋରେ ବାପା, ଦାଦା, ବୋଉ, ଖୁଡ଼ି। ଆମେ ତିନିଜଣ ତଳେ ମୁଁ (ଅଜିତ), ସଞ୍ଜିତ ଓ ଏକମାତ୍ର ଭଉଣୀ ଅନୁରାଧା। ଆମେ ଛୋଟ ଘରଟିରେ ଅଜୁ, ସଂଜୁ ଓ ଅନୁ ଭାବେ ପରିଚୟ ଲାଭ କରି ବଡ଼ ହୋଇଥିଲୁ।

ମଧ୍ୟବିତ୍ତ ପରିବାରରେ ଯିଏ ବଡ଼, ତା' କାନ୍ଧରେ ଦାୟିତ୍ୱ। ସେ ନେବ ଘର ନେତୃତ୍ୱ। ବାପା ତାଙ୍କର ସାନଭାଇ ଦାଦା ଓ ଦୁଇ ପିଇସୀ ନାନୀଙ୍କୁ ବଡ଼ କରି ପାଠ ପଢ଼ାଇ ବିବାହ କାର୍ଯ୍ୟ ସମାପ୍ତ କରିଥିଲେ। ବି.ଏ. ପଢ଼ା ସମାପ୍ତ କରିପାରି ନଥିଲେ ପରିବାରର ବୋଝ ଯୋଗୁ। କିନ୍ତୁ ଦାଦା ଏମ୍.ଏ. ପାସ୍ କରି ଜଟଣୀ କଲେଜରେ ଅଧ୍ୟାପକ ଓ ଦୁଇ ପିଇସୀ ନାନୀଙ୍କୁ ଶିକ୍ଷୟିତ୍ରୀ କରାଇପାରିଥିଲେ। ଖାସ୍ ସେଇ କାରଣ ଯୋଗୁ ଆମ କୁଟୁମ୍ବ ଏପରିକି ଜଟଣୀ ପାଖ ସାନତୋଟାପଡ଼ା ଗାଁରେ ସେ ଜଣେ ଆଦର୍ଶ ବ୍ୟକ୍ତି।

ତାଙ୍କର ମୃତ୍ୟୁ ପରେ ମୁଁ ଏକା ହୋଇଯାଇଥିଲି ସତ; କିନ୍ତୁ ତାଙ୍କର ମୂଲ୍ୟବୋଧ, କିଛି ଲେଖା ଓ ଚିଠି ମୋ ପାଇଁ ଅମୂଲ୍ୟ ହୋଇଯାଇଥିଲା। ତାଙ୍କର ସେ ସୁନ୍ଦର ଓଡ଼ିଆ ଅକ୍ଷର ମୋ ଆତ୍ମବିଶ୍ୱାସ ବଢ଼ାଇଦିଏ। ଏବେ ବି ପ୍ରତ୍ୟେକଟି ଅକ୍ଷରରେ ମୁଁ ତାଙ୍କର ଜୀବନ ପ୍ରତିଛବି ଦେଖିଥାଏ। ସ୍ପର୍ଶ ଅନୁଭବ କରେ। ଏହି ଅନୁଭବକୁ କେବଳ ମୋ ବୋଉ ବୁଝିପାରେ। ଏବେ ଅବଶ୍ୟ ପତ୍ନୀ ମୋର ଭାବକୁ ବୁଝିବାରେ ସଫଳ ହୋଇପାରୁଛନ୍ତି।

ବାପା ମୃତ୍ୟୁ ପୂର୍ବରୁ ଏକମାତ୍ର ସାନଭାଇଙ୍କୁ ହରାଇଥିଲେ। ଦାଦାଙ୍କ ମୃତ୍ୟୁର କାରଣ ଆମେ ସମସ୍ତେ ଜାଣିଥିଲୁ। ନଚେତ୍ ଅବସରର କିଛିଦିନ ପରେ ସେ ଉଚ୍ଚ ରକ୍ତଚାପ ରୋଗରେ ମରଣକୁ କୋଳାଗ୍ରତ କରିଥାନ୍ତେ କାହିଁକି ? ପବିତ୍ର ବାହୁଡ଼ା ଯାତ୍ରାର ପରଦିନ ଗାଧୋଇ ଗାଁ ମନ୍ଦିରରୁ ପୂଜା ଅର୍ଚ୍ଚନା ସାରି ଘରେ ନିର୍ମାଲ୍ୟ ନେଇ ବାପାଙ୍କୁ କହିଥିଲେ, "ଭାଇ, ମୁଁ କାଲି ରାତିରେ ଅର୍ପଣକୁ ସ୍ୱପ୍ନ ଦେଖିଥିଲି। ସେ କହୁଥିଲା– ଜେଜେ, ତୁମେ ବଡ଼ଜେଜେଙ୍କୁ ଧରି ମୁମ୍ବାଇ ଆସ। ମୋ ଡାଡି କିଣିଥିବା ନୂଆ ମର୍ସିଡିଜ୍ ଗାଡ଼ିରେ ଶିରିଡ଼ି ନେଇ ସାଇବାବାଙ୍କର ଦର୍ଶନ କରାଇବି।''

"ଠିକ୍ ଅଛି, ଅନୁ ତା ବୋହୂର ପିଲାର ଏକୋଇଶିଆ ସାରି ହାଇଦ୍ରାବାଦରୁ ଆସୁ, ଆମେ ସମସ୍ତେ ଶିରିଡ଼ି ଯିବା। ଅର୍ପଣକୁ ବି ରାସ୍ତାରେ ଥିବା ଘରୋଇ ସ୍କୁଲର ହଷ୍ଟେଲରେ ଦେଖିବା।''

ବାପାଙ୍କ କଥା ଶୁଣିବା ପରେ ଦାଦା ଆନନ୍ଦରେ ଆତ୍ମହରା ହୋଇଯାଇ ନିଜ କକ୍ଷକୁ ଯାଇ ସମ୍ବାଦପତ୍ର ପଢ଼ିବା ସମୟରେ ଟଳିପଡ଼ିଥିଲେ। ବାପାଙ୍କ କୋଳରେ ଦଶମିନିଟ୍ ଶୋଇରହିବା ପରେ ସେ ଶେଷଯାତ୍ରାରେ ସାମିଲ ହୋଇଥିଲେ। ଏସବୁ ମୁଁ ଆଖିରେ ଦେଖିଛି,

ଦାଦାଙ୍କ ମୃତ୍ୟୁପରେ ବି ବାପା ହାରି ନଥିଲେ । ଦାଦା ଆରମ୍ଭ କରିଥିବା ସାନତୋଟାପଡ଼ା ହାଇସ୍କୁଲକୁ ଗୋଡ଼ରେ ଛିଡ଼ା କରାଇଥିଲେ ।

ଏହାମଧ୍ୟରେ ବହୁବର୍ଷ ବିତିଗଲାଣି । ବାପା, ଦାଦା ନିଜନିଜ ରାସ୍ତାରେ ଚାଲିଗଲେଣି । ଆମ ଦୁଇଭାଇଙ୍କ ମଧ୍ୟରେ ସଂଜୁର ବିବାହ ପରିବାରରେ ଫାଟ ସୃଷ୍ଟି କରିଥିଲା । ତିରିଶ ବର୍ଷ ତଳେ ପ୍ରଥମଥର ପାଇଁ କାର୍ଯ୍ୟ କରୁଥିବା ଘରୋଇ କମ୍ପାନୀର ଅଧ୍ୟକ୍ଷଙ୍କ ନିର୍ଦ୍ଦେଶରେ ବମ୍ବେର ତାଜ୍ ହୋଟେଲ ସର୍ବଭାରତୀୟ କଷ୍ଟ ଆକାଉଟାଣ୍ଟ ସମ୍ମେଳନରେ ଯୋଗଦେଇଥିଲି । ମୁଁ ଥିଲି ଇଣ୍ଟର ପାସ୍ କରିଥିବା ଜୁନିୟର ମ୍ୟାନେଜର । ଏପରି ସୁଯୋଗ ପାଇଥିବାରୁ ମନେମନେ ବହୁତ ଆନନ୍ଦିତ ଥିଲି ।

ବମ୍ବେ ଯିବା ଥିଲା ମୋର ପ୍ରଥମ ଯାତ୍ରା । ପାହାନ୍ତା ପ୍ରହରରେ ପହଞ୍ଚିଲି ଷ୍ଟେସନରେ । ଆଗରୁ ଖବର ଦେଇଥିଲି ସଞ୍ଜୁକୁ । ଅଧଘଣ୍ଟାଏ ଅପେକ୍ଷା କଲି ପ୍ଲାଟ୍‌ଫର୍ମରେ । ଲୋକମାନଙ୍କୁ ଦେଖିବାରେ ସମୟ କଟିଯାଉଥାଏ । ମତେ ପେଦାର ରୋଡ୍‌ରେ ଆମ କମ୍ପାନୀର ଅତିଥି ଭବନ ଯିବାକୁ ଥାଏ । ସ୍ୱରସାମ୍ରାଜ୍ଞୀ ଲତା ମଙ୍ଗେସ୍କର ଘର ପାଖରେ ସେତେବେଳେ ଫ୍ଲାଏ ଓଭର ତିଆରି ହୋଇ ନଥାଏ ।

ଟ୍ୟାକ୍ସିଷ୍ଟାଣ୍ଡ ଯାଇ ଗାଡ଼ିରେ ବସିବା ପରେ ଉତ୍କଣ୍ଠା ବଢ଼ିଯାଇଥାଏ । କାଳେ ଡ୍ରାଇଭରଟି ମତେ ଅନ୍ୟ ରାସ୍ତାରେ ନେଇଯିବନି ତ ? ସମୁଦ୍ରକୂଳ ରାସ୍ତାରେ ନେଇ ପେଦାର ରୋଡ୍‌ରେ ପହଞ୍ଚି ଯାଇଥିଲା । ଅତିଥି ଭବନର ସାମ୍ନାରେ ଅଲଟାମାଉଣ୍ଟ ରୋଡ୍ । ବିଶ୍ୱର ଅନ୍ୟତମ ଶିଳ୍ପପତି ଧୀରୁଭାଇ ଅମ୍ବାନୀଙ୍କ ବାସଭବନ ବି ସେଇ ରାସ୍ତାରେ ।

ସର୍ବଭାରତୀୟ କଷ୍ଟ ଆକାଉଟାଣ୍ଟ ସମ୍ମେଳନରେ ମୋ ପରି ଇଣ୍ଟରକଷ୍ଟ ପାସ୍ କରିଥିବା ଜୁନିୟର ମ୍ୟାନେଜର ସ୍ଥାନ କେଉଁଠି ? ଦୁଇଦିନ ଭାଷଣ ଶୁଣି ମଧ୍ୟାହ୍ନଭୋଜନ, ରାତ୍ରିଭୋଜନ ଖାଇବାର ମଜା ନେବା ସହିତ କିଛି ସମବୟସ୍କ ପେସାଧାରୀଙ୍କ ସହିତ ସମୟ କଟିଥିଲା ।

ତିନିଦିନ ରହିବା ପରେ ବି ସଞ୍ଜୁର ଦେଖା ନଥାଏ । ମୁଁ କେମିତି ଦୁଃଖୀ ଦୁଃଖୀ ଅନୁଭବ କରୁଥାଏ । ଶେଷରେ ତା ଅଫିସ୍‌କୁ ଫୋନ୍ କଲି, ପାଖ ଟେବୁଲ୍‌ରେ କାମ କରୁଥିବା ସାଙ୍ଗ କହିଲା, "ସଞ୍ଜିତ, ଆପଣଙ୍କ ଆସିବା ଖବର ପାଇଛି । ହଠାତ୍ ତାକୁ ଆମର ମ୍ୟାନେଜର ଇଶ୍ୱରୀ ସାଓ୍ୱନ୍ତଙ୍କ ସହିତ ଅଫିସ୍ କାମରେ ନାସିକ ଯିବାକୁ ପଡ଼ିଲା । ସେ ଆଜି ଆସି ପହଞ୍ଚିବ ।''

ଖବରଟି ପାଇବା ପରେ ମୋ ମନରୁ ବିଷାଦମାନେ ଲୁଚିଯାଇଥିଲେ । ସାନଭଉଣୀ ଅନୁରାଧାର ବିବାହ ବିଷୟ ଆଲୋଚନା କରିବା ଉଦ୍ଦେଶ୍ୟରେ ବମ୍ବେ ଯାଇଥିଲି । ଷ୍ଟେସନକୁ କିଛି ସମୟ ଆଗରୁ ଯିବାକୁ ଚିନ୍ତା କରି ଟ୍ୟାକ୍ସିକୁ ଅପେକ୍ଷା କରିବା ମଧ୍ୟରେ, ଅତିଥି ଭବନର କେୟାରଟେକର ଆସି କହିଲେ, "ଅଜୟ ବାବୁ, ଆପଣଙ୍କୁ ଲବିରେ ଦମ୍ପତି ଅପେକ୍ଷା କରିଛନ୍ତି ।" ମନରେ କେମିତି ଅଘଟଣ ଘଟିବା ପରି ମନେହେଲା । ବମ୍ବେର ସ୍ୱାମୀସ୍ତ୍ରୀ ମତେ କାହିଁକି ଅପେକ୍ଷା କରିବେ ? ସାନଭାଇ ଛଡ଼ା ମତେ ତ କେହି ଚିହ୍ନନ୍ତି ନାହିଁ । ସଞ୍ଜୁ ଆସି ମତେ ମୁଣ୍ଡିଆ ମାରିବା ପରେ ପାଖରେ ଥିବା ତରୁଣୀ ଜଣକ ମତେ କହିଲେ, "ଭାଇ, ନାସିକରେ ମୋର ପରିବାର ରୁହନ୍ତି । ବାପା ସେଠାକାର ସମବାୟ ଆନ୍ଦୋଳନର ଜଣେ ପୁରୋଧା ଭାବେ ପରିଚିତ । ନ୍ୟାସନାଲ କଂଗ୍ରେସ ପାର୍ଟିର ଜଣେ ନାମକରା ନେତା । ତାଙ୍କରି ସାହାଯ୍ୟ ନେଇ ଆମେ କମ୍ପାନୀର ନୂଆ ପ୍ରକଳ୍ପ ପାଇଁ ଶହେ ଏକର ଜାଗା କିଣିବା ପାଇଁ ଯାଇଥିଲୁ । ସାଙ୍ଗରେ ସଞ୍ଜିତ ବି ଯାଇଥିଲେ । ମୋର ବାବା ଓ ଆଉ (ମରାଠୀରେ ବୋଉ) ତାଙ୍କୁ ଦେଖି ବହୁତ ଖୁସି ହେଲେ ।"

ଇଶ୍ୱରୀଙ୍କ କଥାର ମର୍ମ ବୁଝିବାକୁ ଆଉ କିଛି ବାକି ନଥିଲା । ନିଜଠାରୁ ଅଧିକ ବୟସ୍କ ତରୁଣୀଙ୍କୁ ବିବାହ କରିବା ପରେ ସଞ୍ଜିତ ଆମ ଘରେ, କୁଟୁମ୍ବରେ ଓ ସାନତୋଟାପଡ଼ା ଗାଁରେ ଯେଉଁ ଅସୁସ୍ଥ ପରମ୍ପରା ସୃଷ୍ଟି କରିବ, ତା'ର ପ୍ରଭାବରେ ମୋର ବାପା, ଦାଦା ବେଶି କ୍ଷତିଗ୍ରସ୍ତ ହେବେ । ଇଶ୍ୱରୀଙ୍କ ପଛପଟେ ମୋ ସାନଭାଇ ମୁଣ୍ଡକୁ ତଳକୁ କରି ଛିଡ଼ା ହୋଇଥାଏ । ଅଫିସ୍ ଗାଡ଼ିରେ ଷ୍ଟେସନରେ ଛାଡ଼ିଦେଇଥିଲେ । ସତ କହିବାକୁ ସଞ୍ଜୁ ପରି ଗୋଟାଏ ସ୍ୱାର୍ଥପର, ମେରୁଦଣ୍ଡୀହୀନ ବ୍ୟକ୍ତି ସହିତ କଥା ହେବାର ଆଗ୍ରହ ଚାଲିଯାଇଥାଏ । କୌଣସି ଅନାବଶ୍ୟକ ପରିସ୍ଥିତି ସୃଷ୍ଟି ନକରି ଦୁଇଜଣଙ୍କ ଠାରୁ ବିଦାୟ ନେଇ ପ୍ଲାଟ୍‌ଫର୍ମରେ ଧୀରେ ଧୀରେ ତୃତୀୟ ଏସି କମ୍ପାର୍ଟମେଣ୍ଟ ଆଡ଼କୁ ଆସୁଥିଲି । ପଛକୁ ଅନାଇବାର ସାହସ ନଥାଏ । ନିଜ ସିଟ୍‌ରେ ଆସି ବସିବା ପରେ ବ୍ୟାଗ୍‌ରୁ ଟାଓ୍ୱେଲଟି ବାହାର କରି ମୁହଁ ପୋଛି ବାହାରକୁ ଦୃଷ୍ଟି ଦେଲି । ଝରକା ପାଖରେ ସଞ୍ଜୁ ମତେ ଅନାଇ ଛିଡ଼ା ହୋଇଥିଲା, ଫାଶୀକୁ ଯାଉଥିବା ଆସାମୀଟିଏ ପରି । ମନରେ ଦୟା ଆସିଲା । ଯାହାହେଲେ ମୋର ସାନଭାଇ ! ପର ପାଖରେ ବାନ୍ଧବୀ ଇଶ୍ୱରୀ ନଥାନ୍ତି ।

"ଭାଇ, ମୁଁ ଜାଣିଛି ମୋ ସାଙ୍ଗରେ ଇଶ୍ୱରୀଙ୍କୁ ଦେଖି ତମେ ଅସନ୍ତୁଷ୍ଟ । ସେ ତୁମ ସହିତ ଭେଟ ହେବା ପାଇଁ ଜିଦ୍ କଲେ । ବହୁତ ବାଟ ଆଗେଇଗଲିଣି । ଆଉ ଫେରିବାର ଉପାୟ ନାହିଁ । ମୁଁ ତାଙ୍କର ଫ୍ଲାଟ୍‌ରେ ରହୁଛି । ତାଙ୍କର ବାପାମା' ଅନୁରାଧାର ବିବାହ ଦେଖିବା ପାଇଁ ଭୁବନେଶ୍ୱର ଯିବେ । ଇଚ୍ଛା ଥାଇ ବି ମୁଁ ସେମାନଙ୍କୁ ରୋକିପାରିବି ନାହିଁ । ମୋର ସଞ୍ଚିତ ଅର୍ଥରୁ ଲକ୍ଷେ ଟଙ୍କାର ଡ୍ରାଫଟ ବଡ଼ବାପାଙ୍କୁ ଦେବ । ଅନୁର ବାହାଘରରେ ଖର୍ଚ୍ଚ କରିବେ ।''

ବମ୍ବେରୁ ଫେରି ରବିବାର ଦିନ ହଠାତ୍ ଦାଦାଙ୍କୁ ଘରେ ଦେଖି ଡରିଯାଇଥିଲି । ଖାଇସାରି ଶୋଇବା ପରେ ଦେଖିଲି ଦାଦା ଜଟଣୀ ଚାଲିଗଲେଣି । ଦାଣ୍ଡଘରେ ବାପା ବସି ଚା' ପିଉଥାନ୍ତି । ଭାବିଲି ଏଇଟା ପ୍ରକୃତ ସମୟ । ସଞ୍ଜୁ ସମ୍ପର୍କରେ ମୋ ପାଖରେ ଥିବା ସମସ୍ତ ବିବରଣୀ ବାପାଙ୍କୁ ଶୁଣାଇଦେଇଥିଲି । ବୋଉ ପାଖରେ ଠିଆ ହୋଇଥାଏ । ତା'

ଆଡ଼କୁ ଅନାଇ ବାପା କହିଲେ, "ବୁଝିଲ, ଏସବୁ ଆମ କର୍ମର ଫଳ । ଦୁଇଟା ପୁଅ, ଗୋଟେ ଆମ ବାଛିଥିବା ରାସ୍ତାରେ ଚାଲିଲା । ପରିବାରର ଭଲମନ୍ଦରେ ନିଜକୁ ସାମିଲ କଲା । ଦାଦାଖୁଡ଼ିଙ୍କୁ ଭେଟିବା ପାଇଁ ମାସକୁ ଥରେ ଟ୍ରେନ୍‌ରେ ଜଟଣୀ ଓ ସେଠାରୁ ସାନତୋଟାପଡ଼ା ଗାଁକୁ ଯାଉଛି । ଆଉଜଣେ ବୟସରୁ ବଡ଼ ଝିଅକୁ ବିବାହ କରିବା ପାଇଁ ନିଜେ ସ୍ଥିର କରିସାରିଛି । ବଡ଼ଭାଇ ଥାଉଥାଉ କିଏ ବିବାହ କରେ ? ନିଜର ବାଗ୍‌ଦାଦ୍‌କୁ ଆଣି ପରିଚୟ କରାଏ ? ମହାନଗର ସଂସ୍କୃତି ଶେଷରେ ଆମକୁ ଧ୍ୱଂସ କରିବ ।''

"ଏବେ କ'ଣ କରିବା ? ତୁମ ସାନ ଭାଇକୁ ମୁଁ ବୁଝାଇପାରିବି ନାହିଁ । ତା' ସ୍ତ୍ରୀ କନ୍ଦାକଟା କରିବ । ମୁଁ ଚେଷ୍ଟା କରିବି ସବୁକଥା ଚଳେଇନବାକୁ । ଚାଲ ସନ୍ଧ୍ୟା ଟ୍ରେନ୍‌ରେ ଜଟଣୀ ଯିବା ।''

ବୋଉ କଥା ଶୁଣି ବାପା ସାଙ୍ଗେସାଙ୍ଗେ ପ୍ରସ୍ତୁତ ହୋଇଯାଇଥିଲେ । ଆମେ ସବୁ ଜାଣିଥିଲୁ, ଦାଦା ଯେତେ ଅସନ୍ତୁଷ୍ଟ ହେଲେ ବି, ବାପାଙ୍କ ଆଗରେ ପାଟି ଫିଟାଇବେ ନାହିଁ । ସମସ୍ୟାର ସମାଧାନ ହେବ । କୁଟୁମ୍ବର ଲୋକେ, ସାଇ ଭାଇ ମଧ୍ୟରେ ବାପାଙ୍କ ଆଗରେ ଛିଡ଼ାହେବେ ନାହିଁ ।

ପରିବାରର ଚାରୋଟି ଗୋଡ଼ରୁ ଗୋଟିକରେ ଫାଟ ଦେଖାଯାଇଥିଲା । ଅନୁରାଧାର ବିବାହ ସମୟରେ ସାନତୋଟାପଡ଼ା ଗାଁର ଲୋକେ ବନ୍ଧୁବାନ୍ଧବ, ବିଶେଷକରି ଦୁଇ ପିଉସୀ ନାନୀ ସମସ୍ତେ ବମ୍ବେରୁ ଆସିଥିବା ଈଶ୍ୱରୀ ସାଓ୍ୱନ୍ତ ଓ ତାଙ୍କର ପରିବାରକୁ ଅତି ପାଖରୁ ଦେଖିଥିଲେ । ବାପାଙ୍କ ଭୟରେ ସମସ୍ତେ ନିରବ ରହିବାକୁ ବାଧ୍ୟ ହୋଇଥିଲେ ।

କିଛିଦିନ ପରେ ସଞ୍ଜୁର ବିବାହ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା ମୋ ବିବାହର ପୂର୍ବରୁ । ସବୁ ସଂଯୋଜନା କରିଥିଲି । ସେମାନେ ବମ୍ବେ ଚାଲି ଗଲାପରେ, ଖୋର୍ଦ୍ଧା ପ୍ରାଣନାଥ କଲେଜର ଜଣେ ବରିଷ୍ଠ ଅଧ୍ୟାପକଙ୍କର କନ୍ୟାଙ୍କୁ ମୋ ପାଇଁ ମନୋନୀତ କରି ଦାଦା ବବାହଟିକୁ କାର୍ଯ୍ୟକାରୀ କରାଇଥିଲେ । ସେ ଥିଲେ ସର୍ବମୟ କର୍ତ୍ତା । ବାପା, ଦୁଇ ପିଇସୀ, ବୋଉ, ଦାଦାଙ୍କୁ କେହି ବାଧା ନେଇ ନଥିଲେ । ସେମାନେ ଜାଣିଥିଲେ ସଞ୍ଜୁର ବିବାହ ପରଠାରୁ ପାଇଥିବା ଆଘାତ ଦାଦା ଭୁଲିବାକୁ ଚେଷ୍ଟା କରୁଛନ୍ତି ।

ସମୟ କ'ଣ କେବେ କାହାକୁ ଅପେକ୍ଷା କରେ । ପାରିବାରିକ ଜୀବନଠାରୁ ଦାଦା ନିଜକୁ ବହୁତ ଦୂରରେ ରଖି ଚାଲିଥିଲେ । ଈଶ୍ୱରୀଙ୍କ ପରିବାର ତାଙ୍କ ପାଇଁ ନଥିଲା କହିଲେ ଚଳେ । ବେଳେବେଳେ ତା'ର ପୁଅ 'ଅର୍ପଣ' ତା'ର ସ୍କୁଲ ହଷ୍ଟେଲରୁ ଫୋନ୍ କରି କଥାହୁଏ । ଆମେ ସମସ୍ତେ ସଞ୍ଜୁକୁ ଭୁଲିବାକୁ ଚେଷ୍ଟା କରୁଥାଉ । ପ୍ରଥମେ ଦାଦା ଓ ବାପା ଡକାଡକି ହୋଇ ସ୍ୱର୍ଗଦ୍ୱାର ଆଡ଼େ ଯାତ୍ରା କରିଥିଲେ । ଜଟଣୀ ଘରକୁ ଭଡ଼ାରେ ଦେଇ ଘରସଂସାରରେ ବୋଉର ସହାୟତା କରିବା ପାଇଁ ଖୁଡ଼ି ଚାଲିଆସିଥିଲେ ଆମ ସାମନ୍ତରାପୁର ଘରକୁ । ମୁଁ ପରିବାରର ସମସ୍ତ ସଦସ୍ୟଙ୍କୁ ଏକାଠି କରିବାକୁ ଚେଷ୍ଟା କରୁଥାଏ । ଅନୁରାଧା ଆସି ହାଉସିଂବୋର୍ଡ଼ ଘର ପାଖରେ ବଡ଼ଦା' ହସ୍ପିଟାଲ ପଛପଟେ ଫ୍ଲାଟ୍‌ଟିଏ କିଣି ରହିଲା ।

ମୋର ଏକମାତ୍ର ଝିଅ ବାଙ୍ଗାଲୋରରେ ରହୁଛି । ଅନୁରାଧାର ପୁଅ, ବୋହୂ, ନାତି ଆମେରିକାରେ । ସଞ୍ଜୁର ପୁଅ 'ଅର୍ପଣ' ମ୍ୟାନେଜମେଣ୍ଟ ଉପାଧିଉତ୍ତର ଶିକ୍ଷା ସାରି ଟାଟା ସମାଜବିଜ୍ଞାନ ଅନୁଷ୍ଠାନରେ କାର୍ଯ୍ୟରତ । ସେ ବି ରାଇରଙ୍ଗପୁର ଜନ୍ମିତ ଦିବାକର ମଲ୍ଲିକଙ୍କର କନ୍ୟା ଅମ୍ବିକାଙ୍କୁ ବିବାହ କରିବାର ନିଷ୍ପତ୍ତି ନେଇସାରିଛି ।

ସଞ୍ଜୁ, ପରିବାରର ଆଶା ଆକାଂକ୍ଷା ବିରୋଧରେ ଯାଇ ଈଶ୍ୱରୀଙ୍କୁ ବିବାହ କରିଥିଲା ତିରିଶ ବର୍ଷ ତଳେ । ଆଜି ତା'ର ଏକମାତ୍ର ପୁଅ ଅର୍ପଣଙ୍କୁ ପାରିବାରିକ ଉଦ୍ୟୋଗର ମୁଖ୍ୟ ପଦବୀକୁ ପଦାଘାତ କରି ଅଧ୍ୟାପନାକୁ ବାଛିନେଲା । ଓଡ଼ିଆ ଝିଅ ଅମ୍ବିକାକୁ ସେ ଭୁବନେଶ୍ୱରରେ ଓଡ଼ିଆ ରୀତିନୀତିରେ ବିବାହ କରି ବାପାଙ୍କ ଭୁଲ୍‌ର ପ୍ରାୟଶ୍ଚିତ୍ତ କରିବ ।

ସଞ୍ଜୁର ଜୀବନଯାତ୍ରାର ଗୋଟିଏ ପାର୍ଶ୍ୱ ଆମେ ସମସ୍ତେ ଦେଖିଥିଲୁ । ଆଉ ଆଜି ଅର୍ପଣର ଟେଲିଫୋନ୍ ମତେ ଅନ୍ୟ ପାର୍ଶ୍ୱଟିକୁ ଦେଖାଇଦେଇଥିଲା । ମୃଗୟା ଯାତ୍ରାରେ ଏହା ଏକ ସାଧାରଣ ଘଟଣା ।

ଉର୍ମିକୃପା ଭବନ, ଶହୀଦ ନଗର, ଭୁବନେଶ୍ୱର-୭

●●

# ଘରବାହୁଡ଼ା

**ଲିପିକା ମହାପାତ୍ର**

ଭଡ଼ାଘରଟେ ଖୋଜି ଖୋଜି ନୟାନ୍ତ ହେଲାବେଳକୁ ମୋର ସବୁଥିକ ରାଗ ଠୁଳ ହେଲା ମୋର ରୁମ୍‌ମେଟ୍‌ଙ୍କ ଉପରେ । ଦୁହେଁ ବିଦେଶୀ । କହିଲେ କ'ଣ ନା "ଟ୍ରି'' (ମୋ ନାଁ ତ୍ରିଭୁବନ । ତ୍ରିଭୁବନ ସ୍ୱାଇଁ, ସେମାନେ ଉଚ୍ଚାରଣଗତ ଅକ୍ଷମତା ହେତୁ 'ଟ୍ରି' ବୋଲି ଡାକନ୍ତି) । ପ୍ଲିଜ୍ ଫାଇଣ୍ଡ୍ ୟୋର୍ ଓନ୍ ପ୍ଲେସ୍ ! ଅନ୍ୟ ଘର ଦେଖ । ମୁଁ ରାନ୍ଧିଲାବେଳେ କାଳେ ଇଣ୍ଡିଆନ୍ ଖାଦ୍ୟର ଉତ୍କଟ ମସଲା ଗନ୍ଧ ତାଙ୍କ ଦେହରେ ଯାଉନି । ମୁଁ ହୋଟେଲରେ ଖାଇଲେ ତାଙ୍କର ଆପତ୍ତି ନାହିଁ; ମାତ୍ର ଘରେ ରାନ୍ଧିବା ମନା । ମୁଁ ଆମେରିକା ଆସିଥିଲି କ'ଣ ହୋଟେଲରେ ଖାଇବା ପାଇଁ ? କେତେ ଚେଷ୍ଟାରେ ମାତ୍ର ମାସ ଛ'ଟା ପାଇଁ ଆସି ପାରିଛି ଟଙ୍କା କିଛି କମେଇଦେବି । ସବୁଦିନ ହୋଟେଲରେ ଖାଇବି ତ ବଳିବ ଛେନାଗୁଡ଼ । ତେଣୁ ବାଧ୍ୟ ହୋଇ ଘର ଖୋଜିବାରେ ଲାଗିଗଲି ।

ଖୋଜୁଖୋଜୁ ଖୁବ୍ ଶୀଘ୍ର ମୋ ପସନ୍ଦର ଘରଟିଏ ମିଳିଗଲା । ପୁଣି ବିଲ୍‌କୁଲ୍ ରେଣ୍ଟ ଫ୍ରି, ଅବଶ୍ୟ ତା' ପାଇଁ ମୋତେ କିଛି ନିଜସ୍ୱ ସମୟ ଦାନ କରିବାକୁ ପଡ଼ିବ । ମାତ୍ର ଏଥର ଯାହା କମେଇବି ପାଖାପାଖି ସବୁତିକ ବ୍ୟାଙ୍କରେ ଜମାହେବ, ସେଇଆ ଭାବି ମୁଁ ଉଲ୍ଲସିତ, ସାମୟିକ ଭାବେ ନିଶ୍ଚିନ୍ତ ହୋଇଗଲି ।

ମୋର ଶିକ୍ଷାଗତ ଯୋଗ୍ୟତା ସେମିତି କିଛି ଆଖିଦୃଷ୍ଟିଆ ନୁହଁ ଏବଂ ମୁଁ ଜଣେ ଶ୍ରମକାତର ମଣିଷ । ଆମେରିକା ମୋ ପାଇଁ ଆକାଶ କୁଆଁ ଚିଲିକା ମାଛ ! ତଥାପି ଏଠି ଆସି ପହଞ୍ଚିଗଲି କିପରି, ପ୍ରଥମରୁ କହିଦେବା ଉଚିତ । ଏକ ଭୋକେସନାଲ୍ କୋର୍ସ କରିବା 'ବାହାନା'ରେ ଛ'ମାସ ପାଇଁ ମୁଁ ଆମେରିକା ଆସିଲି ଏବଂ ଜଣେ ଆପାର୍ଟମେଣ୍ଟ୍ ମ୍ୟାନେଜର ଭାବେ ନିଯୁକ୍ତି ପାଇ ବିନାମୂଲ୍ୟରେ ଦୁଇବଖରା ବିଶିଷ୍ଟ ଘରଟିରେ ମୋର ଭାରତୀୟ ମନ ଓ ଆତ୍ମାକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇ ମାଛ ବେଶରଠୁଁ ମାଂସ ଘାଣ୍ଟ ପରି ଓଡ଼ିଆ ରୋଷେଇ କରି ଜିହ୍ୱା ଲାଳସା ମେଣ୍ଟାଇବା ଏବଂ ପର କଥାସବୁ ପଛକୁ ପଛ ପରସ୍ପର ସହିତ ସମ୍ବନ୍ଧିତ ।

ମୋ ଶିକ୍ଷାଗତ ଯୋଗ୍ୟତା ନକହିଲେ ଭଲ । ଗାଁ କଲେଜରେ କଳେ-ବଳେ-କୌଶଳେ ବିଏ ପାସ୍ କଲାବେଳକୁ ମୁଁ କପି ମାଷ୍ଟର ବୋଲି ସାଙ୍ଗ ମହଲରେ କୁଖ୍ୟାତ ହୋଇଯାଇଥିଲି । ପରେପରେ ଦିଲ୍ଲୀରେ ରହି କିଛିବର୍ଷ ଖରାତରାରେ ଜାହିତାହି ମାର୍କେଟିଂ ଫାର୍କେଟିଂ କାମ କଲାପରେ ବୁଝିଗଲି ପରିଶ୍ରମ କରି ପଇସା କମେଇବା ମୋ ପାଇଁ ଅସମ୍ଭବ । ଅଳ୍ପ ପରିଶ୍ରମ ଏବଂ ସମୟ ମଧ୍ୟରେ ପୁଳାଏ ଟଙ୍କା କମେଇଦେବାର ନିଶା ଘାରିଲା ମତେ ।

ସାରାଜୀବନ ଖଟିବା ଲୋକ ମୁଁ ନୁହଁ । ଗାଁ ସ୍କୁଲରେ ମାଷ୍ଟ୍ର ଚାକିରି କରୁଥିବା ମୋ ବଡ଼ଭାଇଙ୍କୁ ଦେଖିଲେ ଦୟା ହୁଏ । ଯାହା ତ ଦରମା ସେଥିରେ ନିଜ ପରିବାର, ବନ୍ଧୁବାନ୍ଧବ ଓ ବାପାବୋଉଙ୍କ ଦାୟିତ୍ୱ ତୁଲାଇଲା ପରେ ଆଉ ବଳିଲା କ'ଣ ଯେ ? ମାନେ ସିନେମା କି ଭଲ ହୋଟେଲରେ କେତେବେଳେ କେମିତି ଖାଇବା, ଭଲ ପିନ୍ଧିବା । ସେ ଦୃଷ୍ଟିରୁ ମୁଁ ପୂରା ଖୋଲା । ଅର୍ଥାତ୍ ଦାୟିତ୍ୱଶୂନ୍ୟ । ସାନପୁଅ ମୁଁ, ବୋଉର ଗେହ୍ଲା । ମୋର ଲଗାମଛଡ଼ା ପ୍ରକୃତି ଦେଖି ବାପା କି ଭାଇ ବିରକ୍ତ ହେଲେ ବୋଉ ମାଡ଼ିବସେ, "କେତେ ଆଉ ବୟସ ହେଲା ଯେ, ଘର ବୋଝ ମୁଣ୍ଡେଇବାକୁ କହୁଛ ତାକୁ ?" ବୋଉର ସେତିକି କଥାରେ ମୋର ଡେଣା ଗଜୁରିଯାଏ । କୁଆଡ଼େ ନାଇଁ କୁଆଡ଼େ ଉଡ଼ିବାର ସ୍ୱପ୍ନ ଦେଖେ । ଗାଁରେ ମୋ ସାଙ୍ଗମାନଙ୍କ ଭାଷାରେ– ମୁଁ ଏକ ବୁଲା ଷଣ୍ଢ ।

ଅସହିଷ୍ଣୁଗୁଡ଼ା, ତାଙ୍କଠୁଁ କ'ଣ ଆଶା କରିହେବ ? ସେମାନେ କୋଉ କଳିପାରିବେ ମୋର ଉଚ୍ଚାକାଂକ୍ଷା ? ମୋ'ରି ବୟସର ପିଲା କୁଆଡ଼େ ନାଇଁ କୁଆଡ଼େ ଉଠିଲେଣି, କେତେଜଣ କମ୍ପାନୀ ମାଲିକ ବି ହେଲେଣି । ପରିଶ୍ରମ କରି ନୁହଁ, ମୁଣ୍ଡକୁ ଠିକ୍ ଭାବରେ ଖଟାଇ । ପରିଶ୍ରମ କରି କିଏ ଯଦି ଧନୀ ହୋଇପାରନ୍ତା, ଆମ ଗାଁ ଗୋପାଳ ତନ୍ତି ତ କେବେଠୁଁ ପଇସାବାଲା ହୋଇସାରନ୍ତାଣି । ପିଲାଦିନୁ ଦେଖିଛି ଦିନକୁ ଅଠରଘଣ୍ଟା ଝାଳନାଳ ହୋଇ ଲୁଗା ବୁଣେ, ହେଲେ ଆଜିଯାଏଁ ବି ତା' ଘରେ ଦି'ବଖତ ଭଲକି ମୁଠେ ଖାଇବାକୁ ନାହିଁ ।

"ଆମେରିକାରେ ପବନରେ ବି ଡଲାର୍ ଉଡ଼େ, ଖାଲି ଧରିବା କୌଶଳ ଜାଣିବା କଥା'' ଏହି ଧାରଣାଟି ଆମେରିକାରେ କିଛିଦିନ ଆଇ.ଟି. କମ୍ପାନୀରେ ଚାକିରି କରି ଫେରିଥିବା ବନ୍ଧୁ ଜଣେ ମୋ ମୁଣ୍ଡରେ ରୋପଣ କରିଦେଲା ପରେ ମୁଁ ଦିନରାତି କେବଳ ଆମେରିକା ଯିବା ସ୍ୱପ୍ନ ଦେଖିଲି । କିପରି ଯିବି ? ବନ୍ଧୁଜଣଙ୍କ ଉପାୟ ବି ଦେଲା ।

"ଇଂଲିସ୍ ଆଜ୍ ଏ ସେକେଣ୍ଡ୍ ଲାଙ୍ଗୁଏଜ୍ କିମ୍ବା ଇ.ଏସ୍.ଏଲ୍. କ୍ଲାସ୍‌ରେ ଜଏନ୍ କରିଯିବୁ ଜାଣ ସେଇ କୋର୍ସ ମାଧ୍ୟମରେ ଆମେରିକା ମାଟିରେ ପାଦଦେବା ସହଜ । ଅର୍ଥାତ୍ ତୋର ଇଂରାଜୀ ଜ୍ଞାନକୁ ଉନ୍ନତ କରିବାକୁ ତୁ ଆମେରିକା ଯାଉଛୁ । କଲେଜରେ ନାଁ ଲେଖେଇବାକୁ ସର୍ବନିମ୍ନ ଯେତିକି ଅର୍ଥର ଆବଶ୍ୟକ ସେତିକି ପଇଠ କରିଦେଲାପରେ ବାକି ଅର୍ଥ ସେଇଠି କାମ କରି ପଇଠ କରିଦେବୁ । ମାତ୍ର ଛଅମାସ ପାଇଁ ଭୋକେସନାଲ୍ କୋର୍ସ କରିବାକୁ ଭିସା ସହଜରେ ମିଳିବ । ଯେହେତୁ ଆମେରିକାରେ ପାରିଶ୍ରମିକ ଘଣ୍ଟା ହିସାବରେ ମିଳେ, ସେ ଦୃଷ୍ଟିରୁ ଛଅମାସରେ ତୁ ପାଖାପାଖି ଚାରି ପାଞ୍ଚ ଲକ୍ଷ ଟଙ୍କା କମେଇଦବୁ । ସେଠି ଇଣ୍ଡିଆନ୍ ରେଷ୍ଟୁରାଣ୍ଟ୍ ନହେଲେ ପେଟ୍ରୋଲ୍ ପମ୍ପ୍ ତତେ କ୍ୟାସ୍ ଦେଇ ରଖିଦେବେ ମୁଁ ଗ୍ୟାରେଣ୍ଟି ଦଉଛି ।" ଯା ଭିତରେ କାହାକୁ ଫୋନ୍ ବି ଲଗେଇଦେଲା । ହିନ୍ଦୀରେ ପୁଳାଏ ଗପିସାରି ମୋ ଆଡ଼କୁ କ'ଣ ଲେଖି

କାଗଜଟେ ବଢ଼ାଇଦେଲା, "ଆଡ୍ରେସ୍ ନେ । ତୁ ଯେଉଁ ସହରକୁ ଯିବୁ ସେଠି ଯେ ଲୋକଙ୍କୁ ଦେଖା କଲେ କାମ ମିଳିବ ।"

ତା ମୁହଁରୁ ଏପରି ଜ୍ଞାନତକ ଢକଢକ କରି ପିଇଯାଉଥିଲି । ଛଅମାସରେ ପାଞ୍ଚ ଲକ୍ଷ । ମୁଁ ତ ମାସ ତମାମ ଖଟି ଖଟି ଖର୍ଚ୍ଚ ଯାଇ ଦଶହଜାର ଖଣ୍ଡେ ବଳୁଛି । ତେଣୁ ତରବରିଆ ପାସ୍‌ପୋର୍ଟ ପାଇଁ ଆବେଦନ କରିଦେଲି ଏବଂ ଶୀଘ୍ର ପାଇଗଲି । ମୋ ବ୍ୟାଙ୍କ ଡିପୋଜିଟ୍‌ର ମାତ୍ରା, ତା'ଛଡ଼ା ଗାଁରେ ମୋ ଭାଗର କିଛି ଜମିଜମାର ସୂଚନା ଆବେଦନପତ୍ରରେ ଦେଇଦେଲି । ଏହାଦ୍ୱାରା କଲେଜ କର୍ତ୍ତୃପକ୍ଷଙ୍କୁ ମୁଁ ଜଣେଇଦେଲି ଯେ ଆମେରିକାରେ ଉକ୍ତ କୋର୍ସଟି କରିବା ପାଇଁ ମୋ ପାଖରେ ଆବଶ୍ୟକ ସମ୍ବଳ ଅଛି । ଷ୍ଟୁଡେଣ୍ଟ୍ ଭିସା ମିଳିବାକୁ ତିନିମାସ ଲାଗିଗଲା । ଭାଇ, ବାପା କହି ବୁଲିଲେ, "ସାନଟା ଆମର ଆମେରିକା ଗଲା ।" ଖାଲି କହିବୁଲିଲେନି; କାହାର ପୁଅ, ଜୋଇଁ, ଯିଏ ଯେମିତି ଜଣେଅଧେ ଆମେରିକାରେ ଥିଲେ ସେମାନଙ୍କ ଠିକଣା ସଂଗ୍ରହ କରି ମୋତେ ଅର୍ପଣ କରିଦେଲେ । ତା' ସହ ଫରମାୟିସି ମଧ୍ୟ, "ଅମୁକର ଜୋଇଁ ପାଇଁ ତୋ ହାତରେ ଘର ବଡ଼ି ଦି'ଟା ପଠେଇବେ ବୋଲି କହୁଛନ୍ତି, ସମୁକର ପୁଅ ପାଇଁ ଆଚାର ।"

ବାପାଙ୍କୁ ବୁଝାଇବାକୁ ପଡ଼ିଲା ଯେ ସେସବୁ ଦୁର୍ଲଭ ଚିଜ ମୁଁ ସାଙ୍ଗରେ ନେଇପାରିବିନି । ଏୟାରପୋର୍ଟ ସିକୁରିଟି ଭାରି କଡ଼ା, ସେଇଠି ଫୋପାଡ଼ିଦେବେ ସେଗୁଡ଼ା । ସେ ବୁଝିଲେ କି ନାଇଁ, ମାତ୍ର ବାଧ କଲେନି । ଯାହା ପଇସା ସଞ୍ଚିଥିଲି ସବୁ ଲଗେଇଦେଇ ଉଡ଼ିଆସିଲି ଆମେରିକା ।

କ'ଣ ମିଳିବ ସେ ଚିହ୍ନାଜଣାରୁ ? ମୋର ତ ଉଦ୍ଦେଶ୍ୟ ଅଲଗା । କୋଉଠି କେମିତି ହୋଟେଲ ଫୋଟେଲରେ ତଲୁଆ ମଲୁଆ କାମ କରି ଡଲାର କମେଇ ଫେରିଆସିବି । ଚିହ୍ନା ଲୋକ ମୋ କଥା ଜାଣିଲେ ଗାଁରେ ଗପିବେ ଅମୁକଙ୍କ ପୁଅ, ସମୁକଙ୍କ ଭାଇ ଆମେରିକାରେ ହୋଟେଲରେ ବାସନ ମାଜୁଛି, ନହେଲେ ଲୋକଙ୍କ ପାଇଖିନା ସଫା କରୁଛି । ଜାଣିଜାଣି ଦୁର୍ଯୋଗ ଡାକିବା ଭଳି ବୋକା ମୁଁ ନୁହେଁ ।

ଆମେରିକାରେ ପହଞ୍ଚିବାର ପନ୍ଦର ଦିନ ପରେ କ୍ଲାସ୍ ଆରମ୍ଭ ହେଲା । ସ୍କୁଲ୍ ହଷ୍ଟେଲରେ ରହିବାର ବନ୍ଦୋବସ୍ତ ହୋଇଥିଲା । କ୍ଲାସ୍ କଲି, ମନ କିନ୍ତୁ ଥାଏ କେମିତି କାମ ମିଳିବ ?

ଦିନକୁ ଦୁଇଚାରିଘଣ୍ଟା ମାତ୍ର କ୍ଲାସ୍ କଲାପରେ ଦିନଯାକ ସମୟ ବରବାଦ । ଲାଗୁଥିଲା ଡଲାରଗୁଡ଼ା ଯେମିତି ହେଲେ ଧରିବାର ସ୍ୱାଧୀନତା ନାହିଁ । ମନ ଖାଲି ଛକପକ ହେଲା ।

ସେପଟେ ମୁଁ ଲକ୍ଷ୍ୟ କଲି ମୋର ବିଦେଶୀ ରୁମ୍‌ମେଟ୍ ଦୁଇଜଣଙ୍କର ଭାରତୀୟ ରନ୍ଧନ ପ୍ରତି ଘୋର ବିମୁଖତା । ରୁମ୍‌ର ଗୋଟିକିଆ ଷ୍ଟୋଭ୍‌ରେ ମୁଁ ଭାରତୀୟ ଖାଦ୍ୟ ବନେଇଲା ମାତ୍ରେ ସେମାନଙ୍କ ନାକ ଉଠିଯାଇ ଆଖିକୁ ଛୁଇଁଥିବ । ଖାଇବାରେ ବି ସ୍ୱାଧୀନତା ହରାଇବା ଦେଖି ମୋ ମନ ଆଉ ଭଲ ରହିଲାନି ।

କଲେଜରେ ମାଗଣା ଇଣ୍ଟରନେଟ୍‌ର ସୁଯୋଗ ନେଲି । ଆରମ୍ଭ ହେଲା ଘର ଖୋଜା । ବିଭିନ୍ନ ଭଡ଼ାଘର ଚିତ୍ର ସହ, ସ୍କୋୟାର୍ ଫୁଟ୍, ଜିମ୍, ସୁଇମିଂ ପୁଲ୍ ଇତ୍ୟାଦି ଇତ୍ୟାଦି ସହ ଘରଭଡ଼ାର ମାତ୍ରା ଦେଖି ମୋ ହଂସା ଉଡ଼ିଗଲା । ମୋର ସର୍ବନିମ୍ନ ଆବଶ୍ୟକତା ହେଉଛି କେବଳ ବଖରାଏ ଘର । ଛାଡ଼ ସେ ଜିମ୍ ବା ସୁଇମିଂପୁଲ୍ । ଥିଲେ କେତେ ନଥିଲେ କେତେ, ମୋତେ ତ ପହଁରା ଆସେନି । ଖୋଜିଲି ଖୋଜିଲି ମନ-ପ୍ରାଣ-ଆତ୍ମା ଦେଇ ଖୋଜିଲି । ଝିଅର ବାପା ଜୋଇଁ ଖୋଜିଲା ପରି କୋଉ ଗୋଟେ ବି ଆପାର୍ଟମେଣ୍ଟ୍ ମୋ ଆଖିରୁ ଛାଡ଼ ପାଇଲାନି । ହେଲେ ସବୁ ଆପାର୍ଟମେଣ୍ଟର ଭଡ଼ା ଦର ମୋ ପକେଟ୍ ବାହାର ।

ଏମିତି ଖୋଜୁଛି, ହଠାତ୍ ନଜର ପଡ଼ିଲା ଆପାର୍ଟମେଣ୍ଟ୍ ମ୍ୟାନେଜର ୱାଣ୍ଟେଡ୍' ଶୀର୍ଷକ ଏକ ଜବ୍ ପୋଷ୍ଟିଙ୍ଗ୍ ଉପରେ । ଦୁଇବଖରାର ଆପାର୍ଟମେଣ୍ଟ୍ ମାଗଣାରେ ମିଳିବ, ସପ୍ତାହକୁ ମାତ୍ର ଦଶଘଣ୍ଟାର କାମ । ତା'ବାଦେ ମ୍ୟାନେଜର ନିଜର ବାକି ସମୟ ଯାହା ବି କରିପାରିବ । ଆଇଡିଆଲ୍ ଫର୍ ଷ୍ଟୁଡେଣ୍ଟ୍ । ଅର୍ଥାତ୍ ଷ୍ଟୁଡେଣ୍ଟ୍ ପାଇଁ ଉପଯୁକ୍ତ ଯେ ଚାକିରି । ମିଳିଗଲା ସୁଯୋଗ । ଛାଡ଼ିବା କଥା ନୁହଁ ।

ଆପାର୍ଟମେଣ୍ଟ୍‌ଟିର ଚାଇନିଜ୍ ମାଲିକ ମୋତେ ପ୍ରଥମ ଦେଖାରୁ ପସନ୍ଦ କଲେ । ମୁଖ୍ୟତଃ ମୋର ଭାରତୀୟ ଶାନ୍ତ, ସୁଧାର ଚେହେରା ଓ ସବୁ ସମୟରେ ବଗଟିଏ ପରି ସୁଯୋଗ ଉଣ୍ଡୁଥିବା ଧୀରସ୍ଥିର ଚିତ୍ତ ଦେଖି ସେ ମନେକଲେ ମୁଁ ହିଁ ଯୋଗ୍ୟ ତାଙ୍କ ତିରିଶଟି ଘରର ସମଷ୍ଟି ବିଶିଷ୍ଟ ଆପାର୍ଟମେଣ୍ଟ୍ କମୁନିଟିରେ ମ୍ୟାନେଜର ପଦ ପାଇଁ ।

ଗୋଟେ ଖେପାରେ କଲେଜ ଯାଇ ମୋ ସୁଟ୍‌କେସ୍‌ଟି ଧରି ପହଞ୍ଚିଗଲି ସ୍ୟାଡୋ ଗ୍ରୀନ୍ ଆପାର୍ଟମେଣ୍ଟ୍ ହୋମ୍'ରେ । ଆଗତ ପାଞ୍ଚମାସ ପାଇଁ ମୋର ନୂଆ ଠିକଣାରେ ।

ରହିବାକୁ ବିନାମୂଲ୍ୟରେ ଘରଟି ପାଇବା ପରେ ମୋର କଲେଜରେ ମନ ଲାଗିଲାନି । କ୍ଲାସ୍ କରେ ବା ନକରେ, ମୋର ଭିସାର ଅବଧି ଆଉ ପାଞ୍ଚମାସ ବଳିଛି । କ୍ଲାସ୍ କରି ସମୟ ନଷ୍ଟ କରିବା ବୋକାମି । ଏଥର ମୋର ବନ୍ଧୁ ଦେଇଥିବା ଆଡ୍ରେସ୍‌ରେ ପହଞ୍ଚିଗଲି ।

ଗୁଜୁରାତି ଭଦ୍ରବ୍ୟକ୍ତି । ଭାରି ଭଲ ମଣିଷ ଜଣେ । ମତେ ଦେଖୁଦେଖୁ ପୂରା ବନ୍ଧୁକୁ ଶଙ୍ଖୋଳିଲା ପରି ପାଛୋଟିନେଲେ ଘରକୁ । ପୋଖତ ବ୍ୟବସାୟୀ ଜଣେ ସେ । ସିଧା ସିଧା କହିଦେଲେ କାମର କଥା । ତାଙ୍କର ଏକ ଚାଟ୍ କାଫେ ଅଛି, ସେଠି କାମ କଲେ ଦଶ ଡଲାର ଘଣ୍ଟାକୁ ମିଳିବ । ମୋର ମନା କରିବାର କିଛି କାରଣ ଥିଲା କି ? ମାଇଁ ଇଣ୍ଡିଆ ଚାଟ୍ ହାଉସ୍‌ରେ ୱେଟର୍ / ବାସନ ମଜା କାମ, ବେଳେବେଳେ କାଉଣ୍ଟର ସମ୍ଭାଳିବା ଥିଲା ମୋର କାର୍ଯ୍ୟ ତାଲିକାର ଅନ୍ତର୍ଭୁକ୍ତ । ରେଷ୍ଟୁରାଣ୍ଟରେ ଦିନକୁ ଆଠଘଣ୍ଟା ମୋର କାମ । ମାସକୁ ଦୁଇଶହ ଚାଳିଶି ଘଣ୍ଟା । ଅର୍ଥାତ୍ ମାସକୁ ଚବିଶି ଶହ ଡଲାର କ୍ୟାସ୍ । ଆଃ ! ବାକି ଥିବା ପାଞ୍ଚମାସରେ ମୁଁ ମାଲାମାଲ୍ । ମୋର କୋଉ ଏଠି ବସତି ସ୍ଥାପନ କରିବାର ଅଛି, ଟଙ୍କା ପୁଳାଏ ଧରି ଫେରିବା କଥା ।

ଜୀବନ ଜିଇଁବାର ମଜା ଏଇ ଦେଶରେ ମୁଁ ମନଭରି ଉପଭୋଗ କରୁଥିଲି । ସମୟକୁ ସଞ୍ଚୁଦେଉଥିଲି ଡଲାରରେ । ମୁକ୍ତ ପବନ ପରି ମୋ ଚିନ୍ତାଧାରା ଯେ ଦିଗ ସେ ଦିଗ ହୋଇ କାହିଁ କେତେଆଡ଼େ ମାଡ଼ିଯାଉଥିଲା । ଅଳ୍ପ ପରିଶ୍ରମରେ ମନ ଚାହିଁ ରୋଜଗାର ହେଲାପରେ ଚିନ୍ତାଶୂନ୍ୟ ମନରେ ମୋର ଲୋଭର ପାରଦ ବଢ଼ିବାରେ ଲାଗିଲା ।

ଭାବିଲି ଦେଶଟି ତ ପୃଥିବୀର ଉତ୍ତମ ଦେଶ । ଏଠାକାର ଜଳବାୟୁ ମୋ ଦେହରେ ବେଶ୍ ଯାଉଛି ଯେ, ଆସିଲା ଦିନୁ ସାବନା ରଙ୍ଗ ମୋର କେଡ଼େ ସଫା ହେଇଗଲାଣି । ବୋଉ ଦେଖିଲେ ତା' ପୁଅ ବୋଲି ଚିହ୍ନିପାରିବନି କି କ'ଣ ! ଏଠି ସବୁଦିନ ରହିଗଲେ କ୍ଷତି କ'ଣ ?

ରହିବାର ଉପାୟ ? ଯଦି ମୁଁ ଯେ ଦେଶର ଜଣେ ନାରୀକୁ ବିବାହ କରେ, ତେବେ ମୁଁ ସିଧା ଗ୍ରୀନ୍‌କାର୍ଡ଼ଟି ହାସଲ କରିପାରିବି । ଯାହାଦ୍ୱାରା ପରବର୍ତ୍ତୀ କାଳରେ ମୁଁ ସିଟିଜେନ୍‌ସିପ୍ ପାଇଁ ଆପ୍ଲାଏ କରିବି । ତା'ପରେ ଇଣ୍ଡିଆ କିଏ ଯିବ, ଏଇଠି ରହିଯିବି ।

ଇଣ୍ଡିଆରେ କ'ଣ ମଣିଷ ରୁହନ୍ତି ? ବାପ୍‌ରେ, କି ଗରମ ଖରାଦିନେ ! ଦେହହାତ ପୋଡ଼ି ଅଙ୍ଗାର ହୋଇଯିବ । ଏଠିକି ଆସିବାର ମାସ ତିନିଟା ହେଇନି ମୁଁ ପୂରା ଆମେରିକାନ୍ ହେଇଗଲିଣି । ଟଏଲେଟ୍ ପେପର୍ ନଥିଲେ ମୋ ଲାଟିନ୍ ଯିବା ବନ୍ଦ । ବ୍ଲାକ୍ କଫି ବିନା ସକାଳୁ ମୋ ନିଦ ଭାଙ୍ଗୁନି । ଇଂରାଜୀ ଫିଲ୍ମ ଭଲ ଲାଗୁଛି, ହିନ୍ଦୀ ଫିଲ୍ମଗୁଡ଼ା ବୋରିଂ, ତିନିଘଣ୍ଟାର ଟାଇମ୍ ୱେଷ୍ଟ । ସମୟର ମୂଲ୍ୟ ଆମ ଲୋକ କୁଆଡୁ ବୁଝିବେ ?

ଅବଶ୍ୟ ବିବାହ କରିବା ପ୍ରସଙ୍ଗଟି ବୋଉ ପକେଇଥିଲା । ଅଳ୍ପ ସମୟର ଫୋନ୍ ଆଳାପରେ କହିଥିଲା, "ତୋ ବାହାଘରଟା ପାଇଁ ବାପା ବ୍ୟସ୍ତ ହେଉଛନ୍ତି... ।" ଏତିକିରୁ ଜାଣିଲି ବୋଉ ଝିଅ ଖୋଜା ପର୍ବ ଆରମ୍ଭ କରିଦେଲାଣି । ଝିଅଟି ଯେମିତି ବଡ଼ି ପକାଇବା, ପିଠା ଗଢ଼ିପାରିବାରେ ଧୁରନ୍ଧର ହୋଇଥିବ, ଦେଢ଼ଶୁରଙ୍କୁ ଅର୍ଥାତ୍ ମୋର ବଡ଼ଭାଇଙ୍କୁ ଦେଖିଲେ ହାତେ ଓଢ଼ଣା ପକେଇ କଡ଼େଇ ଯାଉଥିବ, ବାଃ ବାଃ ବାଃ.... ।

ଧେତ୍ ମୋର କିଏ ଗାଉଁଆଙ୍କୁ ବାହା ହବ ! ହଠାତ୍ କିଏ ଯେମିତି କହିଦେଲା, "ବାବା ତ୍ରିଭୁବନ, ବାହା ହେବ ତ ତୁରନ୍ତ ଏଇଠିକା ଝିଅଟିଏ ଦେଖ । ଅନ୍ତତଃ ଆମେରିକାନ୍ ସିଟିଜେନ୍‌ସିପ୍ ମିଳିଯିବ ଯୌତୁକ ବାବଦରେ ।"

ଆଉ ଡେରି କାହିଁକି, ଲାଗିପଡ଼ିଲି କାମରେ । ଘରଭଡ଼ା ଆଶାରେ ଆସୁଥିବା ପ୍ରତ୍ୟେକ ଆମେରିକାନ୍ ଭଳି ଗୋରା ଦିଶୁଥିବା ଝିଅଙ୍କୁ ମନେମନେ ପରଖିଲି । "ଆର୍ ୟୁ ମ୍ୟାରେଡ୍ ? ଯଦି ମ୍ୟାରେଡ୍ ନୁହଁ, ତେବେ ଫିଆନ୍ସି ? ବୟଫ୍ରେଣ୍ଡ୍ କିଏ ଅଛନ୍ତି ?" ଏପରି ପ୍ରଶ୍ନସବୁ ବିଭିନ୍ନ ବାଗରେ ବାଆଁରେଇ ପଚାରୁଥିଲି । ଶେଷରେ ମୋ ପ୍ରଶ୍ନଗୁଡ଼ିକ ଜଣେ କନ୍ୟା ଭିତରେ ମୋକ୍ଷ ପାଇଗଲେ । ମୋତେ ଆଉ ସେମାନଙ୍କୁ ଉଖୁରେଇବାକୁ ପଡ଼ିଲାନି । ମିଳିଗଲା ଝିଅ ।

ସେଦିନ ଆପାର୍ଟମେଣ୍ଟ୍ ରେଣ୍ଟ୍ ନେବା ଆଶାରେ ଆସିଥିବା କନ୍ୟାଟି ଭଡ଼ାର ମାତ୍ରା ଶୁଣି ମୁହଁ ଶୁଖାଇଦେଲା । ଭାରତୀୟ ଦମ୍ପତିଙ୍କର ଏକ ଛୋଟ ଲିକର୍ ଦୋକାନରେ ସେ କାଳେ କାଉଣ୍ଟର ସମ୍ଭାଳେ । ମାସିକ ଦରମା ଖୁବ୍ କମ୍ । କିନ୍ତୁ ଘରଟିଏ ନେବାକୁ ହେଲେ ମୋ ଆପାର୍ଟମେଣ୍ଟ୍ ମାଲିକର ନିୟମ ହେଉଛି ଭଡ଼ାଟିଆର ମାସିକ ଦରମା ଭଡ଼ାଠୁଁ ତିନିଗୁଣା ଅଧିକା ହେବା ଆବଶ୍ୟକ । ସେଇ ଦୃଷ୍ଟିରୁ ସେ ଆପାର୍ଟମେଣ୍ଟ୍ ପାଇବା ପାଇଁ ଅଯୋଗ୍ୟା ବୋଲି ମୁଁ କହିଦେଲି । ଏଥର ସେ ଅଳ୍ପ ନେହୁରା ହେବା ଭଳି ପଚାରିଲା, "ମୋ ବଜେଟରେ ପାଖରେ କୋଉଠି ଘର ଅଛି କି ?" ଏବଂ ସଂକ୍ଷିପ୍ତରେ ଜଣାଇଦେଲା ଯେ, ସେମାନେ ଚାରିଜଣ ସାଙ୍ଗ ଆପାର୍ଟମେଣ୍ଟଟିଏ ନେଇ ରହୁଥିଲେ, ମାତ୍ର ବର୍ତ୍ତମାନ ତିନିଜଣ ଘର ଛାଡ଼ି ଯିବେ । ତେଣୁ ଏକୁଟିଆ ପୂରା ଘରଟା ପାଇଁ ଭଡ଼ା ଦେବା ତା' କ୍ଷମତା ବାହାରେ । ଅତଏବ ଗୋଟେ ଛୋଟ ଆପାର୍ଟମେଣ୍ଟ ନିଜ ପାଇଁ ଖୋଜୁଛି ।

ମୋ ଘରେ ସେ ରହିପାରନ୍ତା । ତେବେ ହଠାତ୍ ଏପରି ପ୍ରସ୍ତାବ ଦେବା ଠିକ୍ ନୁହଁ । ସୁଯୋଗ ହାତେଇବା ପାଇଁ ଭୋକିଲା କୁକୁର ପରି ମାଡ଼ିଗଲେ ଅପର ପକ୍ଷର ସନ୍ଦେହ ହେଇପାରେ ।

- "ଫୋନ୍ ନମ୍ବର ଦେଇଥାଅ, ପାଇଲେ ଜଣେଇବି ।"

- "ସିଓର୍, ବହୁତ୍ ଧନ୍ୟବାଦ" କହି ଫେରିଗଲା ସେ ।

ଆନା ସ୍ମିଥ୍ ! ତା ଫୋନ୍ ନମ୍ବରରେ ଆଖି ବୁଲାଇ ଆଣି, ତା' ବିଷୟରେ ଅଧିକା କିଛି ଜାଣିବାକୁ ମୁଁ କମ୍ପ୍ୟୁଟର ପରଦାରେ ଫେସ୍‌ବୁକ୍ ଅଣ୍ଡାଳିଲି । ବାହରିଗଲେ ଦଶଜଣ ଆନା ସ୍ମିଥ୍, ହେଲେ ମୋ ଆନା ସ୍ମିଥ୍‌କୁ ଚିହ୍ନିବାରେ ଅସୁବିଧା ହେଲାନି । ଫେସ୍‌ବୁକ୍ ଆକାଉଣ୍ଟରୁ ଜାଣିଲି ବୟସ ଅଠେଇଶି । ଫୋଟୋ ଓ ପୋଷ୍ଟିଙ୍ଗ୍ ଦେଖି ତା' ରୁଚି ଅରୁଚି ଉପରେ ଗୋଟେ ହାରାହାରି ଆଇଡିଆ କରିନେଲି । ଆମେରିକାନ୍ ସିଟିଜେନ୍ ହେଇଥିବ ନିଶ୍ଚେ, ଯଦିଓ ତା ପ୍ରୋଫାଇଲ୍ ଘାଣ୍ଟି କିଛି ସୂଚନା ପାଇଲିନି । ତେବେ ତା ହାବଭାବ, କଥାବାର୍ତ୍ତାରୁ ଜଣାପଡ଼ିଯାଉଛି ସେ ଷୋହଳଅଣା ଆମେରିକାନ୍ ।

ତା' ପାଖରେ ଅର୍ଥର ଅଭାବ । ତେଣୁ ଯେ ଦେଶଟାରେ ସେ କିଛି ଗୋଟେ ଆଖିଦୃଷ୍ଟିଆ କରିପାରୁନି । ମାତ୍ର ମୋ ପାଖରେ ଆଇଡିଆ ହଜାରେ, ହେଲେ ଛଅମାସିଆ ଭିସାରେ ମୁଁ ବନ୍ଧା । ମୋ ଭାଗ୍ୟର ତାଲା ଖୋଲିବା ପାଇଁ ସେ ହିଁ ଏକମାତ୍ର ଚାବି- ଏପରି ଏକ ବିଶ୍ୱାସରେ ମୁଁ ଫାଟିପଡ଼ିଲି ।

'କଣ୍ଟ୍ରି ଅଫ୍ ଅପର୍ଚୁନିଟି' ଯେ ଦେଶ, ଅର୍ଥାତ୍ ସୁଯୋଗର ଦେଶ । ସୁଯୋଗକୁ ଭରପୂର ଉପଭୋଗ କଲେ ହିଁ ସଫଳତା ମିଳେ । ମୋ ଭିସାର ଅବଧି ଆଉ ମାତ୍ର ତିନୋଟି ମାସ ବାକି ଅଛି, ତା'ପରେ ମୋ ଇଚ୍ଛା ବିରୋଧରେ ଇଣ୍ଡିଆ ଫେରିଯିବାକୁ ହେବ । ମୋ କ୍ଷେତ୍ରରେ ଏଠି ଚିରକାଳ ରହିବାର ଗୋଟିଏ ଉପାୟ ହେଲା ଆନା ସ୍ମିଥ୍ ସହ ବିବାହ ବନ୍ଧନରେ ଆବଦ୍ଧ ହେବା ।

ପରଦିନ ଫୋନ୍ ଲଗେଇଲି ଆନାକୁ । ପୂର୍ବରୁ ଘୋଷିଥିବା ସଂଳାପ ଧାଡ଼ି ଧାଡ଼ି କରି ନିର୍ଭୁଲ୍ କହିଦେଲି । ସାରକଥା ଏୟାକି, "ମୋ ପରି ବ୍ୟାଚେଲର୍ ପାଇଁ ଏକ୍‌ସଟ୍ରା ରୁମ୍‌ଟି କିଛି କାମରେ ଆସୁନି, ତେଣୁ ଭଡ଼ାରେ ଦେବି । ତୁମର ଯଦି ଆପତ୍ତି ନାହିଁ, ତେବେ ନେଇପାର ।"

ସେ ସାଙ୍ଗେସାଙ୍ଗେ ରାଜି ହେଇଗଲା । ଚଢ଼େଇ ଧରାଦେଲା, ଏବେ ମୋ ଉପରେ ନିର୍ଭର କରେ ତାକୁ ନେଇ କେତେ ଶୀଘ୍ର ମୁଁ ମୋ ଉଦ୍ଦେଶ୍ୟ ସାଧନ କରିବି ।

ପରଦିନ ଦୁଇଟି ବଡ଼ ସୁଟ୍‌କେସ୍ ସହ ସେ ପହଞ୍ଚିଗଲା । ଜିନ୍‌ସ ପ୍ୟାଣ୍ଟ୍ ସହ କଳା ଟପ୍‌ସରେ ସେ କିପରି ଦିଶୁଥିଲା, ସେଥିପ୍ରତି ମୋର ଯେତେ ଆଗ୍ରହ ନଥିଲା; ତା'ଠୁଁ ବେଶି ମୁଁ ଭାବୁଥିଲି ମୋତେ ବାହାହୋଇ ଓଡ଼ିଆଣୀ ବୋହୂବେଶରେ ସେ କିପରି ଦିଶିବ । ଗୋରା ତକ୍‌ତକ୍ ଚେହେରାକୁ କେଶରାଶି ଅଳ୍ପ କହରା । ମନ୍ଦ ନୁହେଁ, ଭଲ ଦିଶିବ ।

ତା' ପାଇଁ ସବୁ ବନ୍ଦୋବସ୍ତ ଆଗରୁ କରିଦେଇଥିଲି । ସେ ତା ରୁମ୍‌ରେ ଜିନିଷପତ୍ର ରଖୁରଖୁ ତାକୁ ମୋ ସହ ଏକାଠି ଖାଇବାକୁ ଅନୁରୋଧ କଲି । ମୋ ରନ୍ଧାର ଉଚ୍ଚପ୍ରଶଂସା କରିବା ସହ ପାଲକ୍ ପନିର୍ ତା'ର ପ୍ରିୟ ବୋଲି ମୁଁ କିପରି ଜାଣିଛି ଭାବି ଆଶ୍ଚର୍ଯ୍ୟ ହେଲା ଓ ଖୁସି ମଧ୍ୟ । ସେତେବେଳେ ମୁଁ ଫେସ୍‌ବୁକ୍ ମାଲିକକୁ ମନେମନେ ପ୍ରଶଂସା କରୁଥିଲି । କାରଣ ଆନା ସ୍ମିଥ୍ ତା ଫେସ୍‌ବୁକ୍‌ର ଏକ ପୋଷ୍ଟିଙ୍ଗ୍‌ରେ ଇଣ୍ଡିଆନ୍ ରେଷ୍ଟୋରାଁରେ ପାଲକ୍ ପନିର୍ ଖାଇବା ସହ ଆଇଟମ୍‌ଟି ଖୁବ୍ ସ୍ୱାଦିଷ୍ଟ ବୋଲି ଲେଖିଥିଲା ।

ମାସଟିଏ ବିତିଗଲାଣି ଯା ଭିତରେ । ଦିନରେ ଆନା କାମକୁ ଯାଏ, ସନ୍ଧ୍ୟାରେ ଫେରିଲା ପରେ ମୋ ସହ ଡିନର ଖାଇବାର ଅନୁରୋଧକୁ ଏଡ଼ାଇପାରେନି । ଧୀରେ ଧୀରେ ମୋ ହାତରନ୍ଧା ଭାରତୀୟ ଖାଦ୍ୟ ତା'ର ଏତେ ଅଭ୍ୟାସରେ ପଡ଼ିଗଲା ଯେ, ବାହାରେ କୋଉଠି ଖାଇବା କଥା କହିଲେ କହିବ, "ମୁଁ ସାହାଯ୍ୟ କରିଦେବି ଚାଲ ଘରେ ରାନ୍ଧିବା ।"

ସୁଯୋଗ ଉଣ୍ଡି ତା' କାନରେ ବେଳେବେଳେ ଆମ ଘରେ ମୋ ବାହାଘର ଖୋଜୁଥିବା ପ୍ରସଙ୍ଗଟି ପକେଇଦିଏ ।

– "ତମକୁ ଯିଏ ବାହାହେବ ସେ ଖୁବ୍ ଲକି ।"

– "କାହିଁକି ?"

– "ଏତେ ସ୍ୱାଦିଷ୍ଟ ଡିନର୍ ଯେଉଁ ସ୍ୱାମୀ ବନଉଥିବ, ତା' ସ୍ତ୍ରୀ ତ ପୃଥିବୀର ସବୁଠୁ ଭାଗ୍ୟବତୀ ।"

ମୁଁ ହସିଲି । ପ୍ରଥମେ ହୋ ହୋ ହୋଇ ଉଚ୍ଚ ସ୍ୱରରେ । ସେ ହସରେ ମୋର ଉଦ୍ଦେଶ୍ୟ ଚରିତାର୍ଥ ହେବାର ଉନ୍ମାଦନା ଥିଲା । ଆନା ମୋ ପାଲରେ ପଡ଼ିଯାଇଛି ।

ପୁଣି ହସିଲି ଏଥର ଟିକେ ରୋମାଣ୍ଟିକ୍ ଷ୍ଟାଇଲ୍‌ରେ । "ତମେ ସେଇ ଝିଅ ହବ କି ?" ପଚାରିଦେଲି ।

– "ତମ ଘରେ ରାଜି ହେବେ ତ ?"

ଯେ ପାଶ୍ଚାତ୍ୟ କନ୍ୟା ସବୁଥିରେ ଦି'ପାଦ ଆଗୁଆ ।

– "ଘରେ ରାଜି କରାଇବା କାମ ମୋର ।"

ସେ ଏକ ସାଧାରଣିଆ ହସ ହସିଦେଲା ଏବଂ ଆମ ଆଲୋଚନା ସେଇଠି ସ୍ଥଗିତ ରଖି ଶୋଇବାକୁ ଚାଲିଗଲା । ମୋ ଆଖିକୁ ନିଦ ନାଇଁ । ଆନାକୁ ବାହା ହେବା କଥା ଘରେ ବର୍ତ୍ତମାନ ଜଣେଇବିନି । ବଳେ ମାସ କେଇଟା ପରେ ସସ୍ତ୍ରୀକ ଗାଁକୁ ଗଲେ ସମସ୍ତେ ଜାଣିବେ । ଆନାକୁ ଶିଖେଇଦେବି କିଛି ଗାଉଁଲି ଯନ୍ତ୍ରଣା ଯେମିତିକି ସକାଳୁ ଗାଧୋଇ ଆସି ଅଗଣାରେ ଚଉରାମୂଳେ ମୁଣ୍ଡିଆ ମରିବାକୁ ହୁଏ, ଗୁରୁଜନଙ୍କୁ ଓଢ଼ଣା ଟାଣି କଢ଼େଇ ଯିବାକୁ ହୁଏ... ଯାହାସବୁ ଦେଖିଲେ ବୋଉବାପା ପ୍ରଶଂସାରେ ଶତମୁଖ ହେବେ । ବାକି ରହିଲେ ଭାଇଭାଉଜ, ତାଙ୍କୁ ପଟାଇବା ପାଇଁ ବେଶି ସମୟ ଲାଗିବନି । ଏଠୁ କିଛି ଭଲ ଗିଫ୍ଟ ନେଇଗଲେ ସେମାନେ ଖୁସ୍ ।

ଏପରି ଭାବୁଥିବାବେଳେ ମୋ ଚିନ୍ତାଧାରା ତା' ମୋଡ଼ ବଦଳେଇଲା । ଆନା ଯଦି ଭାବୁଥିବ ମୁଁ ତାକୁ ବିବାହ ପାଇଁ ଥଟ୍ଟାରେ କହୁଛି । ପ୍ରକୃତରେ ଥଟ୍ଟାମଜା ମାଧ୍ୟମରେ ଲୋକ ସତକଥା ତ କହେ । ମୁଁ ପ୍ରସ୍ତୁତ ହେଲି ପରଦିନ ତାକୁ ସତକୁ ସତ ପ୍ରୋପୋଜ୍ କରିବାକୁ । ଆନା ଉଦ୍ଦେଶ୍ୟରେ ସପ୍ତାହେ ପୂର୍ବରୁ କିଣି ରଖିଥିବା ନକଲି ହୀରାର ମୁଦ୍ରିକାଟିକୁ ଆଉ ବେଶିଦିନ ସେ ଟାଣୁଆ ଖୋଳରେ ଅପେକ୍ଷା କରିବାକୁ ପଡ଼ିବନି । ଭାଗ୍ୟରେ ଥିଲେ କାଲି ସକାଳେ ଆନାର କୋମଳ ଆଙ୍ଗୁଠିରେ ଶୋଭା ପାଇବ ।

ରାତିସାରା ଶୋଇପାରିଲିନାଇଁ । କିପରି ଭଲରେ ଭଲରେ ଆନାକୁ ବିବାହ କରିବାର ଇଚ୍ଛା ବ୍ୟକ୍ତ କରିବି ଅର୍ଥାତ୍ ଆଣ୍ଠୁ ଭାଙ୍ଗି ମୁଦ୍ରିକାଟିକୁ ଧରି ପାଶ୍ଚାତ୍ୟ ଢଙ୍ଗରେ ପଚାରିବି, "ଇଉଲ୍ ଇଉ ମ୍ୟାରି ମି ?" ସେ ହଁ ନକଲାଯାଏଁ ମୋର ଟେନସନ୍ ତ ରହିବ । କୋର୍ଟରେ ବାହାଘରଟା ରେଜିଷ୍ଟର୍ ହୋଇଗଲା ମାତ୍ରେ ଆନାର ମୁଁ ଆଇନଗତ ସ୍ୱାମୀ ମାନ୍ୟତା ପାଇବି । ମାନେ ଗ୍ରୀନ୍ କାର୍ଡ଼ ମିଳିଯିବ, ତା'ପରେ କିଛିବର୍ଷରେ ସିଟିଜେନ୍ । ଆଃ ! ଆକାଶ ମୋ ପାଇଁ ଆଉ ଇଞ୍ଚେ ଦୂର ।

ଆନା ଖୁବ୍ ଭଲ ଝିଅଟିଏ । ସସମ୍ମାନେ ମୋର ବିବାହ ପ୍ରସ୍ତାବକୁ ସ୍ୱୀକାର କଲାବେଳେ ପର୍ଯ୍ୟାପ୍ତ ଖୁସିରେ ତା' ମୁହଁ ଉଜ୍ଜ୍ୱଳ ଦିଶୁଥିଲା । ବାକି ରହିଲା କୋର୍ଟରେ ଆମ ବହାଘରଟି ହେବ । ଡେରି ନକରି ପରଦିନ ହିଁ କୋର୍ଟରେ ଦୁହେଁ ପହଞ୍ଚିଯାଇଥିଲୁ ନିର୍ଦ୍ଧାରିତ ସମୟରେ ।

ଆନା ସୁନ୍ଦର ଦିଶୁଥିଲା । ଫିକା ଗୋଲାପି ରଙ୍ଗର ଗାଉନ୍‌ରେ ଏକ ଅପୂର୍ବ ମାଧୁର୍ଯ୍ୟ ତା ମୁହଁରେ ପରିକ୍ରମା କରୁଥିଲା । ମୁଁ ଆନା ସହ ବିବାହ ବନ୍ଧନରେ ବାନ୍ଧିହବାକୁ ବ୍ୟଗ୍ର ହେଲାବେଳେ ମାନ୍ୟବର ଜଜ୍ ମହାଶୟ ଆନାର ଆଇନଗତ କାଗଜପତ୍ର ଅର୍ଥାତ୍ ସେ ଯେ ଦେଶରେ ରହିବାର ପ୍ରମାଣପତ୍ର, ଭିସା, କିମ୍ବା ସିଟିଜେନ୍‌ସିପ୍ ଡକୁମେଣ୍ଟ ଇତ୍ୟାଦି ଦେଖିବାକୁ ଚାହିଁଲେ ।

ଆନାର ଭୟାଳୁ ଦୃଷ୍ଟି ମୋ ମୁହଁରେ ସ୍ଥିର ହୋଇଗଲା, ଯେମିତି ଯେସବୁ ମୁଁ ପଇଠ କରିବା କଥା, ସେ ନୁହଁ । ମୁଁ ପଚାରିଲି, "ତୁମ କାଗଜପତ୍ର ଛାଡ଼ିଆସିଛ କି ଘରେ ? ମୁଁ ଯାଇ ନେଇଆସିବି ।"

- "ନା ଫେରିବା ଦରକାର ପଡ଼ିବନି । ପ୍ରକୃତରେ ମୋର କିଛି ଡକୁମେଣ୍ଟ ନାହିଁ ।" କହିଲା ଆନା ।

- "ନାହିଁ ମାନେ ହଜିଯାଇଛି ନା କ'ଣ ?"

- "ନା ମୋର ମୂଳରୁ ନାହିଁ ।"

ମୁଁ ଜଜ୍‌ଙ୍କୁ କ୍ଷମା ମାଗି ଆନାର ହାତ ଧରି ଏକରକମ ଭିଡ଼ିଆଣିଲି ବାହାରକୁ । ଦୋହରେଇଲି ମୋ ପ୍ରଶ୍ନ, "ହଜିଯାଇଛି ନା କ'ଣ ସତ କୁହ ।"

- "ସତ କହୁଛି, ମୁଁ ଅନ୍‌ଡକୁମେଣ୍ଟେଡ୍ ଇମିଗ୍ରାଣ୍ଟ୍ । ଇଂଲିସ୍ ଆଜ୍ ଏ ସେକେଣ୍ଡ ଲାଙ୍ଗୁଏଜ୍ କ୍ଲାସ୍‌ରେ ଭର୍ତ୍ତି ହୋଇ ଆସିଥିଲି ଆମେରିକା । ମୁଁ ଇଉରୋପ୍‌ର ବାସିନ୍ଦା । କିଛିଦିନ କ୍ଲାସ୍ ପରେ ଅର୍ଥାଭାବରୁ ମୁଁ ନା ଫେରିଯାଇପାରିଲି, ନା ପାଠପଢ଼ା ଜାରି ରଖିପାରିଲି । ଏଠି ରହଣିର ସମୟସୀମା ଟପିଗଲାପରେ ବେଆଇନ ଇମିଗ୍ରାଣ୍ଟ୍ ଭାବେ ଚୋରଙ୍କ ପରି ଲୁଚିରହିବାକୁ ବାଧ ହେଲି । ଅଧିକା ପାଠ ପଢ଼ି ଚାକିରି କରିବାର ସ୍ୱପ୍ନ ସବୁ ଗଲା । ତିନିବର୍ଷ ହେଲାଣି ମୁଁ ଏପରି ରହିଆସିଛି । ଭାବିଥିଲି ଯେ ଦେଶର ନାଗରିକକୁ ବିବାହ କଲେ ମୁଁ ଆମେରିକାର ଆଇନସମ୍ମତ ନାଗରିକ ହେଇଯିବି, ତେଣୁ ତୁମକୁ.... ।" ସେ କାନ୍ଦକାନ୍ଦ ଶୁଭୁଥିଲା ।

ମୁଁ ଶୁଣିବାର ସମସ୍ତ ଧୈର୍ଯ୍ୟ ହରାଇ ବସିଥିଲି । ଆନା ସ୍ମିଥ୍ ସହ ମୋ ସମ୍ପର୍କର ଏକମାତ୍ର କାରଣ ହେଉଛି ମୋର ସିଟିଜେନ୍‌ସିପ୍ ପାଇବାର ଲକ୍ଷ୍ୟ । ଯେହେତୁ ତାହା ଆଉ ସମ୍ଭବ ନୁହଁ ଏବଂ ମୁଁ ତ ତାକୁ ଭଲପଇ ବି ପାଉନଥିଲି, ତେଣୁ ସମ୍ପର୍କ ଏଇଠାରୁ କଟିଲା । ତା' ଦୁଃଖ ଶୁଣି ମୋ ସମୟ କାହିଁକି ନଷ୍ଟ କରିବି ? ତା' ସମସ୍ୟା ସହ ମୁଁ କାହିଁକି ଛନ୍ଦିହେବି ? ଆଉ ମାତ୍ର ଦୁଇସପ୍ତାହ ପରେ ମୋର ଭିସାର ଅବଧି ଶେଷ ହେବ । ଆନା ସ୍ମିଥ୍ ପରି ଏକ ମିଛ ପଛରେ ମୁଁ ସମୟ ନଷ୍ଟ କରିଥିବାରୁ ରାଗରେ ମୁଁ ଶିଷ୍ଟାଚାର ଭୁଲିଗଲି । ତା' ପ୍ରତି ମୋ ମୁହଁରୁ ବାହାରି ଆସୁଥିଲା ଅତ୍ୟନ୍ତ କଠୋର, ଅସଭ୍ୟ ଶବ୍ଦସବୁ, ମାତ୍ର ମୁଁ ପ୍ରକୃତିସ୍ଥ ହେଲି । ଲୋକଙ୍କ ସାମ୍ନାରେ ମୁହଁ ଖୋଲିଲେ ନିଜର ଅପମାନ ହିଁ ସାର ହେବ । ଅଗତ୍ୟା ବୁଲିପଡ଼ି ଫେରିଗଲି । ସେ ମୋ ପଛରେ ଆସିଲାନି ।

ଭାବିଚିନ୍ତି ପକେଇଥିବା ଥୋପ ଏପରି ବିଫଳ ହବ, ତାହା ମୋ ଗଣନା ବାହାରେ ଥିଲା । ଜୀବନରେ ପ୍ରଥମଥର ମୁଁ ଠକିଗଲି । କେତେ ବଡ଼ ଭୁଲ୍ ମୁଁ କଲି, କାହାକୁ କହି ମଧ୍ୟ ପାରୁନି, କେବଳ ମନସ୍ତାପ କରିବା ଛଡ଼ା । ମୋର ଭୁଲ୍ ହେଉଛି ମୁଁ ଅନୁମାନ କରିନେଇଥିଲି ଆନା ସ୍ମିଥ୍ ଜଣେ ଆମରିକାର ନାଗରିକ ବୋଲି । ପ୍ରଥମରୁ ପଚାରି ନଥିଲି କାହିଁକି ?

ଆନା ସ୍ମିଥ୍ ମୋ ନଜରରେ ତଳକୁ ଗଡ଼ିଗଲା । ତାକୁ ମିଛୁଆ, ଠକ, ସୁଯୋଗବାଦୀ ଇତ୍ୟାଦି ଆଭୂଷଣରେ ଅଳଙ୍କୃତ କରି ମୁଁ ଆତ୍ମସନ୍ତୋଷ ପାଇଲି । ମନକୁ ଯାହା ଆସିଲା ତାକୁ ଗାଳି କଲି । ଘରେ ପହଞ୍ଚି ତା ଜିନିଷପତ୍ର ଯାହା ଆଖିରେ ପଡ଼ିଲା ଫୋପଡ଼ା ପିଙ୍ଗା କଲି ।

ଦିନଟିଏ ପରେ ମୋ ରାଗ ଶାନ୍ତ ହେଲା । ମନ ସ୍ଥିର ହେଲା । ମୁଁ ଆନାର ଖୋଳପାରେ ନିଜକୁ ପୂରାଇ ଚିନ୍ତା କଲି ଯେ, ମୁଁ ନିଜେ କ'ଣ ? ସେ ଭାବିଥିଲା ମୋତେ ବାହାହେଇ ସିଟିଜେନ୍‌ସିପ୍ ପାଇଯିବ ବୋଲି, ଏୟା ତ ! ମୁଁ ତ ଠିକ୍ ସେଇଆ ଭାବିଥିଲି, ତାକୁ ବାହାହେଇ... । ସେ ଅସହାୟତା ଜଣାଇଲାପରେ ମୁଁ ମୁହଁମୋଡ଼ି କି ପ୍ରମାଣ ଦେଲି ? କେତେବେଳେ ମୋ ମନଟି ମେଞ୍ଚାଏ ପବନ ହୋଇ ବହିଗଲା ଏବଂ ତା' ଚାରିପାଖେ ପରିକ୍ରମା କରିବାକୁ ଲାଗିଲା । ମୋ ପରି ସେ ବି ତ ଠକିଗଲା, ମାତ୍ର କାଇଁ ତା' ମୁହଁରେ ମୋ ପ୍ରତି କାଣିଚାଏ ମଧ୍ୟ ବିଦ୍ୱେଶଭାବ ନଥିଲା ତ !

ସେସବୁ ବର୍ତ୍ତମାନ ଭାବିବାର ବେଳ ନୁହେଁ । ଯାହା ହେବାକଥା ହେଇସାରିଛି । ବୋଉକୁ ଫୋନ୍ ଲଗେଇ ମୋର ଫେରିବା କଥା ଜଣେଇଦେଲି ଏବଂ ଏୟା ବି କହିଦେଲି ଯେ ଏଥର ମୁଁ ଆଉ ଗାଁ ଛାଡ଼ିବିନି, ଯାହା କରିବି ସେଇଠି ରହି କରିବି । ମୋର ଘରବାହୁଡ଼ା ଖବରରେ ବୋଉର ଖୁସି ହେବା ସ୍ୱାଭାବିକ; ମାତ୍ର ବାପା, ଯିଏ ମୋତେ ବାରବୁଲା ଓ ବୁଲା ଷଣ୍ଢ ବୋଲି ଭାବୁଥିଲେ, ତାଙ୍କ ଧାରଣା ଭୁଲ୍ ପ୍ରମାଣିତ ହେଲାରୁ ଅସମ୍ଭବ ଭାବେ ଖୁସି ହେଲେ ।

ମୁଁ ଇଣ୍ଡିଆ ଫେରିଲି । ଗାଁକୁ ଆସି ଆମ ଘର ସାମ୍ନାରେ ଭିଡ଼ ଦେଖି ମୁଁ ଆଶ୍ଚର୍ଯ୍ୟ ହେବା ପୂର୍ବରୁ ବଡ଼ ଭାଉଜ ଅରୁଆ ଚାଉଳ, ଦୂବ, ସିନ୍ଦୂର ଧରି ବାହାରିଆସିଲେ । ସ୍ତ୍ରୀଲୋକ କେତେଜଣ ହୁଳହୁଳି ପକେଇଲେ । ମୁହଁରେ କୃତ୍ରିମ ବ୍ୟସ୍ତତା ଫୁଟାଇ ଭାଉଜ କହିଉଠିଲେ, "ନୂଆ ବୋହୂକୁ ନେଇ ବିନା ବନ୍ଦାଣରେ କେମିତି ପଶିଯାଉଛମ ଘରେ ? ରୁହ ରୁହ..." ଭାଉଜ ଦୀପ ଧରି ବନ୍ଦଉଥିଲେ ମୋ ହାତ ଧରି ସବୁଦିନ ପାଇଁ ଭାରତ ଚାଲିଆସିଥିବା ମୋ ପତ୍ନୀ ଆନା ସ୍ମିଥ୍‌କୁ । ଆନା ବିଚାରୀ ଅନଭ୍ୟସ୍ତ ଶୋଚନୀୟ ଶାଢ଼ୀପିନ୍ଧା ଯୋଗୁ ଉପସ୍ଥିତ ଜନତା ପାଇଁ ଚପଳ କୌତୂହଳ ପାତ୍ରୀ ବନିଯାଇଥିଲା ବେଳେ ମୁଁ ବୋଧହୁଏ ବ୍ୟାକୁଳ ହୋଇଉଠୁଥିଲି ଆନା ସ୍ମିଥ୍‌କୁ ଅଳତା, ସିନ୍ଦୂରରେ ବୋହୂବେଶରେ ଦେଖିବାକୁ ।

୨୨୬୧୩ ଉଡ୍‌ରିଜ ଡ୍ରାଇଭ୍, ହେୱାର୍ଡ୍,
କାଲିଫର୍ଣ୍ଣିଆ (ଯୁକ୍ତରାଷ୍ଟ୍ର ଆମେରିକା)

●●

# ଅମଣିଷ

**ଶଶିକାନ୍ତ ମିଶ୍ର**

ମଦୁଆ ଲୋକଟାର କର୍କଶ ଚିତ୍କାର ସାଙ୍ଗକୁ ତା ସ୍ତ୍ରୀପିଲାଙ୍କ ବୁକୁଫଟା କାନ୍ଦ ମଧ୍ୟରାତ୍ରିର ନିରବତାକୁ ଖିନ୍‌ଭିନ୍ କରିଦେଉଛି ସତେ ଯେମିତି । ଝର୍କା କବାଟ ବନ୍ଦ ଥିବା ସତ୍ତ୍ୱେ ସେ ବିକଟାଳ ଶବ୍ଦଗୁଡ଼ାକ ଶୀତତାପ ନିୟନ୍ତ୍ରିତ କମରା ଭିତରକୁ ଧସେଇକି ପଶିଆସୁଛନ୍ତି ପାଚେରି ସେପଟ ବସ୍ତିରୁ ।

"ଶାଳୀ ବଜ୍ଜାତ୍ ମାଇକିନିଆ ! ତୋର ଏତେ ସାହସ ? ମୁଁ ତୋତେ ଖୁନ୍ କରିଦେବି..."

ଏହା ହେଲା ଟ୍ରଲିବାଲା ରଘୁଆର ନିଜ ପରିବାର ପ୍ରତି ସବୁଦିନିଆ ରାତିଅଧିଆ ଉଦ୍‌ଘୋଷଣା । ତା ସହିତ ଦି-ଚାରିଟା ବିଧା-ଚାପୁଡ଼ା ମାଡ଼ ଓ ବାସନ ଫୋପଡ଼ା ଶବ୍ଦ । ଟିକିଏ ଉତ୍ତାରୁ ସ୍ତ୍ରୀଲୋକଟାର କାନ୍ଦୁରା କଣ୍ଠର ଭର୍ତ୍ସନା ।

"ପୋଡ଼ାମୁହାଁ ମଲୁନି ଭାଟିରେ, ଘରକୁ କିଆଁ ଅଇଲୁ ? ବିଷ ବୋତଲେ ଆଣି ଦେ, ଛୁଆଙ୍କ ମୁହଁରେ ଦେଇ ମୁଁ ନିଜେ ପିଇବି... ତା'ପରେ ତୁ ନିଜେ ଯେତେ ମଦ ପିଇବୁ ପିଇ... ।"

"ଆବେ ଯାଆ... ତୋ ବୋପା ପଇସାରେ ପିଉନି... ଖୋଦ୍ ଖଟୁଚି, ରୋଜଗାର କରୁଚି, ପିଉଚି... ତୁ ଶାଳୀ ପାଟି ଫିଟେଇବୁ ତ ତୋ ଜାନ୍ ନେଇଯିବି..."

ତା'ପରେ ବାପା-ମାଆଙ୍କ ବାକ୍‌ବିତଣ୍ଡାକୁ ତାଳଦେଇ ଦୁଇ ପିଲାଙ୍କ ଭେରେଣ୍ଡା ରଡ଼ି ।

ଘୃଣାରେ ମୁହଁ ଫେରାଇଲେ ଦିଗମ୍ବର ବାବୁ । ପାଖରେ ଥିବା ଖାଲି ତକିଆକୁ ଟାଣିଆଣି କାନ ଉପରେ ମାଡ଼ିଧରିଲେ । ହେଲେ ନିସ୍ତାର କାହିଁ ? ସିଏ ଜାଣନ୍ତି ଏ ଅବାଂଛିତ ଓ ଅଶ୍ରାବ୍ୟ ବାର୍ତ୍ତାଳାପ ଏମିତି ଚାଲିବ ଢେର୍ ବେଳଯାଏଁ, ଯେପର୍ଯ୍ୟନ୍ତ ରଘୁଆ ହାଲିଆ ହେଇ ଶୋଇ ନପଡ଼ିଚି । ପୂତିଗନ୍ଧମୟ ବସ୍ତିରେ କାଦୁଆ ଲଟପଟ ହେଉଥିବା ଘୁଷୁରି, କୁକୁର ଆଉ ମଣିଷ ଖୋଳପାରେ ରହୁଥିବା ଆଉ ଗୋଟିଏ ଜାନୁଆର— ସୁସ୍ଥ ମଣିଷ ଦେହରେ ସତେ ଯେମିତି ଗୋଟିଏ ଘାଆ । ତା'ର ଅସ୍ତିତ୍ୱ ଥିବାତକ ବିନ୍ଧାଛିଟିକା ହବାଟା ଅବଶ୍ୟମ୍ଭାବୀ ।

ଶାନ୍ତିନଗରସ୍ଥିତ ଦିଗମ୍ବର ବାବୁଙ୍କ ବିଶାଳ ପ୍ରାସାଦ ପଛପଟ ବିସ୍ତୀର୍ଣ୍ଣ ଖୋଲା ପଡ଼ିଆରେ ବସ୍ତିଟା ଚାହୁଁଚାହୁଁ ଦୁଇଟା ବର୍ଷ ଭିତରେ ନିଜର କାୟା ମେଲାଇ ବର୍ତ୍ତମାନ ସେ ଅଞ୍ଚଳର ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ଦାବି ଜାହିର୍ କଲାଣି । ମାଆ-ବାପା ବିହୀନ ସରକାରୀ ଜମିକୁ ଚାହୁଁଚି କିଏ ? ରାଜ୍ୟର କାହିଁ କେଉଁ ଦୁର୍ଗମ ଅଞ୍ଚଳରୁ ମାଳମାଳ ହେଇ କାମ ଖୋଜୁଥିବା ଲୋକ ଆସି ଅଳ୍ପଅଳ୍ପ କରି ଶେଷରେ ସମୁଦାୟ ଜମି ଉପରେ ଆଧିପତ୍ୟ ବିସ୍ତାର କରିବାଟା କିଛି ଆଶ୍ଚର୍ଯ୍ୟଜନକ ବିଷୟ ନୁହଁ । ଧାଡ଼ିଧାଡ଼ି ଝାଟିମାଟି ଅଖାଘେରା ଘର ବୋଲାଉଥିବା ରହିବା ଜାଗା— କୋଉଠି ଚେପାମେପା ଆଲକାତରା ଲଗା ଟିଣ କବାଟ... ମୂଷାଗାତ ସହିତ ଆଶ୍ଚର୍ଯ୍ୟଜନକ ସାମଞ୍ଜସ୍ୟ ଦେଖନ୍ତି ଦିଗମ୍ବର ବାବୁ ।

ଟ୍ରଲିବାଲା, ରିକ୍ସାବାଲା, ଦିନମଜୁରିଆ, ବୁଲାବିକାଳି... ସବୁ ରକମର ଲୋକ ସେଠି ମହଜୁଦ ।

"ଏଗୁଡ଼ାକ ଦିନରେ କାମ କରିବାର ବାହାନା କରନ୍ତି ଆଉ ରାତି ହେଲେ ଯାବତୀୟ ଖରାପ କାମ କରନ୍ତି," ଭୃତ୍ୟ ଗଙ୍ଗା ସୂଚନା ଦିଏ ।

ଦାରିଦ୍ର୍ୟ ସହିତ ନୈତିକତାର ଅହିନକୁଳ ସଂପର୍କ - ଦିଗମ୍ବର ବାବୁ ଗଙ୍ଗା କଥାର ସତ୍ୟତା ଅନୁଭବ କରନ୍ତି । ତେଣୁ ବସ୍ତିରେ ଖଟିଖଟି ଦିନମଜୁରିଆଙ୍କ ବେଶରେ ଯେ ଚୋର, ତସ୍କର, କଳାବଜାରୀ, ମଦବେପାରୀ... ବେଶ୍ୟା ରୁହନ୍ତି, ଏଥିରେ କିଛି ସନ୍ଦେହ ନାହିଁ । ବସ୍ତିଟା ସତେ ଯେମିତି ବୁଦ୍ଧିଜୀବୀଙ୍କ ପେଣ୍ଠ ବୋଲାଉଥିବା ଶାନ୍ତିନଗରର, ଜନସାଧାରଣଙ୍କୁ ଗୋଟିଏ ନିରବ ଟିଟିକାରୀ ଓ ଉପହାସ । ସୂକ୍ଷ୍ମ ଏବଂ ସ୍ଥୁଳ ଅସ୍ତିତ୍ୱର ଏକକାଳୀନ ପ୍ରଦର୍ଶନୀ । ଦିଗମ୍ବର ବାବୁଙ୍କ ଆଖିରେ ରଘୁଆ ଟ୍ରଲିବାଲା ହିଁ ବସ୍ତିରୂପ ଆବର୍ଜନାର ଏକକ ପ୍ରତିନିଧି ।

ଅବସରପ୍ରାପ୍ତ ଆଇ.ଏ.ଏସ୍. ଅଫିସର ଦିଗମ୍ବର ବାବୁ ଶାନ୍ତିନଗରର ସବୁଠାରୁ ସମ୍ଭ୍ରାନ୍ତ ବାସିନ୍ଦା । ତାଙ୍କରି ଘର ପାଚେରିକୁ ଲାଗି ରଘୁଆ ଟ୍ରଲିବାଲାର ଅବାଞ୍ଛିତ ଉପସ୍ଥିତି ହିଁ ଏକ ବିରାଟ ପରିହାସ ପରି ଲାଗେ । ଠିକ୍ ପନ୍ଦରଦିନ ପରେ ପୁଅ ଦିନେଶ ବାଙ୍ଗାଲୋରରୁ ତା' ପରିବାର ଧରି ଆସି ପହଞ୍ଚିବ ଦଶହରା ଛୁଟି କଟେଇବାକୁ । ବେଶି ବ୍ୟଥିତ କଲା ସମ୍ଭ୍ରମତା ଓ ଆଭିଜାତ୍ୟର ମୂଳଦୁଆ ଉପରେ ବଢୁଥିବା କୁନିକୁନି ନାତି-ନାତୁଣୀ ଦି'ଟା ଏ ପରିବେଶକୁ କେମିତି ଗ୍ରହଣ କରିବେ ଭାବିକି । ରଘୁଆ ଟ୍ରଲିବାଲାକୁ ଜବତ କରିବା ଅସମ୍ଭବ । ମଣିଷର ଏ ନୀଚପଣିଆକୁ ଦେଖିଲେ ପିଲାମାନଙ୍କର କି ପ୍ରତିକ୍ରିୟା ହବ ଭାବିବାକୁ କଷ୍ଟ ଲାଗୁଛି ।

ମର୍ଣ୍ଣିଂୱାକ୍‌ରୁ ଫେରିବା ବାଟରେ ରଘୁଆ ହାବୁଡ଼ିଲା । ଟ୍ରଲିକୁ ଧୀର-ମନ୍ଥର ଗତିରେ ଗଡ଼େଇକି ଚାଲିଛି ନିହାତି ବେପରୁଆ ଭାବରେ— ପାଟିରେ ଶସ୍ତା ସିନେମା ଗୀତର ସ୍ୱର । ସତେ ଯେମିତି କାଲି ରାତିରେ କିଛି ଅଘଟଣ ଘଟିନାହିଁ । ଯାହା କିଛି ବି ହେଇଛି ତାହା ନିହାତି ସାଧାରଣ ଆଉ ଚିରାଚରିତ— ଅନ୍ୟମାନଙ୍କ ମୁଣ୍ଡ ଖେଳାଇବା ପରି କିଛି ନାହିଁ ସେଥିରେ । ଦିଗମ୍ବର ବାବୁଙ୍କୁ ଦେଖି ସଲାମ୍ କରିବା ଭଙ୍ଗିରେ ହାତପାପୁଲିକୁ ମୁଣ୍ଡରେ ଲଗାଇଲା ।

"ହୁଁ", ଦିଗମ୍ବର ବାବୁଙ୍କ ଦାନ୍ତ କଡ଼ମଡ଼ ପାଟିରୁ ସ୍ୱତସ୍ଫୂର୍ତ୍ତ ଭାବରେ ବାହାରିଆସିଥିବା ସେହି ଗୋଟିଏ ଶବ୍ଦରେ ଭରିରହିଥିଲା ଗୁଡ଼ାଏ ନିରବ ତିରସ୍କାର । ଲୋକଟାର ଆସ୍ପର୍ଦ୍ଧା କେତେ ? ପିଲାମାନଙ୍କୁ ଯଥାସମ୍ଭବ ଦୂରେଇ ରଖିବାକୁ ହବ ଏ ଆବର୍ଜନାଠାରୁ ।

ଉପର ମହଲା ଝରକାରୁ ବସ୍ତି ଆଡ଼େ ଚାହିଁ ରହିଛନ୍ତି ଦିଗମ୍ବର ବାବୁ । କିଛିବର୍ଷ ପୂର୍ବେ ପାର୍ବଣ ଋତୁର ଆଗମନରେ ବିସ୍ତୀର୍ଣ୍ଣ ପଡ଼ିଆରେ ଭରିଯାଉଥିଲା ମାଳମାଳ କାଶତଣ୍ଡି ଫୁଲ । ସୁଧାଙ୍କ ସହିତ ଘଣ୍ଟାଘଣ୍ଟା ଧରି ଅପଲକ ନୟନରେ ଚାହିଁରହିବାକୁ କେତେ ଭଲ ଲାଗୁଥିଲା ସତେ... ଧୀର ପବନର ତାଳେତାଳେ ସେମାନଙ୍କର ନାଚର ଅପୂର୍ବ ଦୃଶ୍ୟ... ତାଙ୍କ କାନ୍ଧରେ ଢଳିପଡୁଥିବା ସୁଧାଙ୍କ ମୁହଁ... ।

ହେଲେ... ଆଜି କୁଆଡ଼େ ହଜିଗଲାଣି ସେ ଦୃଶ୍ୟପଟ୍ଟ ବସ୍ତିବାସିନ୍ଦାଙ୍କ କଦର୍ଯ୍ୟ ଦଲାଚକଟାରେ । ବସ୍ତି ନୁହେଁ ତ, ବିରାଟ ଏକ ଅଳିଆଗଦା- ତା'ର ଅସୁନ୍ଦର ମୁହଁକୁ ନିହାତି ଅଲାଜୁକଙ୍କ ପରି ଦେଖେଇହଉଛି ।

ପିଲାମାନଙ୍କ କଥା ମନେପଡ଼ିଲାରୁ ଦିଗମ୍ବର ବାବୁ ପୁଣି ବ୍ୟସ୍ତ ହୋଇପଡ଼ିଲେ । ସୁଧା ଆରପାରିକୁ ଚାଲିଗଲା ପରେ ସମୟ ହିଁ କଟେନାହିଁ ସହଜରେ । ପୁଅ ଉପଦେଶ ଦିଏ, "ଘରକୁ ବିକି ଆମ ପାଖକୁ ଚାଲିଆସ, ନହେଲେ ଭଡ଼ା ଲଗେଇଦିଅ ଛୋଟ ପରିବାରଟେ ଦେଖିକି, ଭଲମନ୍ଦରେ ତୁମକୁ ସାହା ହେବେ ।" ପୈତୃକ ଘରକୁ ପରହାତକୁ ଟେକିଦେବାକୁ ମନ ବାରଣ କଲାବେଳେ ଛାତି ଭିତରର ସ୍ୱାଭିମାନ ପୁଅବୋହୂଙ୍କ ଉପରେ ବୋଝ ହବାକୁ ବାଟ ଓଗାଳେ । ଫଳସ୍ୱରୂପ, ଆଠ ବଖରା ବିଶିଷ୍ଟ ପୁରୁଣା ଜାମିଦାରିଆ ଢାଞ୍ଚାରେ ନିର୍ମିତ ଘରେ ଦୁଇଜଣ ଭୃତ୍ୟଙ୍କ ସହ ନିଃସଙ୍ଗ ଜୀବନରେ ସମୟର ଗତିପଥକୁ ଲକ୍ଷ୍ୟ କରିବାର ବୃଥା ପ୍ରୟାସ କରିଚାଲିଛନ୍ତି ଦିଗମ୍ବର ବାବୁ ଗତ ଦଶବର୍ଷ ଧରି ।

ମନର କୋଉ କୋଣରେ ଆଶାଟିଏ ବାନ୍ଧିଛନ୍ତି ନାତି-ନାତୁଣୀଙ୍କୁ ଧରି ଦଶହରା ମେଢ଼ ବୁଲାଇବେ, ରାମଦୋଳି ଖେଳେଇବେ, ଚାଟ୍, ଗୁପ୍‌ଚୁପ୍, ଦହିବରା, ଆଳୁଦମ୍ ଖୁଆଇବେ, ବେଲୁନ୍ କିଣେଇବେ... ଠିକ୍ ଯେମିତି ଦିନେ ତାଙ୍କ ଜେଜେବାପା ତାଙ୍କ ହାତ ଧରି ବୁଲାଉଥିଲେ ଏ ବଜାରରୁ ସେ ବଜାର । ପିଲାଙ୍କ କୁନିକୁନି ହାତକୁ ଧରି ସିଏ ନିଜ ପିଲାଦିନର ଦଶହରା ବୁଲା ବେଳର ସ୍ମୃତିକୁ କିଛିଟା ତାଜା କରିବାର ପ୍ରୟାସ କରିବେ ।

ନଜର ପଡ଼ିଲା ରଘୁଆ ଉପରେ । ଲୋକଟା ତା' ଚାଳିଆ ଆଗରେ ଠୁଙ୍କା ହେଇ ବସିରହିଛି ଶୂନ୍ୟକୁ ଚାହିଁ । ପାଖରେ କେତେଟା ଘୁଷୁରି ଚରୁଛନ୍ତି । ରଘୁଆର ଦି'ଟା ଛୁଆ ଧୂଳିରେ ଖେଳୁଛନ୍ତି, ସେଠିକି ତା'ର ନିଘା ନାହିଁ । ଆଜି ବୋଧହୁଏ ସିଏ କାମକୁ ଯାଇନି । ହଃ ! ରାତିର ନିଶା ଉତୁରିନଥିବ । ପିଲାଏ ଭୋକ ଓପାସରେ ଦିନେ ରହିଗଲେ ତା'ର ଯାଏଆସେ କେତେ ? ମଣିଷଛୁଆକୁ ଖାଲି ଜନ୍ମ କରି ଜାଣିଛନ୍ତି ରଘୁଆ ପରି ଲୋକମାନେ– ବାସ୍, ସେତିକିରେ ତାଙ୍କ କାମ ଶେଷ ହେଇଯାଏ । ପଶୁମାନେ ବରଂ ଜନ୍ମ କରିବାର କିଛିଦିନ ପର୍ଯ୍ୟନ୍ତ ନିଜ ଛୁଆର ଯତ୍ନ ନିଅନ୍ତି, ହେଲେ ରଘୁଆ ପରି ମଣିଷ ବେଶଧାରୀ ପଶୁ ? ମଣିଷଛୁଆ ନୁହନ୍ତି ତ, ଜୈବିକ ପ୍ରକ୍ରିୟାରେ ଗଳିପଡ଼ିଥିବା ରକ୍ତମାଂସର ପିତୁଳା । ତିରସ୍କାରସୂଚକ ହସ ଚେନାଏ ଖେଳିଗଲା ଦିଗମ୍ବର ବାବୁଙ୍କ ଓଠରେ । ଭଗବାନଙ୍କ ସୃଷ୍ଟି ସତରେ ବିଚିତ୍ର– ସେହି ଗୋଟିଏ ମଣିଷଜାତି ଭିତରେ କେତେ ତାରତମ୍ୟ ! ବିବର୍ତ୍ତନବାଦର ସିଦ୍ଧାନ୍ତ କଥା ମନକୁ ଆସିଲା– ପାଶବିକ ସ୍ତରରୁ ମାନବିକ ସ୍ତର ପର୍ଯ୍ୟନ୍ତ ବିଶାଳ ଦୂରତାକୁ ଅତିକ୍ରମ କଲେ ମଧ୍ୟ ପଶୁତ୍ୱ ଅନ୍ତର୍ନିହିତ ହେଇ ରହିଯାଏ । କେବଳ ଶିକ୍ଷା ଓ ସଂସ୍କାର ଦ୍ୱାରା ଉଚ୍ଚତର ସ୍ତରକୁ ଯାଇହୁଏ । ହେଲେ ନିକଟ ଅତୀତରେ ପଶୁରୁ ମଣିଷକୁ ପଦୋନ୍ନତି ପାଇଥିବା ରଘୁଆ ପରି ଜୀବ କେବେହେଲେ ମଣିଷ ପଦବାଚ୍ୟ ନୁହନ୍ତି– ମଣିଷ ବୋଲାଇବାକୁ ଢେର୍ ଜନ୍ମ ନବାକୁ ପଡ଼ିବ ତାଙ୍କୁ ।

ପିଲାମାନେ ଆଉ କିଛି ସମୟ ଭିତରେ ଆସି ପହଞ୍ଚିବେ । ବାରମ୍ବାର ଘଡ଼ିକୁ ଦେଖିଚାଲିଛନ୍ତି ଦିଗମ୍ବର ବାବୁ । ଗତ କିଛିଦିନ ଧରି ସାଧ୍ୟମତେ ସବୁ ବନ୍ଦୋବସ୍ତ ଦିଗମ୍ବର ବାବୁ ନିଜେ କରିଛନ୍ତି ବା ତଦାରଖ କରିଛନ୍ତି । ସବୁ କମରା ସଫା କରେଇଛନ୍ତି ଲୋକ ଲଗେଇକି । ପାଞ୍ଚଦିନ ତାଙ୍କ ପାଖରେ ଆଉ ଦୁଇଦିନ କଲ୍ୟାଣନଗରସ୍ଥିତ ତା' ଶ୍ୱଶୁରଙ୍କ ଘରେ ରହିବା କଥା ଦିନେଶ ଜଣେଇଛି । ତାଙ୍କ ରହଣି ଭିତରେ ପିଲାଙ୍କର ଯେମିତି କିଛି ଅସୁବିଧା ନହୁଏ, ବାରମ୍ବାର ତାଗିଦ୍ କରିଛନ୍ତି ଭୃତ୍ୟମାନଙ୍କୁ । ଜଣେ ନାମୀ ରୋଷେଇଆ ଯୋଗାଡ଼ ହେଇଛି ପିଲାମାନଙ୍କ ପସନ୍ଦ ମୁତାବକ ରାନ୍ଧିବା ସକାଶେ । ନାତିନାତୁଣୀଙ୍କ ଖେଳିବା ପାଇଁ ବଗିଚାକୁ ସଫାସୁତୁରା କରାଯାଇଛି । ସବୁ ବନ୍ଦୋବସ୍ତ ଭିତରେ ଗୋଟିଏ କଥାରେ ବିଫଳ ହେବାର ଗ୍ଲାନି ରହିଯାଇଛି କିନ୍ତୁ– ରଘୁଆ ଟ୍ରଲିବାଲାର ରାତିଅଧିଆ ନିଶାସକ୍ତ ଉପଦ୍ରବ ଜାରି ରହିଛି ପୂର୍ବବତ୍ । ବୋହୂଟି କ'ଣ ଭାବିବ କେଜାଣି ! ନିରୂପାୟ ହେଇ ଦିଗମ୍ବର ବାବୁ ମନେମନେ ଠିକ୍ କରିଛନ୍ତି ପିଲାମାନଙ୍କୁ ମୂଳରୁ ହିଁ ସାବଧାନ କରାଇଦେବେ ତା ବିଷୟରେ ।

ପିଲାମାନେ ପହଞ୍ଚିଗଲେ । ଅନେକ ଦିନର ନିସ୍ତବ୍ଧ ଘରଟା କୋଳାହଳରେ ପୂରିଉଠିଲା ହଠାତ୍ । ନାତି ପ୍ରିୟାଂଶୁର "ଜେଜେବାପା, ଏତା କଅନ", ନାତୁଣୀ ଶ୍ରେୟାର "ମୋଲ୍ ଆଇସ୍‌କ୍ରିମ୍ ଦଲକାଲ୍" ଶୁଣି ଦିଗମ୍ବର ବାବୁ ସଂପୂର୍ଣ୍ଣ ବିମୋହିତ । ଦୁଇ ପିଲାଙ୍କୁ ହୃଦୟରେ ଲଗାଇ ଅପରିମିତ ଶାନ୍ତି ଅନୁଭବ କରୁଥିଲେ ସେ ।

ପରଦିନ ସକାଳୁ ପୁଅବୋହୂଙ୍କୁ ମନକଥା କହିଲେ ।

"ଆଜି ମୁଁ ଛୁଆ ଦି'ଟାଙ୍କୁ ଦଶହରା ବଜାର ବୁଲେଇ ନେବି । ଯେମିତି ମୋ ଜେଜେବାପା ଦିନେ ମତେ ବୁଲୋଉଥିଲେ", ଗଦ୍‌ଗଦ୍ କଣ୍ଠରେ ଦିଗମ୍ବର ବାବୁ କହିଲେ ।

ବାପାଙ୍କ କଥା ଶୁଣି ଦିନେଶ ସ୍ତ୍ରୀ ମୁହଁକୁ ଥରେ ଚାହିଁଲା, ତା'ପରେ କିଛିଟା ଗମ୍ଭୀରଭାବ ଆପଣେଇ କହିଲା, "ବାପା, ଆମେ ଆଜି ଲଞ୍ଚ୍ ପରେ ସୀମାଙ୍କ ଘରକୁ ଚାଲିଯିବୁ ।"

"ଆଜି ଚାଲିଯିବ... ହେଲେ ଏଠି ପରା ପାଞ୍ଚଦିନ ରହିବାର ଥିଲା ?"

"ହଁ ଥିଲା, କିନ୍ତୁ କଥା କ'ଣ କି, ସୀମାର ଡ୍ୟାଡୀ ଆମକୁ ଦୁଇଦିନ ପାଇଁ ଚିଲିକା ଯିବାର ଗୋଟିଏ ପ୍ରୋଗ୍ରାମ୍ କରିଛନ୍ତି । ପିଲାମାନଙ୍କୁ ଡଲ୍‌ଫିନ୍ ଦେଖେଇବେ, ବୋଟିଂ କରେଇବାକୁ ତାଙ୍କର ବହୁତ ଇଚ୍ଛା... ସାତପଡ଼ାରେ ଗୋଟିଏ ଫ୍ୟାମିଲି ଗେଟ୍ ଟୁଗେଦର୍ ବି ଆୟୋଜନ କରିଛନ୍ତି । ପିଲାମାନେ ବହୁତ ଖୁସି ହେବେ ।"

"ଚିଲିକା... ହେଲେ ମତେ ତ ଆଗରୁ ଜଣାଇ ନଥିଲୁ ?"

"ଏଥିରେ ଜଣେଇବାର କ'ଣ ଅଛି ?"

କିଛିକ୍ଷଣ ନିରବରେ କଟିଗଲା ।

"କାଲି ଗଲେ ଚଳିବନି ? ଆଜି ସନ୍ଧ୍ୟାରେ ଅନ୍ତତଃ ପିଲାମାନଙ୍କୁ ମୁଁ ଦଶହରା ବଜାର ବୁଲେଇ ଆଣିଥାନ୍ତି..." ଦୁର୍ବଳିଆ କଣ୍ଠରେ ଦିଗମ୍ବର ବାବୁ ପ୍ରସ୍ତାବ ରଖିଲେ ।

"ନା ବାପା, ଡ୍ୟାଡୀ ବହୁତ କରି କହିଛନ୍ତି, ନଗଲେ ମନକଷ୍ଟ କରିବେ । ଏମିତିରେ ତ ଆମେ ବର୍ଷକୁ ଥରେ ବି ଆସିବା କଷ୍ଟ ହେଇପଡୁଛି । ଗୋଟିଏ ଦିନ ତ ରହିଲୁ ଏଠି... ତାଙ୍କ ଘରକୁ ନଗଲେ କଥା ବହୁତ ଖରାପ ହବ", ଦିନେଶ ବଡ଼ ସରଳ ଭାବରେ କହିଲା ।

ମନକୁ ହଠାତ୍ ଆସିଲା ପୁଅକୁ ଆଉଥରେ ଅନୁରୋଧ କରନ୍ତେ ଗୋଟିଏ ଦିନ ରହିଯିବା ପାଇଁ; କିନ୍ତୁ ପର ମୁହୂର୍ତ୍ତରେ ନିଜକୁ ସଂଯତ କଲେ ଦିଗମ୍ବର ବାବୁ । ତାଙ୍କ ପୁଅ ଠିକ୍ ତାଙ୍କ ପରି ସ୍ୱାଧୀନଚେତା ମଣିଷ– କହିକି କିଛି ଫଳ ହେବ ନାହିଁ, ଏହା ତାଙ୍କୁ ବେଶ୍ ଜଣା ।

ଦ୍ୱିପ୍ରହରରେ ଖାଇସାରି ପିଲାମାନେ ବାହାରିଗଲେ । ଦେଢ଼ଦିନର କୋଳାହଳ ହଠାତ୍ ଥମିଗଲା, ସତେ ଯେମିତି ମିଳେଇଗଲା ଘରର ସବୁଦିନିଆ ନିଃସଙ୍ଗତାରେ । ମୁହୂର୍ତ୍ତକ ଭିତରେ ପୁଣି ଚିରାଚରିତ ରୀତିରେ ଖାଁ-ଖାଁ ଡାକ ଆସି ହାଜର । ବାହାର ବାରନ୍ଦାରେ ବସିରହିଲେ ଦିଗମ୍ବର ବାବୁ ଅନେକ ବେଳ ଧରି । ରହିରହି କାନରେ ବାଜୁଛି ପ୍ରିୟାଂଶୁ ଆଉ ଶ୍ରେୟାଙ୍କ ଗୁଲୁରୁଗାଲୁରୁ କଥା । ଦିନ ଯାଇ ରାତି ହେଲା, ତଥାପି ସେ ବସିରହିଛନ୍ତି । ସୁଧାଙ୍କ କଥା ବହୁତ ମନେପଡ଼ିଲା । ମନ ଭିତରେ ଉଠିଲା ଅସୁମାରି ପ୍ରଶ୍ନର ଝଡ଼ । ମଣିଷ ଜୀବନର ସବୁ ସଂପର୍କ ଭିତରେ ବି ଏକାକୀତ୍ୱର କେତେ ବଳିଷ୍ଠ ଉପସ୍ଥିତି ! ଏଠି ପାରିବାରିକ ସ୍ନେହ-ପ୍ରେମର କିଛି ବାସ୍ତବିକତା ଅଛି କି ନାହିଁ ତାହା ସଠିକ୍ କହିବା କଷ୍ଟ ।

ପୂଜା ବଜାର ଜୋର୍ ଧରିଲାଣି । କାନରେ ବାଜୁଛି ଭିତରର ହାଉହାଉ ଘାଉଘାଉ । ଦୀର୍ଘଶ୍ୱାସ ଛାଡ଼ି ଶେଷରେ ଉଠିଲେ ଦିଗମ୍ବର ବାବୁ । ଜୀବନର ଗତିପଥକୁ ରୋକିହୁଏନା, ତା ସାଙ୍ଗରେ ବରଂ ସାଙ୍ଗ ହେଇ ଚାଲିବା ଭଲ । ବେଶ୍, ତା'ହେଲେ...

ଲୁଗାପଟା ପିନ୍ଧି ଘରୁ ବାହାରିଲେ ଭିଡ଼ ଭିତରେ ହଜିଯିବାର ପଣ ନେଇ । ଅନେକ ବେଳ ଚାଲିଲେ, ଏ ବଜାରରୁ ସେ ବଜାର ପର୍ଯ୍ୟନ୍ତ । ଅଗଣିତ ଲୋକଙ୍କ ଭିତରେ ସିଏ ବି ଜଣେ । ଫରକ୍ ଏଇଆ, ସେମାନେ ସମସ୍ତେ ଖୁସିରେ କୁରୁଳିଉଠିବା ପରି ଲାଗୁଥିବାବେଳେ ସିଏ ନିହାତି ଫାଙ୍କା ହୃଦୟଟେ ଧରି ଚାଲିଛନ୍ତି; ଯାହା ଭିତରେ ଅଛି ନା ଭାବାବେଗ, ନା କିଛିବି ଅନୁଭବ କରିବାର ଶକ୍ତି ।

ଅନେକ ବେଳ ବେପଥୁଙ୍କ ପରି ଚାଲିଚାଲି ଥକିପଡ଼ିଲେଣି ଦିଗମ୍ବର ବାବୁ । ଆସି ଗୌରୀଶଙ୍କର ପାର୍କ ପାଖରେ ପହଞ୍ଚିଲେ । ଗଙ୍ଗାମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ଲମ୍ବିଯାଇଛି ଧାଡ଼ଧାଡ଼ି ଚାଟ୍, ଗୁପ୍‌ଚୁପ୍, ଦହିବରା, ଆଳୁଦମ୍ ଦୋକାନ । ମାଳମାଳ ମଣିଷ ଅତି ଆନନ୍ଦରେ ଚାଖୁଛନ୍ତି ପୂଜା ବଜାରର ସୁଆଦିଆ ଟକଳିଆ ଖାଦ୍ୟ । ଗୋଟିଏ କଡ଼ରେ ଠିଆ ହେଇ ରହିଲେ ଅନ୍ୟମନସ୍କ ଭାବରେ ।

ଗାର୍ଲ୍ସ ସ୍କୁଲ୍ ଆଡ଼କୁ ଲମ୍ବିଥିବା ରାସ୍ତା ଆଡ଼େ ହଠାତ୍ ନଜର ପଡ଼ିଲା । ଆରେ... ଇଏ ତ ରଘୁଆ ଟ୍ରଲିବାଲା ! ଟ୍ରଲିଡାଲାରେ ବସିଛନ୍ତି ଦୁଇ ପିଲା, କଡ଼ରେ ଚାଲିଛି ତା ସ୍ତ୍ରୀ । ଦୁଇ ଛୁଆ ପିନ୍ଧିଛନ୍ତି ନୂଆ ଜାମାପ୍ୟାଣ୍ଟ । ଅପରିଷ୍କାରିଆ ଛୁଆ ଦି'ଟା ଆଜି ବେଶ୍ ଧୋବଧୋବଳିଆ ଦିଶୁଛନ୍ତି । ମାଆ ପିନ୍ଧିଛି ଚିକିମିକିଆ ଜରିଲଗା ନାଲି ଟକ୍‌ଟକ୍ ଶାଢ଼ୀ । ରଘୁଆର ବି ନୂଆ ଚେହେରା । ଅହରହ ଆଲୁରୁବାଲୁରୁ କହରା ମୁଣ୍ଡବାଳତକ ଆଜି ତେଲ ମଖାହେଇ ପାଟେଇକି କୁଣ୍ଡାଯାଇଛି । ଅପେକ୍ଷାକୃତ ସଫା ସାର୍ଟ ଖଣ୍ଡେ ପିନ୍ଧିଛି, ପ୍ୟାଣ୍ଟଟି କିନ୍ତୁ ଚିରାଚରିତ ରୀତିରେ ତଳ ଆଡୁ ଚାଖଣ୍ଡେ ମୋଡ଼ାଯାଇଛି ।

ଟ୍ରଲିକୁ ରାସ୍ତାକଡ଼ରେ ରଖିଲା ରଘୁଆ । ପରିବାରକୁ ଛାଡ଼ି ପାଖ ଚାଟ୍ ଦୋକାନକୁ ଯାଇ ଗୋଟିଏ ପ୍ଲେଟ୍ ନେଇଆସିଲା । ପିଲା ଦି'ଟାଙ୍କୁ ମାଆ ଖୋଇଦଉଛି - ଯା ପାଟିରେ ଚାମୁଚେ, ତା ପାଟିରେ ଚାମୁଚେ । ଝିଅକୁ ରାଗ ଲାଗୁଛି, ଜିଦି କଲା ପାଣି ପିଇବାକୁ । ରଘୁଆ ଦୌଡ଼ିଗଲା ପୁଣି ଚାଟ୍ ଦୋକାନକୁ । ସେଇ ଅପରିଷ୍କାର ମଗରେ ପାଣି ନେଇଆସି ଝିଅକୁ ନିଜେ ପିଆଇଲା । ପୁଅ ଆଉ ଖାଇବାକୁ ନାରାଜ, ତା କୁନି ପେଟଟା ପୂରିଗଲାଣି । ବଳିଥିବା ଚାଟ୍‌ତକ ସ୍ତ୍ରୀ ଯାଚୁଛି ସ୍ୱାମୀକୁ, ସ୍ୱାମୀ ଯାଚୁଛି ସ୍ତ୍ରୀକୁ । ସ୍ତ୍ରୀ ପାଟିରେ ଚାମୁଚେ ମାଡ଼ିଦେଲା ସ୍ୱାମୀ, କିରିକିରି ହସ ସହିତ ଲାଜରେ ଓଢ଼ଣାକୁ ଆହୁରି ଟାଣିଆଣିଲା ସ୍ତ୍ରୀ । ଶେଷରେ ଦିହେଁ ଖାଇଲେ । ଟିକେ ଦୂରରୁ ଥାଇ ଚାହିଁରହିଛନ୍ତି ଦିଗମ୍ବର ବାବୁ– ଛାତି ଭିତରଟା ପୂରିଉଠୁଛି ମନକୁ ମନ । ବାରମ୍ବାର ଚେଷ୍ଟା କରୁଛନ୍ତି ଚାପିବାକୁ ତଣ୍ଟି ଭିତରେ ଉଠୁଥିବା କୋହକୁ ।

ଏଇ ତ, ପାଖରେ ବେଲୁନ୍‌ବାଲା ଯାଉଛି । ପୁଅଟା ଜିଦି କରୁଛି ବେଲୁନ୍ ପାଇଁ । ରଘୁଆ ପକେଟ୍ ଅଣ୍ଡାଳି ଖୁଚୁରା ପଇସା ବାହାର କଲା... ବେଲୁନ୍‌ବାଲା ସହିତ ମୂଲେଇଲା କେଇକ୍ଷଣ... ପୁଅର ରଡ଼ି ବଢ଼ିବାରେ ଲାଗିଛି । ବେଲୁନ୍‌ବାଲା ଏତିକି ପଇସାରେ ବେଲୁନ୍ ଦବାକୁ ନାରାଜ...

... ଦିଗମ୍ବର ବାବୁଙ୍କ ଫାଙ୍କା ହୃଦୟଟା ଓଜନିଆ ବୋଧ ହେଲା ହଠାତ୍ । ଓଦାଳିଆ ଆଖିକୁ ଦିଶିଲା - ଦିନେଶ ମୂଲୋଉଛି ବେଲୁନ୍‌ବାଲା ସହିତ, ଟ୍ରଲିରେ ପ୍ରିୟାଂଶୁ ଆଉ ଶ୍ରେୟା... ପାଖରେ ବୋହୂ ସୀମା... । ସେମାନେ ଦଶହରା ବଜାର ବୁଲିବାକୁ ଆସିଛନ୍ତି ! ଆରେ ଆରେ...

ପିଲାଟାର ବେଲୁନ୍ ଦରକାର... ଦୌଡ଼ିଗଲେ ବେଲୁନ୍‌ବାଲା ପାଖକୁ... ଲୋକଟା ଏତେ କଞ୍ଜୁସ୍ ? ପର୍ସ ବାହାର କରି ବେଲୁନ୍‌ବାଲାକୁ ଟଙ୍କା ଧରେଇଲେ, "ସବୁତକ ବେଲୁନ୍ ଦେ ।" ପିଲାମାନେ ବୋକାଙ୍କ ପରି ଚାହିଁଛନ୍ତି ।

"ନେ ବେଲୁନ୍ ନେ..."

ଝିଅକୁ କାଖେଇ ଆଣିଲେ, "ଆ' ଗୁପ୍‌ଚୁପ୍ ଖାଇବା..." ପୁଅର କୁନିକୁନି ଆଙ୍ଗୁଠି ଧରିଲେ, ପୁଅର ପାଦ ଖାଲି । ତାକୁ ବି କାଖେଇ ନେଇଗଲେ ଗୁପ୍‌ଚୁପ୍ ବାଲା ପାଖକୁ । ରଘୁଆ ଆଉ ତା ସ୍ତ୍ରୀ ହତବାକ୍ ହେଇ ଚାଲିଛନ୍ତି ପଛରେ । ଛୁଆ ଦି'ଟା ଗୁପ୍‌ଚୁପ୍ ଖାଇଲେ । ଦରଘାବଜାର ମେଢ଼ ଆଡ଼େ ବାଟ କଢ଼େଇନେଲେ ଦିଗମ୍ବର ବାବୁ । ତାଙ୍କ କାଖରେ ଝିଅ, ପୁଅ... ରଘୁଆ ଆଉ ତା ସ୍ତ୍ରୀ ପଛରେ । ସେମାନେ ମେଢ଼ ଦେଖିଲେ ।

"କ'ଣ କିଣିବୁ କହ... ଚକ୍ରି, କଣ୍ଢେଇ, ବଲ୍... ନା ଚଷମା... ?"

କଣ୍ଢେଇ, ଟିକିଲି, ନଖ ପାଲିସ୍ କିଣା ହେଲା ଝିଅ ପାଇଁ । ପୁଅ ପାଇଁ ବଲ୍, ଚଷମା, ହାତଘଣ୍ଟା କିଣା ହେଲା ।

"ନେ ରଖ୍ ଏ ଟଙ୍କା...," ରଘୁଆ ହାତକୁ ଦୁଇଖଣ୍ଡ ପାଞ୍ଚଶହ ଟଙ୍କିଆ ବଢ଼େଇଦେଲେ ଦିଗମ୍ବର ବାବୁ ।

"ହେଲେ ବାବୁ... ଆଜ୍ଞା..." ରଘୁଆ ପାଟିକୁ କଥା ଜୁଟୁନି । ତା' ସ୍ତ୍ରୀ ଶଙ୍କାଗ୍ରସ୍ତ ଆଖିରେ ଚାହିଁରହିଛି କେବଳ ।

"ଆରେ ଚାହିଁଛୁ କ'ଣ... ଇଏ ହେଲା ତମ ଦଶହରା ଖର୍ଚ୍ଚ । ପିଲାମାନଙ୍କ ଚପଲ କିଣିବୁ । ତୋ ପାଇଁ ଆଉ ତୋ ସ୍ତ୍ରୀ ପାଇଁ ବି ନୂଆ ଲୁଗା କିଣିବୁ ।" ପିଲା ଦି'ଟାଙ୍କ ମୁଣ୍ଡକୁ ଟିକେ ଆଉଁସିପକେଇ ବାପ-ମାଆଙ୍କୁ ଧରେଇଲେ ଦିଗମ୍ବର ବାବୁ ।

ରଘୁଆ ଆଉ ତା ସ୍ତ୍ରୀ ହତବାକ୍ ହେଇ ଚାହିଁରହିଛନ୍ତି ତାଙ୍କ ଯିବା ବାଟକୁ ଅନେକ ବେଳ ଯାଏଁ ।

ଦିଗମ୍ବର ବାବୁ ଘରକୁ ଫେରିଲା ବେଳକୁ ଢେର୍ ରାତି ହେଲାଣି । ତେବେ ନିଜର ନିଛକ ମଣିଷପଣିଆକୁ ଜବରଦସ୍ତ ଘୋଡ଼େଇ ରଖିଥିବା ଘୋଡ଼ଣିଟି ଉଠିଯାଇଥିବା ଯୋଗୁ ମନ ଲାଗୁଛି ଏକବାର ହାଲ୍‌କା... ଛାତି ପୂରିଉଠୁଛି ଅକୁହା ଆନନ୍ଦରେ... ସାରାଦେହରେ ଖେଳିଯାଉଛି ଅଜଣା ପୁଲକ... । ସତରେ, ଏମିତି ଦଶହରା ବୁଲାର ମଜା ଏକବାର ନିଆରା... ।

'ବିମଳ କ୍ଷେତ୍ର', କେଉଁଝର କଲୋନୀ
କନିକା ଛକ, କଟକ

••

VS ACADEMY
(A WAY TO SUCCESS)
FOR +2 & +3 ARTS (ALL SUBJECTS)
& ALSO H.S.C (CLASS VIII TO X)
Where Ordinary Converts into Extraordinary
MATRUMANGALA CAMPUS, TINIKONIA BAGICHA, CUTTACK - 1
CONTACT : 8270602223 , 8328896892

# ଶୁଭ ଜନ୍ମଦିନ ବାପା !

ପବିତ୍ର କୁମାର ଗୌଡ଼

ଫୁଲଦାନିରୁ ଧୂଳି ଝାଡ଼ୁଝାଡ଼ୁ ଡାକୁଥିଲା ସୁନୟନା । 'ହେଇଟି ଶୁଭୁଚି...ଯାଉନ ଜଲ୍‌ଦି ଗାଧେଇକି ଆସିବ । ନ'ଟା ବାଜିଲାଣି । କଫି କପେ ପିଇଦେଇ ବସିଗଲ ଯେ, ତିନିଘଣ୍ଟା ହେଲାଣି । ପ୍ରଥମେ ଓଡ଼ିଆ, ତା'ପରେ ଇଂଲିଶ୍ ପେପର୍; ଏବେ ପୁଣି ମାଗାଜିନ୍ ଧରି ବସିଗଲଣି । ପଛେ ଏଗୁଡ଼ା ପଢ଼ିଲେ ହବନି! ଆଜି ପା' ରବିବାର । ଦାଢ଼ି ଟ୍ରିମିଂ କରିବ । ସାବୁନ୍ ସାମ୍ପୁ ଲଗେଇ ଘଣ୍ଟାଏ ଗାଧେଇବ । ପ୍ୟାଣ୍ଟସାର୍ଟ ଆଇରନ୍, ଜୋତା ପଲିସ୍ ପାଇଁ ତମକୁ ଓଳିଏ ଲୋଡ଼ା । ଏଗୁଡ଼ା କେତେବେଳେ ସରିବ? କାଲି ସନ୍ଧ୍ୟାରେ ଅଫିସ୍‌ରୁ ଫେରିଲାବେଳେ କେକ୍ ଅର୍ଡର୍ ଦେଇଥିଲ କି? ଦେଇନଥିବ । ମୁଁ ଜାଣିଛି ପରା । ଛତୁ, ପନିର୍‌ବାଲାକୁ ବି ଜଣେଇନଥିବ । ସାଙ୍ଗସାଥୀଙ୍କୁ ଇନ୍‌ଭାଇଟ୍ କରିଛ? ନା ତମ ସାଙ୍ଗମାନଙ୍କୁ ବି ଫୋନ୍ କରି ଡାକିବି ମୁଁ? କ'ଣ ନା ମୋ ହଜ୍‌ବ୍ୟାଣ୍ଡଙ୍କ ଜନ୍ମଦିନ ଆଜି । ଆସିବ... ଆସିବ । ଶେଷ ଆଡ଼କୁ ଖତେଇ ହେବା ଭଳି ଶୁଭିଲା ସୁନୟନାର ସ୍ୱର । କୋଉ ଗୋଟାଏ କାମ ଠିକ୍ ଢଙ୍ଗରେ ତମେ କରିବ ନାହିଁ । ସବୁକଥାରେ ମୁଁ ଧନ୍ଦି ନ ହେଲେ ହବନି ।' ଘୋଷିଲା ଭଳି ଏକ ନିଃଶ୍ୱାସରେ ଏତକ କହିଦେଇ ପୁଣି କାମରେ ମନଦେଲା ସୁନୟନା ।

ଫ୍ୟାନ୍ ପବନରେ ଘରସାରା ଖେଳେଇହେଇ ସାରିଥିବା ପେପରଗୁଡ଼ାକୁ ଏକାଠି କରି ଟେବୁଲ୍ ଉପରେ ରଖିଲା ଜୀବନ । ଯେଉଁ ପୃଷ୍ଠାଯାଏ ପଢ଼ିସାରିଥିଲା, ତା'ର କୋଣକୁ ଟିକିଏ ମୋଡ଼ିଦେଇ ବନ୍ଦ କଲା ମାଗାଜିନ୍ । 'ମଣିଷ ଶାନ୍ତିରେ ଟିକେ ପଢ଼ି ବି ପାରିବନି' କହି ଭିଡ଼ିମୋଡ଼ି ହୋଇ ଉଠିଲା । ଦୁଇ ହାତ ଉପରକୁ ଟେକି ଅଳସ ଭାଙ୍ଗିଲା ।

ରୋଷେଇଘରୁ ବାସନମଜାର ଟୁଂଟାଂ ଶବ୍ଦ ଆସୁଛି । ତା' ସାଙ୍ଗକୁ ଚୁଡ଼ି ରୁଣୁଝୁଣୁ । ମଝିରେ ମଝିରେ ବିରକ୍ତିସୂଚକ ଗୁଣୁଗୁଣୁ ଶବ୍ଦ, 'ଯାହା କରୁଛ କର । ଯେମିତି ହେଉଛି ହେଉ । ମୋ କଥା କାନରେ ଦେଲେ ତ... ।'

ସେମିତି ଭିଡ଼ିମୋଡ଼ି ହେଇ ସୁନୟନା ଉଦ୍ଦେଶ୍ୟରେ କହିଲା ଜୀବନ, 'ଆଉ କପେ କଫି କି ଚା' ମିଳିବ?'

– 'ମୋର ଆଉ କିଛି ଧନ୍ଦା ନାହିଁ ନା କ'ଣ? ତମେ ସେଠି ବସି ମାଗାଜିନ୍ ଖେଳଉଥିବ ଆଉ ମୁଁ ଥରକୁ ଥର ଚା' କଫି ବଢ଼ଉଥିବି ହାତକୁ? ରକ୍ଷା ଅଛି ପୁଅ ଏଯାଏଁ ଉଠିନି । ସିଏ ଉଠିପଡ଼ିଲେ କିଛି କରେଇଦବନି । ପୁଣି ଆରମ୍ଭ ହେଇଯିବ ତା' ସେବା । ମାମା ଏକ କରିବି । ମାମା ଗଗ ଲାଗିଲାଣି । ମାମା ମତେ ପ୍ୟାଣ୍ଟସାର୍ଟ ପିନ୍ଧେଇଦେ । ବ୍ରସ୍ କରେଇଦେ । କ୍ଷୀର ବିସ୍କୁଟ୍ ଖାଇବିନି ଇପି କରିଦେ । ଖାଲି ତ ତମ ବାପ-ପୁଅଙ୍କ ସେବା କରୁଥିବି । ଆଉ ସଞ୍ଜକୁ ଯିଏ ଗେଷ୍ଟ ଆସିବେ ତାଙ୍କ ପାଇଁ ସବୁ ରେଡି କରିବି ନା ନାହିଁ?'

'ହଉ ନଦେଲେ ନାହିଁ । ଏତେ ଆଉ ଭାଷଣ ଶୁଣାଅନି । ତମ କାମ ତମେ କର । ମୋ କାମ ମୁଁ କରୁଛି । ଏଥର ଖୁସ୍?' ଟ୍ରାଉଜର୍ ଖୋଲି ଗାମୁଛା ପିନ୍ଧି ଗାଧୁଆଘର ଆଡ଼କୁ ଯାଉଯାଉ କହିଲା ଜୀବନ । ସୁନୟନା ଆଉ କିଛି କହିବାକୁ ଯାଉଥିଲା, ମାତ୍ର ଜୀବନ ସେତେବେଳକୁ ବାଥ୍‌ରୁମ୍‌ରେ ପଶି ସାୱାର୍ ଖୋଲିସାରିଥିଲା । ସାବୁନ୍ ଲଗେଇ ଗାଧୋଉଥିବାବେଳେ ଗୀତଟିଏ ଗୁଣୁଗୁଣେଇଲା ଜୀବନ – 'କଭି ପତଝଡ ହେ... କଭି ସାୱନ୍ ହେ... ୟେ ଆତାଯାତା ମୌସମ୍ ହେ... କଭି ହସ୍‌ନା ହେ... କଭି ରୋନା ହେ... ଜୀବନ ସୁଖ୍‌ଦୁଃଖ କି ସଙ୍ଗମ୍ ହେ... ।'

ବାହାରୁ କବାଟ ବାଡ଼େଇଲା ସୁନୟନା, 'କ'ଣ ସରିଲାଣି ନା ନାଇଁ?'

– 'ଟିକେ... ଦି' ମିନିଟ୍ । ଗାଧେଇସାରିଲିଣି ।'

ପୁଣି ପ୍ରଶ୍ନ ସୁନୟନାର, 'ଗାଧେଇ ସାରିଲଣି ତ ଭିତରେ କ'ଣ କରୁଚ? ଖୋଲୁନ କବାଟ ।'

'ଓଃ ପୋଛାପୋଛି ହେବି ନା ପାଣି ସରସର ହେଇ ପଳେଇବି ବାହାରକୁ? ମଣିଷ ଶାନ୍ତିରେ ଟିକେ ଗାଧେଇ ବି ପାରିବନି? ଶଃ... ।' ସାୱାର୍ ବନ୍ଦ କରୁକରୁ ସୁନୟନା ଶୁଣିପାରିବା ଭଳି ବଡ଼ପାଟିରେ ଗାରୁଗାରୁ ହେଇ କହିଲା ଜୀବନ ଓ ଧଡ଼୍ କରି କବାଟ ଖୋଲି ବାହାରକୁ ଆସିଲା ।

'ତମର ହିଁ କାମ ସରୁନାହିଁ । ବୁଝିଲ? ଭୋର୍ ଚାରିଟାରୁ ଉଠି ଘରଦ୍ୱାର ଧୁଆପୋଛା କଲି । ବହି ଥାକ, ଆଲଣା, ଫ୍ରିଜ୍, ଟିଭି, କମ୍ପ୍ୟୁଟର ଝଡ଼ାଝଡ଼ି କଲି । ଅଳନ୍ଧୁ ସଫା କଲି । ବିରି, ଚାଉଳ, ମଟର ବତୁରେଇଲି ରାତି ପାଇଁ । ତମେ ଯା ଭିତରେ କରିଚ କ'ଣ କହିଲ? ଖାଲି ମାଗାଜିନ୍ ପଢ଼ିଛ ଆଉ କଫି ପିଇଛ । ଗାଧେଇଛ । ମତେ ତ କିଛି ହେଲ୍‌ପ କରିନ ।' ଅଭିଯୋଗ ବାଢ଼ିଲା ସୁନୟନା ।

'କିଏ କହୁଛି ତମକୁ ଏସବୁ କରିବାକୁ? ମୁଁ ତ କେବେ କହିନି । ଆରେ ଭାଇ ମୁଁ କେତେଥର କହିଲିଣି, ମୁଁ ଜଣେ ଫିଲ୍ମିଷ୍ଟାର୍ ନୁହଁ । ମନ୍ତ୍ରୀ ଏମେଲେ ବି ନୁହଁ । ମୋ ଜନ୍ମଦିନ ଏତେ ଜାକଜମକରେ ପାଳିବା ଦରକାର ନାହିଁ । ହେଲେ ତମେ ଶୁଣୁଚ?' ମନକୁ ମନ ସବୁ କରିପକଉଚ, ପୁଣି କାଇଁ ଗଜରଗଜର ହଉଚ?' ଚଢ଼ାଗଳାରେ ପଚାରିଲା ଜୀବନ ।

'ହଉ ହଉ ଭୁଲ୍ ହେଇଗଲା ବାବା । ଆସନ୍ତା ବର୍ଷକୁ ମୁଁ ଜମା ମୁଣ୍ଡ ପୂରେଇବିନି । ତମେ ତମର କଲେ କର, ନହେଲେ ନାହିଁ । ହେଲା ? ଏଥର କ୍ଷମା କରିଦିଅ ମତେ ।' ଆକ୍ଷେପ କଲାଭଳି ଏତକ କହି ବାଥ୍‌ରୁମ୍‌ରେ ପଶି ଖୁବ୍ ଜୋର୍‌ରେ କବାଟଟାକୁ ଧଡ୍ କରି ବନ୍ଦ କରିଦେଲା ସୁନୟନା ।

ଜୀବନ ହସିଲା । ସେ ହସରେ ଖୁସି ନଥିଲା, ସୁନୟନା ପ୍ରତି କୃତଜ୍ଞତା ଭାବ ଥିଲା ଅଧିକ । ସବୁବର୍ଷ ଜୀବନର ଜନ୍ମଦିନଟିକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରିଥାଏ ସୁନୟନା । ମାତ୍ର ସକାଳୁ ଦୁଇଜଣଙ୍କ ଭିତରେ ଏମିତି ଖିଟ୍‌ପିଟ୍ ଲାଗେ । ବିରକ୍ତ ହୋଇ ସୁନୟନା କହେ, 'ବହୁତ ହେଇଗଲା । ଆଉ ନୁହେଁ । ସବୁ କରିବି ମୁଁ, ପୁଣି ତମଠୁ ଦି' ପଦ ଶୁଣିବି, ନାଇଁ ? ଆରବର୍ଷକୁ ମୁଁ ଜମା ମୁଣ୍ଡରେ ପୂରେଇବି ନାହିଁ ।' ମାତ୍ର ଜନ୍ମଦିନ ପରଦିନଠୁ ହିଁ କିଛି କିଛି ପଇସା ସଞ୍ଚୟ କରୁଥିବ ପରବର୍ତ୍ତୀ ଜନ୍ମଦିନ ପାଳନ ପାଇଁ । ସାହିପଡ଼ିଶା, ସାଙ୍ଗସାଥୀ, ଏ ସହରରେ ରହୁଥିବା ପାରିବାରିକ ବନ୍ଧୁ, ସମ୍ପର୍କୀୟ - ସମସ୍ତେ ନିମନ୍ତ୍ରିତ ହୋଇ ଆସିବେ । ଘରଦ୍ୱାର ସଜାହେବ । କେକ୍ କଟାହେବ । ସମସ୍ତେ ଖାଇବେ ପିଇବେ । ଖରାବେଳେ କିଛି କିଛି ଦାନଧର୍ମ ବି କରାହୋଇଥିବ ମନ୍ଦିରରେ ବସୁଥିବା ଭିକାରୀମାନଙ୍କୁ । ସଞ୍ଚିତ ଅର୍ଥରୁ କିଛିଅଂଶ ଯିବ ଗୋଟାଏ ଅନାଥାଶ୍ରମର ପିଲାଙ୍କ ଖର୍ଚ୍ଚ ପାଇଁ ।

ଜୀବନ ତାଚ୍ଛଲ୍ୟ କରିବ, 'ବୁଝିଲ, ଏଇ ଯୋଉ ଭିକାରିଟାକୁ ତମେ ଦି'ଟଙ୍କା ଦେଲ; ସେଟା ଗୋଟେ ବସ୍ ମାଲିକ । ବିରାଟ ଘର ବି କରିଛି । ଏଇଟା ତା'ର ପାର୍ଟଟାଇମ୍ । ଆଉ ଯୋଉ ଅନାଥ ଆଶ୍ରମକୁ ତମେ ଟଙ୍କା ଦେଉଛ, ସେଥିରେ ପିଲାଙ୍କ ମଙ୍ଗଳ ହେଉନି ମ । ମାଲିକ ଅୟସ କରୁଛି । ଆଉ ସେଥିରେ ସହଯୋଗ କରୁଛନ୍ତି ତମ ଭଳି କିଛି ଧର୍ମପରାୟଣା ।'

ସୁନୟନା ବିରକ୍ତ ହୁଏ । ସେମିତି ନକହିବାକୁ ପରାମର୍ଶ ଦିଏ ଜୀବନକୁ । କହେ, 'ଛାଡ଼ ସେଗୁଡ଼ା । ଯାହା ଆମେ ଦେଇଦେଲେ, ଦେଇଦେଲେ । ସେଥିରେ ଦାତାର ଆଉ କିଛି ଅଧିକାର ନାହିଁ । ସବୁ ଅଧିକାର ଗ୍ରହୀତାର । ତେଣିକି ସେ ତାକୁ କୋଉ ବାଟରେ ଖର୍ଚ୍ଚ କଲା, ସେଗୁଡ଼ାରେ ଆମେ କାହିଁକି ମୁଣ୍ଡ ପୂରେଇବା ?'

'ହୁଁ...' ଅବଜ୍ଞା କରି କହେ ଜୀବନ । ସେଥିପ୍ରତି ଗୁରୁତ୍ୱ ଦିଏନାହିଁ ସୁନୟନା । ସେ ଯେମିତି, ସେମିତି ହିଁ । ଯାହା ତାକୁ ଠିକ୍ ଲାଗିବ, କରିବ । କରିଚାଲିଥିବ । କାହାର ମତାମତ, ଇଚ୍ଛା-ଅନିଚ୍ଛାକୁ ତିଳେ ହେଁ ଖାତିର୍ ନକରି । ସୁନୟନା କହେ, 'ସେ ପିଲାଦିନରୁ ହିଁ ଏମିତି ।'

'ହେ ଭଗବାନ୍ ! ଆହୁରି ଯାଇନ ତମେ ? ମୁଁ ଭାବୁଥିଲି ତମେ ଯାଇ ଦୋକାନରେ ଛିଡ଼ା ହେବଣି । ମାତ୍ର ତମେ ଏ ସୋଫାରେ ବସି ଭାବୁଛ ସେତେବେଳୁ ? ତମେ ଜମା ସୁଧୁରିବ ନାହିଁ ।' କହିଦେଇ ହସିଲା ସୁନୟନା - ବିରକ୍ତିରେ ହେଉ ପଛେ ।

'ହେ ତମେ ନା... ଏ ଓଦା ଦେହରେ ଭାରି ଚାର୍ମିଂ ଲାଗୁଛ ! ଇଚ୍ଛା ହେଉଛି... ।'

'ପ୍ରଶଂସା ସେତିକି ଥାଉ । ଆଉ ରସିକପଣ ଦେଖାଅନି । ଥାକ ଉପରେ ପଇସା ଆଉ ଲିଷ୍ଟ ଅଛି, ଯାଅ ସଉଦା ନେଇ ଆସିବ । ସଉଦା ଆଣିସାରି ପୁଣି ମନ୍ଦିର ଯିବା । ଭିଡ଼ ହେଇଯିବଣି କି କ'ଣ ମନ୍ଦିରରେ । ମୁଁ ପୁଅକୁ ଉଠେଇ ରେଡି କରିଦେଉଛି । ତମେ ଆସିଲାବେଳକୁ ଆମେ ବାହାରିସାରିଥିବୁ ।'

ଆଉ ପଦେ ବି ନକହି ଦୁଇଟା ବଡ଼ ବଡ଼ ବ୍ୟାଗ୍, ବାଇକ୍ ଚାବି, ହେଲ୍‌ମେଟ୍ ନେଇ ତଳକୁ ଓହ୍ଲେଇଲା ଜୀବନ । ବାଇକ୍ ଛୁଟେଇଦେଲା ଗ୍ରୋସରୀ ଦୋକାନ ଉଦ୍ଦେଶ୍ୟରେ । ଆଜି ତା'ର ଜନ୍ମଦିନ । ତା' ପାଇଁ, ସୁନୟନା ପାଇଁ ହସଖୁସିର, ସ୍ମରଣୀୟ ଦିନଟିଏ ନିଶ୍ଚୟ । ଟୁ ବିଏଚ୍‌କେର ଏଇ ଭଡ଼ାଘରେ ସେ ପାଳିସାରିଲାଣି ଆଠଟି ଜନ୍ମଦିନ । ପଡ଼ୋଶୀ ବଙ୍ଗାଳି ପରିବାର, ସାମ୍ନାରେ ରହୁଥିବା ରାଜସ୍ଥାନୀ ଫ୍ୟାମିଲି, ତା' ଅଫିସ୍ ସହକର୍ମୀ କେତେଜଣ, ସୁନୟନାର ମର୍ଣ୍ଣିଂୱାକ୍ ସାଥି, ମୁନିର୍କାରେ ରହୁଥିବା ଦୂର ସମ୍ପର୍କୀୟ ମାମୁ, ମାଲବ୍ୟ ନଗରରେ ରହୁଥିବା ସୁନୟନାର ଅନର୍ସମେଟ୍ ତଥା ଫ୍ୟାସନ୍ ଡିଜାଇନର୍ କାବ୍ୟା ଓ ଏଚ୍.ସି.ଏଲ୍.ରେ ଚାକିରି କରୁଥିବା ତା'ର ଅଣଓଡ଼ିଆ ସ୍ୱାମୀ ଆସି ପହଞ୍ଚିବେ ସନ୍ଧ୍ୟାରେ । 'ହାପି ବାର୍ଥଡେ ଟୁ ୟୁ', 'ହାପି ବାର୍ଥଡେ ଟୁ ୟୁ', 'ହାପି ବାର୍ଥଡେ ଟୁ ଜୀବନ' ସମ୍ଭାଷଣ, ଉପହାର, ହସଖୁସି, ଖିଆପିଆ, ଥଟ୍ଟାମଜାରେ ସରିବ ବାର୍ଥଡେ ସେଲିବ୍ରେସନ୍ । ଖୁବ୍ ଖୁସି ଥିବ ସୁନୟନା । ଆଖିରେ ତା'ର ଚିକ୍‌ଚିକ୍ କରେ ଗୋଟେ ଖୁସି ଖୁସି ଭାବ । ଓଠରେ ପରିତୃପ୍ତିର ହସ । ମାତ୍ର ଶତସହସ୍ର ଚେଷ୍ଟା କରି ବି ଖୁସି ହୋଇପାରେନି ଜୀବନ । ସବୁକିଛି ତାକୁ ଲାଗେ ଫିକାଫିକା । କୃତ୍ରିମ । ଯାନ୍ତ୍ରିକ । ଛଳନାମୟ । ରହସ୍ୟଭରା । କପଟପୂର୍ଣ୍ଣ ଆଚରଣ । ତାକୁ ଲାଗେ ସତେ ଯେମିତି ଜଣେ ମୁଖାପିନ୍ଧା ମଣିଷ ସେ । ଉପରେ ଗୋଟେ, ଭିତରେ ଆଉ ଗୋଟେ ।

ଆଜି ବି ବାପାଙ୍କର ଜନ୍ମଦିନ । ଦିଲ୍ଲୀ ମହାନଗରୀର ବ୍ୟସ୍ତବହୁଳ ଜୀବନଯାତ୍ରା, ଧାଁଦୌଡ଼, କୋଳାହଳମୟ ପରିବେଶଠୁ ନିରାପଦ ଦୂରତାରେ, ପ୍ରାୟ ଦୁଇହଜାର କିଲୋମିଟରରୁ ଅଧିକ ଦୂରରେ ଥିବା ଗୋଟେ ଗାଁରେ ପାଳନ ହେଉଥିବ ବାପାଙ୍କ ଜନ୍ମଦିନ । ଖୁବ୍ ଆଡ଼ମ୍ବର ଅଥଚ ବେଶ୍ ଶାଶ୍ୱତ, ଆଧ୍ୟାତ୍ମିକ ଓ ପବିତ୍ର ପରିବେଶରେ, ନିଆରା ଢଙ୍ଗରେ । ଆନ୍ତରିକତାରେ । ଭଲପାଇବାର, ଆପଣାପଣର ମଧୁର ଭାବନାରେ ସଭିଏଁ ପାଳୁଥିବେ ବାପାଙ୍କ ଜନ୍ମଦିନ । ସେ ଜନ୍ମଦିନରେ ଚକୋଲେଟ୍ ନା ଷ୍ଟ୍ରବେରୀ, ବ୍ଲାକ୍‌ଫରେଷ୍ଟ ନା ବଟରସ୍କଚ୍ - କେକ୍‌ର ଫ୍ଲେଭର୍‌କୁ ନେଇ ଦ୍ୱିବିଧା ନଥିବ । ସମ୍ଭବତଃ କେକ୍ ହିଁ ନଥିବ । ଥିବ ଭଳିକି ଭଳି ପିଠାପଣା - କ୍ଷୀରି, ପୁରି, କାକରା, ଆହୁରି ଅନେକ

ଜାତିଜାତିକା ପିଠା, ମିଠାର ଆସର । ଉତ୍ସବରେ ସାମିଲ୍ ହେବାକୁ ଆସୁଥିବା ଅତିଥିଙ୍କ ଭିତରେ ନଥିବ ଉପହାର କିଣିବାର ପ୍ରୟୋଜନୀୟତା, ଦ୍ୱନ୍ଦ୍ୱ । ମୂଲାମୂଲି, ବଛାବଛିର ବାଛବିଚାର । ଥିବ କେବଳ ଭଲପାଇବା, ନିରୋଳା, ନିଃସ୍ୱାର୍ଥ ଭଲପାଇବା । ଶ୍ରଦ୍ଧା, ଆଦର, ସମ୍ଭାଷଣ । ଆଲିଙ୍ଗନ ।

ପ୍ରଥମେ ଜେଜେବାପା ଓ ଜେଜେମା' ପାଳୁଥିଲେ ବାପାଙ୍କ ଜନ୍ମଦିନ । ମାତ୍ର ଜୀବନ ବି ଯେତେବେଳେ ସେଇ ଏକା ତିଥିରେ ଭୂମିଷ୍ଠ ହେଲା, ସବୁଠୁ ଅଧିକ ଖୁସି ହୋଇଥିଲେ ବାପା । ସମସ୍ତଙ୍କୁ ଶୁଣେଇ ଶୁଣେଇ କହୁଥିଲେ, 'ଏଥର ଗୋଟିଏ ନୁହେଁ, ଏ ଘରେ ପାଳନ ହେବ ଦି' ଦି' ଜଣଙ୍କର ଜନ୍ମଦିନ । ଉତ୍ସବ, ନାଚଗୀତ, ଭୋଜିଭାତ ହବ ଦି'ଗୁଣା । ଆରେ ହେ ! ଭଗବାନ ମୋ ଡାକ ଶୁଣିଛନ୍ତି । ପ୍ରଥମ କରି ପୁଅଟିଏ ଦେଇଛନ୍ତି – ତା' ପୁଣି ମୋ ଜନ୍ମତିଥିରେ । ମୋର ଆଉ କିଛି ଦୁଃଖ ନାହିଁ । ଦୁନିଆର ସବୁ ସୁଖ ମିଳିଯାଇଛି ମତେ ।' ବାପାଙ୍କ ସହିତ ଯୁକ୍ତି କରେ ମା' । 'କାହିଁକି ? ଝିଅ ହେଇଥିଲେ କ'ଣ ତମେ ଦୁଃଖ କରିଥାନ୍ତ ?' 'ଦୁଃଖ କରିନଥାନ୍ତି କି ଫୋପାଡ଼ି ଦେଇନଥାନ୍ତି । ମାତ୍ର ଏତେ ଖୁସି ହୋଇନଥାନ୍ତି । ଝିଅଗୁଡ଼ା ପର ଅମାନତ । ଖୁଆଇ ପିଆଇ, ପାଠ ପଢ଼େଇ ପରଘରକୁ ପଠାଅ । ଟିକିଏ ଊଣିଶ-ବିଶ୍ ହେଲେ ଗଞ୍ଜଣା ଶୁଣ – ତୋ' ମା'ବାପା ତତେ ଏମିତି ଶିଖେଇଛନ୍ତି ?' ମା'ଙ୍କୁ ଚିଡ଼େଇବାକୁ ଯାଇ ବାପା ଏମିତି ମନ୍ତବ୍ୟ ଦିଅନ୍ତି । ମା' କିନ୍ତୁ କିଛି କହେନି । ପୁଣି ବାପା ଯୋଡ଼ନ୍ତି ସେଥିରେ, 'ମାତ୍ର ପୁଅମାନଙ୍କ ପାଇଁ ସେମିତି ଝମେଲା ନାହିଁ । ପୁଅଗୁଡ଼ା ବର ଓହଳ । କୁଆଡ଼େ ଯିବାର ନାହିଁ । ପୁରୁଷ ପୁରୁଷ ଧରି ଏଇଠି ରହିବେ । ମାଟିରେ ପୋତିହେଇ ବୁଢ଼ା ହେଇଆସିଲା ବେଳକୁ ବରଗଛକୁ ସଳଖି ଧରିବେ । ଦମ୍ଭ ଦେବେ । ତେଣିକି ଯେତେ ବାତ୍ୟା ପବନ ଆସୁ, କିଛି ପରୁଆ ନାଇଁ ।' ଜେଜେମା' କହିବ, 'ହଁ, ଟେକୁଥା । ଟେକିଟେକିକି ପୁଅକୁ ଅଧାସରଗକୁ ନେଇଯା । ପୋତିହେଇ ରହିବା ଯୁଗ ଆଉ ନାଇଁରେ ପୁଅ । ତୁ ସିନା ଚାକିରି ବାକିରି ନକରି ଜମିବାଡ଼ି ଦେଖିଲୁ ବୋଲି ଆମ ପାଖରେ ରହିଲୁ, ହେଲେ ତୋ ପୁଅ ପାଠ ପଢ଼ି ଚାକିରି କରିବ । ଫୁର୍ ହେଇଯିବ କୁଆଡ଼େ ନା କୁଆଡ଼େ । ଆଉ ତୋ ପାଖରେ ଥିବ ଯେ, ବୁଢ଼ାବେଳକୁ ଦମ୍ଭ ଦବ ।' ଜେଜେମା'ର ପରିହାସକୁ ମାନନ୍ତି ନାହିଁ ବାପା । ଯୁକ୍ତି କରନ୍ତି, 'ଯୁଆଡ଼େ ଯିବ ଯାଉ । ହାତୀ ବନସ୍ତରେ ଥିଲେ ବି ରଜାର ନା ନାଇଁ ?'

ମା'ଙ୍କଠାରୁ ଏକଥା ଅନେକଥର ଶୁଣିଛି ଜୀବନ । କେତେ ଭରସା, କେତେ ବିଶ୍ୱାସ ତା' ଉପରେ ରଖିଛନ୍ତି ବାପା । ଜୀବନର ମନେଅଛି, ଭୋର୍‌ରୁ ଉଠିପଡ଼ନ୍ତି ବାପା । ନିଜେ ଦେହମୁଣ୍ଡରେ ତେଲ ଘଷିହେବା ସହିତ ଜୀବନ ଦେହରେ ବି ଭଲକରି ତେଲ ମାଖିଦିଅନ୍ତି । କାନ୍ଧରେ ବସେଇ ନେଇଯାଆନ୍ତି ପୋଖରୀକୁ । ଭଲକରି ଘଷିମାଜି ଗାଧୋଇ ଆଣନ୍ତି । ତା'ପରେ ନୂଆ ଲୁଗା ପିନ୍ଧୁପିନ୍ଧୁ ମା' ଉଦ୍ଦେଶ୍ୟରେ କହନ୍ତି ବଡ଼ପାଟିରେ, 'ଯତ୍ନରେ ସଜେଇଦିଅ ଯାକୁ । ଭୋଗ, ପୂଜାଥାଳି ଯୋଗାଡ଼ କର । ସିଏ ବି ଯାଉ ଠାକୁର ଦର୍ଶନ କରିଆସିବ ।' ହାତ ଧରି ଧରି ବାପା ଜୀବନକୁ ନେଇଯାଆନ୍ତି ରଘୁନାଥଙ୍କ ମନ୍ଦିରକୁ । ଅନୁଜ ଲକ୍ଷ୍ମଣ ଓ ପ୍ରାଣପ୍ରିୟା ଜାନକୀଙ୍କୁ ନେଇ ଭକ୍ତଙ୍କ ପାଇଁ ବିରାଜମାନ ପ୍ରଭୁ ଶ୍ରୀରଘୁନାଥ, ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ । ଭକ୍ତିରେ ମୁଣ୍ଡ ନୁଆଇଁଦିଅନ୍ତି ବାପା । ଆଖିବୁଜି କ'ଣସବୁ ପ୍ରାର୍ଥନା କରୁଥାନ୍ତି । ଜୀବନ ଏତେସମୟ ରହିପାରେନି ମନ୍ଦିର ଭିତରେ । ବାହାରକୁ ପଳେଇଆସି ଫୁଲ ତୋଳେ । କଙ୍କି ପଛରେ ଗୋଡ଼ାଏ । ଡାଳରୁ ଡାଳକୁ ଡେଉଁଥିବା ନାଲିମୁହାଁ ମାଙ୍କଡ଼ଙ୍କୁ ତନ୍ମୟ ହୋଇ ଚାହିଁରହେ । ମନ୍ଦିର ପରିସରରେ ଥିବା ଚମ୍ପାଫୁଲର ମଧୁର ବାସ୍ନାରେ ମୁଗ୍ଧ ହୁଏ ।

ମନ୍ଦିର ଭିତରୁ ବାହାରିଆସନ୍ତି ବାପା । ଡାଲାରେ ଥାଏ ଭଳିକି ଭଳି ଫଳ । କଦଳୀ, ନଡ଼ିଆ । ସେଥିରୁ ଟିକିଏ ଟିକିଏ ଆଦରରେ ଖୁଆଇଦିଅନ୍ତି । ଭାରି ଭଲ ଲାଗେ ଜୀବନକୁ । ଦୁହେଁ ଘରେ ଆସି ପହଞ୍ଚିଲା ବେଳକୁ କ୍ଷୀରି, ଖେଚୁଡ଼ି ପ୍ରସ୍ତୁତ ହୋଇସାରିଥାଏ । ବାପାଙ୍କ ସ୍କୁଲବେଳର ସାଙ୍ଗ, ପାଖ ପଡ଼ୋଶୀ, ଗାଁର ବନ୍ଧୁବାନ୍ଧବ ଆସି ପହଞ୍ଚୁଯାଉଥିବେ ଜଣକ ପରେ ଜଣେ । କାହା ହାତରେ ପାଚିଲା କଦଳୀ କାନ୍ଦି ତ ଆଉ କାହା ହାତରେ ମୁଆଁ । କାହା ବ୍ୟାଗ୍‌ରେ ଜାତିଜାତିକା ପିଠା, ମିଠା ।

ରାତିରେ ଘର ଆଗରେ ସତ୍ୟନାରାୟଣଙ୍କ ପୂଜା । ରାମ ଚରିତ ମାନସ । ପ୍ରବଚନ, ପାରାୟଣ । ସୁଆଙ୍ଗ । ପାଲା, ଦାସକାଠିଆ । ଜୀବନର ମନେଅଛି, ତା'ର କଲେଜ ପଢ଼ା ସରିବା ପର୍ଯ୍ୟନ୍ତ ଏମିତି ଭାବରେ ହିଁ ପାଳନ ହୋଇଆସୁଥିଲା ଜନ୍ମଦିନ । ବାପାଙ୍କର ଓ ତା'ର ବି । ଦିନେ ଖୁବ୍ ସଙ୍କୋଚ ଓ ବିନୟ ଭାବରେ ଜୀବନ କହିଥିଲା ବାପାଙ୍କୁ, 'ବାପା, ମୋ ସାଙ୍ଗମାନଙ୍କ ଜନ୍ମଦିନ ହେଲେ ସେମାନେ କେକ୍ କାଟୁଛନ୍ତି । କ୍ୟାଣ୍ଡେଲ୍ ଜାଳୁଛନ୍ତି । ନାନା ରଙ୍ଗର ବେଲୁନ୍ ବାନ୍ଧି ସଜଉଛନ୍ତି ଘର । ଆମେ ସେମିତି କରନ୍ତେନି !'

ବାପା ଖୁବ୍ ଧୀରେ, ଶ୍ରଦ୍ଧାରେ ହାତ ବୁଲେଇଆଣିଲେ ଜୀବନର ମୁଣ୍ଡ ଉପରେ । କହିଲେ, 'ବାବୁ! ସେମିତି ତ ସଭିଏଁ କରୁଛନ୍ତି । ଆମେ ବି କାହିଁ ସେମିତି କରିବା ? ଆମେ ଅଲଗା କିଛି କରିବା ନା ! ତୁ ତ ଜାଣୁ, କେକ୍, କ୍ୟାଣ୍ଡେଲ୍, ବେଲୁନ୍ – ଏସବୁ ବାହାରର ଚଳଣି । ଆମ ଏଠିକା ଚଳଣି ନୁହଁ । ଆମ ଓଡ଼ିଆ ଘରେ ତ ଭଳିକି ଭଳି ଜାତିଜାତିକା ପିଠାପଣା । ଆମେ କାହିଁକି କେକ୍ କାଟିବାକୁ ଯିବା ? ଆଉ ଆମ ଧର୍ମରେ ଶୁଭକାମରେ ଦୀପ ଜଳାଯାଏ, ଜଳିବା ଆମ ପାଇଁ ଶୁଭ । ଲିଭିଲେ ଅଶୁଭ । ଜାଣିଜାଣି ଶୁଭଦିନଟାରେ ଆମେ ଦୀପ ଲିଭେଇବା ?' ଜୀବନର ମନକୁ ପାଇଥିଲା ବାପାଙ୍କ କଥା । ସେବେଠୁ ଆଉ କେବେ ବି ଜୀବନ ଜନ୍ମଦିନରେ କେକ୍ କି କ୍ୟାଣ୍ଡେଲ୍ କଥା କହିନାହିଁ ବାପାଙ୍କୁ ।

ଗ୍ରାଜୁଏସନ୍ ସରିବା ପରେ କ'ଣ କରିବ ନକରିବ ଭାବୁଥିଲା ଜୀବନ । ବାପା ଚାହୁଁଥିଲେ, ସେ ପି.ଜି. କରୁ । ପିଏଚ୍.ଡି. କରୁ । ପ୍ରଫେସର୍ ହେଉ । ମାତ୍ର ଜୀବନ ଚାହୁଁଥିଲା, ଏମ୍.ବି.ଏ. କରିବ ସେ ।

ବାପାଙ୍କୁ କହିଲା ସେ ତା' ମନକଥା । ବାପା ଖୁସି ହେଲେ । 'ଆରେ ଇଏ ତ ଖୁସିର କଥା । ତୁ କ'ଣ ପଢ଼ିବୁ, କ'ଣ କରିବୁ ସେଇଟା ତୁ ନିଜେ ସ୍ଥିର କରିଛୁ । ଆମେ ବା କେତେ ପାଠ ପଢ଼ିଛୁ, କ'ଣ ଜାଣିଛୁ ସେ ବିଷୟରେ । ଆମ ବେଳେ ତ ଲୋକମାନେ ମାଷ୍ଟ୍ର ହେଉଥିଲେ, ଫରେଷ୍ଟର ଚାକିରି କରୁଥିଲେ । ନହେଲେ ମିଲିଟ୍ରି ଯାଉଥିଲେ । ଲେକ୍‌ଚରର୍ ହେଉଥିଲେ । ମାତ୍ର ଆଜିକାଲି ତ କେତେ ନା କେତେ ପ୍ରକାର ପ୍ରାଇଭେଟ୍, ଗମେଣ୍ଟ୍ ଚାକିରି ବାହାରିଲାଣି । ସେସବୁ ବିଷୟରେ ତମେମାନେ ଭଲକି ଜାଣିଛ । ମତେ କ'ଣ ପଚାରୁଛୁ ?'

ଏହାର ତିନିଚାରିମାସ ପରେ ଏମ୍.ବି.ଏ. କରିବାକୁ ଦିଲ୍ଲୀ ଯାଇଥିଲା ଜୀବନ । ହଷ୍ଟେଲ୍ ଫିସ୍, ବହି ଖାତା, ପ୍ୟାଣ୍ଟସାର୍ଟ, ପତ୍ରପତ୍ରିକା ପାଇଁ ପ୍ରତି ମାସରେ ଦରକାର ହେଉଥିଲା ପ୍ରଚୁର ଟଙ୍କା । ମାତ୍ର ଟଙ୍କା ପଠାଇବାରେ ହେଳା କରିନଥିଲେ ବାପା । ପ୍ରତି ମାସ ପହିଲାରେ ଦରକାର ମୁତାବକ ଟଙ୍କା ଜମା ହୋଇଯାଉଥିଲା ଜୀବନ ଆକାଉଣ୍ଟରେ । ମନିଅର୍ଡର୍ ଯୋଗେ । ତା' ସହିତ ଛୋଟ ଉପଦେଶଟିଏ, 'ବାବୁରେ ! ମନଦେଇ ପଢ଼ାପଢ଼ି କରୁଥିବୁ । ଅନ୍ୟ କୁଆଡ଼େ ମନ ବଳେଇବୁନି ।' ବାପାଙ୍କର ଏଇ 'ଅନ୍ୟ କୁଆଡ଼େ'ର ଅର୍ଥ ଅନ୍ୟ କେହି ବୁଝୁ ନ ବୁଝୁ, ଜୀବନ କିନ୍ତୁ ଠିକ୍ ବୁଝିଥିଲା । ବାପାଙ୍କ ଡର ଥିଲା, ଏତେ ଦୂରରେ ଏକୁଟିଆ ରହୁଛି ଜୀବନ । ପୁଣି ଦିଲ୍ଲୀ ଭଳି ଏତେ ବଡ଼ ସହରରେ ପୁଅ-ଝିଅ କାଳେ ଖୋଲାଖୋଲି ମିଶନ୍ତି ବୋଲି ଶୁଣିଥିଲେ ସିଏ । ସେ ଆଶଙ୍କା କରୁଥିଲେ, ଜୀବନ କାଳେ କୋଉ ଝିଅ ପ୍ରେମରେ ପଡ଼ିଯିବ ! ପାଠପଢ଼ାରେ ମନ ଦେବ ନାହିଁ । ହେଲେ ଝିଅ କଥା ସିଧାସଳଖ କହିଲେ କାଳେ ଜୀବନ ମନକଷ୍ଟ କରିବ; ସେଥିପାଇଁ ସେ କହୁଥିଲେ, 'ଅନ୍ୟ କୁଆଡ଼େ ମନ ବଳେଇବୁ ନାହିଁ ।'

ମାତ୍ର କେହି କାହାକୁ ପ୍ରେମ କରିବ, କେତେବେଳେ ପ୍ରେମ କରିବ, ସେଇଟା କ'ଣ ଯୋଜନାବଦ୍ଧ ଭାବରେ ହୁଏ ? ନା କିଏ ଭାବିଚିନ୍ତି ପ୍ରେମ କରେ ? ଜୀବନ କ୍ଷେତ୍ରରେ ବି ସେଇଆ ହିଁ ଘଟିଥିଲା । ତା' ସହିତ ଏମ୍.ବି.ଏ. କରୁଥିଲା ରାଉରକେଲାର ଝିଅଟିଏ । ପ୍ରଥମେ ପରିଚୟ, ତା'ପରେ ବନ୍ଧୁତ୍ୱ । ଓଡ଼ିଆ ପିଲା, ତେଣୁ ଜୀବନ ସହ ଟିକିଏ ଅଧିକ ମିଶୁଥିଲା ଝିଅଟି । ଝିଅଟିର କଥାବାର୍ତ୍ତା, ବ୍ୟବହାର ମଧ୍ୟ ଭଲ ଲାଗିଲା ଜୀବନକୁ । ଏଇ ବନ୍ଧୁତ୍ୱ କେତେବେଳେ ରୂପାନ୍ତରିତ ହୋଇସାରିଥିଲା ପ୍ରେମରେ; ତାହା ବୁଝିବା ବେଳକୁ ଢେର୍ ବାଟ ଆଗେଇ ଯାଇଥିଲେ ଜୀବନ ଓ ସୁନୟନା । ଏମ୍.ବି.ଏ. ପଢ଼ା ସରିବା ପରେ ଜୀବନ ଚାକିରି ପାଇଥିଲା ଆଇ.ବି.ଏମ୍.ରେ । ସୁନୟନା ଯୋଗଦେଇଥିଲା ଟି.ସି.ଏସ୍.ରେ ।

ସେଥର ଛୁଟି ନେଇ ଆସିଥିଲା ଜୀବନ । ସପ୍ତାହେ ପାଇଁ । ଏକାଠି ବସି ଚା' ପିଇବାବେଳେ ବାପା ଉଠେଇଥିଲେ ତା' ବାହାଘର ପ୍ରସଙ୍ଗ, 'ଆର ଗାଁ ଅଜୁ କହୁଛି, ତା' ଝିଆରୀଟି କୁଆଡ଼େ ଦେଖିବାକୁ ସୁନ୍ଦର । ଗୋଟିଏ ଚାଉଳରେ ଗଢ଼ା । ଏବର୍ଷ ଏମ୍.ଏସ୍‌ସି. କରୁଛି ଭଞ୍ଜବିହାରରେ । ପିଲା ବି ଶାନ୍ତ, ସୁଧାର । ଆମ ଜୀବନ ପାଇଁ ଠିକ୍ ରହିବ ଭାବୁଛି ।' ମା' କହିଥିଲା, 'ନାଁ ଗାଁ ଟିପି ଆଣ । ଗଣାପୋଛା କରିବା । ଯଦି ଷୋଳଣା ଶୁଝିବ, ତା'ହେଲେ କରିବା ।' କିଛି କହିନଥିଲା ଜୀବନ । ବାହାନା ଦେଖାଇ ସେଠୁ ଉଠି ପଳେଇଥିଲା ଛାତ ଉପରକୁ । ଛୁଟି ସରିଯିବା ପରେ ସେ ଫେରିଥିଲା ଦିଲ୍ଲୀ । ସୁନୟନାକୁ କହିଥିଲା ସବୁ । ଦୁଃଖରେ ଭାଙ୍ଗିପଡ଼ିଥିଲା ସୁନୟନା ଆଉ କହିଥିଲା, 'ମୁଁ ଜାଣିଥିଲି ଜୀବନ । ଅଧାରେ ହିଁ ଅଟକିଯିବ ଆମ ପ୍ରେମ । ବିବାହର ରୂପ ନେଇପାରିବ ନାହିଁ । କାରଣ ତମର ସେପଟେ ତ ଜାତି ଫାତି କଥା ବେଶି ଦେଖନ୍ତି ।' ଜୀବନ ତାକୁ ଶାନ୍ତ୍ୱନା ଦେଇଥିଲା, 'ଦେଖିବା ମୁଁ ଘରେ କହିବି ।' ଏହାର କିଛିଦିନ ପରେ ଫୋନ୍ କରିଥିଲେ ବାପା, 'ବାବୁ ! ଆମେ ଯାଇଥିଲୁ ଦେଖିବାକୁ । ଝିଅଟି ଭାରି ମେଳାପୀ । ଦେଖିବାକୁ ସୁନ୍ଦର । ପାଠ ତ ପଢ଼ିଛି । ତୁ ଆସି ଦେଖିସାରିବା ପରେ ହଁ କି ନାହିଁ ଯାହା କହିବା ତା'ର ବାପାଙ୍କୁ ।'

ଜାଣିଶୁଣି ଘରକୁ ଫେରୁନଥିଲା ଜୀବନ । ଉଭୟ ବାପା ଓ ମା'ଙ୍କ ଗୋଟିଏ ପ୍ରଶ୍ନ ବାରମ୍ବାର, 'କେବେ ଆସିବୁ କହ ? ଝିଅ ଦେଖିବାକୁ ଯିବା ପରା ?' ଜୀବନର ଏକମାତ୍ର ଉତ୍ତର, 'ଛୁଟି ମିଳୁନି । କ'ଣ କରିବି ?' କେତେଦିନ ଜୀବନ ଆଉ ଗଡ଼େଇଚାଲିବ ସମୟ ? କେତେଦିନ ଭଣ୍ଡିବ ବାପାମା'ଙ୍କୁ ? କେତେଦିନ ଦେଉଥିବ ସମାନ ଉତ୍ତର ? ବାପାଙ୍କର ସନ୍ଦେହ ହେଲା କି କ'ଣ ! ମା'ଙ୍କ ଆଗରେ ସେ କହିଲେ, 'ସେ ଆଉ ନିଜ ଇଚ୍ଛାରେ ଝିଅ ଫିଅ ପସନ୍ଦ କରିଛି କି ? ଭଲକି ପଚାର ତାକୁ । ଆଜିକାଲିକା ପିଲା । ତା' ନିଜର ପସନ୍ଦ, ରୁଚି ଅନୁସାରେ ସେ ଦେଖିଥିବ ଯଦି କେଉଁଠି !' ମା' ବାରମ୍ବାର ସେଇ ପ୍ରଶ୍ନ ପଚାରିଲା ଫୋନ୍‌ରେ । ଅଗତ୍ୟା ବହୁ କଷ୍ଟରେ ଅଧା କଥା ବାହାର କଲା ଜୀବନ, ଅଧା ଛାତି ଭିତରେ ରଖିଦେଲା, 'ହଁ, ମା' । ରାଉରକେଲାର ଗୋଟେ ଝିଅ... । ଏଇଠି ପଢୁଥିଲା ମୋ ସାଥିରେ । ଚାକିରି ବି କରିଛି ଏଇଠି... ଗୋଟେ ଭଲ କମ୍ପାନୀରେ । ଭାରି ଭଲ ଝିଅ । ଖୁବ୍ ଶାନ୍ତଶିଷ୍ଟ । ଧୀରସ୍ଥିର କଥାବାର୍ତ୍ତା... ।' ବାପା କି ମା' ଆଉ ବୁଝିବାକୁ ବାକି ନଥିଲା । ଆଉ ଧୈର୍ଯ୍ୟ ନଥିଲା ବାପାଙ୍କର । ମା' ଆଗରେ ସେ ବିରକ୍ତି ପ୍ରକାଶ କଲେ, 'ତାକୁ କହିଦିଅ ସେ ଯେମିତି ହେଉ ଆସୁ ଛୁଟି ନେଇ । ଏ କଥାର ଗୋଟାଏ ଫାଇନାଲ୍ ହେଇଯାଉ । ତା' କଥା ରହୁ, ନ ହେଲେ ମୋର ।'

ସପ୍ତାହେ ଛୁଟି ନେଇ ଆସିଲା ଜୀବନ ଗାଁକୁ । ମାତ୍ର ଖୁସି ହେବା ବଦଳରେ ତା' ଚେହେରାରେ ଥିଲା ନୈରାଶ୍ୟ । ଗୋଟେ ଉଦାସୀନତା ତାକୁ ଛାଇ ରହିଥିଲା । ସେ ନିଶ୍ଚିତ ଥିଲା, ସୂର୍ଯ୍ୟ ପଛେ ପଶ୍ଚିମରେ ଉଦୟ ହେବେ, ମାତ୍ର ଅନ୍ୟ ଜାତିର ଝିଅକୁ ବୋହୂ କରି ଆଣିବା ପାଇଁ

ବାପା କେବେ ରାଜି ହେବେ ନାହିଁ । ଏଥିପାଇଁ ଜୀବନକୁ ଘରୁ ବିଦା କରିବାକୁ ପଡୁ ପଛକେ । ଜୀବନ ଏଇଆ ଭାବି ଅଧିକ ବ୍ୟଥିତ ହେଉଥିଲା ଯେ ବାପା ଓ ତା' ଭିତରେ ଯେଉଁ ଦ୍ୱନ୍ଦ୍ୱ ଉପୁଜିବ, ସେଥିରେ ସବୁଠୁ ଅଧିକ ଭାଙ୍ଗିପଡ଼ିବ ମା' । ଦେଖାଯାଉ କ'ଣ ହେଉଛି, ବାପାଙ୍କୁ ସେ ବୁଝେଇବ, 'ଆଜିକାଲି ଆଉ ଜାତି ଫାତି କଥା କେହି ଚିନ୍ତା କରୁନାହାନ୍ତି ବାପା । ଝିଅ ଉଚ୍ଚଶିକ୍ଷିତ । ଚାକିରି କରିଛି । ଗୁଣଗ୍ରାମ ଭଲ । ଦେଖିବାକୁ ସୁନ୍ଦର । ତାଙ୍କ ପରିବାର ବି ଶିକ୍ଷିତ । ବାପା ଥିଲେ ହାଇସ୍କୁଲ୍ ହେଡ୍‌ମାଷ୍ଟର । ପରିବାର ଶିକ୍ଷିତ, ଶୃଙ୍ଖଳିତ । ଉଭୟେ ଉଭୟଙ୍କୁ ଜାଣିଛନ୍ତି, ବୁଝିଛନ୍ତି । ଝିଅଟିଏର ଏତକ ଯୋଗ୍ୟତା କ'ଣ ଗୋଟେ ଘରର ବୋହୂ ହେବା ପାଇଁ ଯଥେଷ୍ଟ ନୁହେଁ ?'

ଘରେ ପହଞ୍ଚିଲା ଜୀବନ । ବାପାଙ୍କର ପାଦ ଛୁଇଁ ପ୍ରଣାମ କଲା । ମା'ର ପାଦ ଛୁଇଁଲାବେଳକୁ ଦି'ଟୋପା ଲୁହ ଝରିଆସିଲା ତା' ଆଖିରୁ । ଜୀବନ କିଛି କହିବା ଆଗରୁ ମା' ପଚାରିଲେ, 'ବାବୁରେ ! ତୁ କ'ଣ ସତରେ ସେ ଝିଅକୁ ଭଲପାଉଛୁ ? ଆଉ ତାକୁ ହିଁ ବାହାହେବୁ ? ଦେଖ୍ ବାପା, ତୁ ହେଲୁ ଘରର ବଡ଼ପୁଅ । ତୁ ଯଦି ଅଲଗା ଜାତିର ଝିଅଟିଏ ଘରକୁ ଆଣିବୁ, ତୋ' ତଳ ଭାଇମାନେ କ'ଣ ଆଉ କରିବେ ? ସେଦିନଠୁ ବାପାଙ୍କ ମନ ଭଲ ନାହିଁ । ସାହିପଡ଼ିଶା, ଗାଁଲୋକ, ସମାଜରେ ଏକଥା ପ୍ରଘଟ ହେଲେ ସେ କେମିତି ମୁହଁ ଦେଖେଇବେ ? ତୁ ତ ଜାଣୁ, ବାପା ଆମ କୁଳ ସଭାପତି । ତାଙ୍କ ପାଇଁ କୁଳ, ସମାଜ ବଡ଼ । ତୁ କେବେ ବି ସମାଜଠୁ ଉଚ୍ଚ ହୋଇପାରିବୁ ନାହିଁ । ସେଇକଥା ଭାବିଭାବି ରାତି ମତେ ନିଦ ହେଉନି । ଖାଇବା ପିଇବା ପିତା ଲାଗିଲାଣି ମତେ ।' ଜୀବନ କିଛି ବି କହିଲାନି । ଆଖିର ଅମାନିଆ ଲୁହକୁ ବି ରୋକିପାରିଲାନି । ବହିଯାଉ, ଧୋଇଯାଉ ସବୁ କୋହ । ପଦାକୁ ବାହାରିଆସୁ ବ୍ୟଥା, ବେଦନା ଲୁହ ହେଇ ।

ରାତିରେ ଖିଆପିଆ ସରିବା ପରେ ଏକାଠି ବସିଲେ ବାପାବୋଉ । ବାପାଙ୍କ ସାମ୍ନାରେ ବସିଛି ଜୀବନ । ପୋଲିସ୍ ଆଗରେ ଅପରାଧୀଟିଏ ପରି । ତଳକୁ ମୁହଁ ପୋତି । ବାପା ପଚାରିଲେ, 'କହ, ସେ ଟୋକୀ ତୋ ପାଇଁ ବଡ଼ ନା ଆମେ ? ପୂରା ପରିବାର ?' ବ୍ରହ୍ମଚାପୁଡ଼ାଟିଏ ବାଜିଲା ଯେମିତି କାନମୂଳରେ । ଆଉଁସିପକେଇଲା ଜୀବନ । ସତସତିକା ଚାପୁଡ଼ାଟିଏ ବାଜିଥିଲେ ବି ତାକୁ ଏତେ କଷ୍ଟ ହୋଇନଥାନ୍ତା । ହେତୁ ହେଲାଦିନରୁ ବାପା ତାକୁ କେବେ ଚାପୁଡ଼ାଟିଏ ମାରି ନାହାନ୍ତି । ଏମିତିକି କଡ଼ା କଥା ପଦେ ବି କେବେ ତାଙ୍କ ମୁହଁରୁ ବାହାରିନାହିଁ । ଯେତେ ରାଗିଲେ, ବିରକ୍ତ ହେଲେ ବି ସେ କେବେ କାହାକୁ ଅପମାନଜନକ କଥା କହିବା ଦେଖିନାହିଁ ଜୀବନ । ମାତ୍ର ଆଜି ଯେମିତି ସେ ପଚାରିଲେ, ଯେଉଁ ଢଙ୍ଗରେ, 'ସେ ଟୋକୀ... !' ଏଭଳି ଅପଶବ୍ଦ ବୋଧହୁଏ ପ୍ରଥମଥର ପାଇଁ ଶୁଣୁଥିଲା ଜୀବନ, ବାପାଙ୍କ ମୁହଁରୁ ।

ଏମିତି ଧର୍ମସଙ୍କଟରେ କେବେ ପଡ଼ିନଥିଲା ଜୀବନ । ଗୋଟିଏ ପଟେ ବାପା, ମା', ଦୁଇ ସାନଭାଇ । ମାମୁ, ମଉସା, ପିଇସା, ଗାଁ, ସମାଜ । ଆରପାଖେ ଏକା ସୁନୟନା । କାହାକୁ ଛାଡ଼ିବ, କାହାକୁ ନିଜର କରିବ ? ତଉଲୁଥିଲା ସେ । ନିକିତିର ଗୋଟେ ପଲାରେ ବାପା, ଅନ୍ୟ ପଟରେ ସୁନୟନା । ଜଣକୁ ନିଜର କରିବାକୁ ଯାଇ ସମସ୍ତଙ୍କୁ ପର କରିବାକୁ ପଡ଼ିବ । କିଏ ବେଶି ଗୁରୁତ୍ୱ ତା' ପାଇଁ ? ବାପା ନା ସୁନୟନା ? ନିଜକୁ ଏ ପ୍ରଶ୍ନ ବାରମ୍ବାର ପଚାରିଲା ଜୀବନ । ବାପାମା'ଙ୍କ ପାଇଁ ସିଏ ନହେଲେ ତା' ପଛକୁ ଅଛନ୍ତି ଆହୁରି ଦି' ସାନଭାଇ । ମାତ୍ର ସୁନୟନା ? ଜୀବନକୁ ଛାଡ଼ି ଆଉ କାହାକୁ ନିଜର କରିପାରିବ ନାହିଁ । ଆତ୍ମହତ୍ୟା କରିଦେଇପାରେ । ଯାହା ବି ହେଉ, ସୁନୟନାର ହୃଦୟକୁ ସେ ଭାଙ୍ଗିଦେଇପାରିବ ନାହିଁ । କାହାକୁ କିଛି ନକହି ସକାଳୁ ଜିନିଷପତ୍ର ପ୍ୟାକିଂ କଲା ଜୀବନ । ଗଲାବେଳେ ବାପାଙ୍କ ପାଦଧୂଳି ନେବାକୁ ଯିବାବେଳେ ପୁଣି ସେଇ ପ୍ରଶ୍ନବାଣ, 'କ'ଣ ନିଶ୍ଚିତ କଲୁ ?' ଜୀବନ ନିରୁତ୍ତର । ବାପା ବୁଝିଗଲେ । ତା'ପରେ ଅନ୍ୟ ଆଡ଼କୁ ମୁହଁ ବୁଲାଇନେଇ କହିଲେ, 'ଚାହିଁଲେ ତୁ ତୋ ଭାଗର ସମ୍ପତ୍ତି ନେଇଯାଇପାରୁ । ଜମିବାଡ଼ି, ଘରଦ୍ୱାର ଯାହା ଅଛି ତିନିଭାଗ କରିଦେବି ଆଜି ହିଁ । ତୋ ଅଂଶ ତୁ ବିକିଦେ କି ଦାନ କରିଦେ, ମୋର କିଛି କହିବାର ନାହିଁ । ମାତ୍ର ଯିବା ପୂର୍ବରୁ ଶେଷକଥା ଶୁଣିଯା । ଭବିଷ୍ୟତରେ ଯେମିତି ଏ ଘରକୁ କେବେ ଆସିବାର ଭୁଲ୍ ନକରୁ ! ଏମିତିକି ଆମ ଭିତରୁ କେହି ମରିଗଲେ ବି ।'

ବାପାଙ୍କୁ କହିବା ପାଇଁ ଜୀବନ ପାଖରେ ଭାଷା ନଥିଲା । ତା' ଆଖିରେ ଅମାନିଆ ଲୁହ । ପଛରୁ ଡାକୁଥିଲା ବୋଉ । ମାତ୍ର ବୋଉକୁ କେମିତି ସାମ୍ନା କରିବ ସେ ? ସେହିଦିନ ହିଁ ଦିଲ୍ଲୀ ଫେରିଗଲା ଫ୍ଲାଇଟ୍‌ରେ । ସୁନୟନା ସହ ପ୍ରଥମେ କୋର୍ଟ ମ୍ୟାରେଜ୍ । ତା'ପରେ ସାଙ୍ଗସାଥୀ, ସହକର୍ମୀଙ୍କ ସହ ମନ୍ଦିରରେ ବିବାହ । ରିସେପ୍‌ସନ୍ । ସେଇ ଯେ ଘରୁ ଆସିଥିଲା ଜୀବନ, ତା'ପରେ ଫେରିନାହିଁ । ଫେରିଯିବାର ସାହସ ବି ତା'ର ନାହିଁ । ବାପାଙ୍କ ନୀତିନିୟମ, ସାମାଜିକ ଶୃଙ୍ଖଳାର ପାଚେରି ଭେଦ କରିବାର ସାମର୍ଥ୍ୟ ନାହିଁ ତା' ପାଖରେ । କେତେଥର ସେ ଫୋନ୍ କରିଛି ଘରକୁ, ମାତ୍ର ତା' କଣ୍ଠସ୍ୱର ଶୁଣିଲାମାତ୍ରେ ରିସିଭର୍ କଚାଡ଼ିଦେଇଛନ୍ତି ବାପା । ଭୟରେ ବୋଉ ବି ଜଡ଼ସଡ଼ । ତେଣୁ ଆଖିର ଲୁହକୁ ଓଠରେ ପିଇଦେଇ ସେ ବି ଆଭଏଡ୍ କରିଚାଲିଛି ଜୀବନକୁ । ସାନଭାଇମାନେ ବି । ଗଲା ଦି'ବର୍ଷ ହେଲା ମଝିଆଁ ଭାଇ ଚାକିରି କଲାଣି ନଏଡ଼ାରେ । ନଏଡ଼ାରୁ ଦିଲ୍ଲୀ ବା କେତେ ବାଟ ? ମାତ୍ର ସେ ବି ବାପାଙ୍କ କଥାରେ ଅବାଧ ହୋଇ ଜୀବନ ପାଖକୁ ଆସିବାର ଭୁଲ୍ କରିନାହିଁ । ଏତେ ପାଖରେ ଥିଲେ ବି ଦୁଇ ଭାଇଙ୍କ ଭିତରେ ଯେମିତି ଯୋଜନ ଯୋଜନ ଦୂରତ୍ୱ ।

ବେଳେବେଳେ ବାପାଙ୍କ କଥା ମନେପଡ଼େ ଜୀବନର । ଖୁବ୍ ମନେପଡ଼େ । ସେ ପଛକଥା ଭାଳିହୁଏ । ଅପରାଧୀଟିଏ ଭଳି ଲାଗେ ତାକୁ । ଅପରାଧ କରିଛି ସେ । ଘୋର ଅପରାଧ । ବାପାଙ୍କ ସମ୍ମାନରେ ଆଞ୍ଚ୍ ଆଣିଛି । କଥାକଥାକେ ଲୋକେ ବାପାଙ୍କୁ ଅପମାନିତ କରୁଥିବେ । କଟୁ କଥା କହି ଚିଡ଼ାଉଥିବେ । ସଭାସମିତିରେ ନ୍ୟାୟ ନିଶାପ କରିବାକୁ ଯିବା ପାଇଁ ପଛଘୁଞ୍ଚା ଦେଉଥିବେ ବାପା । ଡରୁଥିବେ, କାଳେ କେହି କହିଦେବ କି, 'ତମ ବଡ଼ପୁଅ ତ ଅଜାତିରେ ବାହା ହେଇଗଲା । କୋଉ ମୁହଁରେ ତମେ ଅନ୍ୟମାନଙ୍କ ଭୁଲ୍-ଠିକ୍‌ର ହିସାବ କରିବାକୁ ଆସିଛ ହୋ ?' ତରଳିଯିବେ ସେ ଅଭିମାନରେ । ବାପା ଥରେ ଦୁଇଦିନ ପାଇଁ ବାହାରକୁ ଯାଇଥିବାବେଳେ ଫୋନ୍ କରିଥିଲା ମା' । ତେବେ ମା'ର କଣ୍ଠସ୍ୱର ଅପେକ୍ଷା ସୁଁ ସୁଁ କାନ୍ଦ ଅଧିକ ଶୁଣିଥିଲା ଜୀବନ । ମା' କହିଥିଲା, 'ଅନେକ ଭାଙ୍ଗିପଡ଼ିଛନ୍ତି ବାପା । ନ୍ୟାୟ ନିଶାପକୁ ଯିବା ତ ଦୂରର କଥା, ବାହାରକୁ ବାହାରୁ ନାହାନ୍ତି ବେଶି । ଆମେ ତ ବୁଢ଼ାବୁଢ଼ୀ ହେଲୁଣି । ଆଉ କେତେଦିନ ? ଆମ କଥା ଛାଡ଼ ବାବୁ, ତୋ ପରିବାର କଥା ଦେଖ । ଭଲରେ ଥା' ତୁ ।'

ଭଲରେ ଅଛି କି ଜୀବନ ? ମାସ ଶେଷକୁ ସୁନୟନା ଓ ତା' ଦରମା ମିଶି ଦେଢ଼ଲକ୍ଷରୁ ଅଧିକ । ଘରେ ଦାମୀ ଆସବାବପତ୍ର । ଗହଣାଗାଣ୍ଠି । ଚାରିଚକିଆ ଗାଡ଼ି । ଦିଲ୍ଲୀ ମହାନଗରୀରେ ବିଳାସପୂର୍ଣ୍ଣ ଜୀବନଶୈଳୀ । ଇଏ ସବୁ କ'ଣ ସୁଖର ଗୋଟିଏ ଗୋଟିଏ ଉପାଦାନ ? ସୁଖୀ ଅଛି କି ଜୀବନ ? ଏକଥା ନିଜକୁ ଅନେକଥର ପଚାରିଛି ସେ । ମାତ୍ର ସବୁଥର ତାକୁ ଲାଗିଛି ଯେମିତି ସବୁ ପ୍ରାପ୍ତି ପରେ ବି ଅନେକ କିଛି ଅପ୍ରାପ୍ତ ରହିଯାଇଛି ତା'ର । ଅନେକ କିଛି ରହିଯାଇଛି ଅପହଞ୍ଚ ହୋଇ । ବାପା ତାକୁ ଅଭିଶାପ ଦେଉଥିବେ କି ? ତା' ଭଳି ଗୋଟେ କୁଳାଙ୍ଗାରକୁ ଜନ୍ମ ଦେଇଥିବାରୁ ପଶ୍ଚାତାପ କରୁଥିବେ କି ? କେଜାଣି... !

ଅନେକ ସମୟରେ ଜୀବନର ମନେହୁଏ, ବାପା ତାକୁ ଯେତିକି ଭଲ ପାଉଥିଲେ, ତାକୁ ନେଇ ଯେତିକି ଗର୍ବିତ ମନେକରୁଥିଲେ ଓ ତା' ଉପରେ ଯେତେ ଭରସା ତାଙ୍କର ଥିଲା, ସାନଭାଇମାନଙ୍କ ପ୍ରତି ସେତିକି ଭଲପାଇବା ନଥିଲା । 'ବଡ଼ପୁଅ ବାପାର' ଏଇଥିରେ ବୋଧେ ବେଶି ବିଶ୍ୱାସ କରୁଥିଲେ କି କ'ଣ ବାପା । ଜୀବନର ମନେଅଛି, ଯେତେବେଳେ ବି ବାପା ନ୍ୟାୟ ନିଶାପ କରିବାକୁ ଯାଆନ୍ତି, ତାକୁ ନେଇଯାଆନ୍ତି । ମା' ବିରକ୍ତ ହୋଇ କହେ, 'ତମେ ତ ଏଇ କୁଳ, ସମାଜ, ନ୍ୟାୟ ନିଶାପରେ ମାତିମାତି ଦିନ ଗଲା । ଏବେ ପୁଅଟାକୁ କାହିଁକି ଘୋଷାରୁଚ ?' ବାପା କହନ୍ତି, 'ମୁଁ କ'ଣ ସବୁଦିନ ଥିବି ? ଜାଣିଥିଲେ ଶିଖିଥିଲେ ସିନା ସିଏ ମୋ ଅନ୍ତେ ଠିକ୍ ଠିକ୍ ଦାୟିତ୍ୱ ତୁଲେଇବ ।' ମା' ଜବାବ୍ ଦିଏ, 'ହଁ, ସିଏ ଚାକିରିବାକିରି କରି ବାହାରକୁ ଯିବ ନା ଏଇ ଗାଁରେ ପଡ଼ିଥିବ ?' 'ଯାଉ ଚାକିରି କରି ବାହାରକୁ । କିଏ ମନା କଲା ? ସହରରେ କ'ଣ ମଣିଷ ନାହାନ୍ତି ? ସମାଜ ନାହିଁ ? ସମସ୍ୟା, କଳିଝଗଡ଼ା, ଭୁଲ୍ ବୁଝାମଣା ନାହିଁ ? ଶିଖିଥିଲେ ତ ସମାଧାନ କରିବ । ନିଜେ ବୁଝିବ, ଅନ୍ୟକୁ ବୁଝେଇବ ।' ଜୀବନକୁ ଲାଗେ, ବାପା ନିଶ୍ଚିତଭାବରେ ଠିକ୍ ହିଁ କହୁଛନ୍ତି । ତାକୁ ଭଲ ଲାଗୁଥିଲା ବାପାଙ୍କ ସାନ୍ନିଧ୍ୟ ।

ମାତ୍ର କ'ଣ ସେ କଲା ? ସମାଧାନ କରିବା ବଦଳରେ ନିଜେ ହିଁ ଗୋଟାଏ ବିରାଟ ସମସ୍ୟା ହୋଇ ଛିଡ଼ା ହୋଇଗଲା ବାପାଙ୍କ ଆଗରେ ? ବାପା କ'ଣ ଏହାରି ଭିତରେ କେବେ ବି ତା'ର ସାନ୍ନିଧ୍ୟ ଲୋଡ଼ିନଥିବେ ? ମନ୍ଦିରକୁ ଗଲାବେଳେ ? ଜନ୍ମଦିନ ପାଳିଲାବେଳେ ? ନ୍ୟାୟ ନିଶାପ କରିବାକୁ ବସିଲେ ? କେଜାଣି ! ଏହା ସତ ଯେ, ସେ ଓ ବାପା ଏବେ ସମାନ୍ତରାଳ ଭାବେ ଗଡ଼ିଚାଲିଥିବା ଦୁଇଟି ସରଳରେଖା । ଜ୍ୟାମିତି କହେ, ଦୁଇ ସମାନ୍ତରାଳ ସରଳରେଖା କେବେହେଲେ ଗୋଟିଏ ବିନ୍ଦୁରେ ମିଳିତ ହୁଅନ୍ତି ନାହିଁ । ବାପା ଓ ସେ ଏବେ ଠିକ୍ ସେମିତି ଦୁଇଟି ସରଳରେଖା ଛଡ଼ା ଆଉ କିଛି ନୁହନ୍ତି ।

ଘରେ ପହଞ୍ଚିଲା ଜୀବନ । ବିରକ୍ତ ହେଉଥିଲା ସୁନୟନା, 'ବିଚିତ୍ର ଲୋକଟେ । ଯୁଆଡ଼େ ଯିବେ, ଲାଖିରହିବେ । ଗେଷ୍ଟ୍‌ମାନେ ଆସିସାରିଲେଣି । ରୋଷେଇବାସ ବି ସରିଲାଣି । କେତେ ଆଉ ତମକୁ ଅନେଇଥାନ୍ତି ? ଏଇ ପାଖ ଦୋକାନରୁ ମୁଁ ସବୁ ନେଇଆସି କାମ ସାରିଦେଲି । ଖାଲି କେକ୍‌ଟା ନେଇଆସ ।' ଜୀବନକୁ ପୁଣିଥରେ ବାହାରକୁ ଯିବାକୁ ଭଲ ଲାଗୁନଥିଲା । କେକ୍ ଅର୍ଡର୍ ରସିଦ୍‌ଟି ଦେଇ ସେ ପଠାଇଲା ଦୁଇଜଣ ବନ୍ଧୁଙ୍କୁ ।

ସୁନ୍ଦର ଭାବରେ ଘରଟିକୁ ସଜେଇଛି ସୁନୟନା । କେକ୍ ଆସିଲା । କ୍ୟାଣ୍ଡଲ୍ ଲାଗିଲା । କେକ୍ କାଟିବାକୁ ପ୍ଲାଷ୍ଟିକ୍ ଛୁରୀ ବଢ଼େଇଲା ଜୀବନ । ତା' ପାଖରେ ସୁନୟନା । ସମସ୍ତଙ୍କ ମୁହଁରୁ ଭାସିଆସିଲା 'ହାପି ବାର୍ଥଡେ ଟୁ ୟୁ', 'ହାପି ବାର୍ଥଡେ ଟୁ ୟୁ', 'ହାପି ବାର୍ଥଡେ ଡିଅର୍ ଜୀବନ... ।' ଜୀବନ ମୁହଁରୁ କିନ୍ତୁ ଖୁବ୍ ଧୀର ଅଥଚ ଶାଣିତ ସ୍ୱରରେ, କେହି ନଶୁଣିଲା ପରି ବାହାରିଆସିଲା - 'ଶୁଭ ଜନ୍ମଦିନ ବାପା... ।'

ପ୍ଲଟ୍ ନଂ - ବି-୧୮୯, ଲେନ୍-୭, ଶ୍ରୀଜଗନ୍ନାଥ ବିହାର
ବରମୁଣ୍ଡା, ଭୁବନେଶ୍ୱର-୩

# ସୁନାନାକୀ ସୁନାଦେଈ

**ଦ୍ୱିତୀ ଚନ୍ଦ୍ର ସାହୁ**

ହାଲିଆ ହୋଇ ପଥର ଉପରେ ବସିପଡ଼ିଲା ସୁନାଦେଈ । ବଡ଼ ପଥର । ଉପରେ ଝାଂପିପଡ଼ିଲା ଭଳି ଆମ୍ବଗଛର ଡାଳ ତଳକୁ ଓହଳି ପଡ଼ିଛି । ଏଠିସେଠି ଆମ୍ବ ଟାକୁଆ ପଡ଼ିଛି । ଯିବାଆସିବା ଲୋକେ ଝଡୁଥିବା ଆମ୍ବ ଖାଇ ଏମିତି ଅଲୋଡ଼ା ଟାକୁଆକୁ ଫିଙ୍ଗିଦିଅନ୍ତି, ଟାକୁଆଟା ନଥିଲେ ଗଛ ନାହିଁ କି ରସାଳ ଆମ୍ବ ନାହିଁ । ହେଲେ ଅଁଇଠା ଟାକୁଆକୁ କିଏ ପଚାରେ ? ଆମ୍ବଗଛ ସେପଟ ରସାତଳ ଝୁଲା । ଖସିଲେ ଚିହ୍ନବର୍ଣ୍ଣ ମିଳିବନି । ଝରଣାର ପାଣି କଳକଳ ହୋଇ ବହିଯାଉଥିବାର ଶବ୍ଦ । ପାଟିଟା ଶୁଖିଲା ଲାଗିବାରୁ ଜିଭଟା ବାହାର କରି ଚାରିପଟେ ବୁଲାଇଲା ସୁନାଦେଈ । ସାପଟା ଦି'ଫାଳିଆ ଜିଭକୁ ଲହଲହ କଲା ଭଳି ତାକୁ ଲାଗିଲା । ଶିକାରକୁ ଦେଖି ସିନା ସାପ ଲହଲହ କରେ, ଯିଏ ଶିକାର ହୁଏ ସେ କ'ଣ କରିପାରେ ? ସହଜରେ ଶିକାର ହୋଇଯାଏ । ତା'ର ବାଆ କହୁଥିଲା ସାପ କେବେ ମିଶା କିଛି କରିବନି । ତାକୁ କିଛି କଲେ ହିଁ ସେ ଚୋଟ ମାରିବ । ହେଲେ ବେଙ୍ଗ କିସ କରେ ଯେ ତାକୁ ଝପ୍ କରି ଖାଇଯାଏ ? ବାଆ ତା'ର କିଛି ଜାଣିନି । ଇମିତିରେ ଯାଡୁସାଡୁ କହିଦେଉଛି । ସରଳମାନେ କିଛି ନକରି ବି ଅନ୍ୟର ଶିକାର ହୋଇଯାନ୍ତି ବେଙ୍ଗ ଭଳି । ଦି'ଠୋପା ଲୁହ ଝରିଗଲା ତା ଆଖିରୁ । ଏତିକିବେଳେ ପେଟତଳୁ ଶୂଳ ମାରିଲା । ତଳିପେଟକୁ ଭିଡ଼ିଧରିଲା ସେ । ସମ୍ଭାଳିପାରୁନି କଷ୍ଟ । ପାଣି ପିଇବାକୁ ଇଚ୍ଛା ହେଉଛି, ହେଲେ ପାଣି ପାଖରେ ଥାଇ ବି ପିଇପାରୁନି ସେ । ଗଡ଼ିଯିବାକୁ ଇଚ୍ଛା ହେଲା । ଚଟକା ପଥର ଉପରେ ଗଡ଼ିଗଲା । ଉପରେ ଗହଳିଆ ଆମ୍ବଡାଳ । ଡାଳରେ ଧାଡ଼ିବାନ୍ଧି ଯାଉଛନ୍ତି କାଇ । ସୁନାଦେଈ ଭାବିଲା କାଇମାନଙ୍କ କଥା । ତାଙ୍କ ଲୋକମାନେ କିନ୍ତୁ ଅକାରଣେ ଖାଇଯାଆନ୍ତି ନିରୀହ କାଇମାନଙ୍କୁ । ଜିଅନ୍ତା ପୋଡ଼େଇକି । କି କଷ୍ଟ ହେଉଥିବ ସେମାନଙ୍କୁ ସତରେ ! ସେମାନଙ୍କ କଥା ଓ ବ୍ୟଥାକୁ କିଏ ବୁଝୁଛି ! ଗଛଡାଳରେ ବସିଛି ଗୋଟେ ପକ୍ଷୀ, ତା'ର ନାଆଁ ଜଣା ନାହିଁ । ଦେହସାରା ବିଭିନ୍ନ ରଙ୍ଗ, ଅଥଚ ଖୁବ୍ ଛୋଟ । ତା'ର ଚିଁ ଚିଁ ଶବ୍ଦ ଖୁବ୍ ସୁନ୍ଦର । ସାନ ଯେତେ ସବୁ ସତରେ ସୁନ୍ଦର କି ? ମନକୁମନ ପଚାରିଲା ସୁନାଦେଈ ? ଉତ୍ତର ଦେଇ ନପାରିଲେ ବି ଏକପ୍ରକାର ନିଜ ଭିତରେ ସହମତ ହୋଇଗଲା ଯେ, ସବୁ ସାନ ଖୁବ୍ ସୁନ୍ଦର । ଏଇ ଯେମିତି ତା ଗାଁରେ ମାଆ ପଛରେ ବୁଲୁଥିବା ଛୋଟ କୁକୁଡ଼ା ଚିଆଁମାନେ, ଲଙ୍ଗଳା ହୋଇ ଦାଣ୍ଡରେ ବୁଲୁଥିବା ପିଲା, ଗଛରେ ସଦ୍ୟ ଉଠୁଥିବା କଅଁଳ ପତ୍ର , ଫୁଟିବା ଫୁଟିବା ହେଉଥିବା ଫୁଲକଢ଼, ଆକାଶରେ ଫୁଟୁଥିବା ଟିକିଟିକି ତାରା । ଆହୁରି ଚିନ୍ତା କଲେ କେତେ ଅଛି । ଏତିକିବେଳେ ଫୁରର୍ କରି ତା ଉପରଦେଇ ବଣକୁକୁଡ଼ା ଉଡ଼ିଗଲା । ଛାନିଆରେ ଧଡ଼ପଡ଼ ହୋଇ ଉଠିଗଲା ସେ । ଛାତିରେ ଦି'ଥର ଥୁ ଥୁ କଲା । ତା ଛାତିକୁ ଚାହିଁଲା ସେ କିଛି ସମୟ । ଛାତିଟା ବଡ଼ ଦଗାଦିଆ । କାହାକୁ ପର କରିଦିଏ ତ କାହାକୁ ଆପଣାର କରିଦିଏ । ଆଉ କେତେକଙ୍କର ତ ଆଖି ବି ଫୁଟାଇଦିଏ ଏ ଛାତି । ଏ ଛାତି ଆଉ କାହାର ତାତି ବି ବଢ଼ାଇଦିଏ । ଛାତିରେ ବି କଷ୍ଟ ଅନୁଭବ କଲା ସେ । ଛାତିରୁ ଆଖି ଟେକି ଆଗକୁ ଦେଖିଲା । ନାକସିଧା ରାସ୍ତା । ଉପରକୁ ଉଠୁଛି । ରାସ୍ତା ଉପରକୁ ଲଟାସବୁ ମାଡ଼ିଆସିଛି । ଘରେ କିପରି ପହଞ୍ଚିବ ସେ ଦିଗରେ ଚିନ୍ତା କଲା । ଆହୁରି ବହୁତ ବାଟ ଅଛି । ଏ ଘାଟିଟା ଉଠିବାକୁ ପଡ଼ିବ । ତା'ପରେ ତଳକୁ ଗଡ଼ିଲେ ଯାଇ ତା'ର ଗାଁ କସକଟା । ସେ ଏଠାରୁ ଯାଇପାରିବ କି ନାହିଁ ତାକୁ ସନ୍ଦେହ ଲାଗୁଥିଲା । ଯାହାହେଲେ ବି ତା'ର ଗାଁରେ ପହଞ୍ଚିବା ଜରୁରୀ । ନହେଲେ କେତେବେଳେ କିସ ହୋଇଯିବ ? ପଛକୁ ଚାହିଁଲା କିଏ ତାକୁ ଗୋଡ଼େଇ ଗୋଡ଼େଇ ଆସୁନି ତ ? ଇଠିକି କିଏ ଆସିବ ଯେ ! ତଳିପେଟ ପୁଣି ଶୂଳ ମାରିଲା । ଓଠକୁ କାମୁଡ଼ିଲା ଦାନ୍ତରେ । ପେଟକୁ ଚାପିଲା ଦୁଇ ହାତରେ । ଓଠଟା ବି ଖଣ୍ଡିଆ ହୋଇଯାଇଛି । ଯନ୍ତ୍ରଣାକୁ ଚାପିବା ଲାଗି ଓଠକୁ ଚିପିରଖିବା ବି ଏତେ ସହଜ ହେଉନି ତା ଲାଗି ।

ତା ଓଠଟା କାଳେ ଗୋଲାପ ଫୁଲର ଦି'ଟା ପାଖୁଡ଼ା । ପୂରା ଲାଲ୍ । ଆଖିରେ ସମୁଦ୍ରର ଲହଡ଼ି । ଦାନ୍ତସବୁ ଡାଳିମ୍ବ ମଂଜି । ଚୁଟିରୁ କାଳେ ମହମହ ବାସ୍ନା ବାହାରୁଛି । ନାକଟା ପୂରା ଖଣ୍ଡାଧାର । ଦେହର ଚମ୍ପା ରଂଗ ତା ଚେହେରାକୁ ସୁନ୍ଦର କରୁଛି । ତା ଛାତି ଅନ୍ୟକୁ ଥରାଇଦେଉଛି । ଏମିତି ଅଲାଜୁକ କଥାସବୁ କହେ ହିନ୍ଦୀ ମାଷ୍ଟର । ରସିକିଆଟା । ତା ପାଖକୁ ସବୁ ଝିଅ ଯିବାକୁ ଡରନ୍ତି । ପାଠ ପଢ଼ାଇବା ବାହାନାରେ ଦେହକୁ ଲାଗିଯାଏ । ଖାତା ଦେଖିବା ଲାଗି ଟେବୁଲ୍ ପାଖକୁ ଡାକି ଆଗରେ ଠିଆ କରେ । ଖାତା ଆଡ଼କୁ ନଜର କରିବା ଭଳି ଡ୍ରାମା କରି ଝିଅମାନଙ୍କ ଛାତିକୁ ଦେଖେ । ଛାତିକୁ ଖାତା ମଧ୍ୟ ଲଗାଇଦିଏ । ପାଖରେ ଠିଆ ହୋଇଥିଲେ କହୁଣି ମାରିଦିଏ । ବଦ୍‌ମାସ୍ ମାଷ୍ଟରଟା । ହୋଷ୍ଟେଲ ଝିଅମାନଙ୍କ ପ୍ରତି ତା'ର ନଜର । ରାତିରେ ବଡ଼ କ୍ଲାସ୍‌ର ଦିଦିମାନେ ହଷ୍ଟେଲରେ ଏମିତି ନାନା କଥା ହୁଅନ୍ତି । କୋଉଦିନ କାହାକୁ ସେ କ'ଣ କଲା, ସେସବୁ କଥା ରାତିରେ ଶୋଇବାବେଳେ ଗପନ୍ତି । କୋଉ ମାଷ୍ଟର କାହାକୁ କଣେଇ କଣେଇ ଚାହେଁ, କୋଉ ମାଷ୍ଟର ଭଲ, କିଏ ବଦ୍‌ମାସ୍... ସବୁକଥା ଆଲୋଚନା ହୁଏ । ଏଥିରେ କିନ୍ତୁ ସାନ ପିଲାମାନେ ଭାଗନେବାର ସୁଯୋଗ ନାହିଁ । ବଡ଼ ଦିଦିମାନଙ୍କୁ କିଛି ପଚାରିବା କି କିଛି କହିବା କଷ୍ଟ । କହିଲେ ଗାଳି ଶୁଣିବାକୁ ହେବ । କେବେକେବେ ମାଡ଼ ମଧ୍ୟ ଖାଇବାକୁ ପଡ଼ିବ । ସୁନାଦେଈ ଭଳି ଏବର୍ଷ ଆଠ କି ଛଅ ଶ୍ରେଣୀରେ ନୂଆକରି ଜଏନ୍ ହୋଇଥିବା ଝିଅମାନେ କିଛି

କଥା ବୁଝିପାରନ୍ତି ଆଉ କିଛି ବୁଝିପାରନ୍ତିନି ବଡ଼ ଦିଦିମାନଙ୍କ ଫୁସୁରୁଫାସୁରୁ । କିନ୍ତୁ ଏତିକି ସବୁ ଝିଅ ଜାଣିଦେଇଛନ୍ତି ଯେ, ହିନ୍ଦୀ ମାଷ୍ଟର ବଡ଼ ରସିକିଆ । ତା'ର ଏ ରସିକପଣ ଯୋଗୁଁ ଆମ ସ୍କୁଲର ଗୁରୁମା'ମାନେ ବି ତାକୁ ପସନ୍ଦ କରନ୍ତିନି । ଦୂରେଇ ରହନ୍ତି । ଖରାପ ଲୋକଟା ।

ବସିବା ଜାଗାରୁ ଉଠି ଠିଆ ହେଲା ସୁନାଦେଈ । ଶୁଖିଲା ପାଟିରୁ ଛେପ ବାହାର କରି ପକାଇଲା ମାଟିରେ । ହିନ୍ଦୀ ମାଷ୍ଟର ମୁହଁରେ ପକାଇବାର ପ୍ରଶାନ୍ତି ଯେମିତି ତାକୁ ମିଳିଲା । ଆଗକୁ ଚାଲିଲା । ଖାଲି ହାତ । ତା'ର ବ୍ୟାଗ୍ ଓ ପେଡ଼ି  ହଷ୍ଟେଲରେ ଛାଡ଼ି ଆସିଛି । ବେକରେ ଖାଲି ଗୋଟେ ଗାମୁଛା ଗୁଡ଼େଇହୋଇ ଆସିଛି । ପାହାନ୍ତିଆରୁ ଲୁଚିକି ଚାଲିଆସିଛି ସେ । କାହାକୁ କିଛି କହିନି । ଗେଟ୍ ପାଖରେ ଥିବା ପଥର ଉପରେ ଚଢ଼ି କାନ୍ଥ ଡେଇଁପାରିଲା କେମିତି, ତାକୁ ଏବେ ଆଶ୍ଚର୍ଯ୍ୟ ଲାଗୁଛି । ସେତିକି କରିନଥିଲେ ତା'ର ଅବସ୍ଥା କିସ ହୋଇଥାନ୍ତା ସେ ଚିନ୍ତା କରିପାରୁନି । ଅନ୍ୟମନସ୍କ ଭାବେ ସାନ ଗୋଲ ପଥର ଉପରେ ଗୋଡ଼ ଦେଇ ଖସିଗଲା ତା'ର ପାଦ । ତଳେ ପଡୁପଡୁ ଅଟକିଗଲା । ରାସ୍ତାକୁ ଓହଳିଥିବା ଡାଳକୁ ଧରି ରହିଗଲା । ପଡ଼ିଗଲେ ତଳକୁ ଗଡ଼ିଗଡ଼ି ପଳେଇଥାଆନ୍ତା । ଘାଟି ଚଢ଼ିଲାବେଳକୁ ସେଥିପାଇଁ ତା'ର ବାଆ କହିଛି ହାତରେ ବାଡ଼ିଟା ଧରିବାକୁ । ନିଜକୁ ଧରି ରଖିପାରୁନି ଯେତେବେଳେ, ହାତରେ ବାଡ଼ି ଧରି ଘାଟି ଚଢ଼ିବ ବା କେମିତି ? କାଲି ଏ ରାସ୍ତାରେ ତା'ର ବାଆ ମୁଣ୍ଡରେ ପେଡ଼ିଟା ମୁଣ୍ଡେଇ ଆରାମରେ ଓହ୍ଲାଇପଡ଼ିଥିଲା । ପଛରେ ରହିଯାଇଥିଲା ସୁନାଦେଈ । ତା'ର ବାଆ ତାକୁ ଶୀଘ୍ର ଶୀଘ୍ର ଚାଲିବାକୁ କହୁଥିଲା । ପଛକୁ ବୁଲି ଅଟକି ରହୁଥିଲା । ବାଆ ପାଖକୁ ପହଞ୍ଚିଲେ ପୁଣି ଚାଲୁଥିଲା ।

ବାଆକୁ କେତେ ବୁଝାଇଥିଲା ସୁନାଦେଈ- "ବାଆ ଗୋ ! ତୁ ତନ୍ଦରା କାଇଁକି ହେଉଛୁ ? ଆମ ସ୍କୁଲ ଫିଟିଗଲେ ବି ହଷ୍ଟେଲକୁ ପିଲା ଆସି ନଥିବେ । ଚାରି-ପାଞ୍ଚ ଦିନ ପରେ ଗୁଟେ ଗୁଟେ ଆସିବେ ।"

ହେଲେ ତା' ବାଆର ଜିଦି- "ନାଇଁଲୋ ମାଆ ! କେଡ଼େ କଷ୍ଟରେ ହଷ୍ଟେଲରେ ସିଟ୍‌ଟା ମିଳିଛି । ଆଜ୍ଞାମାନେ ସ୍କୁଲ ଖୋଲିଲା ଦିନ କା ଆଣି ଛାଡ଼ିଦେବାକୁ ଖରାଛୁଟିରେ ଆଇଲାବେଳେ କଇଚନ୍ତି । ତତେ ନଛାଡ଼ିଲେ ମତେ ଗାଳି କରିବେ ।"

ବାଆର ଜିଦି ଯୋଗୁଁ  ସ୍କୁଲକୁ ଯାଇଥିଲା କାଲି । ତା'ର ବାଆର ବଡ଼ ସ୍ୱପ୍ନ, ତା'ର ଝିଅ ଭଲ ପାଠ ପଢ଼ି ଚାକିରି ବାକିରି କରୁ । ଏ ଖଣ୍ଡମଣ୍ଡଳର ନାଆଁ ରଖୁ । ସେଥିପାଇଁ ସୁନାଦେଈକୁ ଡଙ୍ଗର ପାହାଡ଼କୁ କାମ ପାଇଁ ପଠାଇନି ତା'ର ବାଆ ।  ସୁନାଦେଈ ଟିକେ ସୁନ୍ଦର ବୋଲି ମୁଖିଆର ପୁଅ ବିଭାହେବାକୁ କହିବାରୁ ସେ ସିଧା ମନା କରିଦେଇଛି । ଝିଅ ଆଗେ ପାଠ ପଢ଼ିବ, ତା'ପରେ ଯାହା କଥା । ତା'ର ବାଆ ତାକୁ ବେଶୀ ଭଲପାଉଛି । ସେଥିଲାଗି ସୁନାଦେଈ ବି ତା ବାଆର ଜିଦିକୁ ନକାଟି ସୁନାଝିଅଟି ପରି ବାଆ ପଛେପଛେ କାଲି ହେଷ୍ଟେଲରେ ପହଞ୍ଚିଥିଲା । ତା'ର ବାଆ ପେଡ଼ି ରଖି ଜୁହାର କଲା ବଡ଼ ଆଜ୍ଞାଙ୍କୁ । ଆଉ ଆଜ୍ଞା ଓ ଗୁରୁମା'ମାନଙ୍କୁ । ସେ ବି ମୁଣ୍ଡିଆ ମାରି ନମସ୍କାର କରିଥିଲା । ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ, ପ୍ରଥମ ଦିନରେ ସେ ସ୍କୁଲକୁ ପହଞ୍ଚିଯାଇଥିବାରୁ । ଦେଢ଼ମାସ ଛୁଟି ପରେ ତା'ର ସ୍କୁଲ ମରୁଭୂମି ଭଳି ଲାଗୁଥିଲା । ଗଛଲଟା ଓ ଘାସରେ ଅସନା ଲାଗୁଥିଲା ।

ବଡ଼ ଆଜ୍ଞା ଆଉ ଦିଦିମାନେ ବାଆକୁ କହିଲେ- "ସେ ଆସିଲା ଭଲ କଲା ଯେ, ହେଲେ କିଏ ଆସିନାହାନ୍ତି, ସିଏ ଏକଲା କେମିତି ରହିବ ?"

କଥାକୁ ଛଡ଼ାଇ ପାଖରେ ବସିଥିବା ହିନ୍ଦୀ ମାଷ୍ଟର କହିଲେ- "ସେମିତି କ'ଣ କହୁଛନ୍ତି ? ପିଲାମାନେ ଆସିବେନି କି ? ସିଏ ତ ଆସିଛି ରହିଯାଉ । ଇମିତି ଆସିବା ପିଲାମାନଙ୍କୁ ଛାଡ଼ିଦେଲେ କିମିତି ହେବ ? ସବୁ ପିଲା କ'ଣ ଏକାଥରେ ଆସିବେ କି ? କେତେ କଷ୍ଟରେ ଏତେ ଦୂରରୁ ସେ ଆସିଛି, ଆହୁରି ଯିବ ପୁଣି ଆସିବ ? କି କଥା କହୁଛନ୍ତି ଆପଣମାନେ ?"

ସ୍ୱାଇଁ ଗୁରୁମା କହିଲେ- "ନାଇଁ ଯେ ସାର୍, ସେ ଏକା କେମିତି ରହିବ ?"

- "ମାନେ... ଏକା କାହିଁକି... ଏଠି ତ ଆମେ ରହୁଛୁ ନା !"

ଗୁରୁମା'ମାନେ ଆଉ କିଛି କହିପାରିଲେନି । ତା'ର ବାଆ ମଧ୍ୟ ହଁ ମାରିଦେଲା । ହେଲେ ସୁନାଦେଈ ଛାତିରେ ଛନକା ପଶିଗଲା । ରସିକିଆ ହିନ୍ଦୀ ମାଷ୍ଟର କଥା ସେ ଜାଣିଛି । ମୁଣ୍ଡିଆ ମାରିଲାବେଳକୁ ସମସ୍ତଙ୍କ ଅଲକ୍ଷ୍ୟରେ ତାକୁ ତଳୁ ଉଠାଇ ତା'ର ଦି' କାନ୍ଧକୁ ଏମିତି ଚିପିଧରିଲା ଯେ, ସେ ଡରିଗଲା । ଏକଥା ତା'ର ବାଆକୁ କେମିତି ବୁଝାଇବ ସୁନାଦେଈ ଚିନ୍ତା କରିପାରିଲାନି । ବାଧ୍ୟ ହୋଇ ଗୋଟେ ଭୟ ତା ଭିତରେ ଖେଳିଗଲା ।  ବାଆ ତାକୁ ଛାଡ଼ିଦେଇ ଚାଲିଗଲା । ରାତି ହୋଇଗଲେ ଗାଁରେ ପହଞ୍ଚିବାଟା କଷ୍ଟ ହୋଇଯିବ ।

ସୁନାଦେଈ ନିଜର ପେଡ଼ି ଧରି ହୋଷ୍ଟେଲକୁ ଗଲା । ଧୂଳି ଅଳନ୍ଧୁ ଭର୍ତ୍ତି ତା'ର ରୁମ୍‌କୁ ସଫା କଲା । ନିଜର ବେଡ୍ ପାଖରେ ତା'ର ଶେଯ ପାରି ବସିଲାବେଳକୁ ହିନ୍ଦୀ ମାଷ୍ଟର ସେଠାରେ ଉପସ୍ଥିତ ହୋଇଥିଲା ।

- "ସୁନାଦେଈ, ରୁମ୍ ସଫା କରିଦେଲୁନା ମାଆ !"

ହିନ୍ଦୀ ମାଷ୍ଟରର ସ୍ୱର ଶୁଣି ଛାନିଆ ହୋଇଗଲା ସେ । ତାକୁ ଗୋଟେ ବିସ୍କୁଟ୍ ପ୍ୟାକେଟ୍ ଦେଲା ହିନ୍ଦୀ ମାଷ୍ଟର । "ଭୋକ ଲାଗୁଥିବ, ଖାଇଦେ । କିଛି ଦରକାର ହେଲେ କହିବୁ" ବୋଲି କହିଲେ । ଏତିକିବେଳେ ଛଅ ଶ୍ରେଣୀର ରେଣୁ କଂଜକାକୁ ଦେଖି ଖୁସି ହୋଇଗଲା ସୁନାଦେଈ । ତା'ର ବାଆ ସହ ସେ ଆସିଛି । ଯାହାହେଉ ସେ ଏଣିକି ଏକା ନାହିଁ । ଦି'ଜଣ ମିଶି ରହିଯିବେ । ଆଉ ଡର ନାହିଁ ଭାବିଲା ସେ । ରେଣୁର ବାଆକୁ ମଧ୍ୟ ସେମିତି କହିଦେଲା । ଅଭୟ ହୋଇ ରେଣୁର ବାଆ ପଳେଇଗଲା । ଅଥଚ ଗୋଟେ ଭୟର ବାତାବରଣ ଭିତରେ ସେ

ଥିବା କଥାକୁ କହିପାରିଲାନି । ରେଣୁକୁ ପାଇବା ପରେ ପାଖରେ ଥିବା ହିନ୍ଦୀ ମାଷ୍ଟର ପ୍ରତି ତା'ର ଆଉ ଭୟ ଆସୁନଥିଲା ।

ହିନ୍ଦୀ ମାଷ୍ଟର କହିଲା– "ଶୁଖିଯାଇଛୁ ରେ ! କଳା ପଡ଼ିଯାଇଛୁ ।"

କିଛି କହିଲାନି ସୁନାଦେଈ । ଚୁପ୍ ରହିଲା । ତା'ର ନିରବତା ହେଉଛି ତା'ର ପ୍ରତିବାଦ ବୋଲି ବୋଧେ ହିନ୍ଦୀ ମାଷ୍ଟର ବୁଝିସାରିଥିଲା । ସେଠାରୁ ପଳାଇଗଲା । ଗୁରୁମାଆମାନେ ବି ଦେଖାଶୁଣା କରି ଚାଲିଗଲେ । ସଂଜ ହେଲାବେଳକୁ ସ୍କୁଲ ପୂରା ଖାଁ ଖାଁ ହୋଇଗଲା । ହଷ୍ଟେଲ ସେପଟେ ଏକୁଟିଆ ରହୁଥିଲା ହିନ୍ଦୀ ମାଷ୍ଟର । ଆରପଟେ ଦି'ଜଣଙ୍କ ଲାଗି ରୋଷେଇ କରୁଥିବା ପିଅନ କାନ୍ତେ ନାନୀ । ଅନ୍ଧାରକୁ ଚିରି ବିଜୁଳି ଆଲୁଅ ଲାଗିଲା ସ୍କୁଲରେ । ହେଲେ ସୁନାଦେଈ ଭିତରେ ଥିବା ଅଜଣା ଭୟର ଅନ୍ଧାରକୁ କୌଣସି ଆଲୁଅ ଆଲୋକିତ କରିପାରୁ ନଥିଲା । ଖାଇବାକୁ ଦେଇ ଚାଲିଗଲା ପିଅନ କାନ୍ତେ ନାନୀ ସ୍କୁଲ ପାଖ ଗାଁରେ ଥିବା ନିଜ ଘରକୁ । ସ୍କୁଲ ଭିତରେ ଯାହାକୁ ସେ ଡରୁଛି ସିଏ ରସିକିଆ ହିନ୍ଦୀ ମାଷ୍ଟର । ସାଥିରେ ଥିବା ରେଣୁର କୁନି ଆଖିରେ ଆଖିଏ ନିଦ । ଶୋଇବାକୁ ଅନୁରୋଧ କରୁଛି ବାରମ୍ବାର । ଭୟ ଓ ବିରକ୍ତିରେ ତାକୁ ଶୋଇବାକୁ କହିଦେଲା ସୁନାଦେଈ । ଆଖିକୁ ନିଦ ଆସୁନଥିଲା ତା'ର । ସାମ୍ନାରେ ଖାଲି ହିନ୍ଦୀ ମାଷ୍ଟରର ଭୟଙ୍କର ଚେହେରା ନାଚୁଥିଲା । ଗୁରୁମା, ପିଅନ, ବଡ଼ ଆଜ୍ଞା, ସର୍ବୋପରି ତା'ର ବାଆ ଉପରେ ସେ ମନେମନେ ବହେ ଗାଳି କରୁଥିଲା । ଶେଷରେ ସୁନାଦେଈ ନିଷ୍ପତ୍ତି ନେଲା, ଯେମିତି ହେଉ ସକାଳ ପାହିଲେ ଗାଁକୁ ଚାଲିଯିବ । ଆଠ–ଦଶ ଦିନ ପରେ ଯାଇ ଆସିବ । ଏତିକିବେଳେ ଶୁଣିପାରିଲା ହୋଷ୍ଟେଲ ଆଡ଼କୁ କେହି ଆସୁଥିବାର ପାଦଶବ୍ଦ । ହିନ୍ଦୀ ମାଷ୍ଟର ଛଡ଼ା କିଏ ହୋଇପାରେ ? ପାଦଶବ୍ଦ ଆହୁରି ସ୍ପଷ୍ଟ ଶୁଣାଗଲା । ଶବ୍ଦରୁ ଜଣାପଡୁଥିଲା ପାଦଦୁଇଟି ପାହାଚ ପରେ ପାହାଚ ଡେଇଁ ସେ ଥିବା ଉପର ମହଲକୁ ଆସୁଛି । ଭୟରେ ଝାଳେଇଗଲା ସେ । କିଛି ଚିନ୍ତା କରିବା ପୂର୍ବରୁ ଉପର ମହଲାକୁ ଆସିଯାଇଥିଲେ ହିନ୍ଦୀ ମାଷ୍ଟର । ଶାଗୁଆ ରଂଗର ଲୁଙ୍ଗିକୁ ଉପରେ ନାଲି ରଙ୍ଗର ଖୋର୍ଦ୍ଧା ଗାମୁଛା ଛଡ଼ା ଦେହରେ ଆଉ କିଛି ନାହିଁ ।

– "ଆରେ ସୁନାଦେଈ ! ହେଇଟି ମହମବତି ଓ ଦିଆସିଲି ରଖ୍ । କରେଣ୍ଟ ଗଲେ ଅନ୍ଧାର ହେବ । ତମେ ଦି'ଜଣ ଅଛନା, କାଳେ ଡରିବ !"

ସୁନାଦେଈ କିଛି କହିଲାନି ।

– "ଆଉ କ'ଣ ଦରକାର ଅଛି ? ପାଣି ରଖିଛୁ ତ ? ରେଣୁ ଶୋଇପଡ଼ିଲା କି ? (ଶୋଇଥିବା ଦେଖିବା ପରେ) ହଉ ଠିକ୍ ଅଛି, ତୁ ମଧ୍ୟ ଶୋଇପଡ୍ ।"

ଏତକ କହି ଚାଲିଗଲେ ସେ । ସୁନାଦେଈର ସମସ୍ତ କଳ୍ପନାଜଳ୍ପନା ଭୁଲ୍ ପ୍ରମାଣିତ ହେଲା । କେତେ କଥା ଭାବୁଥିଲା ସେ । ଅଯଥାରେ ଗୁଡ଼ାଏ କଥା ଚିନ୍ତା କରି ସେ ନିଜକୁ ନିଜେ ଡରାଇ ଚାଲିଥିଲା ଦିନତମାମ୍ । ଶାନ୍ତି ଓ ଖୁସିରେ ନିଜ ଖଟରେ ଚିତ୍ ହୋଇ ଲୋଟିଗଲା । ମେଘକୁ ପବନ ଉଡ଼େଇ ନେଇଯିବା ଭଳି ଭୟସବୁ କୁଆଡ଼େ ଉଡ଼ିଗଲେ । କହିବାକୁ ଗଲେ ହିନ୍ଦୀ ମାଷ୍ଟର ନିଜ ସାଥିରେ ଉଡ଼େଇନେଲେ ସବୁତକ ଭୟ । ଏତେବେଳେ ଯାଇ ସୁନାଦେଈକୁ ଟିକେ ଭଲ ଲାଗିଲା । ଉପରେ ବୁଲୁଥିବା ପଙ୍ଖାକୁ ଦେଖି ସାମାନ୍ୟ ହସିଦେଲା ବି ।

ତଳରୁ ପାଟି ଶୁଭିଲା ହିନ୍ଦୀ ମାଷ୍ଟରର ।

– "ସୁନାଦେଈ !" ତଳକୁ ଆସି ଗେଟ୍‌ର ଗ୍ରୀଲ୍ ଦେଇଦେ ମା !"

– "ହଁ ସାର୍" କହି ନିର୍ଭୟରେ ସୁନାଦେଈ ହରିଣ ଛୁଆଁଟିଏ ଭଳି ପାହାଚ ପରେ ପାହାଚ ଡେଇଁ ଓହ୍ଲାଉଥିଲା । ଗ୍ରୀଲ୍ ପାଖରେ ଥିବା ହିନ୍ଦୀ ମାଷ୍ଟର ତା'ର ଛାତିକୁ ଦେଖୁଥିଲା, ସେକଥା କିନ୍ତୁ ସୁନାଦେଈ ଜାଣିପାରି ନଥିଲା । ପାହାଚ ସରୁଛି କି ନାହିଁ କରେଣ୍ଟ ଚାଲିଗଲା । ଧପ୍ କରି ଜଳିଲା ଟର୍ଚ୍ଚ ଲାଇଟ୍ । ସିଧା ଆଲୁଅ ତା ଛାତିରେ ପଡୁଥିଲା । ଲାଇଟ୍ ଖୁବ୍ ନିକଟତର ହେଲା । ସୁନାଦେଈ ଭୟରେ ପୁଣି ପାହାଚ ଚଢ଼ି ଉପରକୁ ଚାଲିଯିବାକୁ ତରତର ହେଲାବେଳକୁ ହାତଟିଏ ତା'ର ଛାତିକୁ ଭିଡ଼ିଧରିଥିଲା । ଛାଡ଼ିବାକୁ ନେହୁରା ହେବା ସହ ତାଙ୍କ କବଳରୁ ମୁକୁଳିବାକୁ ଚେଷ୍ଟା ପରେ ବି ମୁକୁଳିପାରୁ ନଥିଲା । ଏଣେତେଣେ ପଡୁଥିବା ଟର୍ଚ୍ଚ ଆଲୁଅ ହାତରୁ ଖସିଯାଇ ପ୍ରଥମ ପାହାଚ ନିକଟରେ ଝୁଲି ଝୁଲି ଥମ୍ ହୋଇ ରହିଗଲା । ଏଥର ଦୁଇ ହାତ ଛାତିକୁ କବ୍‌ଜା କରିସାରିଥିଲା । ଭୟଙ୍କର ମୁହଁ ବେକ ସାମ୍ନାକୁ ଆସିଯାଇଥିଲା । ଟର୍ଚ୍ଚର ଆଲୁଅ ଲିଭିଲାବେଳକୁ ପାହାଚ ତଳେ କେବେଠୁ ସଫା ହୋଇନଥିବା ବୁଢ଼ିଆଣୀ ଜାଲରେ ଛନ୍ଦିହୋଇଥିବା ପୋକଟି ଛଟପଟ ହେଉଥିଲା ଠିକ୍ ସୁନାଦେଈ ପରି ।

ଘାଟି ଚଢ଼ିସାରିଥିଲା ସୁନାଦେଈ । ଦୂରରୁ ତା ଗାଁ ଦିଶୁଥିଲା ବହୁତ ସୁନ୍ଦର । ଗାଁ ପଟୁ କିଛି ଲୋକ ଚଢୁଥିଲେ ଘାଟି । ସକାଳୁ ସକାଳୁ ଡଙ୍ଗର ବାହାରିଛନ୍ତି ବୋଧେ । ଛାତିର ଦି'ପାଖ ପୋଡୁଛି ଝାଳରେ । ଡାହାଣ ଜଂଘ ଦେଇ କିଛି ବୋହୁଛି । ବୋଧେ ଝାଳ । ଏତେବଡ଼ ଘାଟି ଚଢ଼ିବା ସହଜ ନୁହେଁ । ଶୀତଦିନେ ବି ଝାଳ ନିଗିଡ଼ିପଡ଼େ । ଆଣ୍ଠୁ ଯାଏଁ ଫ୍ରକ୍ ଟେକି କାନ୍ଧରେ ଥିବା ଗାମୁଛାରେ ବାଁ ହାତ ସାହାଯ୍ୟରେ ଅଲକ୍ଷ୍ୟରେ ପୋଛିଆଣିଲା । ଗାମୁଛାରେ ଝାଳ ବଦଳରେ ରକ୍ତ । ରକ୍ତ ଦେଖି ଛାନିଆ ହୋଇଗଲା ସେ । ମରିଚ ଲଙ୍କା ଲାଗି ପୋଡୁଥିବା ଭଳି ଛାତିର ଜ୍ୱାଳା, ତଳିପେଟର ଅସହ୍ୟ ଯନ୍ତ୍ରଣାକୁ ଏତେବେଳ ଯାଏଁ ସହି ଆସୁଥିବା ସୁନାଦେଈ ଗାମୁଛାର ରକ୍ତକୁ ଦେଖି ନିଜକୁ ସମ୍ଭାଳିପାରିଲାନି । ଥରିଗଲା ଗୋଡ଼ । ବେହୋସ ହୋଇ କାଠଗଡ଼ଟି ପରି ପଡ଼ିଗଲା । ଆଉ ଗଡ଼ିଗଲା ତଳକୁ ତଳକୁ ତା'ର ପ୍ରିୟ ଗାଁ ଆଡ଼କୁ ।

ଇନ୍ଦିରା ନଗର, ୪ର୍ଥ ଗଳି, ରାୟଗଡ଼–୭୬୫୦୧

●●

# ମାଂସକଟା ଚାଳି

**କୈଳାସ ବେହେରା**

ଆଜି କାଲୁମିଆଁ ଭଲ ଖାସି କାଟିଛି । ବେଶ୍ ଗହଳି ଜମିଗଲାଣି ତା’ ଦୋକାନ ଆଗରେ । କିଲେ ଦୁଇକିଲୋ କରି ବାବୁମାନେ ତାଜା ମାଂସ ନେଇଗଲେଣି । କାଲୁମିଆଁର ପୁଅ ତା’ ବାପା ଦେହରେ ଲାଗିଥିବା ରକ୍ତଛିଟାକୁ ସାତସିଆଁ ଗାମୁଛାରେ ପୋଛିଦେଉଛି ।

ସେଦିନ ସବୁ ମାଂସ ବିକ୍ରି ହୋଇଗଲା । ଭଲ ଦି’ପଇସା ରୋଜଗାର ହେଲା । ବହୁଦିନ ହେବ ସେ ଘରକୁ କିଛି ଭଲ ଜିନିଷ ନେଇନି । ଆଜି ନେବ ଖାଇବା ଜିନିଷ କିଛି । ପୁଅଟା ତା’ର ଅଝଟ କରୁଛି ।

ରାସ୍ତାକଡ଼ରେ ମାଂସ କାଟୁଛୁ କହି କୁଜିନେତା ଆଉ ଥାନାବାବୁମାନେ କାଲୁ ମିଆଁକୁ ଚଢ଼ାଗଳାରେ କଥା କହନ୍ତି । ନାଚାର ସେ । ତାଙ୍କ ହାତକୁ ବଢ଼େଇଦିଏ ମାଂସ ପୁଡ଼ିଆ । ବେଳେବେଳେ ସେ ନିଜେ ଯାଇ ଥାନାରେ ଥାନାବାବୁଙ୍କୁ ତାଜା ମାଂସ ଦେଇଆସେ । ସରଳ ଦୁନିଆର ମଣିଷ ସେ । ନିରୀହ ଜୀବମାନଙ୍କୁ ସେ ନିଇତି ହତ୍ୟା କରୁଛି । ହେଲେ ସେ ବା କ’ଣ କରିପାରିବ ! ଏଇ ତ ତା’ର ଜୀବିକା । ତା’ର ସେଇ ସାତସିଆଁ ଗାମୁଛା, ଚିରା, ଫଟା ଲୁଙ୍ଗିରୁ ତା’ର ଅଭାବୀର ଚିତ୍ର ବେଶ୍ ବାରିହେଇପଡ଼େ ।

ଥରେ ସମାନ୍ୟ ଘଟଣାକୁ ନେଇ ସାମ୍ପ୍ରଦାୟିକ ଦଙ୍ଗାର ରୂପ ନେଲା । କିଛି କୁଜି ନେତା ନିଜର ରାଜନୈତିକ ଫାଇଦା ନେବା ପାଇଁ ଆହୁରି ତୀବ୍ର କରୁଥାନ୍ତି ଦଙ୍ଗାକୁ । ସମାଧାନର ବାଟ ଫିଟୁ ନଥାଏ । ଦଙ୍ଗାକାରୀମାନେ ରାସ୍ତାକଡ଼ରେ ଥିବା କାଲୁ ମିଆଁର ବରଡ଼ା ଛପର ଚାଳିଟିକୁ ଚାହୁଁଚାହୁଁ ପୋଡ଼ିଦେଲେ । ପୋଲିସ୍ ଦଙ୍ଗାକାରୀଙ୍କୁ ଘଉଡ଼ାଉଥାଏ । ଲାଠି ଚାର୍ଜ କରାଗଲା । କର୍ଫ୍ୟୁ ଜାରି ହେଲା । କେହି ଘରୁ ବାହାରିପାରିଲେ ନାହିଁ । ଦିନରାତି ମିଲିଟାରୀ ଫୋର୍ସ ପଇଁତରା ମାରିଲେ । ବିଚରା କାଲୁ ମିଆଁର ଦୋଷ କ’ଣ ? ସେ କାହିଁକି କଷ୍ଟ ଭୋଗିବ ? ପେଟରେ ଓଦାକନା ଦେଇ ରହିଥାଏ । ବାହାରେ ଦଙ୍ଗା ବି ଥମିନି । କେମିତି ସେ ମାଂସ କାଟିବାକୁ ଯିବ ? ଯେଉଁମାନେ ତାକୁ ଚାଚା ଚାଚା ଡାକି କହୁଥିଲେ ତାଜା ମାଂସ ଦେବାକୁ, ସେମାନେ ହୁଏତ କିଛି ନବୁଝି ଆକ୍ରମଣ ପାଇଁ ଆଗେଇ ଆସିବେ । ସେ ଅଜଣା ଭୟରେ ଥରୁଥାଏ । ଘରେ ଦଶଦିନ ହେବ ଫୁଲ୍‌ଫୁଲିଆ ଖାସିଟାକୁ ବାନ୍ଧି ରଖିଥାଏ । ଆଉ ଘରେ ବସିବନି । ତାକୁ ତ ସମସ୍ତେ ଜାଣିଛନ୍ତି । ତା’ର କିଏ ବା କ’ଣ କରିବ ? ସମସ୍ତଙ୍କ ସହ ଭାଇଚାରାର ମଞ୍ଜି ବୁଣିଛି ସେ ।

ଏଥର ପଦାକୁ ବାହାରିଆସିଲା କାଲୁ ମିଆଁ । ଆଉ ଅଳ୍ପ ଦୂର ଥାଏ ତା’ ମାଂସ କଟା ଚାଳିଆ । ହେଲେ ଦୃଶ୍ୟମାନ ହେଉ ନଥାଏ ତା’ର ସେଇ ଚାଳିଆଟି । ନିକଟବର୍ତ୍ତୀ ହୋଇଗଲା । ଏ କ’ଣ ? ତା’ର ସେଇ ଚାଳିଆଟି... ? ଆଉ ଦମ୍ଭ ରହିଲା ନାହିଁ ତା’ର । ପାଦତଳର ମାଟି ଯେମିତି ଥରିଉଠୁଥାଏ । ତା’ ଆଖିକୋଣରେ ଜମାଟ ବାନ୍ଧୁଥାଏ କେଇବୁନ୍ଦା ଲୁହର କଣିକା । ନିଜର ବୋଲି ଭାବିନେଇଥିବା ଲୋକମାନେ କେମିତି ତା’ର ସବୁ ସ୍ୱପ୍ନକୁ ଭାଙ୍ଗି ଚୂର୍‌ମାର୍ କରିଦେଇଛନ୍ତି । ଅଳ୍ପ ପରିଚିତ ବୃଦ୍ଧଟିଏର କଥା ସେ ଶୁଣିପାରୁଥାଏ, “ତୁମେ ଏଠୁ ଶୀଘ୍ର ପଳାଇଯାଅ । ଦଙ୍ଗାକାରୀମାନେ ମାଡ଼ିଆସୁଛନ୍ତି ତୁମ ଆଡ଼କୁ ।” ଦୂରରୁ ସେ ଦେଖିପାରୁଥାଏ ସେମାନଙ୍କୁ, ସମସ୍ତେ ତା’ର ଚିହ୍ନା ମୁହଁ । ଅନେକ ଥର ଭୋଜିଭାତ ପାଇଁ ତା’ଠାରୁ ମାଗଣାରେ ତାଜା ମାଂସ ନେଇଛନ୍ତି, ଆଉ ସେ ବି ବାବୁମାନଙ୍କ ଘରେ ନେଇ ଦେଇଆସିଛି । ନିରୀହ ସରଳ ହୃଦୟର ମଣିଷ କାଲୁ ମିଆଁ । ଚିହ୍ନି ନଥିଲା ଏଇ ଭଦ୍ରମୁଖା ପିନ୍ଧା ମଣିଷମାନଙ୍କ ଖୋଳପା ତଳେ ଲୁଚିଥିବା ସେମାନଙ୍କର ଅସଲ ଚରିତ୍ର । ଅନଉ ଅନଉ ଖେପିଆସିଲେ ତା’ ଆଡ଼କୁ । କହିଲେ, “ଏଇ ଦଙ୍ଗାକାରୀ ।” ଆରମ୍ଭ କରିଦେଲେ ଆକ୍ରମଣ । ମିଥ୍ୟା କେଶ୍‌ରେ କାଲୁ ମିଆଁକୁ ପୋଲିସ୍ ଗିରଫ କଲା । ନେଇଗଲା ଥାନାକୁ । ଏଠି ବି ସେ ଚିହ୍ନୁଥିଲା ସେଇ ଖାକି ପିନ୍ଧା ପୁଲିସ୍ ବାବୁମାନଙ୍କୁ । ଯିଏ ଦିନେ କହୁଥିଲେ, ଚାଚା ତୁମେ ଭାରି ଭଲ ମଣିଷ । ଆଉ କାଲୁ ମିଆଁ ତାଙ୍କ ହାତକୁ ବିନାମୂଲ୍ୟରେ ବଢ଼ାଇଦେଉଥିଲା କିଲେ କିଲେ ମାଂସ ପୁଟୁଳା । ଅନେକଥର ବି ସେ ଏଠାକୁ ମାଂସ ନେଇ ଆସିଛି । ବଦଳିଯାଉଥାଏ ଦୁନିଆ । ତା’ସହ ଏଇ ମଣିଷମାନଙ୍କର ଅସଲ ଚିତ୍ର ।

ଥାନାରେ ବହେ ଛେଚିଲେ ସେହି ବାବୁମାନେ, ହଜାତରେ ପୂରାଇଦେଲେ । କଥାଟା ରାଷ୍ଟ୍ର ହୋଇଗଲା । ଚାଲିଲା ରାଜନୀତି । କାଲୁ ମିଆଁ ନିର୍ଦ୍ଦୋଷ । ଦଙ୍ଗା ସହ ତା’ର କିଛି ମତଲବ ନାହିଁ । ତୁରନ୍ତ ତାକୁ ଖଲାସ କର । ଏମିତି ଦାବି ଉଠାଇଲେ ସଂଖ୍ୟାଲଘୁ ସେଲ୍‌ର ଜଣେ ନାମକରା ନେତା । ଘଟଣାଟି ଖବରକାଗଜ ଓ ଟିଭିରେ ପ୍ରମୁଖ ଭାବେ

ପ୍ରକାଶ ପାଇଲା । କାଲୁ ମିଆଁର ଚାଳିଆ ସହ ଆଉ କିଛି ପୋଡ଼ାଯାଇଥିବା ଗୃହକୁ ମଧ୍ୟ ଟିଭି ଚ୍ୟାନେଲବାଲା ଦେଖାଉଥାନ୍ତି । ରାଜଧାନୀରେ ଘଟଣାଟା ବେଶ୍ ଚର୍ଚ୍ଚା ହେଲା । ଶେଷରେ କାଲୁ ମିଆଁକୁ ପୋଲିସ୍ ଖଲାସ କଲା ।

ଆସ୍ତେ ଆସ୍ତେ ସରକାରଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଲା । ହେଲେ କାଲୁ ମିଆଁର ସୃଷ୍ଟି ହୋଇଥିବା କ୍ଷତ କିନ୍ତୁ ତା'ର ମନରୁ ଲିଭୁନଥାଏ । ମନକୁ ମନ ସେ ବୁଝାଇନିଏ, ଛାଡ଼ିଦେ ଏ ସ୍ଥାନ । ଚାଲିଯିବ ଅଜଣା ସ୍ଥାନକୁ । ସେଠି ସେ ମାଂସ କାଟିବ । ଆଉ ଜୁଲୁମ୍ କରିବାକୁ କେହି ନଥିବେ । ଚିହ୍ନିନେଲା ଧୋବଧୋବଳିଆ ବାବୁମାନଙ୍କ ଅସଲ ଚେହେରା । ଯେଉଁମାନଙ୍କୁ ସେ ବାବୁ ବାବୁ କହୁଥିଲା ସେ କେମିତି ବଦଳିଗଲେ ? ଏହି ନିରୀହ ମଣିଷଟା କ'ଣ ଦଙ୍ଗା ସୃଷ୍ଟି କରିପାରେ ?

ଏକ ଅଜଣା ସ୍ଥାନରେ ସେ ଚାଳିଆଟିଏ ତିଆରି କଲା । ସେଠି ତାକୁ କେହି ଚିହ୍ନିନ୍ତିନି, ଜାଣନ୍ତିନି । ଖାଲି ଏକଥା ପ୍ରଚାର ହେଲା– ନୂଆକରି ମାଂସ ଦୋକାନ ଖୋଲିଥିବା ଲୋକଟା ଭଲ ମଣିଷଟିଏ । ତା'ର ତାଜା ମାଂସ । ବାସ୍, ଏତକ କଥା ଶୁଣି ତା' ଛାତି ଫୁଲିଉଠେ । ଘରେ ଥିବା ତା'ର ସେଇ ଛେଳିଟି ପୂରା ଘରମୁହାଁ ହୋଇଯାଇଥାଏ । ଯେମିତି ଆପଣାର ଲୋକଭାବେ ସେ କାଲୁ ମିଆଁ ପାଖରେ ନେସିଘସି ହୁଏ । ତା'ପୁଅ ଡାକିଲେ ଝପଟିଆସେ । ନିରୋଳାରେ ସେ ଯେତେବେଳେ ତା' ଦାଣ୍ଡପିଣ୍ଡାରେ ବସି ସେଇ ଅତୀତ କଥାଗୁଡ଼ାକ ଭାବୁଥାଏ, କେଇବୁନ୍ଦା ଲୁହ ମାଟି ସ୍ପର୍ଶ କରେ । ବୋଧେ ତା' ମନର ବେଦନାକୁ ବୁଝିପାରୁଥାଏ ସେଇ ଛେଳିଟି । ତା' ଆଖିକୁ ଚାହିଁ ଗୁମ୍ ମାରିଯାଏ । ନିରବ ହୋଇଯାଏ କିଛିକ୍ଷଣ । ଘେରାଏ ବୁଲିଆସେ ଛେଳିଟି । ଯେମିତି ଛେଳି ଉପରେ ତା'ର ନଜର ପଡ଼ିଯାଏ, ପୁଣି ଫେରିଆସେ ତା' ଦୁନିଆକୁ । ଜାଣିପାରୁଥାଏ ଛେଳି ବୋଧେ ତା' ଛାତିତଳେ ଲୁଚିରହିଥିବା ଯନ୍ତ୍ରଣାକୁ ଅନୁଭବ କରିପାରୁଛି ।

ସମୟ ଗଡ଼ିଆସିଲାଣି । ବାର ବି ଭଲ ଅଛି । ବାବୁମାନେ ଅର୍ଡର୍ ଦେଇଛନ୍ତି ତାଜା ମାଂସ ପାଇଁ । ଏଇ ଛେଳିକୁ ନେଇ ଆଜି ଜବାଇ କରିବ । ହେଲେ ତା' ହାତ ଅଟକିଯାଉଛି । ଛେଳିଟି ତା' ପୁଅ ସହ ଖେଳରେ ମାତିଛି । ତାକୁ ଲାଗୁଥାଏ, ଛେଳି ନୁହେଁ, ଯେମିତି ତା' ପୁଅକୁ ମରଣମୁହଁକୁ ଠେଲିଦେଉଛି ! କାଲୁ ମିଆଁ ଭାବିଚାଲିଛି ଅନେକ କଥା । କ'ଣ ସେ କରିବ ? ସେ ସରଳ ମଣଷଟାଏ । ପେଟ ପାଇଁ କେତେ ଜୀବନକୁ ସେ ଜବାଇ କରିଛି । ହେଲେ ସେ ଆଜି ଅଟକିଯାଉଛି କାହିଁକି ? ସେଇ ମୁଖାପିନ୍ଧା ମଣିଷଙ୍କଠାରୁ ଏଇ ପଶୁଟା ବି ଢେର୍ ଗୁଣରେ ଭଲ । ସେ ତ ହିନ୍ଦୁ–ମୁସଲମାନଙ୍କ ମଧ୍ୟରେ ସୃଷ୍ଟି କରିଚାଲିଥିଲା ଭାଇଚାରାର ସମ୍ପର୍କ । ହେଲେ କ'ଣ ହେଲା ତା' ଜୀବନରେ ? ନିଆଁ ଲଗାଇଦିଆଗଲା । ତାକୁ କବଳିତ କରିଦିଆଗଲା । କାଲୁ ମିଆଁ ଛେଳିଟିକୁ ଇସାରା ଦେବାକ୍ଷଣି ତା' ପାଖକୁ ଝପଟିଆସିଲା । ହେଲେ ସେ କ'ଣ ଜାଣିଛି ତା'ର ଆଜି ଶେଷ ଦିନ ବୋଲି ! ଛେଳିର ମୁହଁ ଭିତରେ ତା'ର ପୁଅ ମୁହଁଟିକୁ ସେ କେମିତି ଦେଖିପାରୁଥାଏ । ଯେମିତି ଲାଗୁଥାଏ ତା' ପୁଅ ତା' ପାଖକୁ ଦୌଡ଼ି ଦୌଡ଼ି ଆସୁଥାଏ । କିଛିଦିନ ରହଣି ଭିତରେ ଯେମିତି ଛେଳିଟା ତା'ର ଆଉ ଗୋଟେ ପୁଅ ହୋଇଯାଇଛି, ସ୍ନେହ ମମତା ଭିତରେ ତାକୁ ବାନ୍ଧିରଖିଛି । ଜୋର୍ କରି ଧରିଥିବା ଛେଳିର ଦଉଡ଼ିଟି ହାତରୁ ମୁକୁଳିଗଲା, ହେଲେ ଛେଳିଟି ତା' ପାଖ ଛାଡୁ ନଥାଏ । କିଛି ସମୟ ପରେ ଅନ୍ଧାର ମାଡ଼ିଆସିବ । ଗୋରୁଗୋଠରୁ ଗୋରୁମାନେ ଗାଁ'ମୁହାଁ ହେଲେଣି । ନା, ସେ ଆଉ ଏ ବେଉସା କରିବନି, କରିବ ତ ସେ ଆଉ ଏତେ ନିଷ୍ଠୁର ହେବନି । ସୂର୍ଯ୍ୟ ଆସ୍ତେ ଆସ୍ତେ ବୁଡୁଥିଲେ । କାଲୁ ମିଆଁ ବି କେଉଁଆଡ଼େ ଅଦୃଶ୍ୟ ହୋଇଯାଉଥିଲା । ପରିଦିନ ଚହଳ ପଡ଼ିଲା କାଲୁ ମିଆଁ ନିଖୋଜ । ସେ ଫକୀର ହୋଇଯାଇଛି ବୋଲି କେହିକେହି ପ୍ରଚାର କରିବାକୁ ଲାଗିଲେ ।

ତିହିଡ଼ି, ଭଦ୍ରକ

●●

## ରମ୍ୟରଚନା ବିଭାଗ

# ବା' ବା'ରେ ବାବା !

**ରାଜେଶ କୁମାର ଜୈନ୍**

ଆସ୍ଥାର ପେଁକାଳି ବଜେଇ ବାବାମାନେ ଚକିତ କରୁଥିବା କୀର୍ତ୍ତିମାନ ସ୍ଥାପନ କରିବାରେ ଲାଗିପଡ଼ିଛନ୍ତି । ସତେ ଯେପରି 'ଫବ୍‌ସ' ପତ୍ରିକାର ବାର୍ଷିକ ଉତ୍ସବରେ ଏମାନଙ୍କ ଫଟୋ କଭର୍ ପେଜ୍‌ରେ ବାହାରିବ ! ଆଖିଖୋଲା ଅନ୍ଧମାନଙ୍କୁ ଭିଡ଼ିବା ପାଇଁ ନାନା ପ୍ରକାରର ଭକୁଆ କୌଶଳର ଅକ୍ତିଆର । ଏବେ ତ ସକାଳୁ ସକାଳୁ ଟଥ୍‌ବ୍ରସ୍ ଘଷୁଥିବା ବେଳେ ବାବାମାନଙ୍କର ଜ୍ଞାନ ଉପଯୋଗୀ ପ୍ରବଚନ । ବିଜ୍ଞାପନର କୌଶଳରେ ଏମାନେ ପେସାଦାର ଫିଲ୍ମଷ୍ଟାର୍ ଆଉ କ୍ରିକେଟିୟରମାନଙ୍କୁ ବି ପଛରେ ପକାଇସାରିଲେଣି । କହିବାର କଳା ଏମିତି, ଯେମିତି ରାଜନେତାମାନଙ୍କ ନିର୍ବାଚନୀ ଭାଷଣକୁ ଟପିଯିବ ! ଜଣେ ବାବାଙ୍କର ବାୟୋଡାଟାରେ ଲିପିବଦ୍ଧ ହୋଇଥିଲା ଯେ, ବାବା ବଂଶବୃଦ୍ଧିରେ ସିଦ୍ଧହସ୍ତ । ନବଗ୍ରହମାନଙ୍କୁ ଶାନ୍ତି କରିବା ତାଙ୍କର ବାମହାତର ଖେଳ । ଅର୍ଜୁନର ମାଛମରା ଆଖି ପରି କେବଳ ଗୋଟାଏ ଲକ୍ଷ୍ୟ – ତୁମର ସବୁ ଆମ ଦେଇଦିଅ, ଆମେ ତୁମକୁ ପ୍ରକୃତରେ ବାବାଜି କରି ଈଶ୍ୱରଙ୍କ ନିକଟକୁ ପଠେଇଦେବୁ । ତେବେ ଗୋଟାଏ ଛୋଟିଆ ପ୍ରଶ୍ନ ମଫସଲି ମୁଣ୍ଡରେ ସବୁବେଳେ ଉଙ୍କିମାରୁଥାଏ ଯେ – ଏତ ଧନ, ପ୍ରାଚୁର୍ଯ୍ୟ, ଶକ୍ତି, କଳା ଥାଇ ବି ଏମାନେ ଅଧାବାଟରୁ ଗଳିପଡୁଛନ୍ତି କାହିଁକି ? ଦୁର୍ଭିକ୍ଷ ପ୍ରପୀଡ଼ିତ ନରକୁ ଏକାଥରେ ପୁରି, ଖିରି, ମାଉଁସ ମିଳିଗଲେ ବୋଧହୁଏ ଯାହା ହୁଏ ! ଅକସ୍ମାତ୍ ପ୍ରାପ୍ତି ଜନିତ ତ୍ରୁଟି । ଯେଉଁ ଦେଶର ଲୋକସଂଖ୍ୟା କମ୍, ସେଠାକୁ ବାବାମାନଙ୍କୁ ପଠାଯାଇ ଏମାନଙ୍କର ଉପାଦେୟତା ବିଶ୍ୱକଲ୍ୟାଣରେ ଲଗାଯାଇପାରନ୍ତା । ଜବରଦଖଲ କରିଥିବା ଜମିଗୁଡ଼ିକରେ ଶିଳ୍ପ ପ୍ରତିଷ୍ଠା କରାଗଲେ ବହୁ ଲୋକ ନିଯୁକ୍ତି ପାଇପାରନ୍ତେ । ଦେଶରୁ ଦାରିଦ୍ର୍ୟ ଦୂରୀକରଣର ନାରା ସଫଳ ହୁଅନ୍ତା । ଏମାନଙ୍କର ଅକୁତ ଧନ-ସମ୍ପତ୍ତିକୁ 'ରାଷ୍ଟ୍ରୀୟ ଶୋଷଣ ଫଣ୍ଡ୍' ଘୋଷଣା କରାଯାଇ ବିଭିନ୍ନ କଲ୍ୟାଣମୂଳକ ଯୋଜନାରେ ବିନିଯୋଗ କରାଯାଇପାରନ୍ତା । କଥା କହି ଲୋକଙ୍କୁ ମୋହିତ କରିବାର ଏମାନଙ୍କ ଅଦ୍ଭୁତ କୌଶଳ ଓ ମାର୍କେଟିଂ କରିବାର ନିପୁଣ କଳାକୁ ଆମ ଦେଶର ସରକାର ବୈଦେଶିକ ବ୍ୟାପାର ସମେତ ବିଭିନ୍ନ କ୍ଷେତ୍ରରେ ଉପଯୋଗ କଲେ ଆମ ଦେଶ ନିଶ୍ଚୟ ବିଶ୍ୱ ଦରବାରରେ ନିଜର ଶ୍ରେଷ୍ଠତ୍ୱ ଜାହିର୍ କରିବା ସହିତ ବହୁ ଆଗକୁ ବଢ଼ିପାରନ୍ତା । କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ନିହାତି ଦରକାର । ବାବାମାନଙ୍କୁ ସରକାରୀ ସ୍ତରରେ ପ୍ରଶିକ୍ଷଣ ଦେବା ପାଇଁ ଦେଶବ୍ୟାପୀ କୋଚିଂ ସେଣ୍ଟର ଖୋଲିବାର ଆବଶ୍ୟକତା ରହିଛି । ଏଥିରେ ବେକାର ହୋଇ ବୁଲୁଥିବା ପାଠୁଆମାନଙ୍କୁ ଆଉ ସାମାଜିକ ଥଇଥାନ ପାଇଁ କିନ୍ନରମାନଙ୍କୁ ବିଶେଷ ଅଗ୍ରାଧିକାର ଦିଆଯିବା ଉଚିତ । ଏହାଦ୍ୱାରା ଦେଶରୁ ବେକାରୀ ସମସ୍ୟା ଦୂରହେବା ସଙ୍ଗେସଙ୍ଗେ ସମାଜରେ ଘଟୁଥିବା ଅନାଚାର, ବ୍ୟାଭିଚାର ଆଦି ସମସ୍ୟା ବହୁ ପରିମାଣରେ କମିଯାଆନ୍ତା । ବିଶେଷକରି ପ୍ରତି ଜିଲ୍ଲାରେ ସରକାରୀ ମଠ ଓ ସରକାରୀ ବାବାଙ୍କ ନିଯୁକ୍ତି ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯଦି ରାଜ୍ୟ ସରକାରମାନଙ୍କୁ ଏକାଧିକାର ଦିଆଯାଇପାରନ୍ତା, ତା'ହେଲେ ସରକାର ଏହାର ଅକ୍‌ସନ୍ ପାଇଁ ବିଜ୍ଞପ୍ତି ଜାରି କରି ବିପୁଳ ଅର୍ଥ ସଂଗ୍ରହ କରିପାରନ୍ତେ, ଯାହା ରାଜ୍ୟର ଆର୍ଥିକ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରନ୍ତା । ଭଣ୍ଡବାବାଙ୍କ ରୋକ୍‌ଥାମ୍ ପାଇଁ ଉପଯୁକ୍ତ ନିୟମାବଳୀ ଓ ସରକାରୀ କର ବସାଇବା ବ୍ୟବସ୍ଥା କଲେ ଏଇ ସମସ୍ୟା ଅନେକାଂଶରେ ଦୂରୀଭୂତ ହୋଇଯାଆନ୍ତା ।

ତେବେ ପ୍ରଶ୍ନ ଉଠୁଛି, ଯଦି ଜଣେ ବ୍ୟକ୍ତିଗତ ସ୍ତରରେ ବିପୁଳ ଜନତାଙ୍କ ବିଶ୍ୱାସଭାଜନ ହୋଇ ବଡ଼ ବଡ଼ ସାମ୍ରାଜ୍ୟ ଛିଡ଼ା କରିପାରୁଛି, ତା'ହେଲେ ସରକାରଙ୍କ ପାଇଁ ତ ଏହା ହକି ଖେଳ ସଦୃଶ । ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ କେବଳ ଦରକାର ଦୃଢ଼ ଇଚ୍ଛାଶକ୍ତି । ବାବାମାନେ ଯୁଗେଯୁଗେ ସମାଜର ଆଇନା । ଏବେ ବି ଅଛନ୍ତି । ତଫାତ୍ ଏତିକି – ଆଗେ ଗେରୁଆ ଥିଲା କରୁଣା, ପ୍ରେମ, ପ୍ରେରଣାର ଉତ୍ସ । ଏବେ କରୁଣାର ପ୍ରେରଣାକୁ ପ୍ରେମ କରି ଖାଉଛନ୍ତି ଲାତ । ଆଲୋକରୁ ଅନ୍ଧାର ହେଉଛି ନିର୍ଗତ । ନା ଏ ବାବଦରେ ଆପଣ ଆଉ କ'ଣ କହିବେ ?

ଶାନ୍ତିସଦନ, ଅପର୍ଣ୍ଣାନଗର, ଚାଉଳିଆଗଞ୍ଜ, କଟକ

●●

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.pracheevoice.in

Whatsapp No. :
+91 88957 07011
Follow us :

## ସମସ୍ତଙ୍କର ପେଟ ପୁରୁଛି,
## କ'ଣ ଗୋଟିଏ ପେଟ ଭୋକିଲା ରହିଯିବ ?



**ମାନସିକ ରୋଗୀଟିକୁ ଖାଦ୍ୟ ଦିଅନ୍ତୁ * FEED THE MENTALLY SICK**



CBSE XII
2018 RESULT
ROUT CLASSES
For Mathematics
Akankshya Baisakh
DAV PUBLIC SCHOOL, CDA, Cuttack
MATH SCORE 98/100
Sidhartha
DAV, Chandrasekharpur, BBSR
MATH SCORE 96/100
Amit Pradhan
DAV Public School, CDA, Cuttack
MATH SCORE 95/100
Madhusmita Agasti
DAV PUBLIC SCHOOL, CDA, Cuttack
MATH SCORE 94/100
Nitu Mohapatra
MATH SCORE 91/100
Sarthak Satapathy
Mother's Public School, BBSR
MATH SCORE 90/100
Triparna Mishra
Delhi Public School
MATH SCORE 89/100
Bidyut
DAV Public School, Unit-8, BBSR
MATH SCORE 89/100
Namrata Jena
MATH SCORE 83/100
& many more....
ROUT CLASSES
Blooming the Hidden Treasure
94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar,
VSS Nagar, BJB Nagar, Bomikhal (BBSR)
YouTube


IBMS No.1 INSTITUTE
IBM'S
SINCE-2005
BANK PO/CLERK
SSC +2/GRADUATE
RLY Tech./Non Tech.
OAS BED
CALCULATE 763X592 IN SECONDS
Charge your Brain
With the power of VEDIC MATHS.
Free Registration For the
MATHS (QA) SPEED TECHNIQUE WORK SHOP
AT Our Badambari Branch
By Praharaj Sir .Con:0671-6540190
0671-6540190 M-9238500190
Register Your Name For Free Class
All India Topper
Lopa Mudra Mohanty
EXCLUSIVE FEATURES
COMPLETE SIGN-UP SYSTEMS
ENTRY BY 20 MINUTE PRE INTERVIEW & FREE CLASSES.
WITH YOU SCORING OF 65%
STUDENT FORUM CLASSES
COMMON TEST STARTS FROM THE DATE OF ENTRY WITH COMPLETE EXPLANATION.
101 SPEED TEST
25 COMMON TEST
25 COMPLETE TEST &
IT CONTINUES TILL
YOU SCORE 65%
"I Get 6 job in 7 Month" Joined IOB PO. Calcutta.
Ankita Bhawani
Indian Overseas Bank PO
NARESH BARIK
VIJAYA BANK PO
Ruchi Smita Behera
Corporation Bank
Sandeep Mohanty
Bank Of India PO
Binayak Sahoo
Rank-8(MBA KIIT).
Debendra Bal
Gen Bed Rank -80
Srikant Behera(SBI CBI Clerk)
Loka Nath BeheraE.O & (SBI CLERK)
IBM'S
CHANDI CHHAK & PALAMANDAP(Near Barabati Gas)CTC

नूतन सूर्य्यालोकर आह्वान

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ